ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୭/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Wednesday, August 17/2022 Page 16 ₹ 7.00 | ★★★★★★

୪୮ଶ ଭାଗ ୨୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-




**ସରକାର ଚାଲୁନାହିଁ, ଆମେ ଚଳାଇ ନେଉଛୁ**

କର୍ଣାଟକରେ ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ସରକାର ଚାଲୁନାହିଁ, ଆମେ ତାହା ଚଳାଇ ନେଉଛୁ ବୋଲି ଆଇନ ମନ୍ତ୍ରୀ ଜେ.ସି. ମଧୁସ୍ୱାମୀ କହିଥିବା ଏକ ଅଡିଓ କ୍ଲିପ୍‌ରୁ ଜଣାପଡ଼ିଛି।

୦୫

୦୮

**ଭାରତୀୟ ଦଳରେ ଶାହବାଜ**

ଅଲରାଉଣ୍ଡର ଶାହବାଜ ଅହମଦଙ୍କୁ ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସ୍ଥାନ ମିଳିଛି।



# ବୁଡ଼ିଛି ମହାନଦୀ ତଳି ଅଞ୍ଚଳ

## ଜଗତ୍‌ସିଂହପୁର, ପୁରୀ, ଯାଜପୁର ଜିଲାରେ ଘାଇ

- ବହୁ ଗ୍ରାମ ଜଳବନ୍ଦୀ, ଚାଷଜମି ଜଳମଗ୍ନ
- ୩ ଜିଲାର ପ୍ରଭାବିତ ଅଞ୍ଚଳ ସ୍କୁଲ ୨ ଦିନ ଛୁଟି
- ୧୮ରେ ଆଉ ଏକ ଲଘୁଚାପ
- ହୀରାକୁଦର ୪୦ ଗେଟ୍ ଖୋଲିଲା
- ଆହୁରି ଭୟଙ୍କର ହେବ ମହାନଦୀ ବନ୍ୟା

ଭୁବନେଶ୍ୱର,୧୬।୮(ବ୍ୟୁରୋ)

ରାଜ୍ୟରେ ବନ୍ୟା ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି। ଜଗତ୍‌ସିଂହପୁର, ଯାଜପୁର, ପୁରୀ, କଟକ, ନୟାଗଡ଼ ଜିଲାରେ ବନ୍ୟା ବିଭ୍ରାଟ ଦେଖାଦେଇଛି। ନଦୀ ପାଖ ଗାଁଗଣ୍ଡାରେ ବନ୍ୟା ପାଣି ମାଡ଼ିଯାଇଛି। ଯାଜପୁର, ପୁରୀ, ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ବୈତରଣୀ ନଦୀର ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଏହାର ଶାଖା ନଦୀ କାଣୀରେ ୧୦୦ ଫୁଟ ଲମ୍ବର ଏକ ଘାଇ ସୃଷ୍ଟି ହୋଇଛି। ଏଥିରେ ଯାଜପୁର ଜିଲା ଦଶରଥପୁର ବ୍ଲକର ୧୦ ପଞ୍ଚାୟତର ୨୪ ଗ୍ରାମର ପ୍ରାୟ ୧୨ ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ପ୍ରଭାବିତ ଅଞ୍ଚଳକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

ସେହିପରି ପୁରୀ ଜିଲା କଣାସ ବ୍ଲକରେ ବନ୍ୟା ଜଳ ପ୍ରବେଶ କରିଛି। ମକରା ନଦୀରେ ଘାଇ ସୃଷ୍ଟି ହେବାରୁ ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡ଼ା, ବଡ଼ାସ, ବୈଦ୍ୟନାଥ ପାଟଣା, କଖାରୁବସ୍ତ ଗ୍ରାମ ବନ୍ୟା ଘେରରେ ରହିଛି। ଏଥିସହିତ ଦୟାନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ଗଡ଼ବଳଭଦ୍ରପୁର, ବଡ଼ାସ ପଞ୍ଚାୟତର ଧାନ ଜମି ବୁଡ଼ିଯାଇଛି।

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକର ବଡ଼ବାଲିକଣିଠାରେ ମହାନଦୀରେ ୧୦ଫୁଟର ଘାଇ ହୋଇଛି। ଜିଲାନାସୀ ପଞ୍ଚାୟତର ତେନ୍ତୁଳିଆଖମାର ଓ ସାହାରାଡିଆରେ ମଧ୍ୟ ଘାଇ ସୃଷ୍ଟି ହୋଇଛି। ବନ୍ୟା ଯୋଗୁ ବିଭିନ୍ନ ଗ୍ରାମ ଓ ଚାଷ ଜମି ଜଳମଗ୍ନ ହୋଇଛି। ଜିଲାର ୮୦୯ ଗ୍ରାମର ପ୍ରାୟ ୫ ହଜାର ଲୋକ ପ୍ରଭାବିତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ହୀରାକୁଦ ଡ୍ୟାମ୍‌ର ଆଉ ୧୪ଟି ଗେଟ୍ ଖୋଲାହେବା ପରେ ପରିସ୍ଥିତି ଆହୁରି ସଙ୍ଗିନ ହୋଇ ପଡ଼ିଛି। ସୋମବାର ୨୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଥିବା ବେଳେ ମଙ୍ଗଳବାର ☞ପୃଷ୍ଠା-୪

ଜୀବନ ହାନି ନ ହେବା ସୁନିଶ୍ଚିତ କର: ମୁଖ୍ୟମନ୍ତ୍ରୀ (ପୃଷ୍ଠା-୪)



ମହାନଦୀ ବନ୍ୟାଜଳ ଘେରରେ ରହିଥିବା କଟକ ଗତିରାଉତପାଟଣା ଅଞ୍ଚଳ

## ପରିବା ଦର ଆକାଶଛୁଆଁ

### ଅନେକ ସ୍ଥାନରେ ୮୦ ଟଙ୍କା ଉପରେ

ଭୁବନେଶ୍ୱର, ୧୬।୮(ବ୍ୟୁରୋ)

ମହଙ୍ଗା ଦରଦାମ୍‌ରେ ଖାଉଟି ହନ୍ତସନ୍ତ ହେଉଥିବାବେଳେ ଦାଉ ସାଧିଛି ସାମ୍ଭାବ୍ୟ ବନ୍ୟା। ଲଗାଣ ବର୍ଷାରେ ଚାଷଜମି ଜଳମଗ୍ନ ହୋଇଥିବାରୁ ଫସଲ ନଷ୍ଟ ହେବାରେ ଲାଗିଛି। ଫଳରେ ପରିବା ଦର ଆକାଶଛୁଆଁ ହୋଇଛି। ବଜାରକୁ ଗଲେ ପକେଟ ଖାଲି ହେଉଛି, ମାତ୍ର ବ୍ୟାଗ୍ ଭର୍ତ୍ତି ହେଉନାହିଁ। ଆଳୁ ବ୍ୟତୀତ କୌଣସି ପରିବାର ଦର ୪୦ ଟଙ୍କା ତଳକୁ ନାହିଁ। ରାଜଧାନୀର ପ୍ରମୁଖ ବଜାର କୁହାଯାଉଥିବା ୟୁନିଟ-୧ ପରିବା ମାର୍କେଟରେ ଆଳୁ ଦର କିଲୋ ପିଛା ୩୦ ଟଙ୍କା ଥିବାବେଳେ ଛୋଟ ଆଳୁ ପିଛା ୨୫ଟଙ୍କା ରହିଛି। ସେହିପରି ପିଆଜ ୩୫ ଟଙ୍କା, ବାଇଗଣ କିଲୋପିଛା ୬୦, ବନ୍ଧାକୋବି ୪୫, ପୋଟଳ ୪୦ରୁ ୬୦, ଟମାଟୋ ୫୦, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଶ୍ରୀଲଙ୍କାର ବେଖାତିର**





କଟକ ଗଡିରାଉତ ପାଟଣାଠାରେ ବନ୍ୟାଜଳରେ ଫସିଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି।


କଟକ ଖାନନଗର ଅଞ୍ଚଳରେ ବନ୍ୟାଜଳରେ ଭିଜିଯାଇଥିବା ବହିଖାତାକୁ ଜଣେ ଶିଶୁ ଖରାରେ ଶୁଖାଉଛନ୍ତି।

# ମୁଣ୍ଡଳୀରେ ୧୨ଲକ୍ଷ କ୍ୟୁସେକ ଜଳ ପ୍ରବାହିତ

- ମହାନଦୀ ଅବବାହିକାରେ ସ୍ଥିତି ସଙ୍ଗିନ
- ୭୦ ପଞ୍ଚାୟତର ୧.୧୩ଲକ୍ଷ ଲୋକ ପ୍ରଭାବିତ
- ପ୍ରଶାସନ ସଜାଗ ରହିଛି: ଜିଲାପାଳ

କଟକ ଅଫିସ, ୧୬।୮

ଲଘୁଚାପ ଜନିତ ବର୍ଷା ଓ ହୀରାକୁଦ ଜଳ ଭଣ୍ଡାରର ୩୪ଟି ଗେଟ୍ ଦେଇ ଜଳ ନିଷ୍କାସନ ପରେ ତଳମୁଣ୍ଡରେ ବନ୍ୟାସ୍ଥିତି ଦେଖାଦେଇଛି। ମଙ୍ଗଳବାର ମଧ୍ୟାହ୍ନରୁ ମୁଣ୍ଡଳୀଠାରେ ୧୨ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଛି। ମୁଣ୍ଡଳୀଠାରେ ବିପଦ ସଙ୍କେତ ୯୭.୨୫ ଫୁଟ ରହିଥିବାବେଳେ ଏଠାରେ ୯୭.୮୦ ଫୁଟରେ ଜଳ ପ୍ରବାହିତ ହେଉଛି। ସୋମବାର ମଧ୍ୟ ରାତିରେ ଏହା ୧୧ ଲକ୍ଷ କ୍ୟୁସେକ୍ ଥିଲା। ମୁଣ୍ଡଳୀ ବ୍ୟାରେଜରୁ ନିଷ୍କାସିତ ପାଣିକୁ ମହାନଦୀର ଯୋବ୍ରା ବ୍ୟାରେଜ ଓ କାଠଯୋଡ଼ି ନଦୀର ନରାଜ ବ୍ୟାରେଜ ଦେଇ ନିଷ୍କାସନ କରାଯାଉଛି। ନରାଜ ବ୍ୟାରେଜ ଦେଇ ୫ଲକ୍ଷ ୯୨ହଜାର ୪୨୬ କ୍ୟୁସେକ ଜଳ ନିଷ୍କାସିତ ହେଉଥିବାବେଳେ ଯୋବ୍ରା ବ୍ୟାରେଜ ଦେଇ ୫ ଲକ୍ଷ ୭୩ ହଜାର ୩୩ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଅପରପକ୍ଷରେ ବନ୍ୟାଜଳ ପ୍ରବାହକୁ ଦେଖି ହୀରାକୁଦ ଜଳଭଣ୍ଡାରର ଖୋଲାଯାଇଥିବା ୩୪ ଗେଟ ମଧ୍ୟରୁ ସୋମବାର ୮ଟି ଗେଟ ବନ୍ଦ କରାଯାଇଥିଲା। ହେଲେ ମଙ୍ଗଳବାର ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ୬୨୬ ଫୁଟ ଉପରେ ରହିଥିବାରୁ ରାତି ୮ଟାରେ ୪୦ଟି ଗେଟ ଦେଇ ଜଳ ପ୍ରବାହିତ ହେଉଛି। ଏହି ଜଳ ନରାଜ ମଧ୍ୟ ଦେଇ ଗୁରୁବାର ସକାଳେ ପ୍ରବାହିତ ହେବ।

ମଙ୍ଗଳବାର ମହାନଦୀରେ ୧୨ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ଜାରି ରହିଥିବାରୁ ଏହାର ଅବବାହିକାରେ ଥିବା କଟକ ଜିଲାର ୭ ବ୍ଲକ ଯଥା ବାଙ୍କୀ, ଡମପଡ଼ା, ନରସିଂହପୁର, ତିଗିରିଆ, ଆଠଗଡ଼, କଟକ ସଦର ଏବଂ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ୭୦ ପଞ୍ଚାୟତ ୨୫୪ ଗ୍ରାମର ୧,୧୩,୭୫୨ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛି। ସେଥିମଧ୍ୟରୁ ୯୫ଗ୍ରାମର ୮୫ହଜାର ୯୧୮ଜଣ ଲୋକ ଫଶି ରହିଛନ୍ତି। ବନ୍ୟାପ୍ରଭାବିତ ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯିବା ସହ ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି। ମଙ୍ଗଳବାର ସନ୍ଧ୍ୟାସୁଦ୍ଧା ୧୯ହଜାର ୨୦୭ ଜଣଙ୍କୁ ଉଦ୍ଧାର କରାଯାଇ ୩୭ଟି ଆଶ୍ରୟସ୍ଥଳିରେ ରଖାଯାଇଛି। ମିଳିଥିବା ଖବର ଅନୁଯାୟୀ, କଟକ-ବାଙ୍କୀ ମୁଖ୍ୟ ରାସ୍ତାର କଇମୁଣ୍ଡି, ଚାରିଘରିଆ ଏବଂ ପାଥପୁରଠାରେ ବନ୍ୟା ଜଳ ରାସ୍ତାରେ ଉପରେ ପ୍ରବାହିତ ହେଉଛି। ତିଗିରିଆର ଗଦାଧରପୁର, ହାଟମାଳ, ବଡ଼ନାଉପୁଟ ପ୍ରମୁଖ ୩ଟି ଗ୍ରାମପଞ୍ଚାୟତର ଲୋକମାନେ ଦୁଇଦିନ ହେଲା ଜଳବନ୍ଦୀ ହୋଇ ରହିଛନ୍ତି। ପୁରୁଣା ତିଗିରିଆର ଚଷାଆଁରା ୫୦ ଏକରରୁ ଊର୍ଦ୍ଧ୍ୱ ଜମି ବନ୍ୟାଜଳରେ ବୁଡ଼ି ରହିଛି। ସେହିପରି ଖୁଣ୍ଟୁଣୀଠାରେ ପୁରୁଣା କଟକ-ସମ୍ବଲପୁର ଜାତୀୟ ରାଜପଥ ଉପରେ ୬ଫୁଟ ପାଣି ପ୍ରବାହିତ ହେଉଥିବାବେଳେ ନିଧିପୁର ଗଡ଼ାଠାରେ ସୋମବାର ବିଳମ୍ବିତ ରାତିରେ ଅନୁଗୋଳ ଅଭିମୁଖେ ଯାଉଥିବା ଏକ କାର ଭାସି ଯାଇଥିଲା। ଦୀର୍ଘ ୪ଘଣ୍ଟା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ କାରରେ ଥିବା ୪ଜଣଙ୍କୁ ଦମକଳ ବାହିନୀ କର୍ମଚାରୀମାନେ ଉଦ୍ଧାର କରିଥିଲେ। ପରେ ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଲୋକମାନେ ପାଣିରେ ସମ୍ପୂର୍ଣ୍ଣ ବୁଡ଼ିଯାଇଥିବା କାର୍‌କୁ ରାସ୍ତା ଉପରକୁ ଆଣିଥିଲେ। ସେହିପରି ଢାଉରଙ୍ଗ ଗଡ଼ାଠାରେ ୫ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ଯୋଗୁ ସୋମବାର ସନ୍ଧ୍ୟାରୁ ଆଠଗଡ଼ କଟକ ଯାତାୟାତ ବନ୍ଦ ହୋଇଯାଇଛି। ବଡ଼ମ୍ବାର ଗଙ୍ଗାମେରୀ ରିଙ୍ଗବନ୍ଧରେ ବଡ଼ଘାଇ ଯୋଗୁ ବାଙ୍ଗେରିସିଂଘା ଜଳବନ୍ଦୀ ହୋଇ ରହିଛି। ବଡ଼ମ୍ବା ଅଧିଷ୍ଠାତ୍ରୀ ଦେବୀ ଭଟ୍ଟାରିକା ମନ୍ଦିର ବେଢ଼ାରେ ବନ୍ୟାଜଳ ପ୍ରବେଶ ଯୋଗୁଁ ମନ୍ଦିରରୁ ମୃଣ୍ମୟୀ ବିଗ୍ରହଙ୍କୁ ସ୍ଥାନାନ୍ତର କରାଯାଇ ଅନ୍ୟ ସ୍ଥାନରେ ନୀତିକାନ୍ତି ଚାଲୁ ରହିଛି। ଏପରି କି ସେଠାରେ ଜଳସ୍ତର ବହୁ ଅଧିକ ଥିବାରୁ କୌଣସି ଅଘଟଣ ଆଶଙ୍କା କରି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳରେ ୧୪୪ ଧାରା ଲାଗୁ କରାଯାଇଛି। ସେହିପରି ବଡ଼ମ୍ବା ସିଂହନାଥ ଶିବମନ୍ଦିର ଜଳମଗ୍ନ ହୋଇଥିବାରୁ ୨ଦିନ ହେଲା ସେଠାରେ ଠାକୁର ଅପୂଜା ରହିଛନ୍ତି। କଟକ ଜିଲାର ବନ୍ୟା ପ୍ରପୀଡ଼ିତଙ୍କୁ ଉଦ୍ଧାର ଲାଗି ଗୋଟିଏ ଓଡ୍ରାଫ ଟିମ୍, ଗୋଟିଏ ଏନ୍‌ଡିଆରଏଫ୍ ଟିମ୍, ୨ଟି ଫାୟାର ବ୍ରିଗେଡିୟର ଟିମ୍, ୨୫ଟି ପାୱାର ବୋଟ ପ୍ରସ୍ତୁତ ହୋଇ ରହିଥିବାବେଳେ ୫୩୬ ବନ୍ୟା ଆଶ୍ରୟସ୍ଥଳୀ ଅସ୍ଥାୟୀ ଭାବେ ପ୍ରସ୍ତୁତ କରି ରଖାଯାଇଛି। ବନ୍ୟାଜଳରେ ଫସିଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସେମାନଙ୍କୁ ଆଶ୍ରୟସ୍ଥଳୀରେ କିପରି ସୁରକ୍ଷିତ ଭାବେ ରଖାଯାଇପାରିବ ସେଦିଗରେ ପ୍ରଶାସନ ସଜାଗ ରହିବା ସହ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ ପ୍ରକାଶ କରିଛନ୍ତି। ହୀରାକୁଦ ଜଳଭଣ୍ଡାରର ୮ଟି ଗେଟ ବନ୍ଦ କରାଯିବା ଦ୍ୱାରା କଟକ ପାଇଁ ବଡ଼ ବନ୍ୟାର ଆଶଙ୍କା ନାହିଁ ବୋଲି ଜିଲାପାଳ ସୂଚନା ଦେବା ସହ ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଥିବା କହିଛନ୍ତି।


ମୁଣ୍ଡଳୀଠାରେ ବିପଦ ସଙ୍କେତ ଉପରେ ଜଳ ପ୍ରବାହିତ ହେଉଥିବା ବେଳେ ଲୋକମାନେ ଦେଖୁଛନ୍ତି।

# ବଙ୍ଗଳାଗୁଡ଼ା ପୋଲ ଭୁଶୁଡ଼ିଲା


ଭୁଶୁଡିପଡିଥିବା ବଙ୍ଗଳାଗୁଡା ପୋଲ।

କୋରାପୁଟ,୧୬।୮(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ଅପରାହ୍ନରେ କୋରାପୁଟ-ରାୟଗଡ଼ା ୩୨୬ ନଂ. ଜାତୀୟ ରାଜପଥର ବଙ୍ଗଳାଗୁଡ଼ା-ଲେନ୍ଦିରିମାଳିଗୁଡା ମଧ୍ୟରେ ଥିବା ଏକ ପୁରୁଣା ପୋଲ ଭୁଶୁଡିପଡିଛି। ଏଥିଯୋଗୁ କୋରାପୁଟ ଓ ପୋଡାଗଡ଼ ମଧ୍ୟରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କାକିରିଗୁମ୍ମା-ଲକ୍ଷ୍ମୀପୁର-ରାୟଗଡା ରାସ୍ତାରେ ଗାଡି ମୋଟର ଚଳାଚଳ ବ୍ୟାହତ ହୋଇଛି।

ମିଳିଥିବା ଖବରରୁ ଜଣାପଡିଛି, କୋରାପୁଟଠାରୁ ୧୪ କିମି ଦୂର ବଙ୍ଗଳଗୁଡା ନିକଟରେ ଥିବା ଏହି ପୋଲର କୋରାପୁଟ ଆଡକୁ ଥିବା ଭାଗ ହଠାତ୍ ଭୁଶୁଡି ପଡିଥିଲା। ବର୍ତ୍ତମାନ ରାୟଗଡାରୁ ଆସୁଥିବା କେବଳ ହାଲୁକା ଯାନଗୁଡିକ ପୋଡାଗଡଠାରୁ ଆଡମଣ୍ଡା ମାଲକାନାଗିରି, ମହାଦେଇପୁଟ ପଞ୍ଚାୟତ ଦେଇ କୋରାପୁଟ ସଦର ମହକୁମାକୁ ଆସୁଥିବା ଜଣାପଡିଛି। ସେହିପରି ରାୟଗଡା ଆଡୁ ଆସୁଥିବା ସମସ୍ତ ଭାରିଯାନ କାକିରିଗୁମ୍ମାଠାରୁ ଭାୟା ଦାମନଯୋଡି-ମାଥାଲପୁଟ-ସେମିଳିଗୁଡା ହୋଇ କୋରାପୁଟକୁ ଆସିବା ବ୍ୟବସ୍ଥା କରାଯାଇଥିବା ଜିଲାପାଳ ଅବଦାଲ ଏମ. ଅଖତାର ସୂଚନା ଦେଇଛନ୍ତି। ଏହି ଘଟଣା ପରେ ଜିଲାପାଳ ସମସ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ ଘଟଣା ସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଟ୍ରାଫିକ ବ୍ୟବସ୍ଥା ପାଇଁ କାକିରିଗୁମ୍ମା ପୋଲିସ ଓ କୋରାପୁଟ ସଦର ପୋଲିସକୁ କୁହାଯାଇଛି। ଆମ୍ବୁଲାନ୍ସ ଯାତାୟାତ ଓ ଅନ୍ୟ ଜରୁରୀ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ହୋଇଥିବା ଏହି ପୋଲ ପୂର୍ବରୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପୋଲର ଏକ ପାର୍ଶ୍ୱ ଦୀର୍ଘ ଦିନ ହେଲା ଫାଟି ରହିଥିଲା। ଠିକ୍ ସମୟରେ ମରାମତି ଅଭାବରୁ ଆଜି ଏପରି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲେନ୍ଦିରିମାଳିଗୁଡା ଓ ବଙ୍ଗଳାଗୁଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ୧୦ ଜିଲାର ସରକାରୀ କର୍ମଚାରୀଙ୍କ ଛୁଟି ୭ ଦିନ ବାତିଲ

- ଇଞ୍ଜିନିୟରମାନେ ନିଜ ଜାଗା ନ ଛାଡ଼ିବାକୁ ନିର୍ଦ୍ଦେଶ
- ଛୁଟିରେ ଥିବା କର୍ମଚାରୀ ତୁରନ୍ତ କାର୍ଯ୍ୟରେ ଯୋଗଦେବେ

ଭୁବନେଶ୍ୱର, ୧୬।୮(ବ୍ୟୁରୋ)

ଉପରମୁଣ୍ଡରେ ଅଧିକ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୦ ଜିଲାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟିକୁ ସପ୍ତାହକ ପାଇଁ ବାତିଲ କରିଛନ୍ତି। ଏପରିକି ଯେଉଁ କର୍ମଚାରୀମାନେ ଛୁଟିରେ ଅଛନ୍ତି ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ହୀରାକୁଦର ୪୦ ଗେଟ୍ ଖୋଲିଥିବାବେଳେ ରାଜ୍ୟର ଅଧିକାଂଶ ସ୍ଥାନରେ ନଦୀଗୁଡ଼ିକ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ସୂଚନା ଅନୁଯାୟୀ, କଟକ ମୁଣ୍ଡଳୀଠାରେ ଏବେ ପ୍ରାୟ ୧୨ ଲକ୍ଷ ୧ ହଜାର ୪୨୬ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ମହାନଦୀ ଓ ତା'ର ଶାଖା ନଦୀଗୁଡ଼ିକ ଅଧିକାଂଶ ସ୍ଥାନରେ ବିପଦ ସଙ୍କେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ବନ୍ୟାଜଳ ପ୍ରବେଶ ଯୋଗୁ ଲୋକମାନେ ଏବେ ଜଳବନ୍ଦୀ ଅବସ୍ଥାରେ ଥିବାବେଳେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରଖିବା ପାଇଁ ଜିଲାପାଳମାନଙ୍କୁ ନିଷ୍ପତ୍ତି ନେବାକୁ କୁହାଯାଇଛି। ଆସନ୍ତା ୪୮ ଘଣ୍ଟା ଅତ୍ୟନ୍ତ ଜରୁରୀ ହୋଇଥିବାରୁ ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, କଟକ, ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଭଳି ୧୦ ଜିଲାରେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ୭ଦିନ ପାଇଁ ବାତିଲ କରିଦିଆଯାଇଛି। ଏହାସହିତ ଇଞ୍ଜିନିୟରମାନଙ୍କୁ ନିଜ ସ୍ଥାନ ଛାଡ଼ି ନ ଯିବାକୁ ଜଳସମ୍ପଦବିଭାଗପକ୍ଷରୁନିର୍ଦ୍ଦେଶଦିଆଯାଇଛି।

# ବନ୍ୟାରେ ୨ ଲକ୍ଷ ପ୍ରଭାବିତ: ଏସ୍‌ଆର୍‌ସି

**ଭୁବନେଶ୍ୱର,୧୬।୮(ବ୍ୟୁରୋ):** ଚଳିତ ବନ୍ୟାରେ ମହାନଦୀର ୨ଟି ସ୍ଥାନରେ ଘାଇ ହୋଇଛି। ବନ୍ୟାରେ ପ୍ରାୟ ୨ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୪୯ ବ୍ଲକର ୨୩୭ ଗ୍ରାମ ବନ୍ୟାପାଣି ଘେରରେ ରହିଛି। କିନ୍ତୁ ବ୍ରାହ୍ମଣୀ ନଦୀରେ ବନ୍ୟାର ଆଶଙ୍କା ନାହିଁ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପ୍ରଦୀପ ଜେନା କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ଆର୍‌ସି କହିଛନ୍ତି ଯେ ବର୍ତ୍ତମାନ ବନ୍ୟାର ପିକ୍ ଫ୍ଲୋ ଚାଲିଛି। ଏହି ପିକ୍ ଫ୍ଲୋ ମଙ୍ଗଳବାର ରାତି ପ୍ରାୟ ୩ଟା ଯାଏ ଚାଲିବ। କଟକ ମୁଣ୍ଡଳୀରେ ୮ରୁ ୯ ଘଣ୍ଟା ବନ୍ୟା ଜଳର ଏହି ପିକ୍ ଫ୍ଲୋ ରହିବ। ବୁଧବାର ସନ୍ଧ୍ୟା ୬ଟାରୁ ୯ଟା ଭିତରେ ଏହା ସମୁଦ୍ରକୁ ଚାଲିଯିବ ବୋଲି ସେ କହିଛନ୍ତି। ବିଭିନ୍ନ ସ୍ଥାନରେ ୯୦ଟି ମାଗଣା ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଛି। ଆବଶ୍ୟକତାକୁ ଦେଖି ଜିଲାପାଳମାନେ ପଦକ୍ଷେପ ନେବେ। ସବୁ ସ୍ଥାନରୁ ସମ୍ପୂର୍ଣ୍ଣ ତଥ୍ୟ ଆସିନାହିଁ। ଖୁବଶୀଘ୍ର ତଥ୍ୟ ଆସିବ ବୋଲି ଏସ୍‌ଆର୍‌ସି କହିଛନ୍ତି।


ପୁରୀ ଜିଲା କଣାସଠାରେ ସୃଷ୍ଟି ହୋଇଥିବା ଘାଇ।


କଟକ ଜିଲା ଭଦିମୂଳ ନର୍ସରି ଫାର୍ମ ପରିସରରେ ବନ୍ୟାଜଳ।


କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ୍ ଭଦଳାଠାରେ ଚିତ୍ରୋତ୍ପଳା ନଦୀରେ ସୃଷ୍ଟ ଘାଇକୁ ବାଉଁଶ ଓ ବାଲିବସ୍ତା ପକାଇ ରୋକାଯାଉଛି।


କଟକ ଜିଲା ତିଗିରିଆଠାରେ ମହାନଦୀର ଦୁର୍ବଳ ବନ୍ଧରେ ବାଲିବସ୍ତା ପକାଯାଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୬୩,୨୧,୬୬୭ | ୬୪,୫୭,୪୮୧ | ୫୬,୦୪,୪୪,୦୨୦ |
| ଭାରତ | ୪,୪୨,୭୭,୧୯୪ | ୫,୨୭,୦୯୮ | ୪,୩୬,୩୮,୮୪୪ |
| ଓଡ଼ିଶା | ୧୩,୨୩,୩୦୭ | ୯୧୫୭(+୫୩) | ୧୩,୧୦,୬୩୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ‘ଦେଶକୁ ରାସ୍ତା ଦେଖାଇଛି ଓଡ଼ିଶା’




ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ସୋମବାର ଆୟୋଜିତ ୭୬ତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)**

ଗତ ୭୫ବର୍ଷରେ ଆମ ଦେଶ ଅନେକ ସଫଳତା ହାସଲ କରିଛି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ ଓ କାରିଗରି, ଶିଳ୍ପ, ଗବେଷଣା ଆଦି ବିଭିନ୍ନ କ୍ଷେତ୍ରରେ ଭାରତ ଆଜି ଆଗୁଆ ଦେଶ ସହ ପ୍ରତିଯୋଗିତା କରିପାରୁଛି। ଓଡ଼ିଶା ମଧ୍ୟ ଦେଶର ବିକାଶ ସହିତ ତାଳ ଦେଇ ଆଗେଇ ଚାଲିଛି। ୭୫ ବର୍ଷରେ ଓଡ଼ିଶା ଅନେକ ସଫଳତା ହାସଲ କରି ଦେଶକୁ ରାସ୍ତା ଦେଖାଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ୭୬ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଓଡିଶାରେ ଆଜି ରୂପାନ୍ତରଣର ନୂଆ ଯୁଗ ଆରମ୍ଭ ହୋଇଛି। ଓଡ଼ିଶାର ସଫଳତା ଅନ୍ୟମାନଙ୍କ ପାଇଁ ମାର୍ଗଦର୍ଶନ କରୁଛି। ଖାଦ୍ୟଶସ୍ୟ ଉତ୍ପାଦନରେ ଏକ ବଳକା ରାଜ୍ୟ ହେବା, ବିପର୍ଯ୍ୟୟ ପରିଚାଳନାରେ ବିଶ୍ୱ ପାଇଁ ଆଦର୍ଶ ସୃଷ୍ଟି, କ୍ରୀଡ଼ା ହବ୍ ଭାବେ ପରିଚୟ ପାଇବା ସହ ୭୦ ଲକ୍ଷ ମା'ଙ୍କୁ ସଶକ୍ତ କରିବା ଆଦି ଉଲ୍ଲେଖନୀୟ ସଫଳତା ଆମ ଓଡ଼ିଶା ଜୟଯାତ୍ରାର ପ୍ରତୀକ। ସେହିପରି ଜନଜାତି ଭଉଣୀ ଭାଇଙ୍କ ବିକାଶ ଓ ସେମାନଙ୍କ ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶା ବହୁତ ଭଲ କାମ କରିଛି। ଓଡ଼ିଶାର ଜନଜାତି ପିଲାମାନେ ଆଜି ବିଭିନ୍ନ କ୍ଷେତ୍ରରେ ଓ ଦେଶ ବିଦେଶରେ ସୁନାମ ଅର୍ଜନ କରୁଛନ୍ତି। ନିକଟରେ ରୋମ୍‌ରେ ଓଡ଼ିଆ ପିଲା ଶେଷା କିଷାନଙ୍କୁ ଭେଟି ସେ ବହୁତ ଖୁସି ହୋଇଥିଲେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ସ୍ୱାଧୀନତାର ୭୫ବର୍ଷ ଅବସରରେ ରାଜ୍ୟ ସରକାର ୩୦ଟି ଜିଲାର ଗ୍ରାମାଞ୍ଚଳରେ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ୩ହଜାର ସ୍ମାରକୀ ସ୍ଥାପନ କରୁଛନ୍ତି। ଆଉ ୨୫ବର୍ଷ ପରେ ଆମେ ସ୍ୱାଧୀନତାର ଶତାବ୍ଦୀ ବର୍ଷ ପାଳନ କରିବା। ସେଥିପାଇଁ ଆମକୁ ବର୍ତ୍ତମାନଠାରୁ ପ୍ରସ୍ତୁତ ହେବାକୁ ହେବ। ଏହି ସମୟ ମଧ୍ୟରେ ଦେଶର ବିକାଶରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ ବୋଲି ସେ ଆଶା ପ୍ରକଟ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ଦେଓରଞ୍ଜନ ସିଂହ ଏବଂ ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ସ୍ୱାଗତ ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ୍, ଉନ୍ନୟନ କମିଶନର ପ୍ରଦୀପ ଜେନା, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏବଂ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଏବଂ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଏହି ଅବସରରେ ଭାରତର ମୁକ୍ତି ଆନ୍ଦୋଳନରେ ଓଡ଼ିଶାର ଭୂମିକା ଏବଂ ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ ତଥା ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଅନେକ ତଥ୍ୟ ଓ ସୂଚନା ସମ୍ପର୍କିତ ବହୁ ବିରଳ ଫଟୋ ସମ୍ବଳିତ ରାଜ୍ୟସ୍ତରୀୟ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଦର୍ଶକମାନଙ୍କ ନିମନ୍ତେ ଖୋଲା ରହିବ।

# ମା' ସମ୍ମୁଖରେ ପୁଅକୁ ହାଣିଦେଲେ

## ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଭିତରେ ବୀଭତ୍ସ ହତ୍ୟା

**ବଲାଙ୍ଗୀର ଅଫିସ, ୧୬।୮**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଭିତରେ ମଙ୍ଗଳବାର ସକାଳେ ମା' ସମ୍ମୁଖରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ୨ ଦୁର୍ବୃତ୍ତ ହତ୍ୟା କରିଛନ୍ତି। ମୃତକ ହେଲେ ସୁଦପଡ଼ା ନିବାସୀ ଅଜୟ ଦୋରା ଓରଫ୍ ଅଜ୍ଜୁ (୨୫)।

ହସ୍ପିଟାଲ କ୍ୟାମ୍ପସ ଚକ୍ଷୁ ଓପିଡି ସେଣ୍ଟର ସମ୍ମୁଖରେ ଅଜ୍ଜୁଙ୍କ ବାପା ରାଧେକୃଷ୍ଣ ଦୋରା ଠେଲାରେ ଇଡ୍‌ଲି ବିକ୍ରି କରିଥାନ୍ତି। ଏଥିରେ ମା' ଜୟନ୍ତୀ ଓ ବଡ଼ଭାଇ ରାଜୁ ସହଯୋଗ କରିଥାନ୍ତି। ମଙ୍ଗଳବାର ଭୋର ୫ଟା୧୫ରେ ଅଜ୍ଜୁ ଏକ ସ୍କୁଟିରେ ମା' ଜୟନ୍ତୀଙ୍କୁ ବସାଇ ହସ୍ପିଟାଲ ଅଭିମୁଖେ ଆସୁଥିଲେ। ହସ୍ପିଟାଲ ସିକ୍ୟୁରିଟି ଅଫିସ ସମ୍ମୁଖ ବୁଲାଣିରେ ଦୁଇ ଦୁର୍ବୃତ୍ତ ଅଜ୍ଜୁଙ୍କୁ ଏକ ଖଣ୍ଡାରେ ଚୋଟ ମାରିଥିଲେ। ଏଥିରେ ସ୍କୁଟିରୁ ଅଜ୍ଜୁ ଓ ତାଙ୍କ ମା' ଛିଟିକି ପଡ଼ିଥିଲେ। ଏହାପରେ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡକୁ ଆଉ ଏକ ଚୋଟ ମାରିଥିଲେ। ଜୟନ୍ତୀ ପୁଅକୁ ବଞ୍ଚାଇବାକୁ ଯିବାବେଳେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ସେଠାରେ ଥିବା କେତେଜଣ ଲୋକ ମା, ପୁଅଙ୍କୁ କାଜୁଆଲ୍‌ଟିକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଅଜ୍ଜୁଙ୍କୁ ମୃତ ଘୋଷିତ କରିଥିଲେ। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଇଡ୍‌ଲି ଠେଲା ଲଗାଇବାକୁ ନେଇ ବଚସା କାରଣରୁ ହୋଇଥିବା କୁହାଯାଉଛି। ତେବେ ଏହି ହତ୍ୟାକାଣ୍ଡ ପଛରେ କଫ୍ ସିରପ ବ୍ୟବସାୟ ଏବଂ ପୂର୍ବଶତ୍ରୁତା ରହିଥିବା ଅନୁମାନ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଟାଉନ୍‌ଥାନାରେ ଏ ନେଇ ଏକ ମାମଲା (୪୧୨/୨୨) ରୁଜୁ କରାଯାଇଛି।




# ଜୁନ୍ ସୁଦ୍ଧା ୪୩୩ ନୂଆ ଆର୍‌ଆଇ ଅଫିସ୍

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ‘୫-ଟି’ ସମୀକ୍ଷା

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)**

୨୦୧୯ ଜୁଲାଇରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ‘୫-ଟି'ରେ ଅନ୍ତର୍ଭୁକ୍ତ ହୋଇଥିଲା। ଏହାପରେ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ସେବା ପ୍ରଦାନରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ରାଜ୍ୟରେ ୪୩୩ ନୂତନ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ପଦବୀ ସୃଷ୍ଟି ହୋଇଛି। ତଦନୁଯାୟୀ କାର୍ଯ୍ୟାଳୟ ନିର୍ମାଣ ଚାଲିଛି। ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ ଦାଖଲ ଖାରଜ ମାମଲାରେ ମାସାଧିକ ସମୟ ଲାଗୁଥିବାବେଳେ ଏବେ ଏହା ମାତ୍ର ୭ ଦିନ ମଧ୍ୟରେ ହୋଇପାରୁଛି। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ‘୫-ଟି' ସମୀକ୍ଷା ବୈଠକରେ ଏହି ସୂଚନା ଦେଇଛନ୍ତି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ। ୫-ଟି ସଚିବ ଭି.କେ ପାଣ୍ଡିଆନ, ଉନ୍ନୟନ କମିଶନର ପ୍ରଦୀପ ଜେନା, ରାଜସ୍ୱ ଏବଂ ଅର୍ଥ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ବିଭାଗ ନିମନ୍ତେ ଅନୁମୋଦିତ ୫-ଟି ଚାର୍ଟର କାର୍ଯ୍ୟ ସାରଣୀରେ ଥିବା କାର୍ଯ୍ୟର ବିବରଣୀ ଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ କହିଲେ, ଜମି ନିବନ୍ଧନର ମାତ୍ର କେଇଘଣ୍ଟା ମଧ୍ୟରେ ମାମଲାର ଫଇସଲା ହୋଇଯାଉଛି। କେତେକ ସ୍ଥାନରେ ଲୋକଙ୍କୁ ତ୍ୱରିତ ପଟ୍ଟା ପ୍ରଦାନ କରାଯାଉଛି। ତହସିଲ ଅଫିସ୍‌କୁ ନ ଆସି ହିତାଧିକାରୀ ଅନ୍‌ଲାଇନ୍‌ରେ ଦାଖଲ ଖାରଜ, ଘରବାଡ଼ି ଓ ଜମିର ଆପୋସ ଭାଗବଣ୍ଟା ପାଇଁ ଆବେଦନ କରିପାରୁଛନ୍ତି। ପୂର୍ବରୁ ଘରବାଡ଼ି ପଟ୍ଟା ପାଇଁ ପ୍ରାୟ ୩୦୦ ଦିନ ଲାଗୁଥିଲା। ଏବେ ୯୨% ମାମଲାର ତ୍ୱରିତ ସମାଧାନ ହୋଇପାରୁଛି। ରାଜ୍ୟ ସରକାର ଜାତିଗତ, ବିବିଧ ପ୍ରମାଣପତ୍ରକୁ ଦେୟମୁକ୍ତ କରିଛନ୍ତି। ଯେ କୌଣସି ସ୍ଥାନରୁ ଇ-ଡିଷ୍ଟ୍ରିକ୍ଟ ପୋର୍ଟାଲ ମାଧ୍ୟମରେ ଏଥିଲାଗି ଆବେଦନ କରାଯାଇପାରୁଛି। ଜାନୁଆରୀ ୨୦୨୦ ପରଠାରୁ ଅଦ୍ୟାବଧି ଏହି ପୋର୍ଟାଲ ମାଧ୍ୟମରେ ୧.୧୨ କୋଟିରୁ ଊର୍ଦ୍ଧ୍ୱ ସାର୍ଟିଫିକେଟ ବଣ୍ଟା ସରିଛି। ଜମି କିଣାବିକା ଦଲିଲ ପୂର୍ବରୁ ୩ ଦିନ ମଧ୍ୟରେ ଦିଆଯାଉଥିବାବେଳେ ଏବେ ଏହା ଦିନକରେ ହୋଇପାରୁଛି। ପାର୍ଟନରଶିପ ଫର୍ମ ପଞ୍ଜୀକରଣ ପାଇଁ ୪୫ ଦିନ ଲାଗୁଥିଲାବେଳେ ଏବେ ମାତ୍ର ୯ ଦିନରେ ହୋଇପାରୁଛି। ଇ-ପାଉତି ପୋର୍ଟାଲ ମାଧ୍ୟମରେ ପାଖାପାଖି ୨୦ ଲକ୍ଷ ଖାତାରେ ଲୋକେ ଅନଲାଇନ ଖଜଣା ପୈଠ କରୁଛନ୍ତି।

### ୩୦୦ ଗ୍ରାମରେ ୟୁଏଲ୍‌ପିଆଇଏନ, ୨୩୪ ଲାଗି ବିଜ୍ଞପ୍ତି

ଅପରପକ୍ଷେ ଗତ ଜାନୁୟାରୀରୁ ରେଲୱେ, ଜାତୀୟ ରାଜପଥ, ଜଳସେଚନ, ବିଭିନ୍ନ ମେଗା ପ୍ରକଳ୍ପର ଜମି ଅଧିଗ୍ରହଣର ସମୀକ୍ଷା ବୈଠକ ପ୍ରତି ମାସରେ ହେଉଛି। ୫୯ ଗ୍ରାମରେ ୭୫୧ ଏକର ଜମି ବିଭିନ୍ନ ଜଳସେଚନ ପ୍ରକଳ୍ପ ଲାଗି ହସ୍ତାନ୍ତର କରାଯାଇଛି। ୨୬ ଗ୍ରାମରେ ୪୫୦ ଏକର ଜମି ଅଧିଗ୍ରହଣ କରାଯାଇ ରେଲୱେକୁ ପ୍ରଦାନ କରାଯାଇଛି। ଖୋର୍ଦ୍ଧାରୋଡ୍-ବଲାଙ୍ଗୀର, ଅନୁଗୋଳ-ସୁକିନ୍ଦା, ବୁଢ଼ାପଙ୍କ-ସାଲେଗାଓଁ ଏବଂ ଜୟପୁର-ମାଲକାନଗିରି ଆଦି ରେଳ ପ୍ରକଳ୍ପର ଜମି ଅଧିଗ୍ରହଣ କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନକୁ ୧୦,୦୦୦ ପଟ୍ଟା ଦିଆଯାଇଛି। ଜଳ ଜୀବନ ମିଶନ, ୫୫ ସ୍ଥାନରେ ବସ୍‌ଷ୍ଟାଣ୍ଡ, ୧୮,୩୭୩ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ ଆବଶ୍ୟକ ଜମି ପ୍ରଦାନ କରାଯାଇଛି। ସୁବର୍ଣ୍ଣରେଖା, ଧାମରା ବନ୍ଦର ନିମନ୍ତେ ଯଥାକ୍ରମେ ୪୧୩ ଏବଂ ୫୯୮ ଏକର, ଜୟପୁର ଓ ମାଲକାନଗିରି ଏୟାରଷ୍ଟ୍ରିପ୍ ନିମନ୍ତେ ଯଥାକ୍ରମେ ୧୮ ଏବଂ ୭୩ ଏକର, ପାଇକ ସ୍ମାରକୀ ନିମନ୍ତେ ୯ ଏକର ଜମି ପ୍ରଦାନ କରାଯାଇଛି। ଦେବଗଡ଼ ଜିଲାରେ ହାଇ-ଟେକ୍ ସର୍ଭେ ସମ୍ପୂର୍ଣ୍ଣ ହୋଇଛି। ପାଖାପାଖି ୩୦୦ ଗ୍ରାମରେ ୟୁନିକ୍ ଲାଣ୍ଡ ପାର୍ସଲ ଆଇଡିଏଣ୍ଟିଫିକେଶନ୍ ନମ୍ବର (ୟୁଏଲ୍‌ପିଆଇଏନ୍) ସୃଷ୍ଟି କରାଯାଇଛି। ଯାଜପୁର, କଳାହାଣ୍ଡି, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଜିଲାର ୨୩୪ ଗ୍ରାମରେ ସର୍ଭେ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇସାରିଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ସୂଚନା ଦେଇଛନ୍ତି।



**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତେଲଙ୍ଗାନାର ଶତ୍ରୁ। କେନ୍ଦ୍ରରୁ ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ଗାଦିଚ୍ୟୁତ କରିବା ସମୟ ଆସିଯାଇଛି।
–କେ. ଚନ୍ଦ୍ରଶେଖର ରାଓ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରିୟା
ପରିବାରବର୍ଗ


ଆୟୁଷମାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଶ୍ୱଶୁରଙ୍କ ତଣ୍ଟି କାଟିଲେ ଜ୍ୱାଇଁ

ଭୋଗରାଇ, ୧୬।୮ (ଡି.ଏନ.ଏ.): ବାଲେଶ୍ୱର ଜିଲା କମର୍ଦ୍ଦା ଥାନା କୁସୁଡା ଗ୍ରାମରେ ମଙ୍ଗଳବାର ଜଣେ ବ୍ୟକ୍ତି ଶ୍ୱଶୁର ସୁଶାନ୍ତ ମହୁରିଙ୍କ ତଣ୍ଟି କାଟି ହତ୍ୟା କରିବା ସହ ଶାଶୁ ଓ ଶାଳୀଙ୍କୁ ଛୁରି ଭୁସି ଗୁରୁତର କରିଛନ୍ତି। ଜ୍ୱାଇଁ ପଳାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ପୋଲିସ ଜିମା ଦେଇଛନ୍ତି। ଗିରଫ ଜ୍ୱାଇଁ ହେଲେ ଭୋଗରାଇ ଥାନା ପିଠାପୁର ଗ୍ରାମର ଜଗା ମହୁରୀ। ଜଗାଙ୍କ ସ୍ତ୍ରୀ କୁସୁଡା ଗ୍ରାମସ୍ଥିତ ବାପଘରକୁ ଆସିଥିଲେ। ଶ୍ୱଶୁର ଘରକୁ ଆସି ଜଗା ତାଙ୍କ ସ୍ତ୍ରୀଙ୍କୁ ନେବାକୁ ଜିଦ୍ ଧରିବାରୁ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଜଗା ଶ୍ୱଶୁରଙ୍କ ତଣ୍ଟି କାଟିଦେଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଲି ଅଇଲି,
ଯାହା ଦେଖିଲି ତାହା କହିଲି।**

ବେଳେ ବେଳେ ଆଖିକୁ ଯାହା ଦେଖାଯାଏ ତାହା ସମ୍ପୂର୍ଣ୍ଣ ସତ୍ୟ ହୋଇ ନ ଥାଏ। କଥାର ମଞ୍ଜି ଭିତରକୁ ନ ପଶିଲେ ସତ କଥା ଆଢୁଆଳରେ ରହିଯାଏ। କଥା ବା ଘଟଣାର ଭିତରକୁ ନ ଯାଇ ଉପର ଠାଉରିଆ ଭାବେ ମନ୍ତବ୍ୟ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୋଡ଼ ମୁଦି ଆଗୁଆଳି
କଥାଏ ବି'କଥା କହି ଥାଆନ୍ତି
ସାଙ୍ଗେ ସାଙ୍ଗେ ଜଗୁଆଳି।**

ସାଧାରଣତଃ ସମୟ ସୁବିଧା ଦେଖି ବ୍ୟକ୍ତି ନିଜ ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିଥାନ୍ତି। ତେବେ ପାଖରେ ଯଦି କେହି ନିଜ ଲୋକ ବା ଆତ୍ମୀୟ ଉପସ୍ଥିତ ରହିଥାଏ ତା'ହେଲେ ମନର କଥା ଖୋଲି କହିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ପାଖରେ ଆତ୍ମୀୟ ଲୋକ ଥିଲେ ଗୋପନ କଥା ପ୍ରକାଶ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଜୀବନ ହାନି ନ ହେବା ସୁନିଶ୍ଚିତ କର




**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)**

### ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ସମୀକ୍ଷା

- ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ
- ମୁଖ୍ୟ ଶାସନ ସଚିବ, ଏସ୍ଆରସି ନିୟମିତ ବନ୍ୟା ସମୀକ୍ଷା କରିବେ
- ୪ ଜିଲା ବନ୍ୟା ପରିସ୍ଥିତି ସମ୍ପର୍କରେ ଆଲୋଚନା କଲେ ୫-ଟି ସଚିବ
- ଏନ୍‌ଡିଆରଏଫ୍, ଓଡ୍ରାଫ୍, ଅଗ୍ନିଶମ ବାହିନୀ ମୁତୟନ

କୌଣସି ଗୋଟିଏ ଜୀବନ ଯେପରି ହାନି ନ ହୁଏ ତାହା ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବନ୍ୟା ପରିସ୍ଥିତି ସମୀକ୍ଷା କରି ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ଜୀବନ ଯାତ୍ରାରେ ଯେପରି ବ୍ୟାପକ ଅସୁବିଧା ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ନିୟମିତ ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ଓ ଏସ୍ଆରସିଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ମହାନଦୀରେ ଜଳ ପତନ ବୃଦ୍ଧି ପାଉଥିବାରୁ ୧୦ ଜିଲା ପାଇଁ ବନ୍ୟା ବିପଦ ବଢ଼ିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଥିବା ଲୋକମାନଙ୍କୁ ପ୍ରାଥମିକତା ଭିତ୍ତିରେ ସ୍ଥାନାନ୍ତର କରିବା ସହ ଆବଶ୍ୟକ ରିଲିଫ୍ ଓ ମୌଳିକ ସୁବିଧା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

କ୍ରମାଗତ ବର୍ଷା ଲାଗି ରହିଥିବାରୁ ମହାନଦୀ ଅବବାହିକା ଅଞ୍ଚଳର ୧୦ ଜିଲାରେ ବନ୍ୟା ହେବା ସମ୍ଭାବନା ଦେଖାଦେଇଛି। ଏହି ଜିଲାର ଜିଲାପାଳମାନେ ସତର୍କ ରହିବା ସହ ବନ୍ୟା ପରିସ୍ଥିତି ରୋକିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଡିଆରଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ୟୁନିଟ୍‌ଗୁଡ଼ିକୁ ବିପଦସଙ୍କୁଳ ସ୍ଥାନଗୁଡ଼ିକରେ ସଜାଗ ରଖି ଆବଶ୍ୟକ ସ୍ଥଳେ ଲୋକଙ୍କ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଡାକ୍ତରଖାନା, ଜଳ ଯୋଗାଣ ଓ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ପରି ଜୀବନ ରକ୍ଷାକାରୀ ସଂସ୍ଥାଗୁଡ଼ିକୁ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଦେବା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରିବା, ସ୍ୱାସ୍ଥ୍ୟ ବିଭାଗ ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତାଘାଟର କ୍ଷତି ହୋଇ ଯଦି ଯୋଗାଯୋଗ ବ୍ୟବସ୍ଥା ବ୍ୟାହତ ହୁଏ ତେବେ ସେଗୁଡ଼ିକର ଯୁଦ୍ଧକାଳୀନଭିତ୍ତିରେ ମରାମତି ପାଇଁ ବ୍ୟବସ୍ଥା କରିବା ଆବଶ୍ୟକ। ସେହିପରି ଶକ୍ତି ବିଭାଗ ମଧ୍ୟ ବିଦ୍ୟୁତ୍ ଯୋଗାଯୋଗ ବ୍ୟାହତ କ୍ଷେତ୍ରରେ ତୁରନ୍ତ ପୁନଃ ସଂଯୋଗ ପାଇଁ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ପି. କେ. ଜେନା ବନ୍ୟା ପ୍ରସ୍ତୁତି ଓ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ମହାନଦୀ ଉପର ଓ ତଳମୁଣ୍ଡରେ ବର୍ଷା ହୋଇ ୧୦ ଜିଲାରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ୭ ଜିଲାରେ ୯ଟି ଓଡ୍ରାଫ୍, ୬ ଜିଲାରେ ୯ଟି ଏନ୍‌ଡିଆରଏଫ୍ ଟିମ୍, ୪୪ ଅଗ୍ନିଶମ ସେବା ୟୁନିଟ୍‌କୁ ସଜାଗ ରଖାଯାଇଛି। ସମସ୍ତ ଜିଲା ପ୍ରଶାସନକୁ ହାଇ ଆଲର୍ଟରେ ରଖାଯାଇଛି। ଆବଶ୍ୟକ ହେଲେ ଲୋକମାନଙ୍କୁ ସ୍ଥାନାନ୍ତର କରିବାକୁ ୧୦ ଜିଲାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ପଞ୍ଚାୟତ ଅନୁଷ୍ଠାନଗୁଡ଼ିକର ସହାୟତା ନେବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ସଚିବ(୫–ଟି) ଭି.କେ. ପାଣ୍ଡିଆନ ସମ୍ବଲପୁର, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଜିଲାପାଳ ଓ କଟକ ମହାନଗର ନିଗମ କମିଶନରଙ୍କ ସହିତ ବନ୍ୟା ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବରେ ସଜାଗ ରହି ପରିସ୍ଥିତି ଉପରେ ନଜର ରଖିଛି। କେତେକ ସ୍ଥାନରେ ଲୋକଙ୍କୁ ସ୍ଥାନାନ୍ତର ମଧ୍ୟ କରାଯାଉଛି ବୋଲି ଜିଲାପାଳମାନେ ସୂଚନା ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ସଚିବ ଓ ଜିଲାପାଳମାନେ ଉପସ୍ଥିତ ଥିଲେ।

## ଖରିଫ ଧାନ ସଂଗ୍ରହ ପଞ୍ଜୀକରଣ ଅବଧି ୨୨କୁ ବୃଦ୍ଧି

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)**

ରାଜ୍ୟ ସରକାର ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାର ସମୟ ଅବଧିକୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଏନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସମସ୍ତ କୋଅପରେଟିଭ ସୋସାଇଟିର ରେଜିଷ୍ଟ୍ରାର ଏବଂ ଜିଲାପାଳମାନଙ୍କୁ ଚିଠି ଜାରି କରିଛନ୍ତି। ସେଥିରେ ଉଲ୍ଲେଖ ରହିଛି ଯେ, ଖରିଫ ଧାନ ସଂଗ୍ରହ ଲାଗି ଚାଷୀଙ୍କ ପଞ୍ଜୀକରଣ ଅବଧି ଗତ ଜୁଲାଇ ୧୫ରୁ ଆରମ୍ଭ ହୋଇ ଅଗଷ୍ଟ ୧୬ ମଧ୍ୟରେ ଦାଖଲ ହେବାର ଥିଲା। ହେଲେ ବିଭିନ୍ନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବେ ରାଜ୍ୟ ସରକାର ଏହି ଅବଧି ଆସନ୍ତା ୨୨ ପର୍ଯ୍ୟନ୍ତ ବୃଦ୍ଧି କଲେ। ଏଣୁ ଚାଷୀମାନେ ସେମାନଙ୍କ ନିକଟସ୍ଥ ଅନୁମୋଦିତ କୃଷି ସମବାୟ ସମିତି(ପାକ୍ସ, ଲାମ୍ପ୍ସ,ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ପାଣି ପଞ୍ଚାୟତ)ରେ ଉକ୍ତ ଅବଧି ମଧ୍ୟରେ ପଞ୍ଜୀକରଣ କରିପାରିବେ। ସେହିପରି ଡିଜିଟାଲ ଫର୍ମ ପୂରଣ ଲାଗି ଥିବା ସମୟ ଅବଧିକୁ ଆସନ୍ତା ୨୮ ତାରିଖ ଯାଏ ବୃଦ୍ଧି କରାଯାଇଛି। ଧାନ ସଂଗ୍ରହ କରିବା ପାଇଁ ଚାଷୀଙ୍କ ତାଲିକା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବଢ଼ାଯାଇଛି।

## କମିଲା ବର୍ଷା, ସାମାନ୍ୟ ଆଶ୍ୱସ୍ତି ମିଳିଛି: ଡ୍ୟାମ୍ ମୁଖ୍ୟଯନ୍ତ୍ରୀ

**ସମ୍ବଲପୁର, ୧୬।୮ (ବ୍ୟୁରୋ)**



ସମ୍ବଲପୁର ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇ ମଙ୍ଗଳବାର ୬୨୭ ଫୁଟ୍‌ରେ ପହଞ୍ଚିଛି। ଜଳଭଣ୍ଡାର କ୍ଷମତା ସର୍ବାଧିକ ୬୩୦ ଫୁଟ୍ ରହିଥିବା ବେଳେ ବିପଦସଙ୍କେତରେ ପହଞ୍ଚିବାକୁ ଆଉ ମାତ୍ର ୩ ଫୁଟ୍ ବାକି ରହିଛି। ଜଳଭଣ୍ଡାରର ଏଭଳି ସ୍ଥିତିକୁ ନେଇ ସମ୍ବଲପୁର ତଳି ଅଞ୍ଚଳବାସୀ ଭୟଭୀତ ହୋଇଯାଇଛନ୍ତି। ହେଲେ ଉପରମୁଣ୍ଡ ଛତିଶଗଡ଼ରେ ବର୍ଷା କମିଯାଇଛି। ଏହାସହ ଜଳଭଣ୍ଡାରରେ ମିଶୁଥିବା ଇବ୍ ଓ କେଲୋ ନଦୀର ଜଳପ୍ରବାହ ମଧ୍ୟ କମିଯାଇଛି। ସୋମବାର ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧୦ ଲକ୍ଷ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଏହା ହ୍ରାସପାଇ ୬ଲକ୍ଷ ୯୧ ହଜାର ୯୫୦ କ୍ୟୁସେକରେ ପହଞ୍ଚିଛି। ଏଭଳି ସ୍ଥିତିକୁ ଦେଖି ସାମାନ୍ୟ ଆଶ୍ୱସ୍ତି ମିଳିଛି ବୋଲି ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଆନନ୍ଦ କୁମାର ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି, ଜଳଭଣ୍ଡାରରେ ଜଳଧାରଣ କ୍ଷମତା ପାଖାପାଖି ଜଳସ୍ତର ପହଞ୍ଚିଛି। ତେଣୁ ଜଳ ନିଷ୍କାସନ ପରିମାଣ ବଢାଇବା ପାଇଁ ଗେଟ୍ ଖୋଲିବା ସଂଖ୍ୟା ୪୦କୁ ବୃଦ୍ଧି କରାଯାଇଛି। ଏବେ ଜଳଭଣ୍ଡାରକୁ ୬ଲକ୍ଷ ୯୧ହଜାର ୯୫୦ କ୍ୟୁସେକ ଜଳ ପ୍ରବେଶ କରୁଛି। ତେଣୁ ନିୟନ୍ତ୍ରଣ କରିବା ପାଇଁ ପ୍ରାୟ ସମାନ ୬ଲକ୍ଷ ୧୦ହଜାର ଜଳ ନିଷ୍କାସନ କରାଯାଉଛି। ବର୍ଷାର ପରିମାଣ କମିଛି। ପାଣିପାଗ ବିଭାଗ ସୂଚନା ମୁତାବକ ଆଗାମୀ ୩ଦିନ ପର୍ଯ୍ୟନ୍ତ ବର୍ଷା ସାମାନ୍ୟ ରହିବ। ତେଣୁ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ସେ କହିଥିଲେ। ସୂଚନା ମୁତାବକ ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୬ଲକ୍ଷ ୯୧ ହଜାର ୯୫୦ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ସ୍ପିଲ୍‌ୱେ, ପାୱାର ଚାନେଲ, କୃଷି, ଶିଳ୍ପ ଆଦି କ୍ଷେତ୍ରକୁ ୬ଲକ୍ଷ ୧୦ ହଜାର କ୍ୟୁସେକ ଜଳ ନିଷ୍କାସନ କରାଯାଉଛି।

**ପ୍ରଥମ ପୃଷ୍ଠାରୁ...**

### ବୁଡ଼ିଛି ମହାନଦୀ...

ସମୁଦାୟ ୪୦ଟି ଗେଟ୍ ଦେଇ ବନ୍ୟାପାଣି ଛଡ଼ାଯାଉଛି। ଜଳ ସମ୍ପଦ ବିଭାଗରୁ ମିଳିଥିବା ସୂଚନା ମୁତାବକ ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୬,୯୧,୯୫୦ କ୍ୟୁସେକ ପାଣି ପ୍ରବେଶ କରୁଥିବା ବେଳେ ୬,୧୦,୦୫୩ କ୍ୟୁସେକ ପାଣି ଛଡ଼ାଯାଉଛି। ମହାନଦୀର ମୁଣ୍ଡଳିଠାରେ ୧୨ ଲକ୍ଷ କ୍ୟୁସେକ ଉପରେ ବନ୍ୟାପାଣି ପ୍ରବାହିତ ହେଉଥିବା ବେଳେ ୪୦ଟି ଗେଟ୍ ଖୋଲିବା ପରେ ଜଳସ୍ତର ଆହୁରି ବଢ଼ିବା ଆଶଙ୍କା ଦେଖାଦେଇଛି। ମହାନଦୀ ଓ ଏହାର ଶାଖାନଦୀ ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା, ଦେବୀ, କୁଶଭଦ୍ରା, ଭାର୍ଗବୀ ଆଦିରେ ବନ୍ୟା ଜଳ ବିପଦ ସଙ୍କେତ ଉପର ଦେଇ ପ୍ରବାହିତ ହେଉଛି। ସେହିପରି ବୈତରଣୀ ନଦୀର ଜେନାପୁର ଏବଂ ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି। ମହାନଦୀ ଅବବାହିକାରେ ଥିବା ୧୦ଟି ଜିଲା ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, କଟକ, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲା ପ୍ରତି ବିପଦ ସୃଷ୍ଟି ହୋଇଛି।

ଆସନ୍ତା ୧୮ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହାର ପ୍ରଭାବରେ ୧୮ ତାରିଖ ରାତିରୁ ବର୍ଷା ଆରମ୍ଭ ହେବ। ୨୨ ତାରିଖ ଯାଏ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଅନୁମାନ କରାଯାଇଛି। ବନ୍ୟା ପରିସ୍ଥିତିକୁ ଆହୁରି ସଙ୍ଗିନ କରିବ ବୋଲି ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ଜଗତ୍‌ସିଂହପୁର, ନୟାଗଡ଼, ଯାଜପୁର ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳର ସ୍କୁଲଗୁଡ଼ିକୁ ବୁଧବାର ଓ ଗୁରୁବାର ଛୁଟି ଘୋଷଣା କରାଯାଇଛି।

### ପରିବା ଦର...

ସଜନାଛୁଇଁ ୮୦ ଟଙ୍କା ଥିବାବେଳେ ବିନ୍ସ ଏବଂ ସିମ୍ଲା ଲଙ୍କାର ଦର ୧୦୦ଟଙ୍କା ରହିଛି। ଅନ୍ୟ ହାଟ ଏବଂ ଦୋକାନରେ ପରିବା ଦର କେଜି ପିଛା ୮୦ ଟଙ୍କା ଉପରେ ରହିଛି। ଏ ସମ୍ପର୍କରେ ରାଜଧାନୀ କଞ୍ଚା ପରିବା ବିକ୍ରେତା ମହାସଂଘର ସଭାପତି କବିରାଜ ସ୍ୱାଇଁ କହିଛନ୍ତି, ବନ୍ୟା ପାଇଁ ଏବେ ପରିବା ଦର ଅଧିକ ରହିଛି। ଆଗକୁ ମଧ୍ୟ କିଛିଦିନ ପାଇଁ ଏମିତି ଦର ରହିବ। ବାଙ୍ଗାଲୋରରୁ ବନ୍ଧାକୋବି, ଫୁଲକୋବି, ବିନ୍ସ, ସିମ୍ଲା, ଟମାଟୋ ଆଦି ପରିବା ଆମଦାନୀ ହୋଇଥାଏ। ସେହିପରି ତାମିଲନାଡୁରୁ ସଜନାଛୁଇଁ, କଖାରୁ, ଆନ୍ଧ୍ରପ୍ରଦେଶରୁ ଅମୃତଭଣ୍ଡା, ପଶ୍ଚିମବଙ୍ଗରୁ ବାଇଗଣ, କାଙ୍କଡ, ପୋଟଳ, ଅମୃତଭଣ୍ଡା, ଇନ୍ଦୋରରୁ ଗାଜର ଆମଦାନୀ ହେଉଛି। ସାଧାରଣତଃ ୮୦ ପ୍ରତିଶତ ପରିବା ବାହାର ରାଜ୍ୟରୁ ଆସୁଥିବାବେଳେ ଓଡ଼ିଶାରୁ ୨୦ ପ୍ରତିଶତ ପରିବା ଆମଦାନୀ ହୁଏ। ମାତ୍ର ଏଥର ବର୍ଷାରେ ସେତକ ବି ଭାସିଗଲା। ତେଣୁ ଆମକୁ ସମ୍ପୂର୍ଣ୍ଣରୂପେ ବାହାର ରାଜ୍ୟ ଉପରେ ଭରସା କରିବାକୁ ପଡ଼ିବ। ତେବେ ସମ୍ପ୍ରତି ବାହାର ରାଜ୍ୟରେ ବି ବର୍ଷା ହେଉଥିବାରୁ ସେଠାକାର ସ୍ଥିତି ମଧ୍ୟ ଖରାପ। ତେଣୁ ସେପଟୁ ଓଡ଼ିଶାକୁ ପରିବା ଆସିପାରୁନାହିଁ। ଯେତିକି ପରିବା ମହଜୁଦ ଅଛି ସେଗୁଡ଼ିକୁ ଉଚ୍ଚା ଦାମ୍‌ରେ କିଣିବାକୁ ପଡୁଛି। ତେଣୁ ଖାଉଟିଙ୍କୁ ମଧ୍ୟ ଚଢ଼ା ଦରରେ ବିକ୍ରି କରାଯାଉଛି ବୋଲି ସେ କହିଛନ୍ତି। ସେହିପରି ରାଜ୍ୟର ଉପକୂଳ ଅଞ୍ଚଳରେ ଦର ମହଙ୍ଗା ରହିଛି। କେନ୍ଦ୍ରାପଡ଼ାରେ ଆଳୁ କିଲୋ ପିଛା ୨୪ ଟଙ୍କା ଥିବାବେଳେ ପିଆଜ ୨୦, ରସୁଣ ୫୦, ଅଦା ୮୦, ବାଇଗଣ ୪୦, ଟମାଟୋ ୩୦, ଜହ୍ନି ୭୦, ଭେଣ୍ଡି ୪୦, ପୋଟଳ ୬୦, ଝୁଡ଼ଙ୍ଗ ୬୦, ଅମୃତଭଣ୍ଡା ୩୦, ସଜନା ଛୁଇଁ ୧୦୦, ଫୁଲକୋବି ୭୦, ବନ୍ଧାକୋବି ୫୦ ଏବଂ କଖାରୁ ୩୦ଟଙ୍କା ରହିଛି। ବର୍ତ୍ତମାନ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଦର ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ତେବେ ଏଭଳି ଚଢ଼ା ଦର ସମସ୍ତ ବର୍ଗର ଖାଉଟିଙ୍କୁ ହନ୍ତସନ୍ତ କରୁଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ପାଖ ଲୋକଟି ଅନ୍ୟର ନିର୍ଦ୍ଦେଶରେ କାମ କରିବା ଫଳରେ ସନ୍ଦେହଜନକ ସ୍ଥିତି ଉତ୍ପନ୍ନ ହୋଇପାରେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବ୍ୟବସାୟ ଓ ପରିବହନ ସମସ୍ୟାର ସମାଧାନ ହୋଇଯିବ।

**ବୃଷ** – ଆଜିର କର୍ମକ୍ଷେତ୍ରରେ ଫେରନ୍ତା ସମୟରେ ବନ୍ଧୁଙ୍କ ନିକଟରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। ଅନ୍ୟମନସ୍କ କିମ୍ବା ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ।

**ମିଥୁନ** – ଦୀର୍ଘଦିନରୁ ଲାଗି ରହିବା ସମସ୍ୟାର ସମାଧାନ ଅନ୍ୟର ସାହାଯ୍ୟରେ ହୋଇଯିବ। ପଡ଼ୋଶୀଙ୍କ ସହାୟତାରେ ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଶିଳ୍ପ,ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଓ ପ୍ରତିବନ୍ଧକ ଦୂର ହୋଇଯିବାର ଆଶା ରହିଛି । ଆଜି ବନ୍ଧୁମେଳରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ।

**କର୍କଟ** – ସ୍ୱାସ୍ଥ୍ୟ ସମସ୍ୟା ବହୁଳାଂଶରେ ଦୂରେଇଯିବ। ଭୁଲ୍ ବୁଝାମଣା କାରଣରୁ ଭଲ ସମ୍ପର୍କ ନ ଥିବା ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ ସମସ୍ୟା ଭିତରେ ଛନ୍ଦି ହୋଇଯିବାର ଆଶଙ୍କା ରହିଛି । କୌଣସି ନୂତନ ଯୋଜନା ଆରମ୍ଭ କରିବା କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ସିଂହ** – ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତି ଭାବ ସୃଷ୍ଟି ହେବ। ଅବଶ୍ୟ କର୍ମକ୍ଷେତ୍ରର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଦ୍ୱାରା କେତେକାଂଶରେ ଉପକୃତ ହେବେ। ନିଜର ଅବହେଳା ଓ ସମୟୋଚିତ ପଦକ୍ଷେପ ଅଭାବରୁ ପ୍ରାପ୍ୟଧନରେ ବାଧା ସୃଷ୍ଟି ହେବ ।

**କନ୍ୟା** – ପ୍ରଶାସନିକ ସ୍ତରରେ ମନ ମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହୋଇପାରନ୍ତି । ସହକର୍ମୀମାନଙ୍କ ଦ୍ୱାରା ସହଜରେ କାମ ହାସଲ ହେବା କଷ୍ଟକର ହେବ। ସରକାରୀ କ୍ଷେତ୍ରରୁ ଲାଭର ଆଶା ସତ୍ୟରେ ପରିଣତ ହେବ। ବନ୍ଧୁ ଗହଣରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି।

**ତୁଳା** – ଆକସ୍ମିକ ଭାବେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସାଧାରଣ କଥାରେ ତର୍କ ବିତର୍କଜନିତ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। କଳା, ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ବହୁତ ଦିନରୁ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ।

**ବିଛା** – ଅବହେଳା କାରଣରୁ ଅଟକି ରହିଥିବା କାମ ସକାଶେ ଅଭିଯୋଗ ଆସିପାରେ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ହେତୁ ଆଶ୍ୱସ୍ତି ଲାଭ କରିବେ । ମନ ଇଚ୍ଛାରେ କାମ ନ କରି ଆବଶ୍ୟକ ସ୍ଥଳେ ଅନ୍ୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। ପରିବାରରେ ଅଭାବ ନ ଥିଲେ ମଧ୍ୟ ମାନସିକ ଅଶାନ୍ତି ଲାଗି ରହିପାରେ।

**ଧନୁ** – ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ପରାମର୍ଶରେ କାର୍ଯ୍ୟକଲେ ସଫଳତା ପାଇବେ। ଅଧିକାଂଶ ସମୟ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି। ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ଲାଗି ରହିପାରନ୍ତି। ଅସମର୍ଥିତ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ।

**ମକର** – ଛୋଟ ଛୋଟ କଥାରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ମାନସିକ ଶାନ୍ତି ପାଇବେ । ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କୁମ୍ଭ** – ସହଜ ଓ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇ ପଡ଼ିବ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ ; ଯାହା କି କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିପାରେ । ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ ନ କମିଲେ ମଧ୍ୟ ଚିନ୍ତାଜନକ ହେବ ନାହିଁ। ପ୍ରକାଶନ, ରାଜନୀତି, ସଂଗଠନ ଓ ପ୍ରଶାସନିକ ସ୍ତରରେ କାମ ଠିକ୍ ଭାବରେ ଚାଲିବ।

**ମୀନ** – ସାମାଜିକ ସ୍ତରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। କଚେରି ମାମଲା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା କାରଣରୁ ସାମାଜିକ ପ୍ରତିଷ୍ଠା ବଢ଼ିବ।


# classifieds Everyday
0674-2580101, 2549302




**BRIDE WANTED**

Suitable bride require for brahmin groom for details contact: 7978409094. D-73714

**GROOM WANTED**

**Alliance for pretty Oriya girl 27/5'4" B.Tech,MBA in TCS, BBSR. Father in PSU, Boy should be in MNC/IT Co at BBSR/ Metro. Caste no bar. Mob: 9910041122.** D-1258

Wanted suitable Bengali/Odia groom for my daughter, 5'3", 38y, Assistant Professor. Contact- 8249848300. D-1253

America ଫେରନ୍ତା 47 ବୟସ୍କା Widow କରଣ ଚାକିରିଆ ଝିଅଙ୍କୁ any caste ଘରଜ୍ୱାଇଁ ଆବଶ୍ୟକ। 6371298869. D-1254

**GROOM wanted for 26yrs goodlooking MBBS doctor Khyatriya girl from highly reputed Odia family. Goodlooking groom from well-mannered and cultured Odia family IAS/ IPS/ IFS / IFoS / Allied services / Good employed PG Doctors below 30yrs age may send details to: dulcybbsr2022@gmail.com.** D-73343




**SALE**

5BHK Triplex 55,00,000/- finishing Hanspal, 3BHK duplex 20,00,000/- Balianta - 8093465134. D-73346

"Ready to move in 2 BHK flat 2 Nos. adjacent to each other convertible to 4 BHK, for sale at Khordha Town, Odisha,1000 Square feet each, @3950/- sqft , 24*7 lift, common area Power Backup, Security, Parking, Children's Park, Morning Walk field apx 5 acres, Bus Stand, Vegetable Market just one minute away. Prime location." Phone No. 9437493881, 9337220630. D-1220

Booking open for 2BHK and 3BHK flats at Badagad Canal road, Bhubaneswar. Contact: 9124721060. D-71351

**Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023.** D-1270

ସ୍ଥିତିବାନ ଘରବାରି ପ୍ଲଟ୍ ପାଚେରି ସହିତ ବିକ୍ରିହେବ। ଉତ୍ତରା ଟଙ୍କପାଣିରୋଡ୍ ପାଖରେ। 9861201010. D-73856

Gharabari conversion plot with 30ft. internal road for sale near DN Regalia Patrapada, Bhubaneswar @ 7978801755. D-73850

**ନଖରା East କଲେଜଠାରୁ 2.5k.m. ଦୂରତାରେ @870/- ପାଚେରି ଥାଇ Govt. Medical ନିକଟରେ ଘରବାରି ପ୍ଲଟ୍ ମିଳୁଛି। 9348152874.** D-73291




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1116




Newly open full body massage 1099 free massage one. Mo: 9583808247. D-1164

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Refresh your body with best therapist Ashirvad Panchakarma harbal SPA Kesarimall. 8926173473. D-73951


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**୧୯ରେ ଓଡ଼ିଶା ଆସିପାରନ୍ତି ବଂଶଲ**

ଭୁବନେଶ୍ୱର, (ବ୍ୟୁରୋ): ରାଜ୍ୟ ଭାଜପାର ନୂଆ ପ୍ରଭାରୀ ଭାବେ ଦାୟିତ୍ୱ ପାଇଥିବା ସୁନୀଲ ବଂଶଲ ଆସନ୍ତା ୧୯ରେ ଓଡିଶା ଆସିବାର କାର୍ଯ୍ୟକ୍ରମ ରହିଥିବା ନେଇ ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଦାୟିତ୍ୱ ନେବାପରେ ଏହା ବଂଶଲଙ୍କ ପ୍ରଥମ ଗସ୍ତ ହେବାକୁ ଯାଉଛି। ସେ ୨ ଦନିଆ ରାଜ୍ୟ ଗସ୍ତରେ ଆସୁଥିବା ଶୁଣିବାକୁ ମିଳିଛି। ତେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ଏବଂ ଏହାର ୨ ଦିନ ପରେ ରାଜ୍ୟ ପ୍ରଭାରୀ ଦାୟିତ୍ୱରୁ ଡି.ପୁରନ୍ଦେଶ୍ୱରୀଙ୍କୁ ବଦଳାଇ ତାଙ୍କ ସ୍ଥାନରେ ବଂଶଲଙ୍କୁ ଦାୟିତ୍ୱ ମିଳିବା ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଛି।

# ବିହାର କ୍ୟାବିନେଟରେ ୩୧ ନୂଆ ମନ୍ତ୍ରୀ

- ଆର୍‌ଜେଡିରୁ ସର୍ବାଧିକ
- ଗୃହ ବିଭାଗ ରଖିଲେ ନୀତୀଶ

ପାଟନା,୧୬।୮

ବିହାରରେ ନୂଆ ଗଠବନ୍ଧନ ସରକାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଙ୍ଗଳବାର ତାଙ୍କ କ୍ୟାବିନେଟ ସମ୍ପ୍ରସାରଣ କରିଛନ୍ତି। ୩୧ ନୂଆ ମନ୍ତ୍ରୀଙ୍କୁ ରାଜ୍ୟପାଳ ଫାଗୁ ଚୌହାନ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସହଯୋଗୀ ଦଳ ଆର୍‌ଜେଡିକୁ ସର୍ବାଧିକ ୧୬ ମନ୍ତ୍ରୀ ପଦ ମିଳିଥିବାବେଳେ ନୀତୀଶଙ୍କ ଜେଡିୟୁରୁ ୧୧ ଜଣ ମନ୍ତ୍ରୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ହାତରେ ଗୃହ ବିଭାଗ ରଖିଥିବାବେଳେ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ସ୍ୱାସ୍ଥ୍ୟ, ସଡ଼କ ନିର୍ମାଣ, ସହରାଞ୍ଚଳ ବିକାଶ, ଗୃହନିର୍ମାଣ ଓ ଗ୍ରାମାଞ୍ଚଳ ବିକାଶ ବିଭାଗ ମିଳିଛି। ତାଙ୍କ ଭାଇ ତେଜପ୍ରତାପ ପରିବେଶ ମନ୍ତ୍ରୀ ହୋଇଛନ୍ତି। ପୂର୍ବ କ୍ୟାବିନେଟରେ ଥିବା ଅଧିକାଂଶ ଜେଡିୟୁ ମନ୍ତ୍ରୀ ଏଥର ମଧ୍ୟ ପଦ ବଜାୟ ରଖିଛନ୍ତି। କଂଗ୍ରେସରୁ ୨ ଜଣ, ଜିତନ ରାମ ମାନ୍‌ଝିଙ୍କ ହିନ୍ଦୁସ୍ତାନୀ ଆୱାମୀ ମୋର୍ଚ୍ଚାରୁ ଜଣେ ଏବଂ ସ୍ୱାଧୀନ ବିଧାୟକ ସୁମିତ କୁମାର ମନ୍ତ୍ରୀ ହୋଇଛନ୍ତି। ଗତ ସପ୍ତାହରେ ନୀତୀଶ କୁମାର ଏନ୍‌ଡିଏରୁ ଓହରିଯାଇ ଆର୍‌ଜେଡି, କଂଗ୍ରେସ ଓ ଅନ୍ୟ ଦଳ ସହ ମିଶି ମହାଗଠବନ୍ଧନ ସରକାର ଗଢ଼ିଥିଲେ। ୧୦ ତାରିଖରେ ସେ ମୁଖ୍ୟମନ୍ତ୍ରୀ ଏବଂ ତେଜସ୍ୱୀ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।



ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପୂର୍ବରୁ ମଙ୍ଗଳବାର ପାଟନାରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ।

# ହାତ ଯଦି ନ ଭାଙ୍ଗି ପାରୁଛ ଗୋଡ଼ ଭାଙ୍ଗିଦିଅ, ଜାମିନ କରାଇଦେବି

**ଶିନ୍ଦେ ଗୋଷ୍ଠୀ ବିଧାୟକଙ୍କ ଧମକ**

ମୁମ୍ବାଇ, ୧୬।୮

ଉଦ୍ଧବ ଠାକରେଙ୍କ ଶିବସେନାରୁ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀରେ ଯୋଗ ଦେଇଥିବା ବିଧାୟକ ପ୍ରକାଶ ସୁର୍ଭେ ତାଙ୍କ ସମର୍ଥକଙ୍କୁ ଶିବ ସୈନିକଙ୍କ ଉପରେ ଆକ୍ରମଣ କରିବାକୁ କହିଛନ୍ତି। ଏକ ଭାଇରାଲ ଭିଡିଓରେ ସେ କହୁଥିବାର ଦେଖିବାକୁ ମିଳୁଛି ଯେ ଆମେ ତାଙ୍କୁ ତାଙ୍କ ସ୍ଥାନ ନ ଦେଖାଇବା ପର୍ଯ୍ୟନ୍ତ ବିଶ୍ରାମ କରିବା ଉଚିତ ନୁହେଁ। ହାତ ନ ଭାଙ୍ଗି ପାରୁଛ ଯଦି ଗୋଡ଼ ଭାଙ୍ଗିଦିଅ। ତାପର ଦିନ ଜାମିନ କରାଇଦେବି। ଚିନ୍ତା କର ନାହିଁ ବୋଲି ସେ କହୁଥିବାର ଦେଖାଯାଉଛି। ମହାରାଷ୍ଟ୍ର ରାଜନୀତିରେ ଏକନାଥ ଶିନ୍ଦେ ବିଦ୍ରୋହ କରି ଶିବସେନା ମୁଖ୍ୟ ଉଦ୍ଧବ ଠାକରେଙ୍କଠାରୁ ମୁଖ୍ୟମନ୍ତ୍ରୀ ପଦବୀ ଛଡ଼ାଇ ନେଇଛନ୍ତି। ୩୯ ଶିବସେନା ବିଧାୟକ ଶିନ୍ଦେଙ୍କ ସହିତ ଅଛନ୍ତି। ଯଦିଓ ଏହି ଘଟଣାର ଏକ ମାସ ବିତିଗଲାଣି, କିନ୍ତୁ ହିଂସା ଏବଂ ରକ୍ତପାତ ଘଟଣା ଏହି ଦୁଇ ଦଳର ସମର୍ଥକଙ୍କ ମଧ୍ୟରେ ସାମ୍ନାକୁ ଆସୁଛି। ନିଜକୁ ପ୍ରକୃତ ଶିବ ସୈନିକ ବୋଲି କହି ଏହି ବିବାଦ ଜାରି ରହିଛି। ଶିନ୍ଦେ ଦଳର ବିଧାୟକ ପ୍ରକାଶ ସୁର୍ଭେ ଉଦ୍ଧବ ଶିବିରକୁ ଏକ ବଡ଼ ଚ୍ୟାଲେଞ୍ଜ ଦେଇଛନ୍ତି। ମଗଥାନେରୁ ଦୁଇଥର ବିଧାୟକ ହୋଇଥିବା ପ୍ରକାଶ ଏକ ଫେସବୁକ ଭିଡିଓରେ ତାଙ୍କ ସମର୍ଥକଙ୍କୁ କହିଛନ୍ତି ଯେ କାହାର ଦାଦାଗିରି, ଗାଳିଗୁଲଜକୁ ସହ୍ୟ କରନ୍ତୁ ନାହିଁ। ଯଦି କେହି ଆପଣଙ୍କୁ ଚ୍ୟାଲେଞ୍ଜ କରୁଛି ତେବେ ତାଙ୍କୁ ଚ୍ୟାଲେଞ୍ଜ କର। ସୁର୍ଭେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଶିବସେନା ମୁମ୍ବାଇ ପୋଲିସ ନିକଟରେ ପହଞ୍ଚିଛି। ଦହିସର ପୋଲିସ ଷ୍ଟେଶନରେ ଅଭିଯୋଗ ଦାଖଲ କରିଥିବା ପୂର୍ବତନ ଶିବସେନା କର୍ପୋରେଟର ଉଦେଶ ପାଟେକର କହିଛନ୍ତି ଯେ ଏହାଦ୍ୱାରା ଲୋକଙ୍କ ମଧ୍ୟରେ ପ୍ରଶାସନ ଉପରେ ବିଶ୍ୱାସ ରହୁନାହିଁ।



ପ୍ରକାଶ ସୁର୍ଭେ

# ସରକାର ଚାଲୁନାହିଁ, ଆମେ ଚଳାଇ ନେଉଛୁ

**କର୍ଣ୍ଣାଟକ ମନ୍ତ୍ରୀଙ୍କ ଅଡିଓ ଲିକ୍**

ବେଙ୍ଗାଲୁରୁ,୧୬।୮

କର୍ଣ୍ଣାଟକରେ ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ସରକାର ଠିକ୍‌ଠାକ୍ ଚାଲି ନ ଥିବା ମଙ୍ଗଳବାର ସକାଳେ ତାଙ୍କ କ୍ୟାବିନେଟ୍‌ର ଜଣେ ସଦସ୍ୟଙ୍କ ଅଡିଓ କ୍ଲିପ୍‌ରୁ ଜଣାପଡ଼ିଛି। ରାଜ୍ୟରେ ସରକାର ଚାଲୁନାହିଁ, ଆମେ ତାହା ଚଳାଇ ନେଉଛୁ ବୋଲି ଆଇନ ମନ୍ତ୍ରୀ ଜେ.ସି. ମଧୁସ୍ୱାମୀ ଏକ ଅଡିଓ କ୍ଲିପ୍‌ରେ କହିଥିବା ଶୁଣିବାକୁ ମିଳିଛି। ରାଜ୍ୟ ଶାସନକୁ ନେଇ ଅସନ୍ତୋଷ ବଢୁଥିବାରୁ ଭାଜପା ପୁଣିଥରେ ସରକାରର ନେତୃତ୍ୱ ପରିବର୍ତ୍ତନ କରିପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ ନିଜ ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ବୋମାଇଙ୍କ ଅଡୁଆ ବଢ଼ାଇ ଦେଇଛି। ଅନ୍ୟପକ୍ଷରେ ଆସନ୍ତା ବର୍ଷ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଥିବାରୁ ବୋମାଇ ମୁଖ୍ୟମନ୍ତ୍ରୀ ପଦରେ ରହିପାରନ୍ତି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲିଙ୍ଗାୟତ ନେତା ବି.ଏସ୍. ୟେଦୁରପ୍ପା ୫ ଦିନ ପୂର୍ବରୁ କହିଥିଲେ। ତାଙ୍କ କହିବା ଅନୁଯାୟୀ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ନିକଟରେ କର୍ଣ୍ଣାଟକ ଗସ୍ତରେ ଆସିଥିବାବେଳେ ବୋମାଇ କ୍ଷମତାରୁ ଯିବା ସମ୍ଭାବନା ଉପରେ ଆଲୋଚନା ହୋଇଥିଲା। ତେବେ ତାଙ୍କ ପ୍ରତି ବିପଦ ନ ଥିବା ୟେଦୁରପ୍ପା କହିଛନ୍ତି।

କର୍ଣ୍ଣାଟକରେ ସବୁ ଠିକ୍‌ଠାକ୍ ଚାଲିଥିବା ମୁଖ୍ୟମନ୍ତ୍ରୀ ବୋମାଇ କହିଥିବାବେଳେ ଜଣେ ବରିଷ୍ଠ ମନ୍ତ୍ରୀ ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ଆଇନ ଓ ସଂସଦୀୟ ବ୍ୟାପାର ବିଭାଗର ମନ୍ତ୍ରୀ ସରକାରଙ୍କ ବିରୋଧରେ ଏଭଳି ମନ୍ତବ୍ୟ ଦେବା ଠିକ୍ ହୋଇନାହିଁ। ସେ ମନ୍ତ୍ରୀ ପଦରେ ରହିବା ଉଚିତ ନୁହେଁ ବୋଲି ଉଦ୍ୟାନ କୃଷିମନ୍ତ୍ରୀ ମୁନିରତ୍ନ କହିଛନ୍ତି।



ଆଇନ ମନ୍ତ୍ରୀ ଜେ.ସି. ମଧୁସ୍ୱାମୀ

# ମୋଦି-ଶାହା ଜବାବ ଦିଅନ୍ତୁ: ଓୱାଇସି

**କଶ୍ମୀର ପଣ୍ଡିତ ଅସୁରକ୍ଷିତ, ଉପରାଜ୍ୟପାଳ ବିଫଳ**

ନୂଆଦିଲ୍ଲୀ, ୧୬।୮

କଶ୍ମୀର ପଣ୍ଡିତ ସମ୍ପ୍ରଦାୟଙ୍କ ଉପରେ ପୁଣି ଶୋପିଆନରେ ଆକ୍ରମଣ କରାଯାଇଛି। ସେଓ ବଗିଚାରେ ପ୍ରବେଶ କରି ଆତଙ୍କବାଦୀ ସୁନୀଲ କୁମାର ଭଟ୍ଟ ଏବଂ ତାଙ୍କ ଭାଇଙ୍କ ଉପରକୁ ଗୁଳି ଚଳାଇଛନ୍ତି। ଏଥିରେ ସୁନୀଲଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କ ଭାଇ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣା ପରେ ପୁଣି ଜମ୍ମୁ-କଶ୍ମୀରରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟଙ୍କ ଚିନ୍ତା ବଢ଼ିଯାଇଛି। ଏହାକ ନେଇ ଅସାଦୁଦ୍ଦିନ ଓୱାଇସି କେନ୍ଦ୍ର ସରକାର ଏବଂ ଜମ୍ମୁ କଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଟାର୍ଗେଟ କରିଛନ୍ତି। ଭାଜପା ସରକାରଙ୍କ ଦ୍ୱାରା ନିଯୁକ୍ତ ଉପରାଜ୍ୟପାଳ ବିଫଳ ହୋଇଛନ୍ତି। ଏହାର ଜବାବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦିଅନ୍ତୁ ବୋଲି ଓୱାଇସି ଦାବି କରିଛନ୍ତି। ଜମ୍ମୁ-କଶ୍ମୀରରେ କେନ୍ଦ୍ର ସରକାରଙ୍କ ନୀତି ଯୋଗୁ କଶ୍ମୀର ପଣ୍ଡିତ ପୁଣି ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ପୁଣି ସେମାନେ ଉପତ୍ୟକା ଛାଡି ଯିବାକୁ ଚେଷ୍ଟା କରୁଛନ୍ତି। ଏହା ମୋଦି ସରକାରଙ୍କ ବିଫଳତାର ଆଉ ଏକ ଉଦାହରଣ ବୋଲି କହିଛନ୍ତି। ଶୋପିଆନ୍‌ରେ ଆକ୍ରମଣକୁ ନେଇ ଉପରାଜ୍ୟପାଳ ମନୋଜ ସିହ୍ନା ଦୁଃଖ ପ୍ରକାଶ କରି ଆତଙ୍କବାଦୀଙ୍କୁ କଡ଼ା ଜବାବ ଦେବାକୁ ଘୋଷଣା କରିଛନ୍ତି। ନ୍ୟାଶନାଲ କନଫରେନ୍ସ ନେତା ତନଭୀର ସାଦିକ କହିଛନ୍ତି ଯେ ଆତଙ୍କବାଦୀଙ୍କ ଯୋଗୁଁ ସମସ୍ତ ସମ୍ପ୍ରଦାୟର ଲୋକେ ଭୟରେ ରହୁଛନ୍ତି। ତେଣୁ ସେମାନେ କଶ୍ମୀରୀ ପଣ୍ଡିତଙ୍କୁ ସାହାଯ୍ୟ କରପାରୁ ନାହାନ୍ତି। କାଶ୍ମୀର ପଣ୍ଡିତମାନେ ଜମ୍ମୁ-କଶ୍ମୀରରେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି ଏବଂ ଏହା ଏକ ବଡ଼ ଚିନ୍ତାର ବିଷୟ। ଖବର ଅନୁଯାୟୀ ଆତଙ୍କବାଦୀମାନେ ସେଓ ବଗିଚାରେ ପ୍ରବେଶ କରି ସୁନୀଲ ଭଟ୍ଟ ଓ ତାଙ୍କ ଭାଇଙ୍କ ନାମ ପଚାରିଥିଲେ ଏବଂ ସେମାନେ ହିନ୍ଦୁ ବୋଲି ଜାଣିବା ପରେ ଗୁଳି ଚଳାଇଥିଲେ।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every **Wednesday & Saturday**

**SITUATION VACANT**
Applications invited for Junior lecture/ PGT for Physics, Chemistry, Mathematics, Biology for a reputed Educational institute at different locations in Odisha must be M.Sc., B.Ed/M.Sc (IIT/NIT) should have a minimum teaching experience of 3 yrs on XI-XII Sc. WhatsApp your resume to Mob: **8260344087**


# ବାଜପେୟୀଙ୍କ ଦିଗ୍‌ଦର୍ଶନରେ କାର୍ଯ୍ୟ କରୁଛି ଭାଜପା: ସମୀର

ଭୁବନେଶ୍ୱର, ୧୬।୮ ବ୍ୟୁରୋ)

ଭାରତରତ୍ନ ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୪ର୍ଥ ବାର୍ଷିକ ପୁଣ୍ୟତିଥିରେ ରାଜ୍ୟ ଭାଜପା ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରାଜ୍ୟ ସଭାପତି ସମୀର ମହାନ୍ତି ମଙ୍ଗଳବାର ଭୁବନେଶ୍ୱର ଏମ୍ସ ପରିସରସ୍ଥିତ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସେହିପରି ରାଜ୍ୟ କାର୍ଯ୍ୟାଳୟଠାରେ ମଧ୍ୟ ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମୀର ମହାନ୍ତିଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଅବସରରେ ସମୀର କହିଛନ୍ତି, ବାଜପେୟୀଙ୍କ ଆଦର୍ଶରେ ଆମେ ସମସ୍ତେ ଅନୁପ୍ରାଣିତ। ତାଙ୍କ ଦିଗ୍‌ଦର୍ଶନରେ ଦଳ କାର୍ଯ୍ୟ କରୁଛି। ଭାରତରେ ସେ ବିକାଶର ଧାରା ଆରମ୍ଭ କରିଥିଲେ। ଓଡ଼ିଶାର ବିକାଶ କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ। ଦେଶର ଅଗ୍ରଣୀ ସ୍ୱାସ୍ଥ୍ୟସେବା ଯୋଗାଉଥିବା ମେଡିକାଲ କଲେଜ ମଧ୍ୟରୁ ଅନ୍ୟତମ ଭୁବନେଶ୍ୱର ସ୍ଥିତ ଏମ୍ସ ମେଡିକାଲ କଲେଜର ପ୍ରତିଷ୍ଠା ତାଙ୍କ ପାଇଁ ସମ୍ଭବ ହୋଇପାରିଛି। ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟବାସୀ ମଧ୍ୟ ଏମ୍ସ ମେଡିକାଲ ଦ୍ୱାରା ଉପକୃତ ହେଉଛନ୍ତି। ୧୯୯୯ ମହାବାତ୍ୟା ପରେ ରାଜ୍ୟବାସୀଙ୍କ ଦୁର୍ଦ୍ଦିନରେ ବାଜପେୟୀଙ୍କ ସାହାଯ୍ୟ ଓ ସମର୍ଥନ ଅବିସ୍ମରଣୀୟ। ଗ୍ରାମ ସଡକ ଯୋଜନା, ଗାଁ ଗାଁରେ ମୋବାଇଲ ସଂଯୋଗ କରାଇବା, ଅନ୍ତ୍ୟୋଦୟ ଏବଂ ଅନ୍ନପୂର୍ଣ୍ଣା ଯୋଜନାରେ ଗରିବଙ୍କ ପାଖରେ ଅନ୍ନ ପହଞ୍ଚାଇବାରେ ତାଙ୍କ ଯୋଗଦାନ ଅତୁଳନୀୟ। ରାଜ୍ୟବାସୀଙ୍କ ପ୍ରତି ତାଙ୍କ ସ୍ନେହ ଓ ଶ୍ରଦ୍ଧା ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ଭାରବର୍ଷର ଯୁବପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସମୀର କହିଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ନେତୃବୃନ୍ଦ।

# ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ କଳାପତାକା ପ୍ରଦର୍ଶନ

**ସମର୍ଥକ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଠେଲାପେଲା**

ଗୋପାଳପୁର,୧୬।୮(ଡି.ଏନ.ଏ.)

ଗୋପାଳପୁର ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀଙ୍କୁ କେତେକ ବିଜେଡି ନେତା ଓ କର୍ମୀ କଳାପତାକା ପ୍ରଦର୍ଶନ କରିଛନ୍ତି। ଏହି ଘଟଣାକୁ ନେଇ ବିଧାୟକଙ୍କ ସମର୍ଥକ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଠେଲାପେଲା ହୋଇଛି। ସୋମବାର ବିଧାୟକ ପାଣିଗ୍ରାହୀ ପତାକା ଉତ୍ତୋଳନ କରିବାକୁ ଯାଉଥିବା ବେଳେ ଏହି ଘଟଣା ଘଟିଛି।

ପ୍ରକାଶ ଯେ, ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନମଣ୍ଡଳୀ ଗୋଳାବନ୍ଧଠାରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପକ୍ଷରୁ ଆୟୋଜିତ ୭୬ତମ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେବାକୁ ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସୋମବାର ବିଧାୟକ ପାଣିଗ୍ରାହୀ ଯାଉଥିବା ସମୟରେ କମଳାପୁର ଛକରେ ବିଜେଡି କର୍ମୀମାନେ ତାଙ୍କୁ କଳାପତାକା ଦେଖାଇ ବିରୋଧ କରିଥିଲେ। ତାଙ୍କ ଗାଡ଼ି ଅଟକାଇବାରୁ ବିଧାୟକ ସମର୍ଥକ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ରଙ୍ଗେଇଲୁଣ୍ଡା ବ୍ଲକ ବିଜେଡି ସଭାପତି ଅଜିତ ଦାଶ, ୫୪ନଂ. ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ଯୁବ ବିଜେଡି ସଭାପତି ବିନୋଦ କୁମାର ମହାଙ୍କୁଡ଼, ଧର୍ମରାଜ ରେଡ୍ଡୀ ଓ ଆଉ କେତେକ ବିଜେଡି କର୍ମୀ ବିଧାୟକଙ୍କୁ କଳା ପତାକା ଦେଖାଇଥିଲେ। 'ଗୋ ବ୍ୟାକ୍' ନାରାବାଜି କରି ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପରେ ବିଧାୟକ ଗୋଳାବନ୍ଧ ଗସ୍ତରେ ଯାଇ ସ୍ୱାଧୀନତା ଦିବସ ପାଳନରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ବିଧାୟକ କହିଥିଲେ, ଏହି ପବିତ୍ର ଦିବସରେ କଳା ପତାକା ଦେଖାଇବା କେତେଦୂର ଯଥାର୍ଥ, ଭଗବାନ ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଅବସରପ୍ରାପ୍ତ କର୍ମଚାରୀଙ୍କ ନିମନ୍ତେ କୋଠଘର ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ଏଥିନିମନ୍ତେ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ସହଯୋଗ କରିବାକୁ ନିବେଦନ କରିଥିଲେ।


**ରେଳ ଭୂମି ବିକାଶ ପ୍ରାଧିକରଣ**
(ରେଳ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ପ୍ରାଧିକରଣ)
ୟୁନିଟ୍ ନଂ.୭୦୨-ବି, ୭ମ ମହଲା, କନେକ୍ସସ୍ ଟାୱାର୍-୨, ଡିଏମ୍‌ଆରସି ବିଲ୍‌ଡିଂ, ଅଜମେରୀ ଗେଟ୍, ନୂଆଦିଲ୍ଲୀ-୧୧୦୦୦୨, ଫୋନ୍: +୯୧-୧୧-୨୩୨୩୨୮୫୪, ଫାକ୍ସ: +୯୧-୧୧-୨୩୨୩୨୮୩୫

**ଇ-ଟେଣ୍ଡର ମାଧ୍ୟମରେ ପ୍ରସ୍ତାବ ପାଇଁ ଅନୁରୋଧ**
(ଆର୍‌ଏଫ୍‌ପି ସୂଚନା ସଂ.: ଆର୍‌ଏଲ୍‌ଡିଏ/ଆର୍‌ଏଫ୍‌ପି/ସିଡି-୫୪/ସିଆର୍‌ଡି-୧୭ ଅଫ୍ ୨୦୨୨ ତାରିଖ ୧୦.୦୮.୨୦୨୨)
ଓଲ୍ଡ ଷ୍ଟେଶନ କଲୋନୀ, ଧାନବାଦଠାରେ ବିଦ୍ୟମାନ ରେଲୱେ କଲୋନୀ (୨୩୬ ୟୁନିଟ୍ କ୍ୱାର୍ଟର୍ସ)ର ପୁନଃବିକାଶ ସମେତ ବିକାଶ ନିମନ୍ତେ ୯୯ ବର୍ଷ ପାଇଁ ରେଳପଥ ଜମିର ଲିଜ୍ ମଞ୍ଜୁରୀ
(ମୋଟ ଭୂମି କ୍ଷେତ୍ର: ୮୧,୭୮୮ ବର୍ଗ ମି., ଲିଜ୍ ପାଇଁ ଉଦ୍ଦିଷ୍ଟ କ୍ଷେତ୍ର: ୬୦,୪୦୭ ବର୍ଗ ମି.)

| ଜମି | ମୋଟ ଜମି କ୍ଷେତ୍ର | ଡେଭଲପରଙ୍କୁ ଲିଜ୍ ଦିଆଯିବାକୁ ଥିବା ଜମି କ୍ଷେତ୍ର | ଡେଭଲପରଙ୍କ ପାଇଁ ଅନୁମତିଯୋଗ୍ୟ ଏଫ୍‌ଏସ୍‌ଆଇ ବିଲ୍ଟ ଅପ୍ କ୍ଷେତ୍ର | ବିଡ୍ ଅମାନତ | ସଂରକ୍ଷିତ ମୂଲ୍ୟ |
|---|---|---|---|---|---|
| ଓଲ୍ଡ ଷ୍ଟେଶନ କଲୋନୀ, ଧାନବାଦ (ପୂର୍ବ ମଧ୍ୟ ରେଳପଥ) | ୮୧,୭୮୮ ବର୍ଗ ମି. | ୬୦,୪୦୭ ବର୍ଗ ମି. | ୧,୫୧,୦୧୮.୫୦ ବର୍ଗ ସେମି. | ଟ.୧.୦୦ କୋଟି | ଟ.୪୪.୦୦ କୋଟି+ପୁନଃ ବିକାଶ ଖର୍ଚ୍ଚ |

ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ପ୍ରି-ବିଡ୍ ମିଟିଂ: ୨୬ ଅଗଷ୍ଟ, ୨୦୨୨ ପୂର୍ବାହ୍ନ ୧୧.୩୦ ଘଟିକା
(ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ପ୍ରି-ବିଡ୍ ମିଟିଂ ସମ୍ବନ୍ଧୀୟ ବିବରଣୀ ଜେଜିଏମ୍/ପ୍ରୋଜେକ୍ଟସ୍/ମୁଜାଫରପୁରଙ୍କଠାରୁ ହାସଲ କରାଯାଇପାରିବ)
ଅନ୍‌ଲାଇନ୍ ଇ-ବିଡ୍ ଜମା କରିବାର ଶେଷ ତାରିଖ ଓ ସମୟ: ୧୦।୧୦।୨୦୨୨, ୧୫.୦୦ ଘଟିକା ପର୍ଯ୍ୟନ୍ତ ।
ପ୍ରକଳ୍ପର ଅଧିକ ସୂଚନା ପାଇଁ, ଦୟାକରି ଆମର ୱେବସାଇଟ୍ www.rlda.indianrailways.gov.in କିମ୍ବା ଇ-ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ୍ www.tenderwizard.in/RLDAରେ 'ଇ-ଟେଣ୍ଡର' ଶୀର୍ଷକ ଅଧୀନରେ ଦେଖନ୍ତୁ ।
ଯେକୌଣସି ସ୍ପଷ୍ଟୀକରଣ ପାଇଁ, ଦୟାକରି ଯୋଗାଯୋଗ କରନ୍ତୁ:-

| ଜେଜିଏମ୍/ପ୍ରୋଜେକ୍ଟସ୍/ ମୁଜାଫରପୁର, ମୋ: ୯୪୩୧୭ ୭୬୫୭୭ jgm.p1@rlda.railnet.gov.in | ଜେନେରାଲ ମ୍ୟାନେଜର/ ପ୍ରୋଜେକ୍ଟସ୍-୧ ମୋ.: ୭୦୪୪୦୮୩୫୫୫ | କନ୍‌ସଲଟାଣ୍ଟ/ଆର୍‌ଏଲ୍‌ଡିଏ ଶ୍ରୀ ଆଲୋକ ସିହ୍ନା ମୋ: ୯୮୧୮୨ ୦୮୦୬୨ alok.sinha@in.knightfrank.com | ଇ-ବିଡ୍ ଅନୁସନ୍ଧାନ ପାଇଁ - ଶ୍ରୀ ସୁରଜ ସିଂହ ମୋ.: ୯୫୯୯୭ ୫୩୮୬୫ suraj@etenderwizard.com |
|---|---|---|---|

ଟିପ୍ପଣୀ: କୌଣସି ଶୁଦ୍ଧିପତ୍ର କିମ୍ବା ଯୋଗପତ୍ର କେବଳ ଆର୍‌ଏଲ୍‌ଡିଏ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଏମ୍/ଟେଣ୍ଡର, (ଏମ୍) ୮୭୫୦୫ ୫୪୮୧୧

**PANCHAYAT SAMITI, CHITRAKONDA**
**DIST.- MALKANGIRI**
TENDER CALL NOTICE No.-01/2022-23 DATED 15.08.2022

Sealed tenders are invited from eligible contractors for the following work by the undersigned.

| Annexure | Name of the work | Approx. cost of project in Rs. |
|---|---|---|
| 1 | Const. of Multi-purpose Storage Godown at Sarkubandha of Ralegada G.P. | 13,51,235/- |
| 2 | Const. of Community Hall at Village Kodigandhi of Andrapally GP | 17,23,210/- |

The detailed terms and conditions is available in the official website http://www.malkangiri.nic.in. Last date of submission of tender paper is 29th Aug. 2022.The authority reserves the right to reject any or all tenders without assigning any reason thereof.

Sd./- Block Development Officer
Chitrakonda

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2022-08, ତା:11.08.2022
କାର୍ଯ୍ୟର ନାମ : ତିନି ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ରହେନଭଟ୍ଟା, ମୁରୀବାହାଲ, ଗୋଦଭଗା, ହୀରାକୁଦ, ଅତାବିରା, ଦେବାହାଲ, ବରପାଲୀ, ବଢ଼ଣ୍ଡା, ହଣ୍ଡପା ଏବଂ ଡୁଙ୍ଗୁରିପାଲ୍ଲୀ ଷ୍ଟେସନ ଠାରେ ମେଧା ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମର ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତି ।
ଟେଣ୍ଡର ମୂଲ୍ୟ (ଟଙ୍କାରେ) : 1,79,90,610/-, EMD (ଟଙ୍କାରେ) : 2,40,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/- ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.09.2022ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-387/N/22-23

**ଏନ୍‌ବିସିସି (ଇଣ୍ଡିଆ) ଲିମିଟେଡ୍**
NBCC A Navratna CPSE
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ସିଆଇଏନ୍ - L74899DL1960GOI003335

**ଇ-ସଂଗ୍ରହଣ ବିଜ୍ଞପ୍ତି (୨ୟ ଆହ୍ୱାନ)**
ଏନ୍‌ଆଇଟି ନଂ. ଏନ୍‌ବିସିସି/ଓଡ଼ିଶା/ପିଏମ୍‌ଜିଏସ୍‌ୱାଇ/୨୦୨୨-୨୩/୦୨ ତାରିଖ: ୧୭।୦୮।୨୦୨୨
ମୁଖ୍ୟ ମହାପ୍ରବନ୍ଧକ (ଇଂ.), ଏସ୍‌ବିଜି (ଝାଡ଼ଖଣ୍ଡ/ବିହାର/ପିଏମ୍‌ଜିଏସ୍‌ୱାଇ ଓଡ଼ିଶା), ଏନ୍‌ବିସିସି ଇଣ୍ଡିଆ (ଆଇ) ଲି଼, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ରାଜ୍ୟ ପିଡବ୍ଲ୍ୟୁଡି/ ସିପିଡବ୍ଲ୍ୟୁଡି/ ଏମ୍‌ଇଏସ୍/ରେଳପଥ/ ପିଏସ୍‌ୟୁ-ଗୁଡ଼ିକ ସହିତ ପଞ୍ଜୀକୃତ ଯୋଗ୍ୟ ଠିକାଦାରମାନଙ୍କଠାରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ସମୁଦାୟ ଟ.୭୦୫.୬୪ ଲକ୍ଷ ମୂଲ୍ୟର ଅଟକଳ ମୂଲ୍ୟ ସହିତ ୪ (ଚାରି) ଗୋଟି ପ୍ୟାକେଜ୍ ନିମନ୍ତେ କୋରାପୁଟ ଓ କନ୍ଧମାଳ ଜିଲ୍ଲାରେ ସଡ଼କ ନିର୍ମାଣ (ବଳକା କାର୍ଯ୍ୟ) ସମେତ ପାଞ୍ଚବର୍ଷ ପାଇଁ ସେଗୁଡ଼ିକର ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବୈଦ୍ୟୁତିକ ଟେଣ୍ଡରିଂ ପ୍ରଣାଳୀରେ ଶତକଡ଼ା ଦର ବିଡ୍ ଆହ୍ୱାନ କରୁଛନ୍ତି । ଓଡ଼ିଶା ବାହାରର ପଞ୍ଜୀକୃତ ବିଡରମାନେ ମଧ୍ୟ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ, ହେଲେ ତାଙ୍କୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ପଞ୍ଜୀକରଣ କରିବାକୁ ହେବ, ଯାହା ବିଡ୍ ଦାଖଲର ଶେଷ ତାରିଖର ଏକମାସ ମଧ୍ୟରେ କିନ୍ତୁ ଚୁକ୍ତି ସ୍ୱାକ୍ଷର ପୂର୍ବରୁ ହେବା ବାଞ୍ଛନୀୟ । ଇ-ସଂଗ୍ରହଣ ମାଧ୍ୟମରେ ବିଡ୍ ନିମନ୍ତେ ଆହ୍ୱାନ ଜାରି ତାରିଖ ହେଉଛି ୧୭।୦୮।୨୦୨୨ । ଇ-ସଂଗ୍ରହଣ ମାଧ୍ୟମରେ ବିଡ୍ ପ୍ରାପ୍ତିର ଶେଷ ତାରିଖ/ସମୟ: ତାରିଖ- ୦୧।୦୯।୨୦୨୨, ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ । ଅଧିକ ବିବରଣୀ ପାଇଁ ଦୟାକରି www.pmgsytenders.gov.in ପରିଦର୍ଶନ କରନ୍ତୁ ।
ଯୋଗପତ୍ର/ଶୁଦ୍ଧିପତ୍ର, ଯଦି ଥାଏ, କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ଅପଲୋଡ୍ କରାଯିବ ।
ସିଜିଏମ୍ (ଇଂ.), ଏସ୍‌ବିଜି-ମୁଖ୍ୟ (ବିହାର/ଝାଡ଼ଖଣ୍ଡ/ପିଏମ୍‌ଜିଏସ୍‌ୱାଇ ଓଡ଼ିଶା)
CBC 20109/12/0007/2223 ଏନ୍‌ବିସିସି ଇଣ୍ଡିଆ ଲିମିଟେଡ୍, ଭୁବନେଶ୍ୱର

**STEWART SCHOOL, BHUBANESWAR**
UNIT-8, CRP SQUARE, BHUBANESWAR-751012
**APPOINTMENT**
Applications are invited from candidates with requisite qualification and training to fill the following post of Assistant Teachers in Stewart School, Bhubaneswar.

| SL. | Subject |
|---|---|
| 1 | **English** – M.A./B.A. with B.Ed. and must have cleared CTET/OTET |
| 2 | **Hindi** – M.A./B.A. with B.Ed. and must have cleared CTET/OTET |
| 3 | **Primary Teacher** – Requisite training with proficiency in English |

Interested candidates may send their applications with complete Bio-data and Photocopy of Certificates/Testimonials to the undersigned within seven days from the publication of this advertisement.
Fluency in spoken English and experienced candidates will be preferred.
SECRETARY

**STATE INSTITUTE OF HOTEL MANAGEMENT**
TITILAGARH ROAD, BALANGIR - 767001 (ODISHA)
Website- www.sihmbalangir.org, odishatourism.gov.in
No.6625/TSM, Dated:12.08.22
TCT-TSP-MISC-0087-2022
**EMPLOYMENT NOTIFICATION**
No.R-03:- Applications are invited from eligible candidates for the post of Principal on Direct Recruitment basis.
Number of Post: 01 (One) (Unreserved)
Details with regard to the essential qualifications, age, application format and other terms & conditions, etc. please visit our website www.sihmbalangir.org & odishatourism.gov.in.
Applications with complete Biodata along with attested copies of testimonials must reach to the Institute on or before **16.09.2022 upto 5.30 P.M.**
Candidates already employed in Govt./ Autonomous organisation should apply through proper channel.
The candidates are required to superscripted "Application for the Post of Principal" on the top of the envelope which contains the application form and other required documents.
The competent authority reserves the rights to cancel / republish the advertisement or cancel / postpone the process of recruitment at any point of time without assigning any reason. Only eligible, shortlisted candidates will be called for interview after a screening process.
Sd./- Administrator, SIHM, Balangir
OIPR-37001/11/0005/2223

**SPECIAL HANDLOOM EXPO - 2022**
Ekamra Haat, Unit -III, Bhubaneswar
From : 16.08.2022 to 31.08.2022, Time : 11.00 AM to 9.00 PM
Inauguration by
Smt. Rita Sahu
Hon'ble Minister, Handlooms, Textiles & Handicrafts
Govt. of Odisha
In Presence of
Smt. Shubha Sarma, IAS
Commissioner-cum-Secretary to Govt,
Handlooms, Textiles & Handicrafts Deparment
on
17th August, 2022, at 5.30PM
Organised by :
SAMBALPURI BASTRALAYA
HANDLOOM CO-OPERATIVE SOCIETY LTD., BARGARH
ALL ARE CORDIALLY INVITED TO THE INAUGURAL FUNCTION
Sri Sisir Kumar Nag, Managing Director
Sri Sambit Kumar Acharya, President

ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। –ଶ୍ରୀମା



# ଶ୍ରୀଲଙ୍କାର ବେଖାତିର

ଶେଷରେ ଚାଇନା ଜାହାଜ 'ୟୁଆନ୍ ୱାଙ୍ଗ୍ ୫' ଶ୍ରୀଲଙ୍କାର ହମ୍ବନ୍‌ଟୋଟା ବନ୍ଦରରେ ୧୬ ଅଗଷ୍ଟରେ ପହଞ୍ଚିଲା। ଏହାକୁ ଶ୍ରୀଲଙ୍କାର ସାଂସଦ ଓ ଚାଇନା ଅଧିକାରୀମାନେ ବନ୍ଦରରେ ସ୍ୱାଗତ କରିଥିବା ଦେଖାଯାଇଛି। ଭାରତ ଆଶଙ୍କା ବ୍ୟକ୍ତ କରିଥିଲା ଯେ ଚାଇନାର ଏହି ଗୁପ୍ତଚରୀ ଜାହାଜ ଭାରତ ମହାସାଗରରେ ବୁଲିଲେ ତାହା ଦେଶର ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିବ। ବିଶେଷକରି ଓଡ଼ିଶାର ଅବଦୁଲ କଲାମ ଦ୍ୱୀପ ବା ହ୍ୱିଲର ଦ୍ୱୀପରୁ ଭାରତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଛାଡ଼ିଲେ ଚାଇନାର ୟୁଆନ୍ ୱାଙ୍ଗ୍ ୫ରେ ଥିବା ସେନ୍‌ସର ତାହାକୁ ଠାବ କରିବାରେ ସକ୍ଷମ ହେବ ବୋଲି କୁହାଯାଉଛି। ସେଥିପାଇଁ ଶ୍ରୀଲଙ୍କାକୁ ଭାରତ ସତର୍କ କରାଇ ଦେଇଥିଲା। ଏପରି କି ଆମେରିକା ମଧ୍ୟ ଚାଇନାର ଏଭଳି ପଦକ୍ଷେପକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲା। ହେଲେ ଚାଇନା କହିଛି ଯେ, ଏହି ଜାହାଜ ସାମୁଦ୍ରିକ ବୈଜ୍ଞାନିକ ଗବେଷଣା ଲାଗି ଉଦ୍ଦିଷ୍ଟ। କିନ୍ତୁ ସାଧାରଣରେ ଚାଇନାର ଏହି ଧରଣର ଜାହାଜ ଉପଗ୍ରହ ଠାବ ଓ ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ଗତିବିଧି ଲକ୍ଷ୍ୟ କରିବା ଲାଗି ପିପୁଲ୍ସ ଲିବରେଶନ ଆର୍ମି ଷ୍ଟ୍ରାଟେଜିକ୍ ସପୋର୍ଟ ଫୋର୍ସ ଦ୍ୱାରା ବ୍ୟବହୃତ ହୋଇଥାଏ। ଏଥିରୁ ସହଜରେ ବୁଝି ହେଉଛି ଯେ, ଶ୍ରୀଲଙ୍କା ସମର୍ଥନରେ ଚାଇନା ଜାଣିଶୁଣି ଏହାକୁ ଭାରତ ମହାସାଗରରେ ବୁଲେଇବାର ଯୋଜନା କରିଛି। ଅନ୍ତର୍ଜାତୀୟ ସମୁଦାୟକୁ ପରୋକ୍ଷରେ କହିଛି ଯେ, 'ୟୁଆନ୍ ୱାଙ୍ଗ୍ ୫' ସାମୁଦ୍ରିକ ବୈଜ୍ଞାନିକ ଗବେଷଣା ଲାଗି ମୁତୟନ କରୁଛି।

ଏହି ବିବାଦର ପୃଷ୍ଠଭୂମିକୁ ଦେଖିଲେ ଶ୍ରୀଲଙ୍କାର ହମ୍ବନ୍‌ଟୋଟା ବନ୍ଦରରେ ଚାଇନାର ଏହି ଜାହାଜ ୧୧ ଅଗଷ୍ଟରେ ପହଞ୍ଚିବାର ଥିଲା। ଏହା ପୂର୍ବରୁ ଭାରତ ତା'ର ଉଦ୍‌ବେଗ ଶ୍ରୀଲଙ୍କା ରାଷ୍ଟ୍ରପତି ରନିଲ୍ ବିକ୍ରମସିଂଘେଙ୍କୁ ଜଣାଇ ଦେଇଥିଲା।



ବୃହତ୍ ବିକଶିତ ରାଷ୍ଟ୍ରଙ୍କ କଥା ଦୂରେ ଥାଉ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହେଉଥିବା ଶ୍ରୀଲଙ୍କା ମଧ୍ୟ ଭାରତକୁ ଖାତିର କଲା ନାହିଁ। ଦେଶ ଭିତରେ ବଡ଼ ପାଟିରେ ଚିଲେଇ ନିଜ ପିଠି ଥାପୁଡ଼େଇବା ଭିତରେ ଆମ କାର୍ଯ୍ୟ ସୀମିତ ରହିଯାଉଛି।

ଏଥିସହିତ ନିକଟରେ କାମ୍ବୋଡିଆ ରାଜଧାନୀ ଫେନୋମ୍ ଫେନ୍‌ଠାରେ ଅନୁଷ୍ଠିତ ଆସିଆନ୍ ସମ୍ମିଳନୀ ଅବସରରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ଶ୍ରୀଲଙ୍କା ବୈଦେଶିକ ମନ୍ତ୍ରୀ ଅଲି ସାବ୍ରିଙ୍କ ମଧ୍ୟରେ ଉପରୋକ୍ତ ବିଷୟ ନେଇ ଆଲୋଚନା ହୋଇଥିଲା। ସେହି ସମୟରେ ଶ୍ରୀଲଙ୍କାର ଆର୍ଥିକ ପୁନରୁଦ୍ଧାର ଲାଗି ଭାରତ ସବୁ ପ୍ରକାର ସାହାଯ୍ୟ କରିବ ବୋଲି ଜୟଶଙ୍କର ପ୍ରତିଶ୍ରୁତି ଦେଇଥିଲେ। କେବଳ ସେତିକି ନୁହେଁ, ଶ୍ରୀଲଙ୍କାରେ ରାଜନୈତିକ ଅରାଜକତା ଓ ଅର୍ଥନୈତିକ ଦୁଃସ୍ଥିତି ଦେଖି ଭାରତ ମଧ୍ୟ ଅନେକ ସହାୟତା ଯୋଗାଇଛି। ଏତେ ସତ୍ତ୍ୱେ ଚାଇନା ଜାହାଜକୁ ଶ୍ରୀଲଙ୍କା ଅନୁମତି ଦେବା ବିଷୟକୁ ଚିନ୍ତା କଲେ ନୂଆଦିଲ୍ଲୀ ଅପେକ୍ଷା ବେଜିଂ ଆଡ଼କୁ କଲମ୍ବୋ ଅଧିକ ଢଳି ରହିଛି। ଏହାର ମୁଖ୍ୟ କାରଣ ହୋଇପାରେ ଯେ, ଭାରତ ତା'ର ପଡ଼ୋଶୀ ଦେଶଗୁଡ଼ିକ ସହ କୂଟନୈତିକ ସମ୍ପର୍କ ସୁଦୃଢ଼ କରିବାରେ ବିଫଳ ହୋଇଛି। ଅନ୍ୟପକ୍ଷରେ ସମ୍ଭବତଃ ଶ୍ରୀଲଙ୍କା ଭାବି ନେଇଛି ଯେ, ଚାଇନାଠାରୁ ଆଣିଥିବା ଋଣ ହ୍ରାସ କରିବା ଦିଗରେ ୟୁଆନ୍ ୱାଙ୍ଗ୍ ୫ ଜାହାଜ ହମ୍ବନ୍‌ଟୋଟାରେ ପହଞ୍ଚିବା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା। ଉଲ୍ଲେଖଯୋଗ୍ୟ ଯେ, ହମ୍ବନ୍‌ଟୋଟା ବନ୍ଦରକୁ ଚାଇନା ୯୯ ବର୍ଷିଆ ଲିଜ୍‌ରେ ନେଇଯାଇଛି।

'ପଡ଼ୋଶୀ ପ୍ରଥମ' କହି ଜୟଶଙ୍କର ଯେତେ ପ୍ରକାର କଥା କହୁଥିଲେ ମଧ୍ୟ ଶ୍ରୀଲଙ୍କା ପକ୍ଷରୁ ସହଯୋଗ ନ ମିଳିବା ସୂଚାଇ ଦେଉଛି ଯେ ଭାରତର ବୈଦେଶିକ ନୀତି ବିଫଳ ହୋଇଛି। ବୃହତ୍ ବିକଶିତ ରାଷ୍ଟ୍ରଙ୍କ କଥା ଦୂରେ ଥାଉ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହେଉଥିବା ଶ୍ରୀଲଙ୍କା ମଧ୍ୟ ଭାରତକୁ ଖାତିର କଲା ନାହିଁ। ଦେଶ ଭିତରେ ବଡ଼ ପାଟିରେ ଚିଲେଇ ନିଜ ପିଠି ଥାପୁଡ଼େଇବା ଭିତରେ ଆମ କାର୍ଯ୍ୟ ସୀମିତ ରହିଯାଉଛି।

# ଜଙ୍ଗଲ ଅଧିକାର ଆଇନ ବନବାସୀ ବିରୋଧୀ



କିଶୋର ଜେନା

କେନ୍ଦ୍ର ସରକାର ଜଙ୍ଗଲ ସଂରକ୍ଷଣ ଆଇନର ନିୟମ ବିଧିରେ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ସେହି ଲକ୍ଷ୍ୟରେ ମୋଦି ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ଜଙ୍ଗଲ ସଂରକ୍ଷଣ ଆଇନ ପରିସରରେ ନୂଆ ନିୟମ ବିଧିର ବିଜ୍ଞପ୍ତି ଜାରି କରିଛି: ଫରେଷ୍ଟ କନ୍‌ଭରସନ ରୁଲ୍‌ସ, ୨୦୨୨। ନୂତନ ନିୟମରେ ଜଙ୍ଗଲ ଭୂମିର ଅଞ୍ଚଳ ଅନ୍ୟ କାର୍ଯ୍ୟରେ ବ୍ୟବହାର ପାଇଁ ଆଉ ଜଙ୍ଗଲବାସୀଙ୍କର ସମ୍ମତି ବା ଅନୁମତିର କୌଣସି ପ୍ରୟୋଜନ ପଡ଼ିବ ନାହିଁ। ଜଙ୍ଗଲର ଅଧିକାର ଆଇନରେ ବନାଞ୍ଚଳ ବାସିନ୍ଦାଙ୍କ ହାତରେ ଯେଉଁ ଅଧିକାର ଦିଆଯାଇଥିଲା ଏହାଫଳରେ ତାହା ଖାରଜ ହୋଇଯିବ। ସରକାର ଯାହାକୁ ଇଚ୍ଛା ତାହା ହାତରେ ଟେକି ଦେଇ ପାରିବେ ଜଙ୍ଗଲ ଜମି। କେନ୍ଦ୍ରୀୟ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହି ଆଇନ ପରିବର୍ତ୍ତନ ନେଇ ବ୍ୟବସ୍ଥା ଗ୍ରହଣ କରାଯାଉଛି। ସେହି ପରିବର୍ତ୍ତନର ଲକ୍ଷ୍ୟ ହେଉଛି, ଜଙ୍ଗଲ ଅଞ୍ଚଳକୁ କେତେ ସହଜ ପଦ୍ଧତିରେ ଅନ୍ୟ କାର୍ଯ୍ୟ ପାଇଁ ପରିବର୍ତ୍ତିତ କରାଯାଇପାରିବ।

'ଫରେଷ୍ଟ କନଭର୍ସନ ରୁଲ୍‌ସ' ୨୦୨୨ ଲୋକ ସଭା ଓ ରାଜ୍ୟ ସଭାରେ ଆଗତ ହେବାର ଅଛି। ଏବେ ଯଦି ଲୋକ ସଭା ଓ ରାଜ୍ୟ ସଭାର ସାଂସଦମାନେ ଏହି ବେଆଇନ ବିଷୟଟିକୁ ଅନୁମୋଦନ କରିଦେବେ, ତା'ହେଲେ ଜଙ୍ଗଲ ଏବଂ ଏହାର ବାସିନ୍ଦାଙ୍କର ସର୍ବନାଶ ହୋଇଯିବ। ଲୋକ ସଭା ଓ ରାଜ୍ୟ ସଭାରେ ସାମ୍ପ୍ରତିକ ସମୟରେ ଯେଉଁ ଚିତ୍ର ଦେଖାଯାଉଛି, ସେଥିରେ କୁହାଯାଇପାରିବ ଗୁରୁତ୍ୱ ଦେଇ ଏହିଭଳି ଏକ ସମ୍ବେଦନଶୀଳ ବିଷୟରେ ଆଲୋଚନାର କୌଣସି ସୁଯୋଗ ନାହିଁ। ଉକ୍ତ ଅଧିବେଶନ ମଧ୍ୟରେ ଦ୍ରୁତତାର ସହ ଏହି ବିଲ୍ ସଂସଦରେ ସରକାର ପାରିତ କରୁଛନ୍ତି କି ନାହିଁ ଦେଖିବାର ବିଷୟ। ଜଙ୍ଗଲ ଆଇନ ପରିବର୍ତ୍ତନ ବିଧିନିୟମ ବଦଳ କରାଗଲେ, ତାହା ହେବ ଜଙ୍ଗଲର ବାସିନ୍ଦା ବିଶେଷତଃ ଆଦିବାସୀମାନଙ୍କୁ ଉତ୍‌ଖାତ କରିବାର ପଥକୁ ସହଜ କରିବା। ଭାଜପା ଆଦିବାସୀଙ୍କୁ ସମୂଳେ ଉଚ୍ଛେଦ କରିବାର ରାସ୍ତା ପରିଷ୍କାର କରୁଛି।

ବର୍ଷ ବର୍ଷ ଧରି ଦେଶର ଅରଣ୍ୟାଞ୍ଚଳକୁ ଶିଳ୍ପପତିମାନଙ୍କ ହାତକୁ ଅବାରିତ ଭାବେ ଟେକି ଦିଆଯାଉଛି। ଏହି କ୍ଷେତ୍ରରେ ସରକାର ସାମାନ୍ୟତମ ସମୀକ୍ଷା କରନ୍ତିନି କି ପରିବେଶ ଅଦାଲତର ଅନୁମୋଦନକୁ ଖାତିର କରନ୍ତିନି। ମଝିରେ ମଝିରେ ଏଭଳି ସବୁକିଛି ବିଧିନିୟମ ମାନିବାର ଚେଷ୍ଟା କରାଯାଏ, ଯେଉଁଗୁଡ଼ିକ ସମ୍ପୂର୍ଣ୍ଣ ଆଇନର ଜଟିଳତା ଏଡ଼ାଇବା ପାଇଁ। ଏବେ ସେହି ଆଇନର ଜଟିଳତାରେ ଯେପରି ଆଉ କୌଣସି ବାଧା ହୋଇ ନ ପାରିବ, ସେଥିପାଇଁ ସରକାର ଆଇନକୁ ପରିବର୍ତ୍ତନ କରି ନିଜର ସୁବିଧା ଭଳି କରିବାକୁ ଯାଉଛନ୍ତି। ଏତେଦିନ ଜଙ୍ଗଲ ଭୂମି ଅଞ୍ଚଳର ବାସିନ୍ଦାମାନଙ୍କୁ ନ ଜଣାଇ ବା ଅନୁମତି ନ ନେଇ ସେହି ଜମି ଶିଳ୍ପପତିଙ୍କ ହାତରେ ଟେକି ଦିଆଯାଇ ପାରୁ ନ ଥିଲା। ଫଳରେ ସରକାରଙ୍କ ପ୍ରିୟ କର୍ପୋରେଟ୍‌ମାନଙ୍କ ହାତରେ ଜମି ହସ୍ତାନ୍ତର ଏକ ସମସ୍ୟା ଥିଲା। ଏବେ ସେହି ସମସ୍ୟାକୁ ଏଡ଼ାଇଯିବାକୁ କେନ୍ଦ୍ର ସରକାର ଚାହୁଁଛନ୍ତି, ଯାହାଫଳରେ ଆଉ କୌଣସି ବାଧା ରହିବ ନାହିଁ। ଅଥଚ ଆଦିବାସୀ ମନ୍ତ୍ରଣାଳୟ ଏହି କ୍ଷେତ୍ରରେ ଜଣାଇଥିଲା ଯେ, ଅରଣ୍ୟଭୂମି ଅଞ୍ଚଳ ଲୋକମାନଙ୍କର ଅନୁମତି ନେବାର ବିଧିମାଳାରେ ପରିବର୍ତ୍ତନ କରାଯିବ ନାହିଁ। ଗ୍ରାମସଭା ମାଧ୍ୟମରେ ଏହି ଅନୁମତି ଦେବାର ପ୍ରକ୍ରିୟା ରହିବ। କିନ୍ତୁ ବାସ୍ତବରେ ଉକ୍ତ ପଦ୍ଧତିକୁ ବାଦ୍ ଦିଆଯାଉଛି ଏହି ନୂଆ ବିଧିମାଳାରେ।



୨୦୦୯ ଅଗଷ୍ଟ ୩ରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଏକ ସର୍କୁଲାରରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି, ବନାଞ୍ଚଳର ଜମି ନେବା କ୍ଷେତ୍ରରେ ମୂଳ ଅନୁମୋଦନ ପାଇଁ ଗ୍ରାମସଭାର ସମ୍ମତିପତ୍ର ଆବଶ୍ୟକ। ୨୦୧୭ରେ ଏହି ବିଷୟଟିକୁ ଉଠାଇ ଦିଆଯାଇଥିଲା ମୋଦି ସରକାରଙ୍କ ଦ୍ୱାରା। କିନ୍ତୁ ଗ୍ରାମସଭାର ଅନୁମୋଦନର ଆବଶ୍ୟକତାର ଅଂଶ ଅନ୍ତତଃ ରଖାଯାଇଥିଲା। କିନ୍ତୁ ଏବେ ପରିବର୍ତ୍ତନ କରାଯାଉଥିବା ସଂଶୋଧିତ ବିଧିରେ ଗ୍ରାମସଭା ସହ ଆଦିବାସୀ ଏବଂ ଦୀର୍ଘଦିନ ଧରି ବନାଞ୍ଚଳବାସୀଙ୍କ ଅଧିକାରକୁ ସମ୍ପୂର୍ଣ୍ଣ ଭାବେ ଉଠାଇ ଦିଆଯାଉଛି। ବର୍ତ୍ତମାନ ଯେଉଁ ପରିବର୍ତ୍ତନର ନିୟମ ବିଧି ଆସୁଛି ସେଥିରେ କୁହାଯାଇଛି, ''ଜମିର ପ୍ରଧାନ ଅନୁମୋଦନ କ୍ଷେତ୍ରରେ ରାଜ୍ୟ ସରକାରଙ୍କୁ ଅବଶ୍ୟ ବିବେଚନା କରି ଦେଖିବାକୁ ହେବ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ବନାଞ୍ଚଳ, ବନ୍ୟ ପ୍ରାଣୀ ଏବଂ ପରିବେଶ ଉପରେ କୌଣସି ପ୍ରଭାବ ପଡୁଛି କି ନାହିଁ।'' କିନ୍ତୁ ଏଠାରେ କୌଣସିଠାରେ ଆଦିବାସୀଙ୍କ ଭଲମନ୍ଦର ଉଲ୍ଲେଖ ନାହିଁ। କୌଣସି ପର୍ଯ୍ୟାୟରେ ଆଦିବାସୀ ବା ଅନ୍ୟାନ୍ୟ ବନାଞ୍ଚଳ ଅଧିବାସୀଙ୍କ ହଁ ବା ନାଁ କହିବାର ଅଧିକାର ପ୍ରଶ୍ନରେ କିଛି କୁହାଯାଇ ନାହିଁ। ସର୍ବୋପରି ଦେଖାଯାଏ, କେନ୍ଦ୍ର ସରକାର ହିଁ ଚୂଡ଼ାନ୍ତ ଅନୁମୋଦନ ଦେବେ ଏବଂ କ୍ଷତିପୂରଣ ସୂଚକ ବନ ସୃଜନର ପାଉଣା ମଧ୍ୟ ନେଇନେବେ। ଆଉ ରାଜ୍ୟ ସରକାରଙ୍କ ପାଖକୁ ପଠାଇଦେବେ। କିନ୍ତୁ ଏହି ପର୍ବରେ ଆଦିବାସୀ ଅଧିକାର ସୁନିଶ୍ଚିତ କରିବାର କୌଣସି ଦାୟବଦ୍ଧତା କେନ୍ଦ୍ର ସରକାରଙ୍କର ରହିବ ନାହିଁ। ଅର୍ଥାତ୍ ଆଦିବାସୀଙ୍କର ଜମି ନିଆଗଲେ ମଧ୍ୟ ସେମାନେ କୌଣସି କ୍ଷତିପୂରଣ ବା ପୁନର୍ବାସନ ପାଇବେ ନାହିଁ। ଏହି କ୍ଷେତ୍ରରେ କେନ୍ଦ୍ରର ମୋଦି ସରକାର ମଧ୍ୟ ସମ୍ବିଧାନକୁ ଲଙ୍ଘନ କରିବାକୁ ଯାଉଛନ୍ତି। ଯଦିଓ ଗ୍ରାମସଭାର ସମ୍ମତି ଏହି ଶବ୍ଦାବଳୀ ଦିଆଯାଇଛି ନୂଆ ନିୟମ ବିଧିରେ, କିନ୍ତୁ ପେସା ଆଇନର ପଞ୍ଚମ ଓ ଷଷ୍ଠ ତଫସିଲକୁ ସଂଶୋଧିତ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଏବଂ ଅତି ଗୁରୁତ୍ୱପୂର୍ଣ୍ଣ ବନାଞ୍ଚଳ ଅଧିକାର ଆଇନକୁ ଲଙ୍ଘନ କରାଯାଉଛି। ଏପରିକି ୨୦୧୩ରେ ନିୟମଗିରି ଖଣି ମାମଲାରେ ସୁପ୍ରିମକୋର୍ଟର ରାୟର ବିରୁଦ୍ଧାଚରଣ କରାଯାଇଛି ଏହା ମାଧ୍ୟମରେ। ସଂଶୋଧିତ ହେବାକୁ ଯାଉଥିବା ନିୟମବିଧିରେ କେଉଁଠି ହେଲେ ବନାଞ୍ଚଳ ସଂଲଗ୍ନ ଅଞ୍ଚଳର ବସବାସକାରୀ ପ୍ରାୟ ୧୦ କୋଟି ଆଦିବାସୀଙ୍କର କ'ଣ ହେବ ଓ ସେମାନଙ୍କ ଅଧିକାର ସମ୍ପର୍କରେ କୌଣସି ଉଲ୍ଲେଖ ନାହିଁ। ଯେଉଁମାନେ ଏହି ଜମି ହସ୍ତାନ୍ତରରେ କ୍ଷତିଗ୍ରସ୍ତ ହେବେ, ସେମାନେ କ୍ଷତିପୂରଣ ପାଇବେ ନାହିଁ। ଯେଉଁ ଜମିହୀନଙ୍କ ମଧ୍ୟରେ ବିତରଣ କରାଯିବା ଉଚିତ ତାହା କର୍ପୋରେଟ୍‌ଙ୍କ ହାତକୁ ଚାଲିଯିବ।

ଦେଶର ଆଦିବାସୀ ଓ ବନବାସୀମାନେ ଏବେ ମଧ୍ୟ ଆର୍ଥିକ–ସାମାଜିକ ଓ ଶିକ୍ଷା ସମସ୍ତ ଦିଗରୁ ପଛୁଆ। ଏଣୁ ସରକାର ଓ ସମାଜର ପ୍ରତିପତ୍ତିଶାଳୀଙ୍କ ଶୋଷଣ ସେମାନଙ୍କ ଆଗରେ ସ୍ପଷ୍ଟ ଭାବେ ଧରାପଡ଼େ ନାହିଁ। ପୁଣି ଯୁଗଯୁଗ ଧରି ପ୍ରଜନ୍ମ ପରେ ପ୍ରଜନ୍ମ ବନଭୂମି ଅଞ୍ଚଳରେ ଥିଲେ ମଧ୍ୟ ବେଶିଭାଗଙ୍କ ପାଖରେ କୌଣସି ଧରଣର ଜମିଜମା ସଂକ୍ରାନ୍ତ କାଗଜପତ୍ର ନାହିଁ। ଯେଉଁ ଅଳ୍ପ କେତେକଙ୍କ ପାଖରେ ଅଛି, ସେମାନଙ୍କ ପାଖରେ ମଧ୍ୟ ତାହା ଠିକ୍ ଭାବେ ନାହିଁ। ଏହି ଅବସ୍ଥାରେ ସରକାର ନୂଆକରି ବିଧି ନିୟମ କରି ସେମାନଙ୍କୁ ବନାଞ୍ଚଳରୁ ହଟାଇ ଦେବା ଭଳି ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛନ୍ତି ବର୍ତ୍ତମାନର କେନ୍ଦ୍ର ସରକାର। ଅଥଚ ବନାଞ୍ଚଳରୁ ଏମାନଙ୍କୁ ହଟାଇଦେଲେ, ସେମାନଙ୍କର ଅବସ୍ଥା କ'ଣ ହେବ, ସେ ସମ୍ପର୍କରେ ଗୁରୁତ୍ୱ ଦେବାର କୌଣସି ପ୍ରୟୋଜନୀୟତା ସରକାର ମନେ କରୁନାହାନ୍ତି। ଅଥଚ ଏହି ଆଦିବାସୀ ଜନତା ଜୀବନକୁ ବାଜି ଲଗେଇ ଜଙ୍ଗଲକୁ ରକ୍ଷାକରି ଆସିଛନ୍ତି। ସେମାନଙ୍କ ଯୋଗୁ ଜୀବବୈଚିତ୍ର୍ୟ ଅନେକ ସ୍ଥାନରେ ସୁରକ୍ଷିତ ରହିପାରିଛି।

୨୦୦୬ରେ ଜଙ୍ଗଲ ଅଧିକାର ଆଇନ ମାଧ୍ୟମରେ ଦେଶର ବନାଞ୍ଚଳରେ ବସବାସକରୁଥିବା ଲୋକେ, ବିଶେଷକରି ଆଦିବାସୀଙ୍କ ସହ ଯୁଗ ଯୁଗ ଧରି ଚାଲିଆସିଥିବା ଅନ୍ୟାୟ, ଶୋଷଣ ଓ ଅତ୍ୟାଚାର ବରୋଧରେ ଏକ ସଦର୍ଥକ ପଦକ୍ଷେପ ନିଆଯାଇଥିଲା। ଜଙ୍ଗଲରେ ଶିକାର କରିବା ଛଡ଼ା ବନାଞ୍ଚଳରେ ବସବାସ କରୁଥିବା ବାସିନ୍ଦାଙ୍କ ହାତରେ ଜଙ୍ଗଲ ଅଞ୍ଚଳର ଅଧିକାର ଦିଆଯାଇଥିଲା। କେନ୍ଦ୍ରରେ ମୋଦି ସରକାର ଆସିବା ପରଠାରୁ ଗୋଟିଏ ପରେ ଗୋଟିଏ ଅଧିକାରକୁ ବିଭିନ୍ନ ଆଳରେ ଛଡ଼ାଇ ନେବାକୁ ବ୍ୟସ୍ତ। ଏଥର 'ଫରେଷ୍ଟ କନଭର୍ସନ ରୁଲ୍‌ସ' ୨୦୨୨ ମାଧ୍ୟମରେ ଏହାକୁ ନିଶ୍ଚିତ କରିବା ଦିଗରେ ଆଗେଇ ଆସିଛନ୍ତି।

**ଉତ୍କଳମଣି ମାର୍ଗ,**
**ଅପର୍ଣ୍ଣାନଗର,ଚାଉଳିଆଗଞ୍ଜ,**
**କଟକ, ମୋ: ୯୪୩୭୩୮୪୮୬୭**

# ବୟସ୍କଙ୍କୁ ହତାଦର କାହିଁକି



ଇବ୍ରାର ଖାଁ

ସମାଜରେ ପ୍ରତିଦିନ କିଛି ନା କିଛି ଘଟଣା, ଦୁର୍ଘଟଣା ସଂଘଟିତ ହେଉଛି। ସେହିସବୁ ଘଟଣା ମଧ୍ୟରେ ଚିନ୍ତାଜନକ ହେଉଛି ବୟସ୍କମାନଙ୍କ ପ୍ରତି ବଢ଼ିଚାଲିଥିବା ହତାଦର। ଯେକୌଣସି ମଣିଷ ସେ ଗରିବ ହେଉ କିମ୍ବା ଧନୀ, ଜୀବନରେ ବାଲ୍ୟ, କୈଶୋର, ଯୌବନ ଅବସ୍ଥାକୁ ଅତିକ୍ରମକରି ଯେତେବେଳେ ବୃଦ୍ଧାବସ୍ଥାରେ ଉପନୀତ ହୁଏ ସେତେବେଳେ ସେ ଅନ୍ୟମାନଙ୍କଠାରୁ ସାହାଯ୍ୟ, ସହଯୋଗ, ସହାନୁଭୂତି, ସ୍ନେହ, ଶ୍ରଦ୍ଧା, ସେବା, ଯତ୍ନ ପାଇବାର ଅଭିଳାଷ ପୋଷଣ କରିଥାଏ। କାରଣ ସେ ଦୃଢ଼ ନିଶ୍ଚିତ ଥାଏ, ଯେଉଁମାନଙ୍କୁ ପାଳି ପୋଷି ମଣିଷ ପରି ଗଢ଼ିବା ପାଇଁ ସମସ୍ତ ଶକ୍ତି, ସାମର୍ଥ୍ୟକୁ ନିଶେଷ କରିଦେଇଛି ସେମାନେ କେବେହେଲେ ତାକୁ ଅବହେଳା କିମ୍ବା ହତାଦର କରିବେ ନାହିଁ। ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀମାନଙ୍କ ଗହଣରେ ତା'ର ଅବଶିଷ୍ଟ ଜୀବନ ସୁଖ, ଶାନ୍ତିରେ କଟିଯିବ। କିନ୍ତୁ ବୃଦ୍ଧାବସ୍ଥାରେ ନିଜ ରକ୍ତ ସମ୍ପର୍କୀୟମାନଙ୍କଠାରୁ ଯେତେବେଳେ ହତାଦରର ଶିକାର ହୁଏ ତା' ଜୀବନର ସବୁ ସ୍ୱପ୍ନ କ୍ଷଣିକରେ ଚୂର୍‌ମାର ହୋଇଯାଏ ଏବଂ ଶେଷରେ ସେ ନିଜ ଅନ୍ତର୍ଦାହରେ ଜଳି ଜଳି ଜିଅନ୍ତା ଶବରେ ପରିଣତ ହୁଏ। ଏହାହିଁ ଆଜି ପାରିବାରିକ ଜୀବନରେ ବୟସ୍କମାନଙ୍କ ଦୁର୍ଗତିର ବାସ୍ତବ ଚିତ୍ର ।

ଆବହମାନ କାଳରୁ ସମାଜରେ ଯୌଥ ପରିବାରର ପ୍ରଚଳନ ଥିଲା। ପରିବାର ଭିତରେ ସମସ୍ତେ ସମସ୍ତଙ୍କ ସୁଖଦୁଃଖର ସହଭାଗୀ ହେବା ସହ ଗୋଟିଏ ମନ ଆଉ ଏକ ପ୍ରାଣ ହୋଇ ଚଳୁଥିବାରୁ ପାରିବାରିକ ଜୀବନରେ ସୁଖ, ଶାନ୍ତି, ସଦ୍‌ଭାବନା ଉଦ୍ରେକ ହେବା ସହିତ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, ଦୟା, ପ୍ରେମ, ଭକ୍ତି ଓ ଅନୁରକ୍ତି ଭଳି ମାନବୀୟ ଗୁଣସବୁ ପରିସ୍ଫୁଟ ହେଉଥିଲା। ଘରର ପ୍ରତ୍ୟେକ ସଦସ୍ୟ ନିଷ୍କାମ ଭାବନାରେ ଅଭିମନ୍ତ୍ରିତ ହୋଇ ପରିବାର ପ୍ରତି ସମର୍ପିତ ରହୁଥିବାରୁ ଯୌଥ ପରିବାରରେ ଆନନ୍ଦ ଅନୁଭୂତ ହେଉଥିଲା। ଭୌତିକ ସୁଖ ପଛରେ ଧାଉଁଥିବା ଆଜିର ମଣିଷ ସ୍ୱାର୍ଥସିଦ୍ଧି ପାଇଁ କ୍ରମେ ପରିବାରଠାରୁ ଦୂରେଇ ଯାଉଥିବାରୁ ଯୌଥ ପରିବାରଗୁଡ଼ିକର ଅସ୍ତିତ୍ୱ ଲୋପପାଇବାକୁ ବସିଲାଣି । ତେବେ ଅଣୁ ପରିବାର ଭିତରେ ସଙ୍କୁଚିତ ହୋଇ ରହିଯାଉଥିବା ମଣିଷ ଛଳନାତ୍ମକ ଜୀବନଶୈଳୀକୁ ଆବୋରି ନେଉଥିବାରୁ ସାମାଜିକ ଜୀବନରେ ଯେଉଁ ସଂଘାତ ସୃଷ୍ଟି ହେଉଛି ତାହାହିଁ ଗୁରୁଜନମାନେ ଉପେକ୍ଷିତ ହେବାର ମୂଳକାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ।

ମାତାପିତା ସଂସାରର ସବୁଠାରୁ ମହାର୍ଘ୍ୟ ବ୍ୟକ୍ତିତ୍ୱ। କୁହାଯାଏ ମା'ବାପାଙ୍କ ପାଦତଳେ ସ୍ୱର୍ଗ ରହିଛି। ମାତାପିତାଙ୍କୁ ଭକ୍ତି ସହକାରେ ସେମାନଙ୍କ ସେବାଯତ୍ନ କଲେ ସନ୍ତାନମାନଙ୍କ ଜୀବନ ସାର୍ଥକ ହୁଏ। ସନ୍ତାନର ମଙ୍ଗଳ ପାଇଁ ସବୁ କିଛିକୁ ତ୍ୟାଗ କରିବାର ଦୃଢ଼ ସଂକଳ୍ପ କେବଳ ମାତାପିତାମାନେ ହିଁ ନେଇପାରନ୍ତି। ରୋଗବୈରାଗ ହେଉ କିମ୍ବା ଦୁଃଖ ଯନ୍ତ୍ରଣାରେ ଜର୍ଜରିତ ପିଲାର ବ୍ୟାକୁଳତା ମାତାପିତାଙ୍କ ହୃଦୟରେ ଯେଉଁ ବେଦନାର ଉଦ୍‌ବେଳନ ସୃଷ୍ଟିକରେ ତାହା ଭାଷାରେ ବ୍ୟକ୍ତ କରାଯାଇ ନ ପାରେ। ସନ୍ତାନମାନଙ୍କ ସୁଖରେ ହିଁ ସେମାନଙ୍କ ସୁଖ ନିହିତ ଥାଏ। ଭୋକ ଉପାସରେ ରହି ପେଟ ପିଠିରୁ କାଟି ପିଲାର ଭବିଷ୍ୟତ ଜୀବନକୁ ଉଜ୍ଜ୍ୱଳମୟ କରି ଗଢ଼ି ତୋଳିବାକୁ ପ୍ରତ୍ୟେକ ମାତାପିତା ଜୀବନର ଏକମାତ୍ର ମୂଳଲକ୍ଷ୍ୟ ରୂପେ ବିବେଚନା କରିଥାନ୍ତି। ଯେଉଁମାନେ ମାତାପିତାଙ୍କ ସେବା ଯତ୍ନକୁ ପରମଧର୍ମ ଓ ମହାନ୍ କର୍ତ୍ତବ୍ୟ ବୋଲି ବିବେଚନା କରନ୍ତି ସେମାନଙ୍କର ଇହକାଳ ଏବଂ ପରକାଳ ଉଭୟ ସାର୍ଥକ ହୋଇଥାଏ। ଏହା ପ୍ରତ୍ୟେକ ଧର୍ମର ଧର୍ମଗ୍ରନ୍ଥଗୁଡ଼ିକରେ ଉଲ୍ଲେଖ କରାଯାଇଛି।



ଆଜି ସମାଜରେ ଘଟୁଛି କ'ଣ? ପାଠ ପଢ଼ି ରୋଜଗାରକ୍ଷମ ହୋଇଥିବା ଅନେକ ପୁଅଙ୍କର ମା, ବାପାଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିଯାଉଛି। ବାହାହେଲା ପରେ ମାତା ଓ ପିତା ସେମାନଙ୍କୁ ବୋଝ ସଦୃଶ ପ୍ରତୀୟମାନ ହେଉଛନ୍ତି। ନିଜ ସୁଖ, ସ୍ୱାଚ୍ଛନ୍ଦ୍ୟ ପାଇଁ ମାତାପିତାଙ୍କଠାରୁ ଦୂରେଇଯାଇ ସହରୀ ଜୀବନକୁ ଆପଣେଇ ନେଉଛନ୍ତି। ଗାଁ ଭିଟାମାଟିରେ ପଡ଼ିରହିଥିବା ବାପାମା' ତଥାପି ସେମାନଙ୍କର ଶୁଭ ମନାସିବାରେ କେବେ କାର୍ପଣ୍ୟ କରନ୍ତି ନାହିଁ। ଲୋକଦେଖାଣିଆକୁ ସେବା ଯତ୍ନର ଦ୍ୱାହିଦେଇ ବୃଦ୍ଧ ମାତାପିତାଙ୍କୁ ନିଜ ପାଖରେ ସହରରେ ରଖିଲେ ମଧ୍ୟ ସେମାନଙ୍କର ସକଳ ସୁଖ ଧୀରେ ଧୀରେ ମଉଳିଯାଏ। ଘରର ଯାବତୀୟ କାର୍ଯ୍ୟ ସେହି ବୃଦ୍ଧ ଦମ୍ପତିଙ୍କୁ କରିବାକୁ ପଡୁଥିଲେ ମଧ୍ୟ ପ୍ରତିବାଦ କରିବା ତ ଦୂରର କଥା ସେମାନେ ଭଲରେ ଦୁଇପଦ କଥା ହେବାର ଅଧିକାର ପାଆନ୍ତି ନାହିଁ। ବୃଦ୍ଧ ଦମ୍ପତିଙ୍କ ମଧ୍ୟରୁ ଜଣେ ଯଦି ଆରପାରିକୁ ଚାଲିଯାଏ ତେବେ ଆଉ ଜଣକ ଜୀବନ ଆହୁରି ଦୁର୍ବିଷହ ହୋଇଉଠେ। ପୁଅ ସବୁ ଦେଖି ସବୁ ଜାଣି ମଧ୍ୟ ନିଜ ଧର୍ମପତ୍ନୀକୁ ଆକଟ କରିବା ପରିବର୍ତ୍ତେ ଓଲଟା ଅଭିଯୋଗ କରେ ତୁମ ପାଇଁ ଘରେ ସବୁବେଳେ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେଉଛି। ସୋସାଇଟିରେ ଆମର ତ ପୁଣି ମାନ ସମ୍ମାନ ଅଛି। ଅଜାଗା ଘା' କାହାକୁ ଦେଖେଇ ହୁଏନି କି ଦେଖି ହୁଏନି ପରି ଅବସ୍ଥାରେ ପଡ଼ି କେବଳ ହନ୍ତସନ୍ତ ହେବା ଛଡ଼ା ଆଉ କିଛି କରିବାର ଉପାୟ ନ ଥାଏ। ତଥାପି ପୁଅର କାଳେ ଅମଙ୍ଗଳ ହେବ ସେଥିପାଇଁ ମାତାପିତାଙ୍କ ମୁହଁରୁ କେବେ କୌଣସି ଅପଶବ୍ଦ ଉଚ୍ଚାରିତ ହୋଇ ନ ଥାଏ। ରୋଜଗାରିଆ ପାଠୁଆ ପୁଅ ଏଡ଼େ ଅବିବେକୀ ହୋଇଯାଉଛି କେମିତି? ପିଲାମାନଙ୍କ ପ୍ରତିପୋଷଣରେ ମା'ବାପାଙ୍କର ଭୁଲ୍ ରହିଲା କେଉଁଠି? ଏହିପରି ଅନେକ ଅସମାହିତ ପ୍ରଶ୍ନର ଉତ୍ତର କର୍ମସଂସ୍ଥାନରେ ନିୟୋଜିତ ଯୁବପିଢ଼ିଠାରୁ ପାଇବାକୁ ଆଜିର ସମାଜ ଅପେକ୍ଷା ରଖେ।

ରୋଜଗାରକ୍ଷମ ଶିକ୍ଷିତ ମଣିଷ ଆଜି ଭୁଲିଯାଉଛି ସମୟଚକ୍ରରେ ସେ ଦିନେ ଏହିପରି ବୃଦ୍ଧାବସ୍ଥାକୁ ପ୍ରାପ୍ତ ହେବ ଏବଂ ସେତେବେଳେ ତା'ର ପିଲାମାନେ ମଧ୍ୟ ତା' ପ୍ରତି ଠିକ୍ ଏହିପରି ବ୍ୟବହାର ପ୍ରଦର୍ଶନ କରିବାକୁ ଟିକେ ହେଲେ କୁଣ୍ଠବୋଧ କରିବେ ନାହିଁ। ଉଧାର ସେରକ କେବେହେଲେ ଡିନିପା ହୋଇ ନ ଥାଏ। ସେତେବେଳେ ନିଜ କଲାକର୍ମକୁ ନେଇ ଅନୁତାପ କଲେ ମଧ୍ୟ କେହିଆଖିରୁ ଲୁହ ପୋଛିବାକୁ ପାଖରେ ନ ଥିବେ। ତେଣୁ ବେଳହୁଁ ସାଧୁ ସାବଧାନ ହେବା ଆବଶ୍ୟକ। ଦୁନିଆରେ ଯାହାର ବାପାମା' ନାହାନ୍ତି, ସେମାନେ ଅଭାଗା ନିଶ୍ଚୟ। ଆଉ ଯେଉଁମାନଙ୍କର ପିତାମାତା ଅଛନ୍ତି ସେମାନେ ନିଜକୁ ଭାଗ୍ୟବାନ୍ ମନେକରିବା ଉଚିତ। କାରଣ ସେମାନଙ୍କ ପାଖରେ ଚଳନ୍ତି ଠାକୁର ଅଛନ୍ତି। ପିତାମାତାଙ୍କ ଆତ୍ମସନ୍ତୋଷରେ ହିଁ ବିଭୁ କୃପା ପ୍ରାପ୍ତ ହୁଏ– ଏହା ସମସ୍ତଙ୍କର ଧ୍ୟେୟ ହେବା ଉଚିତ।

**ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଚ, ଖୋର୍ଦ୍ଧା**
**ମୋ: ୯୩୩୭୬୦୧୭୦୫**

## ଏଇ ଭାରତରେ

କେରଳର କନ୍ନୁର ଜିଲାର ପିନାରାଇ ପଞ୍ଚାୟତରେ ଅବିବାହିତ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଏହି ସମସ୍ୟା ଦୂର କରିବା ପାଇଁ ପଞ୍ଚାୟତ ପକ୍ଷରୁ ବିବାହ ଲାଗି ଏକ ୱେବ୍‌ସାଇଟ ଆରମ୍ଭ କରାଯାଇଛି। ଜିଲା ଯୋଜନା କମିଟି ପିନାରାଇ ପଞ୍ଚାୟତର ଏହି 'ସାୟୋଜ୍ୟମ୍' ଯୋଜନାକୁ ଅନୁମୋଦନ କରିଛି। ଏହା ଅନ୍ତର୍ଗତ ୩୫ ବର୍ଷରୁ ଅଧିକ ଯେକୌଣସି ବ୍ୟକ୍ତି ପଞ୍ଚାୟତର ବିବାହ ସମ୍ବନ୍ଧୀୟ ୱେବ୍‌ସାଇଟରେ ପଞ୍ଜୀକୃତ ହୋଇ ଉପଯୁକ୍ତ ଜୀବନସାଥୀ ପାଇପାରିବେ। ପିନାରାଇ ପଞ୍ଚାୟତ ମୁଖ୍ୟ କେ.କେ. ରାଜୀବନ କହିଛନ୍ତି ଯେ ପଞ୍ଚାୟତ ଏକ ସର୍ଭେ କରିଛି, ଯେଉଁଥିରେ ୩୫ ବର୍ଷରୁ ଅଧିକ ବୟସର ଲୋକ ବିଭିନ୍ନ କାରଣରୁ ଅବିବାହିତ ରହିଛନ୍ତି। ଅଧିକାଂଶ କ୍ଷେତ୍ରରେ କେତେକ ଲୋକଙ୍କର ନିଜ ବିବାହ ପାଇଁ ପଦକ୍ଷେପ ନେବାକୁ ଘରେ କେହି ବରିଷ୍ଠ ବ୍ୟକ୍ତି ନ ଥିବାରୁ ଏହି ସେବା ଆରମ୍ଭ କରାଯାଇଥିବା କହନ୍ତି ରାଜୀବନ। ଏଭଳି ସେବା ପ୍ରଦାନ କରୁଥିବା ପ୍ରକଳ୍ପ କେରଳରେ ପ୍ରଥମ। ପିନାରାଇ ପଞ୍ଚାୟତ ୱେବ୍‌ସାଇଟରେ ଜାତି ଏବଂ ଧର୍ମଭିତ୍ତିକ ବର୍ଗ ରହିବ ନାହିଁ। କିନ୍ତୁ ଯେଉଁମାନେ ଜାତି ଏବଂ ଧର୍ମକୁ ସେମାନଙ୍କ ସବିଶେଷ ତଥ୍ୟରେ ଅନ୍ତର୍ଭୁକ୍ତ କରିବାକୁ ଚାହାନ୍ତି, ସେମାନେ ଏହା କରିପାରିବେ। ଲୋକଙ୍କ ପାଖରେ ଆର୍ଥିକ ସମସ୍ୟା ଥିଲେ ପଞ୍ଚାୟତ ପକ୍ଷରୁ ସେମାନଙ୍କୁ ସାହାଯ୍ୟ କରାଯିବାର ପ୍ରବଧାନ ଏଥିରେ ରଖାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଅଗଷ୍ଟ ୧୯୯୭**

- ଖ୍ୟାତନାମା ପାକିସ୍ତାନୀ ସଙ୍ଗୀତ ବିଶାରଦ ଓସ୍ତାଦ ନୁସରତ୍ ଫତେଅଲ୍ଲୀ ଖାଁଙ୍କ ୪୯ ବର୍ଷ ବୟସରେ ପରଲୋକ।
- ଆନ୍ଧ୍ରପ୍ରଦେଶ ରାଜ୍ୟପାଳ କ୍ରିଷ୍ଣକାନ୍ତ ଦେଶର ୧୨ଶ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ।
- ଦକ୍ଷିଣ ବିହାରର ପାଲାମୁ ଜିଲାସ୍ଥିତ କୋଏଲ ନଦୀରେ ୨ଟି ନୌକା ବୁଡ଼ିଯିବା ଫଳରେ ୩୫ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

କଜଳ ନୟନା ସଜଳ ଚିକୁରେ ତୋର
ଲୁଚି ଲୁଚି ଖେଳେ ବରଷା–ପବନ–ଚୋର
ଦେଖି ସେ ସୁଷମା ନାଚି ଉଠେ ତରୁଲତା
ଆକାଶୁଁ ଲୋତକ ଝରିପଡ଼େ ଝର ଝର।
–(ରୂପର ମୋହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 9 | | 4 | | | 2 | 7 | | 3 |
| | | | | | 6 | | 8 | |
| | 2 | | | 1 | | 4 | | |
| | 4 | | | | 8 | 3 | 1 | |
| 6 | | | | 9 | | | | |
| | | | 3 | | | | 7 | |
| | | 8 | | | | | | |
| 5 | | | 4 | 3 | | | | 1 |
| | | | 6 | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 8 | 1 | 7 | 3 | 5 | 4 | 9 |
| 4 | 5 | 1 | 8 | 9 | 2 | 3 | 6 | 7 |
| 3 | 9 | 7 | 5 | 4 | 6 | 2 | 8 | 1 |
| 2 | 8 | 6 | 4 | 3 | 7 | 9 | 1 | 5 |
| 7 | 3 | 4 | 9 | 5 | 1 | 6 | 2 | 8 |
| 9 | 1 | 5 | 6 | 2 | 8 | 4 | 7 | 3 |
| 1 | 7 | 2 | 3 | 6 | 9 | 8 | 5 | 4 |
| 8 | 4 | 9 | 2 | 1 | 5 | 7 | 3 | 6 |
| 5 | 6 | 3 | 7 | 8 | 4 | 1 | 9 | 2 |

ଗତ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ଭାଷାର ବିକାଶ ହେଉ

ମହାଶୟ,

ରାଜ୍ୟ ସରକାର ଭାଷାର ବିକାଶ କ୍ଷେତ୍ରରେ ଉନ୍ନତି ପାଇଁ ଅର୍ଥ ପ୍ରଦାନ କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ତାହା ଖର୍ଚ୍ଚ ହୋଇପାରି ନାହିଁ। ସେହିପରି ଓଡ଼ିଆ ବିଶ୍ୱବିଦ୍ୟାଳୟ କରିବା ପାଇଁ ଉଦ୍ୟମ ହେଉ ନାହିଁ। ଜ୍ଞାନମଣ୍ଡଳର ରୂପରେଖ ପ୍ରତି ବି ଗୁରୁତ୍ୱ ଦିଆଯାଉ ନାହିଁ। ଏହାହେଲେ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟରେ ଶିକ୍ଷାପ୍ରାପ୍ତ କରିପାରନ୍ତେ। ତେବେ ଅନୁଦାନ ଅର୍ଥ ଖର୍ଚ୍ଚ ନ ହେଲେ ତାହା ଫେରିଯିବାର ସମ୍ଭାବନା ରହିଛି। ଏଣୁ ଅନୁଦାନର ସଫଳ ବିନିଯୋଗ ପ୍ରତି ଭାଷାବିତ୍ ଓ ସାହିତ୍ୟିକମାନଙ୍କ ଉଦ୍ୟମ ଅପରିହାର୍ଯ୍ୟ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରଜ୍ଞା



@ ରାହୁଲ



@ ଶ୍ରୀବତ୍ସା



@ ମୁକେଶ



@ ଲିପୁ



@ ବିକାଶ



@ ଅନନ୍ତ

# ପୁଲକ ଭରିଲା ରାଧାକୃଷ୍ଣଙ୍କ ପ୍ରେମ କାହାଣୀ, ବର୍ଷାଭିସାର



ରାଷ୍ଟ୍ରୀୟ ବର୍ଷା ମହୋତ୍ସବ ଉଦ୍‌ଘାଟନ ଅବସରରେ ବାବା ରାମ ନାରାୟଣ ଦାସ ଏବଂ ଅନ୍ୟ ଅତିଥିମାନେ।



ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କ ନୃତ୍ୟାଭିନୟ ପରିବେଷଣ।

## ରାଷ୍ଟ୍ରୀୟ ବର୍ଷା ମହୋତ୍ସବ ଆରମ୍ଭ

ଭୁବନେଶ୍ୱର,୧୬ା୮(ବ୍ୟୁରୋ)

‘ଚିନ୍ତା ଚେତନା’ ଅନୁଷ୍ଠାନ ପକ୍ଷରୁ ରାଷ୍ଟ୍ରୀୟ ବର୍ଷା ମହୋତ୍ସବ ମଙ୍ଗଳବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି। ଏହା ୪ଦିନ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟା ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କୁ ଉତ୍ସର୍ଗ କରାଯାଇଥିଲା। ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କ ନୃତ୍ୟରେ ଗୀତଗୋବିନ୍ଦ ଅଷ୍ଟପଦୀ ମାଧ୍ୟମରେ ଶ୍ରୀକୃଷ୍ଣ ଓ ରାଧାଙ୍କ ପ୍ରେମ କାହାଣୀର ତାଳେ ତାଳେ ଏହି ମହୋତ୍ସବ ଆରମ୍ଭ ହୋଇଥିଲା। ଏଥିସହ ସିଆର୍‌ପିଏଫ୍ ବ୍ୟାଣ୍ଡର ବାଦ୍ୟରେ ରବୀନ୍ଦ୍ରମଣ୍ଡପ କମ୍ପି ଉଠିଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଅଚ୍ୟୁତ ସାମନ୍ତ ଯୋଗଦେଇଥିଲେ। ୪୪ ବର୍ଷ ଧରି ଏହି ପର୍ବକୁ ଆଗକୁ ନେଇ ଆସିଥିବାରୁ ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଦାସଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ବାବା ରାମ ନାରାୟଣ ଦାସ ବର୍ଷାରାଣୀ ଆଗମନରେ ଧରିତ୍ରୀ କିଭଳି ଶସ୍ୟଶ୍ୟାମଳା ହୋଇଯାଏ ଏବଂ ଜଳ, ଅନ୍ନ, ବସ୍ତ୍ର ଦେଇଥାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି, ଏହା ସର୍ବପ୍ରାଚୀନ ଉତ୍ସବ। ସରକାରୀସ୍ତରରେ ପାଳନ କରାଯାଉଥିବା କୋଣାର୍କ, ମେଘ ଉତ୍ସବ ଆଦି ଏହା ଆଗରେ ଶିଶୁ ସମାନ। ୪୪ ବର୍ଷର ଏହି ଯାତ୍ରା ଆଗକୁ ଜାରି ରହୁ ବୋଲି ସେ ଶୁଭକାମନା ଜଣାଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଚିନ୍ତା ଓ ଚେତନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ବିଧାୟକ ଶଶିଭୂଷଣ ବେହେରା, ଅବସରପ୍ରାପ୍ତ ପ୍ରଶାସକ ତଥା ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ସହଦେବ ସାହୁ, ସିଆର୍‌ପିଏଫ୍ କମାଣ୍ଡର କ୍ଷୀରୋଦ ବେହେରା, ସରୋଜ କୁମାର ସାହୁ, ସଙ୍ଗୀତଜ୍ଞ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍, ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ସିଆର୍‌ପିଏଫ୍ କମାଣ୍ଡର କ୍ଷୀରୋଦ ବେହେରା, ଛାତ୍ରୀ ସୁଶ୍ରୀ ଶୁଭଶ୍ରୀ ପଣ୍ଡାଙ୍କ ସମେତ ସିଆର୍‌ପିଏଫ୍ ଏବଂ ଓଏସ୍‌ଏପି ଆରକ୍ଷୀବୃନ୍ଦଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅରୂପା ଗାୟତ୍ରୀ ଦାସ ଏବଂ ବିଶ୍ୱଜିତ ଦାସଙ୍କ ବର୍ଷାଭିସାର ନୃତ୍ୟ ମାଧ୍ୟମରେ ବର୍ଷାର ଆଗମନରେ ଧରାପୃଷ୍ଠରେ ବାସ କରୁଥିବା ପ୍ରାଣୀଙ୍କ ମନରେ ଖେଳିଯାଇଥିବା ଅପୁଲକ ଆନନ୍ଦକୁ ଦର୍ଶାଇଥିଲେ। କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ବିଭୂତି ଭୂଷଣ ପଟ୍ଟନାୟକ ସହଯୋଗ କରିଥିଲେ। ଏହି ଉତ୍ସବରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମିଡିଆ ପାର୍ଟନର ରହିଛନ୍ତି।

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଆୟୁଷମାନ୍ ପଣ୍ଡା
ଗ୍ରାମ/ପୋ- କୋଦଳା, ଗଞ୍ଜାମ
ଆଜି ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରାନ୍ତୁ।
ଶୁଭେଚ୍ଛା ସହ: ବବୁଲ୍ ଭାଇ ଓ ସ୍ମୃତି ଦିଦି।
ଧ-୧୨୭୭

## ୨୯ରେ ସ୍ୱତନ୍ତ୍ର ଓଟିଇଟି

କଟକ ଅଫିସ,୧୬ା୮

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆସନ୍ତା ୨୯ତାରିଖରେ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୨ ପରୀକ୍ଷା ହେବ। ଏନେଇ ପରିଷଦ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ପେପର-୧ ଏବଂ ପେପର-୨ ଉଭୟ ପରୀକ୍ଷା ଗୋଟିଏ ଦିନରେ ହେବ। ପ୍ରଥମ ପେପର ପରୀକ୍ଷା ସକାଳ ୮ଟାରୁ ପୂର୍ବାହ୍ନ ୧୦.୩୦ ଘଣ୍ଟିକା ଏବଂ ୨ୟ ପେପର ପରୀକ୍ଷା ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ୩୦ପର୍ଯ୍ୟନ୍ତ ଚାଲିବ। ପରୀକ୍ଷାର୍ଥୀମାନେ ଅନ୍‌ଲାଇନ୍ ମାଧ୍ୟମରେ ଫର୍ମ ପୂରଣ କରିବେ। ପରୀକ୍ଷା ପାଇଁ ଆବେଦନ କରିଥିବା ପ୍ରାର୍ଥୀମାନେ ଆସନ୍ତା ୨୪ରୁ ସେମାନଙ୍କ ରେଜିଷ୍ଟ୍ରେଶନ ନମ୍ବର କିମ୍ବା ମେଲ୍ ଆଇଡି ମାଧ୍ୟମରେ ଆଡମିଟ୍ କାର୍ଡ ପାଇଁ www.bseodisha.ac.inରେ ଆବେଦନ କରିପାରିବେ। ପରବର୍ତ୍ତୀ ସମୟରେ ପରୀକ୍ଷା କେନ୍ଦ୍ର ବଦଳା ଯାଇପାରିବ ନାହିଁ। ଏପରି କି ଆଡ୍‌ମିଟ କାର୍ଡ କେବଳ ଅନ୍‌ଲାଇନ୍‌ରେ ଉପଲବ୍ଧ ହୋଇପାରିବ।

# ବିଦ୍ୟାଳୟରେ ମଶାମରା ଲିକୁଇଡ୍ ପିଇଲେ ଶିକ୍ଷୟିତ୍ରୀ

ବାଲୁଗାଁ,୧୬ା୮(ଡି.ଏନ୍.ଏ.)

### ପ୍ରଧାନ ଶିକ୍ଷକଙ୍କ ମାନସିକ ଚାପରେ ଅତିଷ୍ଠ ହୋଇପଡ଼ିଥିବା ଅଭିଯୋଗ



ପ୍ରଧାନ ଶିକ୍ଷକଙ୍କ ମାନସିକ ଚାପରେ ଅତିଷ୍ଠ ହୋଇ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଜଣେ ଶିକ୍ଷୟିତ୍ରୀ ମଶାମରା ଲିକୁଇଡ୍ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ସନ୍ତୋଷୀ ବେହେରା। ଚିକିତ୍ସା ପାଇଁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ଆଙ୍ଗୁଲାଚଟି ସ୍ଥିତ ପଞ୍ଚୁପଲ୍ଲୀ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

ସୂଚନା ମୁତାବକ, ୬ ବର୍ଷ ପୂର୍ବେ ଇଂଲିଶ ଶିକ୍ଷୟିତ୍ରୀ ଭାବେ ସନ୍ତୋଷୀ ଉକ୍ତ ବିଦ୍ୟାଳୟରେ ଯୋଗଦେଇଥିଲେ। ଗତ କିଛି ଦିନ ଧରି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ର ତାଙ୍କୁ ମାନସିକ ସ୍ତରରେ ଚାପ ଦେଉଥିବା ନେଇ ଗତ ୧୨ତାରିଖରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ନିକଟରେ ଅଭିଯୋଗ କରିଥିଲେ। ସ୍ୱାସ୍ଥ୍ୟ ଜନିତ ସମସ୍ୟାରେ ଛୁଟି ନ ଦେବା, ସ୍କୁଲ ଛୁଟି ପରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରହିବା, ରବିବାର ଓ ଛୁଟି ଦିନରେ ବିନାକାରଣରେ ସ୍କୁଲରେ ଉପସ୍ଥିତ ରହିବା ପାଇଁ ତାଗିଦ କରିବା ଏବଂ ଏହାର ପ୍ରତିବାଦ କଲେ ଦରମା ବନ୍ଦ କରିଦେବାର ଧମକ ଦେବା ଆଦି ଶିକ୍ଷୟିତ୍ରୀ ବେହେରା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଏନେଇ ଡିଇଓ ଘଟଣାର ତଦନ୍ତ ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ରବିବାର ଏବଂ ସ୍ୱାଧୀନତା ଦିବସ ଯୋଗୁ ତଦନ୍ତରେ ଶିଥିଳତା ହୋଇଥିଲା। ଅନ୍ୟପକ୍ଷରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଆଣିବାରୁ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କ ଉପରେ ମାନସିକ ସ୍ତରରେ ନିର୍ଯ୍ୟାତନା ବଢ଼ିଯାଇଥିଲା। ମଙ୍ଗଳବାର ବିଦ୍ୟାଳୟ ଖୋଲିବା ପରେ ଶିକ୍ଷୟିତ୍ରୀ ବେହେରାଙ୍କୁ ପରୋକ୍ଷଭାବେ ବିଭିନ୍ନ ଧମକ ଶୁଣିବାକୁ ପଡ଼ିଥିଲା। ଫଳରେ ସେ ମଧ୍ୟାହ୍ନ ଭୋଜନ ବିରତି ସମୟରେ ମଶାମରା ଲିକୁଇଡ୍ ପିଇବାରୁ ଅଚେତ ହୋଇପଡ଼ିଥିଲେ। ସହକର୍ମୀ ଶିକ୍ଷୟିତ୍ରୀ ଶିକ୍ଷକମାନେ ଘଟଣା ସମ୍ପର୍କରେ ଜାଣିବା ପରେ ଚିକିତ୍ସା ପାଇଁ ତାଙ୍କୁ ବାଲୁଗାଁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ର କୁହନ୍ତି, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ। କାର୍ଯ୍ୟରେ ଖିଲାପ କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଗିଦ କରାଯିବାରୁ ସଙ୍ଗଠିତ ହୋଇ ତାଙ୍କ ବିରୋଧରେ ଏଭଳି ଏକ ଷଡ଼ଯନ୍ତ୍ର କରାଯାଇଛି। ଘଟଣାର ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ମିଳୁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଏନେଇ ବ୍ଲକ ଶିକ୍ଷା ଅଧିକାରୀ ନଳିନୀ କାନ୍ତ ମହାନ୍ତି କୁହନ୍ତି, ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡ଼ିବ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ DHARITRI

ଭୁବନେଶ୍ୱର ପାଇଁ ଖବରଦାତା ଆବଶ୍ୟକ

ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳର ଟିକିନିକି ଖବର ପ୍ରକାଶନ ନିମନ୍ତେ ଖବରଦାତା ଆବଶ୍ୟକ। ପ୍ରାର୍ଥୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୩ ସହ ଖବରଦାତା ଭାବେ ଅଭିଜ୍ଞତା ରହିଥିବା ଜରୁରୀ। ସାମ୍ବାଦିକତା ଶିକ୍ଷା ଲାଭ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍‌ରେ ଆବେଦନ କରିପାରିବେ।

Email: recruitment@dharitri.com




# ଓଡ଼ିଆ ଯୁବ ବୈଜ୍ଞାନିକ ଲଣ୍ଡନରେ ପୁରସ୍କୃତ

ଭୁବନେଶ୍ୱର, ୧୬ା୮(ବ୍ୟୁରୋ)



ଡ. ବିକାଶ କୁମାର ଜେନା।

ରସାୟନ ବିଜ୍ଞାନରେ ଉତ୍କୃଷ୍ଟ ଗବେଷଣା ପାଇଁ ଓଡ଼ିଆ ଯୁବ ବୈଜ୍ଞାନିକ ଡ. ବିକାଶ କୁମାର ଜେନା ଲଣ୍ଡନସ୍ଥିତ ରୟାଲ ସୋସାଇଟି ଅଫ୍ ରସାୟନ ବିଜ୍ଞାନର ଫେଲୋ ଭାବେ ପୁରସ୍କୃତ ହୋଇଛନ୍ତି। ସେ ବର୍ତ୍ତମାନ ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ ଟେକ୍ନୋଲୋଜିରେ ପ୍ରଧାନ ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଛନ୍ତି। ସେ ଆମେରିକାର ୱାଶିଂଟନ୍ ୟୁନିଭର୍ସିଟିରେ ପୋଷ୍ଟ ଡକ୍ଟରାଲ୍ ଫେଲୋ ଭାବେ କାମ କରିବାର ସୁଯୋଗ ପାଇଥିଲେ। ସେ ଜର୍ମାନୀର ମ୍ୟୁନିକ ବୈଷୟିକ ବିଶ୍ୱବିଦ୍ୟାଳୟରେ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଥିଲେ। ରସାୟନ ବିଜ୍ଞାନ କ୍ଷେତ୍ରରେ ସେ ଜଣେ ପ୍ରତିଭାସମ୍ପନ୍ନ ଯୁବ ଗବେଷକ। ସେ ନାନୋ ମ୍ୟାଟେରିଆଲ୍ସରେ ଗବେଷଣା କରୁଛନ୍ତି। ତାଙ୍କ ଗବେଷଣା କ୍ଷେତ୍ରରେ ଯୁଗୋପଯୋଗୀ ୮୩ଟି ସନ୍ଦର୍ଭ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇଛି। ଏଥିସହ ୪୮ଟି ସନ୍ଦର୍ଭ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀରେ ଉଚ୍ଚ ପ୍ରଶଂସିତ ହୋଇଛି। ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ସମ୍ମାନ ପାଇଛନ୍ତି। ଡ. ଜେନାଙ୍କ ତତ୍ତ୍ୱାବଧାନରେ ୬ଜଣ ପିଏଚ୍‌ଡି ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଅନେକ ଅନ୍ତର୍ଜାତୀୟ ପତ୍ରିକାର ସହଯୋଗୀ ସମ୍ପାଦକ ଓ ସମ୍ପାଦକୀୟ ସମିତିର ସଦସ୍ୟ ଅଛନ୍ତି। ସେ ଅନେକ ପତ୍ରିକାର ସମୀକ୍ଷା ମଧ୍ୟ କରିଛନ୍ତି। ଡ. ଜେନା ଏବେ ଯୁବପୀଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବିପତ୍ର

ଭୁବନେଶ୍ୱର, ୧୬ା୮(ବ୍ୟୁରୋ)

ଶିକ୍ଷକ ଦାବି ଦିବସରେ ମଙ୍ଗଳବାର ୪୮୮ବର୍ଗ କଲେଜ ଅଧ୍ୟାପକ-କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଏକ ୫ଜଣିଆ ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯୋଗ୍ୟତା ଦିନରୁ ପୂର୍ଣ୍ଣ ସର୍ତ୍ତାବଳୀ ପ୍ରଦାନ, ଅବସର ବୟସସୀମା ୬୨କୁ ବୃଦ୍ଧି, ବଦଳି ନୀତି ଲାଗୁ, ୨୦୧୪ ଅନୁଦାନରେ ଟ୍ୟୁଟୋରିଆଲ ଲାଗୁ, ଇଚ୍ଛାଧୀନ ଓଡ଼ିଆକୁ ସ୍ୱତନ୍ତ୍ର ପତ୍ର ଭାବେ ବିବେଚନା, ଯୁକ୍ତ୨ ଓ ଯୁକ୍ତ୩କୁ ପୃଥକ ଭାବେ କାର୍ଯ୍ୟଭାର ଗ୍ରହଣ କରି ୨୦୧୪ ଅନୁଦାନ ନୀତିରେ ଆଣିବା ଭଳି ୯ ଦଫା ଦାବି ନେଇ ଉଚ୍ଚ ଶିକ୍ଷା ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କୁ ଦାବିପତ୍ର ଦିଆଯାଇଛି। ଏହି ଅବସରରେ ସଂଘର ସଭାପତି ପବିତ୍ର ମହଲା, ସାଧାରଣ ସମ୍ପାଦକ ଡ. ଅଟଳ ବିହାରୀ ବଳ, ଉପସଭାପତି ପ୍ରଶାନ୍ତ ପାତ୍ର, ସମ୍ପାଦକ ପ୍ରଭାତ ଶତପଥୀ, ପ୍ରଶାନ୍ତ ପ୍ରଧାନ, ତାରା ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂଲକ୍ଷ୍ମୀପ୍ରିୟା ସୁତାର
ସ୍ୱାମୀ: ଂନାରାୟଣ ସୁତାର
ଜଗଦଳପୁର, ପାଟକୁରା
ଆବିର୍ଭାବ: ୧୪।୧୨।୧୯୪୮
ତିରୋଧାନ: ୦୬।୦୮।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୨୭୫

୪ର୍ଥ ଶ୍ରାଦ୍ଧବାର୍ଷିକୀ



ଂସୁବଳ ଚରଣ ବେହେରା
ନୟାଚୌକ, ମଧୁପାଟଣା, କଟକ
ଆବିର୍ଭାବ: ୨୭।୦୫।୧୯୩୫
ତିରୋଧାନ: ୦୧।୦୯।୨୦୧୮
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ନିକଟରେ ବିରାଟ ଶୂନ୍ୟତା ଭରି ଦେଇଛି। ତୁମେ ସଦାସର୍ବଦା ଆମ୍ଭମାନଙ୍କ ସ୍ମୃତିରେ ରହିଥିବ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି, ନାତୁଣୀ।
ଧ-୧୨୭୧

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଡଃ. ବୃନ୍ଦାବନ ସେନାପତି
ତିଗିରିଆ, କଟକ
ଆବିର୍ଭାବ: ୧୬।୧୧।୧୯୫୪
ତିରୋଧାନ: ୦୮।୦୮।୨୦୨୨
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ ଶ୍ରଦ୍ଧାଭାବ ଆମ ପ୍ରେରଣାର ଉତ୍ସ ହେଉ। ଆଜି ଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ପ୍ରସନ୍ନମଣୀଙ୍କ ନିକଟରେ ପ୍ରାର୍ଥନା।
ଆତ୍ମୀୟସ୍ୱଜନ, ପରିବାରବର୍ଗ ସହିତ ନାତି: ପୀୟୁଷ, ଝିଅ, ଜ୍ୱାଇଁ।
ଧ-୧୨୭୪

ଦ୍ୱାଦଶାହ ଉପଲକ୍ଷେ



ଂସୁମିତ୍ରା ବିଶୋଇ
ବଡ଼ଦାଣ୍ଡସାହି, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ତା. ୦୮।୦୯।୧୯୪୨
ତିରୋଧାନ: ତା. ୦୬।୦୮।୨୦୨୨
ତୁମର ସ୍ନେହ, ଶ୍ରଦ୍ଧା ଓ ଦାୟିତ୍ୱବୋଧ ସବୁଦିନ ଆମକୁ ପ୍ରେରଣା ଦେଉଥିବ। ତୁମର ଶୂନ୍ୟସ୍ଥାନ ଚିରଦିନ ଅପୂରଣୀୟ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜ, ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର: ସନ୍ତୋଷ, ସନତ, ପୁତ୍ରବଧୂ: କୁନି, ଶାନ୍ତି, ସ୍ନେହ, ନାତି: ସୋନୁ, ଚିନୁ, ନାତୁଣୀ: ରୋମି, ପ୍ରୀତି, ନାତୁଣୀ ଜ୍ୱାଇଁ: ପିକୁନ୍, ନାତୁଣୀବୋହୂ: ସୁକନ୍ୟା ଓ ପରିବାରବର୍ଗ।
ଧ-୪୮୭୩୦

## ଭାରତୀୟ ଦଳରେ ଶାହବାଜ



**ନୂଆଦିଲ୍ଲୀ, ୧୬।୮ (ପି.ଟି):** ଅଲରାଉଣ୍ଡର ଶାହବାଜ ଅହମଦଙ୍କୁ ପ୍ରଥମ ଥର ପାଇଁ ଭାରତୀୟ ଦଳକୁ ଡାକରା ମିଳିଛି। ଜିମ୍ବାୱେ ବିପକ୍ଷ ଦିନିକିଆ ଅନ୍ତର୍ଜାତୀୟ ସିରିଜ୍ ପୂର୍ବରୁ ୱାଶିଂଟନ୍ ସୁନ୍ଦର ଆହତ ହେବା ସହିତ ଶାହବାଜଙ୍କ ମୁଣ୍ଡରେ ହାତୀ ସୁନାକଳସ ଢାଳିଛି। ୨୦୨୨ ଆଇପିଏଲରେ ଚମତ୍କାର ପ୍ରଦର୍ଶନ ପାଇଁ ଶାହବାଜଙ୍କୁ ପୁରସ୍କାର ମିଳିଛି। ଆରସିବି ପକ୍ଷରୁ ଖେଳୁଥିବା ଏହି ୨୭ ବର୍ଷୀୟ ଖେଳାଳି ୧୬ ମ୍ୟାଚରୁ ୨୧୯ ରନ୍ କରିବା ସହିତ ୪ଟି ୱିକେଟ ନେଇଥିଲେ। ସେହିପରି ୧୮ଟି ପ୍ରଥମ ଶ୍ରେଣୀ ମୁକାବିଲାରେ ତାଙ୍କର ବ୍ୟାଟିଂ ଆଭରେଜ୍ ୪୧.୬୪ ରହିଥିବା ବେଳେ ବୋଲିଂ ଆଭରେଜ୍ ୧୯.୪୭ ରହିଛି। ଇଂଲଣ୍ଡରେ କାଉଣ୍ଟି କ୍ରିକେଟ ଖେଳୁଥିବା ସମୟରେ ୱାଶିଂଟନଙ୍କ କାନ୍ଧରେ ଆଘାତ ଲାଗିଥିଲା। ଭାରତ ଜିମ୍ବାୱେ ଗସ୍ତରେ ୩ଟି ଦିନିକିଆ ଖେଳିବ।

# ଚେନ୍ନାଇକୁ ହରାଇଲା ଓଡ଼ିଶା ଜଗରନଟ୍ସ

**ପୁଣେ, ୧୬।୮**

ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ରେ ଓଡ଼ିଶା ଜଗରନଟ୍ସ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଓଡ଼ିଶାଭିତ୍ତିକ ଏହି ଫ୍ରାଞ୍ଚାଇଜ୍ ଦଳ ସୋମବାର ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇ କୁଇକ୍ ଗନ୍ସକୁ ୮ (୫୧-୪୩) ପଏଣ୍ଟରେ ପରାସ୍ତ କରିଛି। ଅନ୍ୟ ଏକ ମ୍ୟାଚରେ ମୁମ୍ବାଇ ଖିଲାଡିଜ୍ ସମାନ ପଏଣ୍ଟ ବ୍ୟବଧାନରେ ରାଜସ୍ଥାନ ୱାରିୟର୍ସକୁ ହରାଇ ଦେଇଛି।

**ଅଲ୍‌ଟିମେଟ ଖୋ ଖୋ**

ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଟସ୍ ପକାଇବା ପରେ ମ୍ୟାଚ ଆରମ୍ଭ ହୋଇଥିଲା। ଏହାପରେ ସେ ସ୍ୱଦେଶୀ ଖେଳ ଖୋ ଖୋର ଆଧୁନିକ ରୂପକୁ ଉପଭୋଗ କରିଥିଲେ। ଓଡ଼ିଶା ଜଗରନଟ୍ସ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ ଟର୍ନ ବେଳକୁ ଦଳ ୨୦-୨ରେ ଅଗ୍ରଣୀ ନେଇ ଯାଇଥିଲା। ଦ୍ୱିତୀୟ ଟର୍ନରେ ୧୯ ପଏଣ୍ଟ ହାସଲ ସହ ଚେନ୍ନାଇ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ କରିଥିଲା। ମାତ୍ର ପରେ ଓଡ଼ିଶା ପୁଣି ଆକ୍ରମଣାତ୍ମକ ପ୍ରଦର୍ଶନ କରି ଦ୍ୱିତୀୟ ଇନିଂସ ଶେଷ ବେଳକୁ ୨୭ ପଏଣ୍ଟ ହାସଲ ସହ ଗେମ୍ ଜିତି ନେଇଥିଲା। ଜଗରନଟ୍ସର ପି. ମହେଶ ୧୦ ପଏଣ୍ଟ ସହ ଶ୍ରେଷ୍ଠ ଆଟାକର ଏବଂ ଦିଲୀପ ଖନ୍ଦଭି ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଥିଲେ।

ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଜଗରନଟ୍ସ ୫ (୫୪-୪୯) ପଏଣ୍ଟ ବ୍ୟବଧାନରେ ଗୁଜରାଟ ଜିଆଣ୍ଟ୍ସଠାରୁ ହାରି ଯାଇଛି। ପ୍ରଥମ ଟର୍ନ ବେଳକୁ ୨୩-୪ରେ ଜଗରନଟ୍ସ ଦଳ ଅଗ୍ରଣୀ ହାସଲ କରିଥିଲେ ହେଁ ସେହି ପ୍ରଦର୍ଶନ ଶେଷ ପର୍ଯ୍ୟନ୍ତ ବଜାୟ ରଖିପାରି ନ ଥିଲା। ଗୁଜରାଟ ପକ୍ଷରୁ ରଞ୍ଜନ ଶେଟ୍ଟି ଚମତ୍କାର ପ୍ରଦର୍ଶନ କରି ଦଳକୁ ବିଜୟ ସ୍ୱାଦ ଚଖାଇଥିଲେ। ଅନ୍ୟଏକ ମ୍ୟାଚରେ ତେଲୁଗୁ ଯୋଦ୍ଧାସ ୬୮-୪୭ ପଏଣ୍ଟରେ ରାଜସ୍ଥାନ ୱାରିୟର୍ସକୁ ପରାସ୍ତ କରିଛି। ତେଲୁଗୁ ଯୋଦ୍ଧାସ ଓ ଗୁଜରାଟ ଜିଆଣ୍ଟ୍ସ ୨ଟି ଲେଖାଏ ମ୍ୟାଚ ଜିତି ଟେବୁଲର ଶୀର୍ଷ ୨ ସ୍ଥାନରେ ରହିଛନ୍ତି। ଓଡ଼ିଶା ଜଗରନଟ୍ସ ଓ ମୁମ୍ବାଇ ଖିଲାଡିଜ୍ ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ପରିବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଚେନ୍ନାଇ କୁଇକ୍ ଗନ୍ସ ଓ ରାଜସ୍ଥାନ ୱାରିୟର୍ସ ୨ଟି ଯାକ ମ୍ୟାଚ ହାରି ଯାଇଛନ୍ତି।



ଓଡ଼ିଶା ଜଗରନଟ୍ସ ଓ ଚେନ୍ନାଇ କୁଇକ୍ ଗନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଭାରତରେ ଏଫ୍‌ଆଇଏଚ୍ ପ୍ରତିନିଧି ଦଳ

**ହକି ଇଣ୍ଡିଆ ଝାମେଲା**

**ନୂଆଦିଲ୍ଲୀ, ୧୬।୮ (ପି.ଟି.)**

ରାଜଧାନୀ ଦିଲ୍ଲୀରେ ପହଞ୍ଚିଥିବା ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ଏକ ପ୍ରତିନିଧି ଦଳ ବୁଧବାର ହକି ଇଣ୍ଡିଆ (ଏଚ୍‌ଆଇ) ପରିଚାଳନା ଦାୟିତ୍ୱରେ ରହିଥିବା ପ୍ରଶାସକ କମିଟି (ସିଏଓ) ସହ ଆଲୋଚନା କରିବ। ହକି ଇଣ୍ଡିଆ ସସ୍‌ପେଣ୍ଡ ସମ୍ଭାବନାକୁ କିପରି ଏଡ଼ାଇ ହେବ ସେନେଇ ଉଭୟ ପକ୍ଷ ମଧ୍ୟରେ କଥାବାର୍ତ୍ତା ହେବ। ସୋମବାର ଏଠାରେ ପହଞ୍ଚିଥିବା ଦୁଇ ସଦସ୍ୟବିଶିଷ୍ଟ ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି ଏଫ୍‌ଆଇଏଚ୍‌ର ନବନିଯୁକ୍ତ କାର୍ଯ୍ୟକାରୀ ସଭାପତି ସିଫ୍ ଅହମଦ। ନୂଆ ସମ୍ବିଧାନ ଗ୍ରହଣ କରି ହକି ଇଣ୍ଡିଆର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବେ। ଭାରତ ୨୦୨୩ ପୁରୁଷ ବିଶ୍ୱକପ୍ ଓଡ଼ିଶାର ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ହକି ଇଣ୍ଡିଆ ପରିଚାଳନା ପାଇଁ ପ୍ରଶାସକ କମିଟି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରା ଗଠିତ ହୋଇଥିଲା। ଏଫ୍‌ଆଇଏଚ୍ ପ୍ରତିନିଧି ଦଳ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ବ୍ୟତୀତ ଆସନ୍ତା ବର୍ଷର ବିଶ୍ୱକପ୍ ଆୟୋଜକ ଓଡ଼ିଶା ସରକାରଙ୍କ ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରିବ। ଏକ ସଂଶୋଧିତ ସମ୍ବିଧାନକୁ ଗ୍ରହଣ କରିବା ଏବଂ ହକି ଇଣ୍ଡିଆରେ ସାନି ନିର୍ବାଚନ କରାଇବା ଉପରେ ଏଫ୍‌ଆଇଏଚ୍ ଗତ ମାସରେ ସିଓଏଠାରୁ ସମୟସୀମା ଜାଣିବାକୁ ଚାହିଁଥିଲା। ହକି ଇଣ୍ଡିଆ ଯଦି କ୍ରୀଡ଼ା ଆଚରଣବିଧିଭିତ୍ତିକ ସମ୍ବିଧାନକୁ ଯଥାଶୀଘ୍ର ଗ୍ରହଣ ନ କରେ ତେବେ ଦେଶ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ହେବାକୁ ଥିବା ବିଶ୍ୱକପ୍ ଆୟୋଜନ ଅଧିକାର ହରାଇପାରେ। ଖବର ଅନୁସାରେ, ଆବଶ୍ୟକ ଅନୁସାରେ ହକି ଇଣ୍ଡିଆ ସମ୍ବିଧାନ ସଂଶୋଧନ ଇତିମଧ୍ୟରେ କରାଯାଇସାରିଛି। ଅକ୍ଟୋବର ୧ରେ ଖେଳର କାର୍ଯ୍ୟନିର୍ବାହୀ ବୋର୍ଡ ନିର୍ବାଚନ ହେବ ବୋଲି ଆଶା କରାଯାଉଛି। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଜାତୀୟ କ୍ରୀଡ଼ା ଆଚରଣବିଧି ଆଧାରରେ ହକି ଇଣ୍ଡିଆ ସମ୍ବିଧାନରେ ସଂଶୋଧନ କରାଯାଇଛି। ଅବୈଧ ପଦବୀ ଉଚ୍ଛେଦ କରାଯିବା ଭଳି କେତେକ ସଂଶୋଧନ କରାଯାଇସାରିଛି। ଏଚ୍‌ଆଇ ସେମାନଙ୍କ ସମ୍ବିଧାନକୁ ଅନୁସରଣ କରିଛି କି ନା ଏଫ୍‌ଆଇଏଚ୍ ବର୍ତ୍ତମାନ ତାହା ଅନୁଧ୍ୟାନ କରି ଦେଖିବ।

# କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ



କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତ୍ରିରଙ୍ଗା ସହ ଜଣେ ଛାତ୍ର।

**ଭୁବନେଶ୍ୱର, ୧୬।୮ (ସ୍ପୋର୍ଟ୍ସ ବ୍ୟୁରୋ)**

କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ୭୬ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସୋମବାର ପୂର୍ବାହ୍ନ ୮.୩୦ ସମୟରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଓଡିଶା ହକି ପ୍ରମୋସନ କାଉନସିଲ ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲୀପ ତିର୍କୀ ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ କ୍ରୀଡ଼ାବିତ୍ ଓ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରେ ୯ ଗୋଟି ଦଳ ଦ୍ୱାରା ପରେଡ଼ ହୋଇଥିଲା।

କ୍ରୀଡା ଓ ଯୁବସେବା ବିଭଗ ପକ୍ଷରୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ କୁଇଜ୍, ଚିତ୍ରାଙ୍କନ, ଅନ୍ତାକ୍ଷରି, ରଙ୍ଗୋଲି, ମ୍ୟୁଜିକ ଚେୟାର, ଟଗ ଅଫ ୱାର, ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଏଥିସହିତ ଯୁକ୍ତ ୨ କଳା ପରୀକ୍ଷାରେ ଭଲ ନମ୍ବର ରଖିଥିବା ବାସ୍କେଟବଲ ଖେଳାଳି ଯତୀନ କୁମାର ବାରିକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ରୀଡ଼ାବିତ୍ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପତାକା ଉତ୍ତୋଳନ ଉତ୍ସବରେ ବିଭାଗର ଯୁଗ୍ମଶାସନ ସଚିବ ବିଜୟାନନ୍ଦ ନାୟକ ଏବଂ ଶୈଳେନ୍ଦ୍ର କୁମାର ଜେନାଙ୍କ ସମେତ ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ।

ସେହିପରି ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍ ପରିସରରେ ଅନ୍ୟ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଶୋକ ବରାଳ ପାଣିରେ ଭାସି ତ୍ରିରଙ୍ଗା ପତାକା ଉଡ଼ାଇଥିଲେ। ଏଥି ସହିତ ଗଭୀର ଜଳରେ ବିନା ଗୋଡ ହାତ ହଲାଇ କିପରି ଭାସି ହେବ ସେ କୌଶଳ ସ୍ପୋର୍ଟ୍ସ ହଷ୍ଟେଲର ଛାତ୍ରୀଛାତ୍ରଙ୍କୁ ଶିଖାଇଥିଲେ। ଏଥିରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଫୋରମ୍ ଫର ସ୍ମାର୍ଟର ପ୍ରତିଷ୍ଠାତା ସଦସ୍ୟ ଅଶୋକ ଦାସ ଅତିଥି ଭାବେ ଯୋଗ ଦେଇଥିଲେ।

# ପୂର୍ବତନ ବିସିସିଆଇ ସମ୍ପାଦକ ଅମିତାଭ ଚୌଧାରୀଙ୍କ ଦେହାନ୍ତ

**ରାଞ୍ଚି, ୧୬।୮ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପୂର୍ବତନ ସମ୍ପାଦକ ଏବଂ ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ ଆସୋସିଏଶନ (ଏଜଏସ୍‌ସିଏ)ର ସଭାପତି ଅମିତାଭ ଚୌଧାରୀଙ୍କର ମଙ୍ଗଳବାର ସକାଳେ ହୃଦ୍‌ଘାତରେ ପରଲୋକେ ହୋଇଯାଇଛି। ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସେ ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଥିଲେ। ଝାଡ଼ଖଣ୍ଡ ପୋଲିସରେ ସେ ଆଇଜି ପଦବୀ ପର୍ଯ୍ୟନ୍ତ ଯାଇ ପାରିଥିଲେ। ସେ ଆହୁରି ମଧ୍ୟ ଝାଡ଼ଖଣ୍ଡ ପବ୍ଲିକ ସର୍ଭିସ କମିଶନ (ଜେପିଏସ୍‌ସି)ର ଚେୟାରମ୍ୟାନ ଥିଲେ। ରାଞ୍ଚିରେ ଏକ ସୁନ୍ଦର ଷ୍ଟାଡିୟମ ନିର୍ମାଣ କ୍ଷେତ୍ରରେ ଚୌଧାରୀଙ୍କର ବିଶେଷ ଭୂମିକା ରହିଥିଲା। ଏହି ଷ୍ଟାଡିୟମରେ ଅନ୍ତର୍ଜାତୀୟ ଓ ଆଇପିଏଲ୍ ମ୍ୟାଚ ଖେଳାଯାଉଛି। ସେ ଆହୁରି ମଧ୍ୟ ବିସିସିଆଇ ଯୁଗ୍ମ ସମ୍ପାଦକ ଏବଂ ଭାରତୀୟ କ୍ରିକେଟ ଦଳର କେତେଥର ପ୍ରଶାସନିକ ମ୍ୟାନେଜର ହୋଇଛନ୍ତି। ୨୦୦୫ରେ ଜିମ୍ବାୱେ ଟୁର୍ ତାଙ୍କ ପାଇଁ ସବୁଠାରୁ କଠିନ ସମୟ ରହିଥିଲା, ଯେଉଁ ସମୟରେ କି ତତ୍‌କାଳୀନ ଅଧିନାୟକ ସୌରଭ ଗାଙ୍ଗୁଲି ଓ କୋଚ୍ ଗ୍ରେଗ୍ ଚାପେଲଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା।

# ସାଇନାଙ୍କ ଟାଇଟଲକୁ ଫିଡେ ସ୍ୱୀକୃତି

**ଅପରାଜିତା, ଭବେଶ ଓ ସନ୍ତୋଷଙ୍କ ଅନ୍ତର୍ଜାତୀୟ ଆର୍ବିଟର ଟାଇଟଲ ଅନୁମୋଦିତ**



ଅପରାଜିତା ଗୋଚ୍ଛିକାର



ଭବେଶ ମହାନ୍ତି



ସନ୍ତୋଷ ମହାପାତ୍ର



ସାଇନା ସାଲୋନିକା

**ଭୁବନେଶ୍ୱର, ୧୬।୮ (କ୍ରୀଡ଼ା ପ୍ରତିନିଧି)**

ଚେନ୍ନାଇର ମହାବଳୀପୁରମ୍‌ଠାରେ ନିକଟରେ ଆୟୋଜିତ ୪୪ତମ ଚେସ୍ ଅଲିମ୍ପିଆଡ୍ ଅବସରରେ ବିଶ୍ୱ ଚେସ୍ ଫେଡେରେଶନ (ଫିଡେ) କଂଗ୍ରେସ ଅନୁଷ୍ଠିତ ହୋଇଯାଇଛି। ଏହି କଂଗ୍ରେସରେ ଓଡ଼ିଶା ଚେସ୍ ତାରକା ସାଇନା ସାଲୋନିକାଙ୍କ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଅପରାଜିତା ଗୋଚ୍ଛିକାର, ଭବେଶ ମହାନ୍ତି ଓ ସନ୍ତୋଷ ମହାପାତ୍ରଙ୍କ ଅନ୍ତର୍ଜାତୀୟ ଆର୍ବିଟର (ଆଇଏ) ଟାଇଟଲକୁ ମଧ୍ୟ ଅନୁମୋଦନ କରାଯାଇଛି। ଫିଡେ କଂଗ୍ରେସରେ ଭାରତର ମୋଟ ୪୫ ଜଣଙ୍କ ବିଭିନ୍ନ ଟାଇଟଲକୁ ସ୍ୱୀକୃତି କରାଯାଇଛି। ଏହା ମଧ୍ୟରେ ଗ୍ରାଣ୍ଡମାଷ୍ଟର, ଅନ୍ତର୍ଜାତୀୟ ମାଷ୍ଟର, ମହିଳା ଅନ୍ତର୍ଜାତୀୟ ମାଷ୍ଟର, ଅନ୍ତର୍ଜାତୀୟ ଆର୍ବିଟର ଏବଂ ଫିଡେ ଆର୍ବିଟର ଟାଇଟଲ ଅନ୍ତର୍ଭୁକ୍ତ। ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ଫିଡେର ଉପସଭାପତି ନିର୍ବାଚିତ ହେବା ଭାରତୀୟ ଚେସ୍ ମହଲକୁ ଉତ୍ସାହିତ କରିଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜ, ମୁଖ୍ୟ ପୃଷ୍ଠପୋଷକ ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମସମ୍ପାଦକ ରଞ୍ଜନ ମହାନ୍ତି ଟାଇଟଲ ହାସଲ କରିଥିବା ଓଡ଼ିଶାର ଚେସ୍ ଆଇକନ୍‌ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ମହିଳା ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ପାଇଁ ଆବଶ୍ୟକ ୩ଟି ନର୍ମକୁ ସାଇନା ୩ଟି ବିଭିନ୍ନ ଟୁର୍ନାମେଣ୍ଟରେ ହାସଲ କରିଥିଲେ। ଏହା ବ୍ୟତୀତ ୨୨୦୦ ଅନ୍ତର୍ଜାତୀୟ ରେଟିଂକୁ ମଧ୍ୟ ଅତିକ୍ରମ କରିଥିଲେ। ୨୦୧୯ ଜୁନ୍‌ରେ ସେ ଗୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଟୁର୍ନାମେଣ୍ଟରେ ପ୍ରଥମ ନର୍ମ ପାଇଥିଲେ। ଏହାପରେ ସେହିବର୍ଷ ଡିସେମ୍ବରରେ ସର୍ବିୟାର ପାରାସିନଠାରେ ଆୟୋଜିତ ଓର୍ବିସ ଆଇଏମ୍ ରାଉଣ୍ଡ ରବିନ ଟୁର୍ନାମେଣ୍ଟରେ ଦ୍ୱିତୀୟ ନର୍ମ ହାସଲ କରିଥିଲେ। ୨୦୨୨ ମେ ୧୬ରୁ ୨୧ ପର୍ଯ୍ୟନ୍ତ ସର୍ବିୟାର ନୋଭିସାଡ୍‌ଠାରେ ଅନୁଷ୍ଠିତ ଆଇଏମ୍ ମିକ୍ସ ଟୁର୍ନାମେଣ୍ଟରେ ତୃତୀୟ ନର୍ମ ପାଇଥିଲେ। ବର୍ତ୍ତମାନ ତାଙ୍କର ଅନ୍ତର୍ଜାତୀୟ ରେଟିଂ ହେଉଛି ୨୨୦୯। ସାଇନା ଇତିମଧ୍ୟରେ ୧୪ଟିସ୍ୱର୍ଣ୍ଣମିଶାଇ ୨୦ଟିଅନ୍ତର୍ଜାତୀୟ ପଦକ ହାସଲ କରି ସାରିଛନ୍ତି। କେନ୍ଦୁଝର ଜିଲା ହାଟଡିହି ବ୍ଲକ ସୁଲଣ ଗ୍ରାମର ବବିତା ଜେନା ଓ ଗଣେଶ୍ୱର ଜେନାଙ୍କ କନ୍ୟା ସାଇନା ସମ୍ପ୍ରତି ଦିଲ୍ଲୀର ମିରାଣ୍ଡା ହାଉସ କଲେଜରେ ଗ୍ରାଜୁଏଶନ କୋର୍ସ କରୁଛନ୍ତି।



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଟେବୁଲ ଟେନିସ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଟେବୁଲ ଟେନିସ ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୧୬।୮ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ (ଓଏସ୍‌ଟିଟିଏ) ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୱାଇଜିଟିଟିଏ ଟେବୁଲ ଟେନିସ ପ୍ରତିଯୋଗିତା ମଙ୍ଗଳବାର ଶେଷ ହୋଇଛି। ପୂର୍ବରୁ ଏଠାରେ ଆନ୍ତଃସ୍କୁଲ ଟେବୁଲ ଟେନିସ ଅନୁଷ୍ଠିତ ହୋଇଥିଲା। ମହିଳା ସିଙ୍ଗଲ୍ସ ଫାଇନାଲରେ ନେହା କୁମାରୀ ୪-୨ ଗେମରେ ଶ୍ୱେତପଦ୍ମା ଦଳାଇଙ୍କୁ ଏବଂ ପୁରୁଷ ଫାଇନାଲରେ ମୟଙ୍କ ଦାସ ୪-୨ରେ ସମ୍ରାଟ ଚକ୍ରବର୍ତ୍ତୀଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଉଭୟ ବିଭାଗରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି, ପ୍ରମାଣପତ୍ର ଏବଂ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଏସ୍‌ଟିଟିଏ ସଭାପତି ସଞ୍ଜୟ ସିଂ, କଟକ ମହାନିଗର ନିଗମ ମେୟର ସୁଭାଷ ସିଂ, ଓଏସ୍‌ଟିଟିଏ ଉପସଭାପତି ଚିତ୍ତରଞ୍ଜନ ମହାନ୍ତି, ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ସହ ସମ୍ପାଦକ ଜୟଦୀପ ଦେବତା, କୋଷାଧ୍ୟକ୍ଷ ନିହାର ରଞ୍ଜନ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଆଇଓଏ ପରିଚାଳନା ଦାୟିତ୍ୱରେ ପ୍ରଶାସକ କମିଟି

**ନୂଆଦିଲ୍ଲୀ, ୧୬।୮ (ପି.ଟି.):** ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ପରିଚାଳନା ପାଇଁ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଏକ ୩ ଜଣିଆ ପ୍ରଶାସନିକ କମିଟି (ସିଓଏ) ନିଯୁକ୍ତ କରିଛନ୍ତି। ଏହି କମିଟିରେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଆନୀଲ ଆର୍, ଡାଭେ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଡକ୍ଟର ଏସ୍. ୱାଇ କୁରେଶୀ ଏବଂ ପୂର୍ବତନ ବୈଦେଶିକ ମନ୍ତ୍ରଣାଳୟ ସଚିବ ବିକାଶ ସ୍ୱରୂପ ପ୍ରମୁଖ ସଦସ୍ୟ ରହିଛନ୍ତି। ନବଗଠିତ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରିବା ଲାଗି କୋର୍ଟ ଆଇଓଏର କାର୍ଯ୍ୟନିର୍ବାହୀ କମିଟକୁ ନିର୍ଦ୍ଦେଶ ଦେଇଛନ୍ତି। ସିଓଏକୁ ୩ଜଣ ଜଣାଶୁଣା କ୍ରୀଡ଼ାବିତ୍ ସହାୟତା କରିବେ।

**୧୮ ବର୍ଷରୁ କମ୍ ଏସିଆନ ପୁରୁଷ ଭଲିବଲ**

# ଭାରତର ପ୍ରଥମ ବିଜୟ



ଅଫିସିଆଲ୍‌ଙ୍କ ସହ ଓଡ଼ିଶା ଭଲିବଲ ଦଳ।

**ଭୁବନେଶ୍ୱର, ୧୬।୮ (କ୍ରୀଡ଼ା ପ୍ରତିନିଧି)**

ଇରାନର ତେହେରାନଠାରେ ଚାଲିଥିବା ୧୪ତମ ଏସିଆନ ୧୮ ବର୍ଷରୁ କମ୍ ପୁରୁଷ ଭଲିବଲ ଟୁର୍ନାମେଣ୍ଟରେ ଭାରତ ମଙ୍ଗଳବାର ଥାଇଲାଣ୍ଡକୁ ହରାଇ ପ୍ରଥମ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ନିଜର ପ୍ରଥମ ମ୍ୟାଚରେ ଜାପାନଠାରୁ ୨-୩ ସେଟ୍‌ରେ ହାରି ଯାଇଥିବା ଭାରତ ଦ୍ୱିତୀୟ ମ୍ୟାଚରେ ଥାଇଲାଣ୍ଡକୁ ୩-୧ (୨୫-୨୧, ୨୪-୨୬, ୨୭-୨୫, ୨୫-୨୩) ସେଟ୍‌ରେ ପରାସ୍ତ କରିଛି। ଏହି ମ୍ୟାଚରେ ଓଡ଼ିଶାର ଆଶିଷ ସ୍ୱାଇଁ ଏବଂ ଉତ୍ତର ପ୍ରଦେଶର ଆର୍ଯ୍ୟନ ବାଲିୟାନଙ୍କ ପ୍ରଦର୍ଶନ ଆକର୍ଷଣୀୟ ରହିଥିଲା। ଭାରତୀୟ ଦଳ ପୁଲ୍ 'ବି'ରେ ଜାପାନ, ଥାଇଲାଣ୍ଡ ଓ କୋରିଆ ସହିତ ସ୍ଥାନ ପାଇଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୧୮ ତାରିଖରେ କୋରିଆ ସହିତ ଖେଳିବ।

**ଓଡ଼ିଶାରେ ଖୁବ୍‌ଶୀଘ୍ର ଏଫ୍‌ଆଇଭିବି ଭଲିବଲ ଏକାଡେମୀ**

ପ୍ରକାଶ ଯୋଗ୍ୟ ଯେ, ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ (ଏଫ୍‌ଆଇଭିବି)ର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସିଥିବାବେଳେ କିଟ୍ ଓ କିସ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ଏଫ୍‌ଆଇଭିବିର ମହାନିର୍ଦ୍ଦେଶକ ଫାବିଓ ଆଜେଭେଡୋ ଓଡ଼ିଶା ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ସଂସ୍କୃତି ଏବଂ ଭିତ୍ତିଭୂମୀ ସମ୍ପର୍କରେ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶାରେ ଖୁବ୍‌ଶୀଘ୍ର ଅନ୍ତର୍ଜାତୀୟ ଭଲିବଲ ଚାମ୍ପିୟନଶିପ୍ ଆୟୋଜନ ହେବ ଏବଂ ନିକଟରେ ଏଫ୍‌ଆଇଭିବି ଏଠାରେ ଏକ ଭଲିବଲ ଏକାଡେମୀ ଖୋଲିବ ବୋଲି ଆଜେଭେଡୋ ଘୋଷଣା କରିଥିଲେ। ଏହା ଭାରତର ସବୁଠାରୁ ବଡ଼ ଭଲିବଲ ଏକାଡେମୀ ହେବ ଏବଂ ଓଡ଼ିଶା ଏବଂ ଭାରତର ପ୍ରତିଭା ସମ୍ପନ୍ନ ଖେଳାଳିମାନେ ଏଥିରେ ଉନ୍ନତ ମାନର ଟ୍ରେନିଂ ନେଇପାରିବେ। ବିଶ୍ୱର ଶ୍ରେଷ୍ଠ କୋଚ୍ ମାନଙ୍କୁ ଏଠାରେ ନିୟୋଜିତ କରାଯିବ ବୋଲି ଆଜେଭେଡୋ ପ୍ରକାଶ କରିଥିଲେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୭/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Wednesday, August 17/2022 Page 8+8 ₹ 7.00




## ତୀସ୍ତା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

ଗୁଜରାଟ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଗିରଫ ହୋଇଥିବା ସାମାଜିକ କର୍ମୀ ତୀସ୍ତା ସିତଲଭାଡ୍ ଜାମିନ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

୦୨

୦୪

## ମା' ହେବେ ବିପାଶା

ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ବିପାଶା ବସୁ ଗର୍ଭବତୀ ଥିବାର ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର୍ କରିଛନ୍ତି।



# ୧୧ ବଳାତ୍କାରୀଙ୍କୁ ଛାଡ଼ିଦେଲା ଗୁଜରାଟ

**ବିଲ୍‌କିସ୍ ବାନୋ ମାମଲା**

- **୫ ମାସର ଗର୍ଭବତୀ ବିଲ୍‌କିସ୍‌ଙ୍କୁ ଗଣବଳାତ୍କାର କରିଥିଲେ**
- **୨ ବର୍ଷୀୟା ଝିଅ ସମେତ ପରିବାରର ୭ ଜଣଙ୍କୁ ହତ୍ୟା କରିଥିଲେ**
- **ଏହା କ'ଣ ମୋଦିଙ୍କ ଅମୃତ ମହୋତ୍ସବ: କଂଗ୍ରେସ**



ଗୁଜରାଟ ସରକାରଙ୍କ ଦ୍ୱାରା ଜେଲରୁ ଛାଡ଼ ପାଇଥିବା ବଳାତ୍କାରୀମାନେ।



ବିଲ୍‌କିସ୍ ବାନୋ

ଅହମଦାବାଦ/ନୂଆଦିଲ୍ଲୀ,୧୬।୮

ଗୁଜରାଟ ଦଙ୍ଗା ବେଳେ ୫ ମାସର ଗର୍ଭବତୀ ଥିବା ବିଲ୍‌କିସ୍ ବାନୋଙ୍କୁ ବଳାତ୍କାର ଓ ତାଙ୍କ ପରିବାରର ୭ ସଦସ୍ୟଙ୍କୁ ହତ୍ୟା କରି ଆଜୀବନ କାରାଦଣ୍ଡାଦେଶ ଭୋଗୁଥିବା ସମସ୍ତ ୧୧ ଦୋଷୀଙ୍କୁ ମଙ୍ଗଳବାର ରାଜ୍ୟ ସରକାର ଗୋଧ୍ରା ସବ୍‌ଜେଲରୁ ଛାଡ଼ିଦେଇଛନ୍ତି। ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ସ୍ୱତନ୍ତ୍ର ରେମିଶନ ପଲିସି (ଉତ୍ତମ ବ୍ୟବହାର ପାଇଁ ଦଣ୍ଡ ମାଫ ନୀତି) ଅନୁସାରେ ସେମାନଙ୍କୁ ମୁକ୍ତ କରାଯାଇଥିବା କୁହାଯାଉଛି। ଅନ୍ୟପକ୍ଷେ ବିରୋଧୀ କଂଗ୍ରେସ ଏହାକୁ ସମାଲୋଚନା କରିବା ସହ ମହିଳା ସଶକ୍ତୀକରଣ କଥା କହୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜଧର୍ମ ପାଳନ କରିବା ଉଚିତ ବୋଲି ପରାମର୍ଶ ଦେଇଛି। ଏହି ପ୍ରସଙ୍ଗକୁ ନେଇ ବିବାଦ ଜୋର୍ ଧରିଥିବାବେଳେ କେନ୍ଦ୍ର ସଫେଇ ଦେଇଛି ଯେ, ବଳାତ୍କାର ମାମଲାର ଦୋଷୀମାନଙ୍କୁ ଉକ୍ତ ନୀତି ଅଧୀନରେ ଖଲାସ କରାଯିବ ନାହିଁ ବୋଲି ପୂର୍ବରୁ ରାଜ୍ୟଗୁଡ଼ିକୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି।

୨୦୦୨ ଫେବୃୟାରୀ ୨୭ରେ ଗୁଜରାଟର ଗୋଧ୍ରାରେ ଦୁର୍ବୃତ୍ତମାନେ ସାବରମତି ଏକ୍ସପ୍ରେସ୍‌ରେ ନିଆଁ ଲଗାଇଦେଇଥିଲେ। ଫଳରେ ଉକ୍ତ ଟ୍ରେନ୍‌ରେ ଅଯୋଧ୍ୟାରୁ ଫେରୁଥିବା କାରସେବକଙ୍କ ସମେତ ୫୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଗୋଧ୍ରାରେ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାର ନିଆଁ ସାରା ରାଜ୍ୟକୁ ବ୍ୟାପିଥିଲା। ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଅନେକ ହଜାର ପରିବାର ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ୨୧ ବର୍ଷୀୟା ବିଲ୍‌କିସ୍ ୟାକୁବ୍ ରସୁଲଙ୍କ ପରିବାର ସଦସ୍ୟ। ମାର୍ଚ୍ଚ ୩ରେ ଏକ ଟ୍ରକ୍‌ରେ ବିଲ୍‌କିସ୍‌ଙ୍କ ପରିବାର ସମେତ ୧୭ ଜଣ ସ୍ଥାନାନ୍ତରିତ ହେଉଥିବାବେଳେ ଦାହୋଦ ଜିଲା ରନ୍ଧିକାପୁର ଗ୍ରାମ ନିକଟରେ ୩୦-୩୫ ଦଙ୍ଗାକାରୀ ଆକ୍ରମଣ କରିଥିଲେ। ଏଥିରେ ୪ ମହିଳା ଓ ୪ ଶିଶୁଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ବିଲ୍‌କିସ୍‌ଙ୍କ ୨ ବର୍ଷୀୟା ଝିଅ ସଲେହା ମଧ୍ୟ ଥିଲେ। ଏପରି କି ଦଙ୍ଗାକାରୀମାନେ ୫ ମାସର ଗର୍ଭବତୀ ଥିବା ବିଲ୍‌କିସ୍‌ଙ୍କୁ ଗଣବଳାତ୍କାର କରି ମୃତ୍ୟୁ ମୁଖକୁ ଠେଲିଦେଇଥିଲେ। କିନ୍ତୁ ସେ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ ଏବଂ ପରବର୍ତ୍ତୀ ସମୟରେ ନ୍ୟାୟ ପାଇଁ ଲମ୍ବା ଆଇନଗତ ଲଢ଼େଇ ଲଢ଼ିଥିଲେ।

ଏନେଇ ବିଲ୍‌କିସ୍ କୁହନ୍ତି, ଗଣବଳାତ୍କାରର ଶିକାର ହେବାର ୩ ଘଣ୍ଟା ପରେ ତାଙ୍କ ଚେତା ଫେରିଥିଲା। ସେତେବେଳେ ସେ ନିଜକୁ ବିବସ୍ତ୍ର ଅବସ୍ଥାରେ ପାଇଥିଲେ। ତାଙ୍କ ଚାରିପଟେ ପରିବାର ସଦସ୍ୟଙ୍କ ମୃତଦେହଗୁଡ଼ିକ ଗଡୁଥିଲା। ସେ ନିଜ ଶରୀରକୁ ଏକ କପଡ଼ାରେ ଢାଙ୍କି ନିକଟସ୍ଥ ପାହାଡ଼ିଆ ☞ପୃଷ୍ଠା-୫

# ଭାରତକୁ ବାସନ୍ଦ କଲା ଫିଫା

## ୧୭ବର୍ଷରୁ କମ୍ ମହିଳା ବିଶ୍ୱକପ୍ ହୋଇପାରିବ ନାହିଁ

ନୂଆଦିଲ୍ଲୀ, ୧୬।୮(ପି.ଟି.)

ତୃତୀୟ ପକ୍ଷର ଅଯଥା ହସ୍ତକ୍ଷେପ କାରଣ ଦର୍ଶାଇ ବିଶ୍ୱ ଫୁଟ୍‌ବଲ ପରିଚାଳନା ପରିଷଦ ଫିଫା ମଙ୍ଗଳବାର ଭାରତକୁ ବାସନ୍ଦ କରିଛି। ଫଳତଃ ଯୋଜନା ମୁତାବକ ଦେଶରେ ୧୭ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜନ ହୋଇପାରିବନାହିଁ। ଭାରତରେ ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଫିଫା ଟୁର୍ନାମେଣ୍ଟ ହେବାର କାର୍ଯ୍ୟକ୍ରମ ରହିଥିଲା। ଫିଫାର ୮୫ ବର୍ଷର ଇତିହାସରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପ୍ରଥମ ଥର ଫିଫା ଦ୍ୱାରା ବାସନ୍ଦ ହୋଇଛି। ଫିଫା ନିୟମର ଗୁରୁତର ଉଲ୍ଲଂଘନ କରାଯାଇଥିବା ବିଶ୍ୱ ଫୁଟ୍‌ବଲ ପରିଚାଳନା ପରିଷଦ କହିଛି। ବ୍ୟୁରୋ ଅଫ୍ ଫିଫା କାଉନ୍‌ସିଲ କହିଛି ଏଆଇଏଫ୍‌ଏଫ୍ ସମ୍ପୂର୍ଣ୍ଣ ରୂପେ ଏହାର ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ କରିବା ଉଚିତ। ସିଓଏ (କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ) ର ଆଦେଶନାମାକୁ ରଦ୍ଦ କରାଯିବା ପରେ ଯାଇ ଭାରତ ଉପରୁ ସସ୍‌ପେଣ୍ଡ ପ୍ରତ୍ୟାହାର କରିନିଆଯିବ। ଟୁର୍ନାମେଣ୍ଟ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପକୁ ନେଇ ଫିଫା ବ୍ୟୁରୋ ଅଫ୍ କାଉନ୍‌ସିଲର ପରାମର୍ଶ ଲୋଡ଼ିଛି। ସଦ୍ୟ ଖବର ଅନୁସାରେ କେନ୍ଦ୍ର ସରକାର ଏଆଇଏଫ୍‌ଏଫ୍ ବ୍ୟାପାରରେ ସୁପ୍ରିମକୋର୍ଟଙ୍କଠାରୁ ଜରୁରୀ ଶୁଣାଣି ଚାହିଁଛନ୍ତି। ଜଷ୍ଟିସ ଡି. ୱାଇ. ଚନ୍ଦ୍ରଚୂଡ଼ ଓ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠକୁ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ, ଫିଫା ଭାରତକୁ ସସ୍‌ପେଣ୍ଡ କରି ଏକ ଚିଠି ଲେଖିଛି। ସାଧାରଣ ଜନତା ଏ ବିଷୟରେ ସ୍ପଷ୍ଟ ହେବାକୁ ଚାହାନ୍ତି। ଶୁକ୍ରବାର ଫିଫାର ଏକ ୪ ଜଣିଆ ପ୍ରତିନିଧିଦଳ କ୍ରୀଡ଼ା ମନ୍ତ୍ରଣାଳୟର ବରିଷ୍ଠ କର୍ମକର୍ତ୍ତା ଏବଂ ସିଓଏ ସହ ଯଥାକ୍ରମେ ଶୁକ୍ରବାର ଓ ବୁଧବାର ଆଲୋଚନା କରିବା ପରେ ଏହି ପରିସ୍ଥିତି ଉପୁଜିଛି। କ୍ରୀଡ଼ା ମନ୍ତ୍ରଣାଳୟର ଜଣେ ଅଫିସିଆଲ କହିଛନ୍ତି, ସମସ୍ତ ପକ୍ଷ ସୋମବାର ସନ୍ଧ୍ୟା ସୁଦ୍ଧା ସମାଧାନର କୌଣସି ସୂତ୍ର ବାହାର କରିବେ ବୋଲି ଆଶା କରାଯାଉଥିଲା। ମାତ୍ର ସମ୍ଭବ ହେଲା ନାହିଁ। ଏଆଇଏଫ୍‌ଏଫ୍‌କୁ ବାସନ୍ଦ କରାଯାଉଥିବା ଫିଫା ☞ପୃଷ୍ଠା-୫



**କ୍ରାଇମବ୍ରାଞ୍ଚ ଡିଏସ୍‌ପିଙ୍କ ବିରୋଧରେ ମାମଲା** ☞ପୃଷ୍ଠା-୫






**ଜିଲ୍ ବାଇଡେନ୍‌ଙ୍କୁ କରୋନା**

ଆମେରିକାର ଫାର୍ଷ୍ଟ ଲେଡି ତଥା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସ୍ତ୍ରୀ ଜିଲ୍ ବାଇଡେନ୍ କରୋନାରେ ଆକ୍ରାନ୍ତ ହୋଇଛନ୍ତି। କୋଭିଡ୍ ଲକ୍ଷଣ ଦେଖାଯିବା ପରେ ଜିଲ୍ ଆଣ୍ଟିଜେନ୍ ଟେଷ୍ଟ କରିଥିବାବେଳେ ରିପୋର୍ଟ ନେଗେଟିଭ୍ ଆସିଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଆର୍‌ଟିପିସିଆର୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିବା ପରେ ସେ ଏବେ ସଙ୍ଗରୋଧରେ ଅଛନ୍ତି। ତାଙ୍କଠାରେ କରୋନାର ସାମାନ୍ୟ ଲକ୍ଷଣ ଦେଖାଯାଇଥିବାବେଳେ ଜିଲ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ରାଷ୍ଟ୍ରପତି ଜୋ ବାଇଡେନଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଘାଟିରୁ ଖସିଲା ବସ୍: ୭ ଯବାନ ମୃତ

**ଶ୍ରୀନଗର, ୧୬।୮:** ଜମ୍ମୁ-କଶ୍ମୀର ପାହାଲଗମ୍‌ରେ ଆଇଟିବିପି ଯବାନଙ୍କୁ ନେଇ ଯାଉଥିବା ଏକ ବସ୍ ମଙ୍ଗଳବାର ଘାଟିରୁ ଖସି ପଡ଼ିଛି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୨ ଜଣ ଆହତ ହୋଇଛନ୍ତି। ସମସ୍ତ ମୃତକ ଆଇଟିବିପି ଯବାନ। ଅନ୍ୟ ୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନେ ଅମରନାଥ ଯାତ୍ରା ଡ୍ୟୁଟି ସାରି ଫେରୁଥିଲେ। ଗାଡ଼ିରେ ଯବାନଙ୍କ ସମେତ ୨ ପୋଲିସ ଏବଂ ୨ ବସ୍ କର୍ମଚାରୀ ରହିଥିଲେ। ବସ୍ ଡ୍ରାଇଭର ଘାଟି ନିକଟରେ ଥିବା ବୁଲାଣିକୁ ଜାଣି ନ ପାରିବାରୁ ଦୁର୍ଘଟଣା ଘଟିଥିବା ପୋଲିସ କହିଛି।

### ପାକ୍‌ରେ ଦୁର୍ଘଟଣା: ୨୮ ମୃତ

**କରାଚୀ, ୧୬।୮:** ପାକିସ୍ତାନର ସିନ୍ଧ ପ୍ରଦେଶରେ ମଙ୍ଗଳବାର ଦୁଇଟି ଦୁର୍ଘଟଣାରେ ୨୮ ଜଣଙ୍କ ମୃତ୍ୟୁ ଘଟିଛି। ମୁଲ୍‌ତାନ-ସୁକ୍କୁର ମୋଟରୱେରେ ଲାହୋରରୁ କରାଚୀ ଯାଉଥିବା ଏକ ବସ୍ ଏବଂ ବିପରୀତ ଦିଗରୁ ଆସୁଥିବା ତେଲ ଟ୍ୟାଙ୍କର ସହ ଧକ୍କା ହେବାରୁ ୨୦ ପ୍ରାଣ ହରାଇଛନ୍ତି। ସେହିପରି ରୋହ୍‌ରି ବାଇପାସ୍‌ରେ ସ୍ୱାଟ୍‌ରୁ କରାଚୀ ଯାଉଥିବା ଏକ ପାସେଞ୍ଜର ଟ୍ରେନ୍ ବଗି ଓଲଟିପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି।

### ସୁପ୍ରିମକୋର୍ଟ ଗଲେ ତିସ୍ତା

**ନୂଆଦିଲ୍ଲୀ, ୧୬।୮:** ଗୁଜରାଟ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଗିରଫ ସାମାଜିକ କର୍ମୀ ତିସ୍ତା ସିତଲଭାଡ୍ ଜାମିନ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜରୁରୀ ଶୁଣାଣି ପାଇଁ ତିସ୍ତାଙ୍କ ଓକିଲ ଅପର୍ଣ୍ଣା ଭଟ୍ଟ ସିଜେଆଇଙ୍କ ଖଣ୍ଡପୀଠରେ ଆବେଦନ କରିଛନ୍ତି। ଆସନ୍ତା ୨୨ରେ ଜଷ୍ଟିସ ୟୁ.ୟୁ. ଲଳିତଙ୍କ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିବେ। ଗୁଜରାଟ ଦଙ୍ଗା ମାମଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଜ୍ୟର ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଏସ୍ଆଇଟି ଦେଇଥିବା କ୍ଲିନ୍‌ଚିଟ୍‌କୁ ଜାକିଆ ଜାଫ୍ରି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ତାଙ୍କ ପିଟିଶନକୁ ଖାରଜ କରିଦେବାର ଦିନକ ପରେ ଜୁନ୍ ୨୬ରେ ଗୁଜରାଟ ଏଟିଏସ୍ ତିସ୍ତାଙ୍କୁ ମୁମ୍ବାଇରୁ ଗିରଫ କରିଥିଲା।

### ହିନ୍ଦୁ ମହାସଭାର ତ୍ରିରଙ୍ଗା ଯାତ୍ରାରେ ଗଡ୍‌ସେ ଫଟୋ



**ଲକ୍ଷ୍ନୌ, ୧୬।୮:** ଉତ୍ତରପ୍ରଦେଶର ମୁଜାଫରନଗରରେ ସ୍ୱାଧୀନତା ଦିବସରେ ହିନ୍ଦୁ ମହାସଭା ପକ୍ଷରୁ ବାହାର କରାଯାଇଥିବା ତ୍ରିରଙ୍ଗା ଯାତ୍ରାରେ ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କ ଫଟୋ ଲଗାଯିବାକୁ ନେଇ ବିବାଦ ଦେଖାଦେଇଛି। ଉକ୍ତ ଯାତ୍ରାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ହିନ୍ଦୁ ମହାସଭା ସଦସ୍ୟମାନଙ୍କ ସହ ଶୋଭାଯାତ୍ରାରେ ସାମିଲ ଥିବା ଏକ ଗାଡ଼ି ଉପରେ ଗଡ୍‌ସେଙ୍କ ଫଟୋ ରଖାଯାଇଥିବା ଦେଖାଯାଇଛି। ସଂଗଠନର ସଭାପତି ଯୋଗେନ୍ଦ୍ର ବର୍ମା ଏହାକୁ ସ୍ୱୀକାର କରିଛନ୍ତି। ଅନେକ ବିପ୍ଳବୀଙ୍କ ସହ ଗଡ୍‌ସେଙ୍କ ଫଟୋକୁ ଯାତ୍ରାରେ ସାମିଲ କରାଯାଇଥିଲା। ଗାନ୍ଧୀଜୀଙ୍କ ଦେଶ ବିରୋଧୀ ନୀତି ବିରୋଧରେ ଗଡ୍‌ସେ ପଦକ୍ଷେପ ନେଉଥିଲେ ବୋଲି ହିନ୍ଦୁ ମହାସଭା ବିଶ୍ୱାସ କରୁଥିବା ବର୍ମା କହିଛନ୍ତି। ତିସ୍ତାଙ୍କୁ ମୁମ୍ବାଇରୁ ଗିରଫ କରିଥିଲା।

## ତାଲିବାନ୍ ଶାସନକୁ ବର୍ଷେ



କାବୁଲର ଏକ ପ୍ରାଥମିକ ସ୍କୁଲରେ ଆଫଗାନ୍ ଛାତ୍ରୀ।

୨୦୨୧ ଅଗଷ୍ଟ ୧୫ରେ ଆଫଗାନିସ୍ତାନକୁ ତାଲିବାନ୍ ଦଖଲ କରିଥିଲା। ୧୯୯୬-୨୦୦୧ ଶାସନ ବେଳର ବର୍ବରତାକୁ ସ୍ମରଣ କରି ମହିଳାମାନେ ରାସ୍ତାକୁ ଓହ୍ଲାଇଥିଲେ। ଅନ୍ତର୍ଜାତୀୟ ସ୍ୱୀକୃତି ଆଶାରେ ତାଲିବାନ୍ ନିଜକୁ ସରକାର ମହିଳା ବିରୋଧୀ ନୁହେଁ ବୋଲି ସଫେଇ ଦେଇଥିଲା। ପ୍ରାଥମିକ ଶିକ୍ଷା ପରେ ଝିଅମାନଙ୍କୁ ଅଧିକ ପାଠ ପଢ଼ିବାକୁ ମନା କରାଯାଇଛି। ମହିଳାମାନଙ୍କୁ କୁହାଯାଇଛି ଆପାଦମସ୍ତକ ପରିଧାନ କରିଥିଲେ ଯାଇ ବାହାରକୁ ବାହାରିପାରିବେ। ଅମାନ୍ୟ କଲେ କଡ଼ା କାର୍ଯ୍ୟାନୁଷ୍ଠାନ। ତେଣୁ ଅନେକ ଛାତ୍ରୀ ଓ କର୍ମଜୀବୀ ମହିଳା ଅନ୍ୟ ଦେଶଗୁଡ଼ିକୁ ପଳାୟନ କରିଛନ୍ତି।

## ମୋଦିଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ୪୮% ଘରେ ପହଞ୍ଚିନି ଟ୍ୟାପ୍ ପାଣି

**ନୂଆଦିଲ୍ଲୀ, ୧୬।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭୬ତମ ସ୍ୱାଧୀନତା ଦିବସ ଅବସରରେ ଲାଲ୍‌କିଲ୍ଲାରୁ ଉଦ୍‌ବୋଧନ ଦେଇ ୨୦୪୭ ସୁଦ୍ଧା ଭାରତ ବିକଶିତ ଦେଶରେ ପରିଣତ ହେବ ବୋଲି ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ୨୦୧୪ରେ ମୋଦି କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ଅନେକ ପ୍ରତିଶ୍ରୁତି ଦେଇଆସିଛନ୍ତି। ୨୦୨୨ରେ ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରିବ ଏବଂ ସେତେବେଳକୁ ସବୁ ପ୍ରତିଶ୍ରୁତି ପୂରଣ କରିବାକୁ ମୋଦି ପୂର୍ବରୁ ଘୋଷଣା କରିଥିଲେ। ଦେଶର ପ୍ରତ୍ୟେକ ଘରକୁ ଟ୍ୟାପ୍ ଯୋଗେ ପାନୀୟ ଜଳ ସଂଯୋଗ ସେଥିମଧ୍ୟରୁ ଅନ୍ୟତମ ପ୍ରତିଶ୍ରୁତି ଥିଲା। ୨୦୧୪ ଜୁନ୍‌ରେ ଲୋକ ସଭାରେ ପ୍ରଥମ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, ୨୦୨୨ ବେଳକୁ ପକ୍କା ଘର, ଟ୍ୟାପ୍ ପାଣି ସଂଯୋଗ, ବିଦ୍ୟୁତ



ସଂଯୋଗ ଓ ପାଇଖାନାରୁ କେହି ବଞ୍ଚିତ ହେବେ ନାହିଁ। ତେବେ ଭାଜପା ସରକାର ଉକ୍ତ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାରେ ବିଫଳ ହୋଇଛି। କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଗ୍ରାମାଞ୍ଚଳର ୪୮% ଘରକୁ ଟ୍ୟାପ୍ ପାଣି ସଂଯୋଗ ହୋଇପାରି ନାହିଁ। ଏପରିକି ଓଡ଼ିଶା ଗ୍ରାମାଞ୍ଚଳର ୫୦% ପରିବାରକୁ ଟ୍ୟାପ୍ ଯୋଗେ ଜଳଯୋଗାଣ ହୋଇପାରି ନାହିଁ। ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ୮୮.୫ ଲକ୍ଷ ପରିବାର ଥିବାବେଳେ ସେଥିରୁ ୪୪.୭ ଲକ୍ଷ ଘରକୁ ଟ୍ୟାପ୍ ପାଣି ଯାଇଛି।

## ତିନି ତଲାକ ସହ ତଲାକ-ଇ-ହାସନ ସମାନ ନୁହେଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୬।୮ (ପି.ଟି.)**

ମୁସଲମାନମାନଙ୍କ ଛାଡ଼ପତ୍ର ପ୍ରଥା ତଲାକ-ଇ-ହାସନ ତିନି ତଲାକ ସହ ସମାନ ନୁହେଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ତଲାକ-ଇ-ହାସନ ୩ ମାସ ସମୟ ମଧ୍ୟରେ ମାସକୁ ଥରେ କୁହାଯାଇଥାଏ। ଏଥିରେ ମହିଳାମାନଙ୍କର ନିଷ୍ପତ୍ତି ନେବାର ବିକଳ୍ପ ଭାବେ 'ଖୁଲା' ରହିଛି। ଇସ୍‌ଲାମରେ 'ତଲାକ' ଜରିଆରେ ଜଣେ ପୁରୁଷ ସ୍ତ୍ରୀଠାରୁ ଅଲଗା ହେବା ଭଳି 'ଖୁଲା' ଜରିଆରେ ଜଣେ ମହିଳା ତାଙ୍କୁ ସ୍ୱାମୀଙ୍କଠାରୁ ଅଲଗା ହୋଇପାରିବ। ସ୍ୱାମୀ-ସ୍ତ୍ରୀ ଏକାଠି ରହିପାରୁ ନ ଥିଲେ, ସେମାନେ ସମ୍ବିଧାନର ୧୪୨ ଧାରା ଅନୁଯାୟୀ ଛାଡ଼ପତ୍ର ନେଇପାରିବେ ବୋଲି ଜଷ୍ଟିସ ଏସ୍.କେ. କୌଲ ଏବଂ ଏମ୍.ଏମ୍. ସନ୍ଦ୍ରେଶଙ୍କ ଖଣ୍ଡପୀଠ କହିଛନ୍ତି। ତଲାକ-ଇ-ହାସନ ଏବଂ ନ୍ୟାୟିକ ବ୍ୟବସ୍ଥା ବାହାରେ ଯେକୌଣସି ପ୍ରକାର ତଲାକ ଅସାମ୍ବିଧାନିକ ଏବଂ ଅବୈଧ। ସେଗୁଡ଼ିକ ଅବାସ୍ତବ, ସ୍ୱେଚ୍ଛାଚାରୀ ଏବଂ ମୌଳିକ ଅଧିକାରର ଉଲ୍ଲଂଘନ। ତେବେ ତଲାକ-ଇ-ହାସନ ପ୍ରଥା ତିନି ତଲାକ ଭଳି ନୁହେଁ। ବିବାହ ଏକ ଚୁକ୍ତି ହୋଇଥିବାରୁ ସେଥିରେ 'ଖୁଲା' ଭଳି ବିକଳ୍ପ ରହିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

# ଲଦାଖରେ ଶକ୍ତି ବଢ଼ାଇଲା ଭାରତ

## ଚାଇନା ଚ୍ୟାଲେଞ୍ଜର ମୁକାବିଲା ପ୍ରସ୍ତୁତି

**ନୂଆଦିଲ୍ଲୀ, ୧୬।୮**

ଚାଇନା ପଟୁ ବଢ଼ୁଥିବା ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ଭାରତୀୟ ସେନା ଲଦାଖ ନିକଟରେ ସାମରିକ କ୍ଷମତା ବଢ଼ାଇଛି। ବାସ୍ତବ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟ ପ୍ୟାଙ୍ଗୋଙ୍ଗ୍ ହ୍ରଦରେ ଲ୍ୟାଣ୍ଡିଂ କ୍ରାଫ୍ଟ ଆସଲ୍ଟ (ଏଲ୍‌ସିଏ) ଯୁଦ୍ଧପୋତ ମୁତୟନ କରିଛି। ପୂର୍ବ ଲଦାଖରେ ଭାରତର ସାମରିକ ଗତିବିଧି ବଢ଼ାଇବାରେ ଏହି ଜାହାଜ ବେଶ୍ ଉପଯୋଗୀ ହେବ। ଲ୍ୟାଣ୍ଡିଂ କ୍ରାଫ୍ଟ ଆସଲ୍ଟ ଏକାଧିକ କାର୍ଯ୍ୟ କରିବାରେ ଦକ୍ଷ। ସ୍ୱଦେଶୀ ଜ୍ଞାନକୌଶଳରେ ଆକ୍ୱାରିୟସ୍ ଶିପ୍ ୟାର୍ଡ ଲିମିଟେଡ୍, ଗୋଆ, ଦ୍ୱାରା ନିର୍ମିତ ଏଲ୍‌ସିଏର ବେଗ, ସହଜ ଅବତରଣ, ଅଧିକ ପରିବହନ କ୍ଷମତା ଆଦି ବଢ଼ାଯାଇଛି। ଏଥିରେ ଏକସଙ୍ଗରେ ୩୫ ସୈନ୍ୟ ଯାଇପାରିବେ ଏବଂ ବହୁତ କମ୍ ସମୟରେ ଏହା ହ୍ରଦର ଯେ କୌଣସି ସ୍ଥାନରେ ପହଞ୍ଚିବାକୁ ସକ୍ଷମ। ପ୍ରତିରକ୍ଷା



ପ୍ୟାଙ୍ଗୋଙ୍ଗ୍ ହ୍ରଦରେ ଭାରତୀୟ ସୈନ୍ୟ ଲ୍ୟାଣ୍ଡିଂ କ୍ରାଫ୍ଟ ଆସଲ୍ଟ ଯୁଦ୍ଧପୋତର ଦକ୍ଷତା ପ୍ରଦର୍ଶନ କରୁଛନ୍ତି।

ମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏକାଧିକ ସାମରିକ ବ୍ୟବସ୍ଥା ସେନାକୁ ହସ୍ତାନ୍ତର କରିଛନ୍ତି। ସେଥିମଧ୍ୟରେ ଏଲ୍‌ସିଏ ସମେତ ମାନବରହିତ ଏରିଅଲ ସିଷ୍ଟମ, ଦ୍ରୁତ ପ୍ରତିକ୍ରିୟାଶୀଳ ଯୁଦ୍ଧବାହନ, ପାଟ୍ରୋଲ ବୋଟ୍, ସର୍ଭେଲାନ୍ସ ଉପକରଣ ଆଦି ପୂର୍ବ ଲଦାଖରେ ମୁତୟନ କରି ସେଠାରେ ଭାରତୀୟ ସେନାର ଗତିବିଧି ବଢ଼ାଇବା ଲକ୍ଷ୍ୟ ରହିଛି।

### ପ୍ୟାଙ୍ଗୋଙ୍ଗ୍‌ରେ ଯୁଦ୍ଧପୋତ ମୁତୟନ

୧୩୪ କିଲୋମିଟର ଦୀର୍ଘ ଏବଂ ପ୍ରାୟ ୧୩,୯୦୦ ଫୁଟ୍ ଉଚ୍ଚତାରେ ଥିବା ପ୍ୟାଙ୍ଗୋଙ୍ଗ୍ ସୋ ହ୍ରଦ ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଚାଇନା ଏହାର ଦୁଇ-ତୃତୀୟାଂଶ ଭାଗକୁ ନିୟନ୍ତ୍ରଣରେ ରଖିଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ସେନା ଗତ ବର୍ଷ ୧୨ଟି ଏଲ୍‌ସିଏ ଜାହାଜ ମଗାଇଥିଲା। ଉତ୍ତର ସୀମାରେ ମୁତୟନ ହୋଇଥିବା ସୈନ୍ୟଙ୍କୁ ସୁରକ୍ଷା ଯୋଗାଯିବା ସହ ସେଠାରେ ପାଟ୍ରୋଲିଂ ବୃଦ୍ଧି ନିମନ୍ତେ ଇନ୍‌ଫାଣ୍ଟ୍ରି ପ୍ରୋଟେକ୍ଟେଡ୍ ମୋବିଲିଟି ଭେହିକିଲ (ଆଇପିଏମ୍‌ଭି) ଏବଂ କୁଇକ୍ ରିଆକ୍ସନ ଫାଇଟିଂ ଭେହିକିଲ (କ୍ୟୁଆର୍‌ଏଫ୍‌ଭି) ମୁତୟନ କରାଯାଇଛି। ବାୟୁସେନା ବିମାନ, ହେରନ୍ ୟୁଏଭିଗୁଡ଼ିକ ନିର୍ଦ୍ଦିଷ୍ଟ ସ୍ତରରେ କାର୍ଯ୍ୟ କରିବା ପାଇଁ ସୀମିତ। ତେଣୁ ସର୍ଭେଲାନ୍ସ ଦକ୍ଷତା ବଢ଼ାଇବା ପାଇଁ ମିନି ରିମୋଟ୍‌ଲି ପାଇଲଟେଡ୍ ଏରିଆଲ୍ ସିଷ୍ଟମ (ଆର୍‌ପିଏଏସ୍)କୁ ନିୟୋଜିତ କରାଯାଇଛି। ସିଆଚେନ୍ ଭଳି ଅତ୍ୟଧିକ ଥଣ୍ଡା ସ୍ଥାନରେ ଭାରତୀୟ ସେନାର ଗତିବିଧି ମଜଭୁତ କରିବା ପାଇଁ ସେଠାରେ ସୌରଶକ୍ତି ପ୍ରକଳ୍ପ କାର୍ଯ୍ୟକ୍ଷମ ଯୋଜନା କରାଯାଇଛି। ଏଥିନିମନ୍ତେ ଏକ ସୋଲାର ଫଟୋ-ଭୋଲ୍‌ଟାଇକ୍ ପ୍ଲାଣ୍ଟ ସ୍ଥାପନ ହୋଇଛି। ଫ୍ୟୁଚର ଇନ୍‌ଫାଣ୍ଟ୍ରି ସୋଲ୍‌ଜର ଆଜ୍ ଏ ସିଷ୍ଟମ (ଏଫ୍-ଇନ୍‌ସାସ୍) ଅଧୀନରେ ସୈନିକଙ୍କୁ ଡେ-ନାଇଟ୍ ହୋଲୋଗ୍ରାଫିକ୍ ଏବଂ ରିଫ୍ଲେକ୍ସ ସାଇଟ୍ ସହ ଏକେ-୨୦୩ ରାଇଫଲ୍ ପ୍ରଦାନ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଜମ୍ମୁ-କଶ୍ମୀର କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ପଦରୁ ଗୁଲାମନବୀଙ୍କ ଇସ୍ତଫା

**ଶ୍ରୀନଗର, ୧୬।୮**

ଜମ୍ମୁ-କଶ୍ମୀରରେ କଂଗ୍ରେସର ନବଗଠିତ ପ୍ରଚାର କମିଟି ସଭାପତି ପଦରୁ ବରିଷ୍ଠ ନେତା ଗୁଲାମ ନବୀ ଆଜାଦ ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଦଳ ହାଇକମାଣ୍ଡଙ୍କ ପାଖକୁ ପଠାଇ ଦେଇଛନ୍ତି। ତାଙ୍କ ଇସ୍ତଫା ଫଳରେ ଦଳକୁ ଶକ୍ତ ଧକ୍କା ଲାଗିଛି। କମିଟି ଗଠନରେ ଦଳର ଶୀର୍ଷ ନେତୃତ୍ୱ ତାଙ୍କୁ ବିଶ୍ୱାସକୁ ନେଇ ନ ଥିବା ଦର୍ଶାଇ ସେ ପଦ ଛାଡ଼ିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଗତ ମାସରେ ଗୁଲାମ ନବୀ ଜମ୍ମୁ-କଶ୍ମୀର କଂଗ୍ରେସ କମିଟି ସଭାପତି ପଦ ଛାଡ଼ିଥିଲେ। ତାଙ୍କ ବ୍ୟତୀତ ପୂର୍ବତନ ବିଧାୟକ ମହମ୍ମଦ ଅମିନ୍ ଭଟ୍ଟ ଦଳର ସମନ୍ୱୟ କମିଟି ଛାଡ଼ିଥିବା ବେଳେ ବରିଷ୍ଠ ନେତା ହାଜି ରଶିଦ ଦର୍ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି।

## ୨୫ ବର୍ଷ ପାଇଁ ୫ ପ୍ରସ୍ତାବ

### ପ୍ରଧାନମନ୍ତ୍ରୀଙ୍କ ସ୍ୱାଧୀନତା ଦିବସ ଅଭିଭାଷଣ

**ନୂଆଦିଲ୍ଲୀ, ୧୬।୮ (ପିଆଇବି)**

ଭାରତର ୭୬ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଐତିହାସିକ ଲାଲ୍‌କିଲ୍ଲାରୁ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ। ଦେଶ ସ୍ୱାଧୀନତାର ୭୫ ବର୍ଷ ଅତିକ୍ରମ କରିଥିବାବେଳେ ଆଗାମୀ ୨୫ ବର୍ଷରେ ଏହାକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେବ। ସେ ଏହି ୨୫ ବର୍ଷକୁ ଅମୃତ କାଳ ବୋଲି ବର୍ଣ୍ଣନା କରିବା ସହ ଦେଶ ପାଇଁ ୫ଟି ନୂଆ ପ୍ରସ୍ତାବ ସମ୍ପର୍କରେ ଘୋଷଣା କରିଛନ୍ତି। ସେଗୁଡ଼ିକ ହେଲା ବଡ଼ ସଂକଳ୍ପ, ଦାସତ୍ୱ ମାନସିକତା ପରିତ୍ୟାଗ, ଆମ ଐତିହ୍ୟକୁ ନେଇ ଆମକୁ ଗର୍ବ କରିବାକୁ ହେବ, ଏକତା ଓ ଐକ୍ୟଭାବ ଏବଂ ନାଗରିକ କର୍ତ୍ତବ୍ୟ। ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ଆମକୁ ଦାସତ୍ୱ ମନୋଭାବ ଛାଡ଼ିବାକୁ ହେବ। ଶକ୍ତି



ଲାଲ୍‌କିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

କ୍ଷେତ୍ରରେ ଆମକୁ ଆତ୍ମନିର୍ଭର ହେବାକୁ ପଡ଼ିବ। ନବପ୍ରବର୍ତ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଜୟ ଯବାନ, ଜୟ କିଷାନ ସହ ଜୟ ଅନୁସନ୍ଧାନ ଯୋଡ଼ିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଉକ୍ତ ସ୍ଲୋଗାନରେ ଜୟ ବିଜ୍ଞାନ ସାମିଲ କରିଥିଲେ।

ଦୁର୍ନୀତି ଏବଂ ବଂଶବାଦ ଦେଶ ପାଇଁ ଦୁଇଟି ବଡ଼ ଚ୍ୟାଲେଞ୍ଜ। ଦୁର୍ନୀତି ଉଇ ଭଳି ଦେଶକୁ ଖୋଳ କରୁଥିବାରୁ ଏହା ବିରୋଧରେ ଆମକୁ ସଂଗ୍ରାମ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଯଦି ଠିକ୍ ସମୟରେ ଏହାର ସମାଧାନ କରା ନ ଯାଏ, ତେବେ ତାହା ଭୟଙ୍କର ସ୍ଥିତି ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କର ୧ ଘଣ୍ଟା ୨୨ ମିନିଟର ଅଭିଭାଷଣରେ କହିଥିଲେ।

ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଚଢ଼ାଉ ବେଳେ ବହୁ ପରିମାଣରେ ଅର୍ଥ ଜବତ ହୋଇଛି। ଭାରତ ଭଳି ଦେଶ ଯେଉଁଠି ଗୋଟିଏ ପଟେ ଲୋକେ ଦାରିଦ୍ର୍ୟ ସହ ଲଢ଼ୁଛନ୍ତି, ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ, ଅନ୍ୟ ପଟେ ଦେଖିଲେ କିଛି ଲୋକ ଦୁର୍ନୀତି ଉପାୟରେ ଅର୍ଜନ କରିଥିବା ଟଙ୍କାକୁ ଲୁଚାଇ ରଖିବାକୁ ଜାଗା ପାଉନାହାନ୍ତି। ସେଥିପାଇଁ ଆମକୁ ଦୁର୍ନୀତି ବିରୋଧରେ ପୂରା ଦମ୍‌ରେ ଲଢ଼ିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ୨ ଶହ କୋଟି ଜୀବନ ଯିବ

### ଭାରତ-ପାକ୍ ଆଣବିକ ଯୁଦ୍ଧ ହେଲେ

**ୱାଶିଂଟନ୍, ୧୬।୮**

ବିଶ୍ୱରେ ଗଚ୍ଛିତ ଆଣବିକ ଯୁଦ୍ଧାସ୍ତ୍ର ମଧ୍ୟରୁ ମାତ୍ର ୩% ଯୁଦ୍ଧ ପାଇଁ ବ୍ୟବହାର କରାଗଲେ ମୋଟ ଜନସଂଖ୍ୟାର ଏକ-ତୃତୀୟାଂଶ ଲୋକ କେବଳ ୨ ବର୍ଷ ଭିତରେ ହିଁ ଲୋପ ପାଇଯିବେ। ଆମେରିକାର ରୁଟ୍‌ଗର୍ସ ୟୁନିଭର୍ସିଟି ବୈଜ୍ଞାନିକଙ୍କ ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ହୋଇଥିବା ଏକ ଅଧ୍ୟୟନ ରିପୋର୍ଟରେ ଏହା କୁହାଯାଇଛି। କେବଳ ଭାରତ ଓ ପାକିସ୍ତାନ ମଧ୍ୟରେ ଆଣବିକ ଯୁଦ୍ଧ ହେଲେ ପ୍ରାୟ ୨ ଶହ କୋଟି ଲୋକଙ୍କ ଜୀବନ ଯାଇପାରେ। ଏଥିଯୋଗୁ ବୈଶ୍ୱିକ ଖାଦ୍ୟ ଯୋଗାଣ ଶୃଙ୍ଖଳ ବ୍ୟାପକ ମାତ୍ରାରେ ବାଧାପ୍ରାପ୍ତ ହେବ ବୋଲି ରିପୋର୍ଟରେ କୁହାଯାଇଛି।

ଏଥିରେ ଆହୁରି ଦର୍ଶାଯାଇଛି, ରୁଷିଆ ଏବଂ ଆମେରିକା ମଧ୍ୟରେ ଆଣବିକ ଯୁଦ୍ଧ ହେଲେ ବିଶ୍ୱ ଜନସଂଖ୍ୟାର ତିନି-ଚତୁର୍ଥାଂଶଙ୍କ ଜୀବନ ଯାଇପାରେ। କେବଳ ଏତିକି ନୁହେଁ ଆମେରିକା-ରୁଷିଆ ପୂର୍ଣ୍ଣ କ୍ଷମତାରେ ନ୍ୟୁକ୍ଲିୟର ଯୁଦ୍ଧରେ ମାତିଲେ ବିଶ୍ୱର ୫ ଶହ କୋଟି କ୍ଷୁଧାର ସାମ୍ନା କରିବେ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଆଣବିକ ବିସ୍ଫୋରଣ ଯୋଗୁ ଖାଦ୍ୟ ଉତ୍ପାଦନ ବାଧାପ୍ରାପ୍ତ ହେବ। ଭାରତ, ପାକିସ୍ତାନ, ଆମେରିକା, ରୁଷିଆର ବଡ଼ ସହରଗୁଡ଼ିକ ଜଳିଯିବ। ଫଳରେ ବଳକା ଜମିଗୁଡ଼ିକରୁ ଯଥେଷ୍ଟ ପରିମାଣର ଖାଦ୍ୟ ଉତ୍ପାଦନ ସହଜ ହେବ ନାହିଁ। ଯୁଦ୍ଧର ୩/୪ ବର୍ଷ ପର୍ଯ୍ୟନ୍ତ ବୈଶ୍ୱିକ ଖାଦ୍ୟ, ଗୃହପାଳିତ ପ୍ରାଣୀ ଓ ମତ୍ସ୍ୟଚାଷ ୯୦% କମିଯିବ। ଆଣବିକ ବିସ୍ଫୋରଣରୁ ନିର୍ଗତ କ୍ଷତିକାରକ ଗ୍ୟାସ୍ ଷ୍ଟ୍ରାଟୋସ୍ଫିୟର ପର୍ଯ୍ୟନ୍ତ ପହଞ୍ଚିଯାଇପାରେ। ଏଥିଯୋଗୁ ଜଳବାୟୁରେ ଭୟଙ୍କର ପରିବର୍ତ୍ତନ ବଡ଼ ବିପର୍ଯ୍ୟୟକୁ ଡାକି ଆଣିବ ବୋଲି ରିପୋର୍ଟରେ ଚେତାଇ ଦିଆଯାଇଛି।

## କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟା

**ଶ୍ରୀନଗର, ୧୬।୮**

ଜମ୍ମୁ-କଶ୍ମୀରରେ ଆଉ ଜଣେ କଶ୍ମୀରୀ ପଣ୍ଡିତ ଟାର୍ଗେଟ କିଲିଂର ଶିକାର ହୋଇଛନ୍ତି। ଶୋପିଆନ୍‌ର ଚୋଟିଗାମ୍‌ରେ କଶ୍ମୀରୀ ପଣ୍ଡିତ ସୁନୀଲ କୁମାରଙ୍କୁ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଥିବାବେଳେ ତାଙ୍କ ଭାଇ ପିଣ୍ଟୁ କୁମାର ଗୁରୁତର ଆହତ ହୋଇଛନ୍ତି। ଆତଙ୍କବାଦୀମାନେ ଏକ ସେଓ ବଗିଚାରେ ପଶି ସାଧାରଣ ଲୋକଙ୍କ ଉପରେ ଗୁଳି ଚଳାଇଥିଲେ। ଆହତ ପିଣ୍ଟୁଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରି ରହି ତଲାସି ଅଭିଯାନ ଚଳାଇଛି।

କିଛିଦିନ ହେଲା ଇସ୍‌ଲାମୀୟ ଆତଙ୍କବାଦୀମାନେ କଶ୍ମୀର ଉପତ୍ୟକାରେ ଆକ୍ରମଣ ବଢ଼ାଇଛନ୍ତି। ଗତ ରବିବାର ନଓହଟ୍ଟାରେ ସେମାନେ ଜଣେ ପୋଲିସ କର୍ମଚାରୀଙ୍କୁ ହତ୍ୟା କରିଥିବାବେଳେ ଗତ ସପ୍ତାହରେ ବନ୍ଦିପୋରାରେ ସେମାନଙ୍କ ଗୁଳିରେ ଜଣେ ପ୍ରବାସୀ ଶ୍ରମିକ ପ୍ରାଣ ହରାଇଥିଲେ।

## ସଭରକରଙ୍କ ଫଟୋକୁ ନେଇ ବିବାଦ

### ଦୁଇ ଗୋଷ୍ଠୀ ମଧ୍ୟରେ ହିଂସା: ୪ ଗିରଫ

**ବେଙ୍ଗାଲୁରୁ, ୧୬।୮**

କର୍ନାଟକର ଶିବମୋଗା ସହରରେ ସୋମବାର ହିନ୍ଦୁ ମହାସଭା ନେତା ବିନାୟକ ଦାମୋଦର ସଭରକର ଏବଂ ମହୀଶୂରର ପୂର୍ବତନ ଶାସକ ଟିପୁ ସୁଲ୍‌ତାନଙ୍କ ଫଟୋ ପ୍ରଦର୍ଶନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଯାଇଛି। ସଂଘର୍ଷର କିଛି ସମୟ ପରେ ଘଟଣାସ୍ଥଳରୁ ୨୦୦ ମିଟର ଦୂରରେ ଜଣେ ଯୁବକଙ୍କୁ ଛୁରାମାଡ଼ କରାଯାଇଥିଲା। ଏହି ହିଂସା ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଖସି ପଳାଇବାକୁ ଉଦ୍ୟମ କରୁଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇ ପୋଲିସ ଗୁଳି ଚଳାଇଥିଲା। ତାଙ୍କ ଗୋଡ଼ରେ ଗୁଳି ବାଜିଛି। ଶିବମୋଗା ପୋଲିସ ସହରରେ ୧୮ ତାରିଖ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରିଛି। ବାଇକ ପଛ ସିଟ୍‌ରେ ୪୦ ବର୍ଷରୁ କମ୍ ବୟସ୍କଙ୍କ ବସିବା ଉପରେ କଟକଣା ଜାରି ହୋଇଛି। ମଙ୍ଗଳବାର ଶିବମୋଗା ସମେତ ପଡୋଶୀ ସହର ଭଦ୍ରାବତୀରେ ସ୍କୁଲ ବନ୍ଦ ରହିଥିଲା।

ଏକ ମସ୍‌ଜିଦ ନିକଟରେ ଥିବା ହବ୍‌ରେ ସଭରକରଙ୍କ ଫଟୋ ଲଗାଯାଇଥିବାରୁ ଏହାକୁ କେତେଜଣ ଯୁବକ ବିରୋଧ କରିଥିଲେ। ପରେ ସେମାନେ ଟିପୁ ସୁଲତାନଙ୍କ ପୋଷ୍ଟର ଆଣି ସେଠାରେ ପ୍ରଦର୍ଶନ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା।

## ହମ୍ବନଟୋଟାରେ ଚାଇନା ଜାହାଜ

**କଲମ୍ବୋ, ୧୬।୮**

ଭାରତ ପକ୍ଷରୁ ବାରମ୍ବାର ତାଗିଦ୍ ଏବଂ ବିରୋଧ ସତ୍ତ୍ୱେ ଶ୍ରୀଲଙ୍କାର ହମ୍ବନଟୋଟା ବନ୍ଦରରେ ଚାଇନା ମିଲିଟାରୀ ସର୍ଭେ ଜାହାଜ ୟୁଆନ୍ ୱାଙ୍ଗ୍-୫ ମଙ୍ଗଳବାର ମୁତୟନ ହୋଇଛି। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସେଠାରେ ରହିବ ବୋଲି ଜଣାପଡ଼ିଛି। ପୂର୍ବରୁ ନୂଆଦିଲ୍ଲୀ ପକ୍ଷରୁ ଚାପ ପକାଯିବା ପରେ ଶ୍ରୀଲଙ୍କା ଏହି ଜାହାଜ ହମ୍ବନଟୋଟା ବଦଳରେ ଅନ୍ୟ କେଉଁଠି ମୁତୟନ କରିବା ପାଇଁ ଚାଇନାକୁ କହିଥିଲା। କିନ୍ତୁ ଏହାର କିଛିଦିନ ପରେ ବେଜିଂ ନିଜ ଗୋଇନ୍ଦା ଜାହାଜକୁ ଶ୍ରୀଲଙ୍କାରେ ନିୟୋଜିତ କରିଛି। ମହାକାଶୀୟ ବସ୍ତୁ ତଥା ସାଟେଲାଇଟ୍‌କୁ ଟ୍ରାକ୍ କରିବା ଉଦ୍ଦେଶ୍ୟରେ ଚାଇନା ଏହି ହାଇ-ଟେକ୍ ଜାହାଜକୁ ସେଠାରେ ନିୟୋଜିତ କରିଥିବା କହୁଥିଲେ ହେଁ ବାସ୍ତବରେ ବେଜିଂ ରଣନୈତିକ



### ଭାରତର ବିରୋଧକୁ ଶ୍ରୀଲଙ୍କାର ଅଣଦେଖା

ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଉକ୍ତ ବନ୍ଦରକୁ କବ୍‌ଜା କରିବା ଉଦ୍ଦେଶ୍ୟ ରଖିଥିବା କୁହାଯାଉଛି। ଏସିଆ-ୟୁରୋପର ପ୍ରମୁଖ ପରିବହନ ପଥ ନିକଟରେ ଚାଇନା ନିଜର ସାମରିକ ଘାଟି ନିର୍ମାଣ କରିପାରେ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ଏହି ଜାହାଜ ଦ୍ୱାରା ଅନ୍ୟ କୌଣସି ଦେଶର କ୍ଷତିସାଧନ ହେବ ନାହିଁ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ କହିଛନ୍ତି। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)ର ଏହା ଏକ ରଣନୈତିକ ଚାଲ୍ ବୋଲି ପେଣ୍ଟାଗନ୍ ପକ୍ଷରୁ କୁହାଯାଇଛି।

### ଗୁପ୍ତଚରୀ ୟୁଆନ୍ ୱାଙ୍ଗ୍-୫

ୟୁଆନ୍ ୱାଙ୍ଗ୍-୫ ଏକ ଡିଜିଟାଲ ଟ୍ରାକିଂ ପ୍ଲାଟ୍‌ଫର୍ମ। ଏହା ବାଲିଷ୍ଟିକ୍ ମିଶାଇଲ ଏବଂ ସାଟେଲାଇଟ୍‌ଗୁଡ଼ିକୁ ଟ୍ରାକ୍ କରିଥାଏ। ଏଥିରେ ଥିବା ଟ୍ରାକିଂ ସିଷ୍ଟମ ଏହି ଉପକୂଳବର୍ତ୍ତୀ ଅଞ୍ଚଳରେ ଭାରତୀୟ ସୁରକ୍ଷା ଭିତ୍ତିଭୂମି ବିଷୟରେ ସୂଚନା ସଂଗ୍ରହ କରିପାରିବ। ଅନ୍ୟୂନ ୨୦୦ ମିଟର ଲମ୍ବ ଏବଂ ୨୫.୨ ମିଟର ପ୍ରସ୍ଥ ବିଶିଷ୍ଟ ଜାହାଜରେ ପ୍ରାୟ ୨ ହଜାର ଚାଇନା ସୈନ୍ୟ ରହିପାରିବେ। ସ୍ପେସ୍, ସାଇବର ଓ ଇଲେକ୍ଟ୍ରୋନିକ୍ ଯୁଦ୍ଧରେ ବେଶ୍ ଉପଯୋଗୀ ଏହି ଜାହାଜକୁ ପିଏଲ୍ଏ ଷ୍ଟ୍ରାଟେଜିକ୍ ସପୋର୍ଟ ଫୋର୍ସ ୟୁନିଟ୍ ଅଧୀନରେ ବ୍ୟବହାର କରିଥାଏ। ୟୁଆନ୍ ୱାଙ୍ଗ୍ ୨୦୦୭ରେ ବେଜିଂ ସେନାରେ ସାମିଲ ହୋଇଥିଲା।

## ରୁଷିଆର କ୍ରିମିଆ ସାମରିକ ଘାଟିରେ ବିସ୍ଫୋରଣ

**କିଭ୍, ୧୬।୮**

ରୁଷିଆ ଅଧୀକୃତ କ୍ରିମିଆ ଦ୍ୱୀପରେ ଥିବା ଏହାର ସାମରିକ ଘାଟିରେ ମଙ୍ଗଳବାର ବଡ଼ ଧରଣର ବିସ୍ଫୋରଣ ଘଟିଛି। କ୍ରିମିଆର ମାୟସ୍କୋୟେରେ ମସ୍କୋର ଅସ୍ତ୍ରଶସ୍ତ୍ର ଗଚ୍ଛିତ ଥିବାବେଳେ ଏହାକୁ ୟୁକ୍ରେନ୍ ଟାର୍ଗେଟ କରିଥିବା କୁହାଯାଉଛି। ଫଳରେ ୟୁକ୍ରେନ୍ ଯୁଦ୍ଧ ଏବେ ଏହି ଦ୍ୱୀପମୁହାଁ ହୋଇଛି। ଏହି ବିସ୍ଫୋରଣ ପରେ ସେଠାରୁ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବିସ୍ଫୋରଣ ଯୋଗୁ ଏକ ପାୱାର ପ୍ଲାଣ୍ଟ, ପାୱାର ଲାଇନ, ରେଳ ଟ୍ରାକ୍ ଏବଂ କେତେକ ଆବାସିକ ଆପାର୍ଟମେଣ୍ଟ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

**ପୁସ୍ତକ 'ଚୌଧୁରୀ' ଲୋକାର୍ପିତ**

ଭୁବନେଶ୍ୱର,(ବ୍ୟୁରୋ): ସମଦୃଷ୍ଟି ଏବଂ ଗୋକୁଳାନନ୍ଦ ଜାତୀୟ ପାଠର ମିଳିତ ପ୍ରକାଶନରେ ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ରଚିତ ପୁସ୍ତକ 'ଚୌଧୁରୀ' ପୁସ୍ତକ ମଙ୍ଗଳବାର ଲୋହିଆ ଏକାଡେମୀଠାରେ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ଗଣିତଜ୍ଞ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ଗୋକୁଳାନନ୍ଦ ଦାସ କହିଛନ୍ତି, ଗୋକୁଳାନନ୍ଦ ଚୌଧୁରୀ ଓ ତାଙ୍କ ପରିବାର ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ନିଜ ଜୀବନରେ ପାଳନ କରିବାରେ ବିରଳ ପରିବାର ଭାବେ ପରିଚିତି ହାସଲ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର କର୍ମଦେବ ମହାରଣା ଚୌଧୁରୀ, ସମଦୃଷ୍ଟି ସମ୍ପାଦକ ସୁଧୀର ପଟ୍ଟନାୟକ ଯୋଗଦେଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଗାନ୍ଧିଜୀଙ୍କ ଉପରେ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ, ବୁଦ୍ଧ ଆର୍ଟ ଗ୍ୟାଲେରି, ନୀଳାଦ୍ରି ବିହାର, ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ହ୍ୟାଣ୍ଡଲୁମ୍ ଏକ୍ସପୋ, ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଚିନ୍ତା ଓ ଚେତନାର ୪୪ତମ ବର୍ଷା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୫ ଜିଲାରେ କବିତା ପାଠ

ଭୁବନେଶ୍ୱର,୧୬।୮(ବ୍ୟୁରୋ): ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସୋମବାର ସ୍ୱାଧୀନତା ଦିବସରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକ ସମୟରେ ରାଜ୍ୟର ୨୫ଟି ଜିଲାର ୧୨୫ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟେକ ସ୍ଥାନରେ ୨୦ଜଣ ଲେଖାଏଁ ଏଭଳି ମୋଟ ଅଢ଼େଇ ହଜାର କବି ଏକ ସମୟରେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

### ଫେସ୍‌ବୁକ୍‌ରେ ଭାଉଜଙ୍କ ନମ୍ବର ଛାଡ଼ି ନଣନ୍ଦ ଗିରଫ

**ଅଶ୍ଳୀଳ ଫଟୋରେ ନମ୍ବର ସହ ଲେଖାଥିଲା 'କଲ୍ ଗାର୍ଲ'**

ଭୁବନେଶ୍ୱର,୧୬।୮(ବ୍ୟୁରୋ): ଏକ ଅଶ୍ଳୀଳ ଫଟୋକୁ ଏଡିଟ୍ କରି ଭାଉଜଙ୍କ ନମ୍ବର ଯୋଡ଼ି ଫେସ୍‌ବୁକରେ ଛାଡ଼ିବା ଅଭିଯୋଗରେ ସମ୍ପୃକ୍ତ ନଣନ୍ଦଙ୍କୁ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦାରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅଞ୍ଚଳର ଶୁଭଶ୍ରୀ ବେହେରା(୩୦)। ଶୁଭଶ୍ରୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଶୁଭଶ୍ରୀ ବଡ଼ଭାଇଙ୍କ ମଧ ସମ୍ପୃକ୍ତି ଥିବା ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ନଣନ୍ଦ ଏବଂ ତାଙ୍କ ଭାଉଜଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ରହିଥିଲା। ଭାଉଜଙ୍କୁ ହଇରାଣ ଓ ବଦ୍‌ନାମ କରିବାକୁ ନଣନ୍ଦ ଫେସ୍‌ବୁକରେ ଏକ ଫେକ୍ ଆକାଉଣ୍ଟ ଖୋଲିଥିଲେ। ଏପରି କରିବାକୁ ଶୁଭଶ୍ରୀଙ୍କୁ ତାଙ୍କ ବଡ଼ ଭାଇ ମଧ କହିଥିଲେ। ଉକ୍ତ ପ୍ରୋଫାଇଲରେ ଏକ ଅଶ୍ଳୀଳ ଫଟୋରେ ଶୁଭଶ୍ରୀ ତାଙ୍କ ଭାଉଜଙ୍କ ଦୁଇଟି ନମ୍ବରକୁ ଏଡିଟ କରି ଛାଡ଼ିଥିଲେ। 'ମୁଁ ଜଣେ କଲଗାର୍ଲ, ରାତିରେ କଲ୍ କର' ବୋଲି ଉକ୍ତ ଫଟୋ ଉପରେ ଇଂରାଜିରେ ଲେଖାଯାଇଥିଲା। ଫଳରେ ତାଙ୍କ(ଭାଉଜ) ନିକଟକୁ ବହୁ କଲ୍ ଆସିଥିଲା। ଏଥିରେ ଅତିଷ୍ଠ ହୋଇ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ଭାଉଜ ଗତ ଜୁଲାଇ ୧ରେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (୩୪/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନଣନ୍ଦଙ୍କ ମୋବାଇଲ ନମ୍ବରରେ ଉକ୍ତ ଫେକ୍ ଆକାଉଣ୍ଟ ଖୋଲାଯାଇଥିବା ତଦନ୍ତ ବେଳେ ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

# ପୂର୍ବ ଶତ୍ରୁତାରୁ ଜେଲ ଫେରନ୍ତାଙ୍କୁ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର,୧୬।୮(ବ୍ୟୁରୋ)


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

- ଧାରୁଆ ଅସ୍ତ୍ର ନେଇ ଆସିଥିଲେ ୬ଯୁବକ
- ଆହତ ଓ ଆକ୍ରମଣକାରୀ ଗୋଟିଏ ଗୋଷ୍ଠୀର
- ପୂର୍ବରୁ ଜେଲ ଯାଇଥିଲେ ଆହତ ନୀଳାଚଳ

କିଛି ଦିନର ନୀରବତା ପରେ ରାଜଧାନୀ ରାସ୍ତାରେ ରକ୍ତର ଛିଟା ପଡ଼ିଛି। ମଙ୍ଗଳବାର ନୟାପଲ୍ଲୀ ଥାନା ଅନ୍ତର୍ଗତ ଜୟଦେବବିହାର ବିଜୁ ପଟ୍ଟନାୟକ କଲେଜ ଛକରେ ଜଣେ ଜେଲ ଫେରନ୍ତାଙ୍କୁ ତାଙ୍କ ଗୋଷ୍ଠୀର ୬ଜଣ ଯୁବକ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଫଳରେ ଆକ୍ରମଣରେ ଯୁବକ ଜଣକ ଗୁରୁତର ହୋଇଛନ୍ତି। ଆହତ ଯୁବକ ହେଲେ ସାଲିଆ ସାହିର ନୀଳାଚଳ ବେହେରା(୩୦)। ତାଙ୍କ ଦୁଇ ହାତ ସହ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ନୀଳାଚଳଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଡିସିପି ପ୍ରତୀକ ସିଂ କହିଛନ୍ତି, ଆକ୍ରମଣ କରିଥିବା ଯୁବକମାନେ ଅପରାଧୀ ଗୋଷ୍ଠୀ ସହ ସମ୍ପୃକ୍ତ। ସେମାନଙ୍କ ନାମରେ ପୂର୍ବରୁ ଆପରାଧିକ ମାମଲା ରହିଛି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ମାମଲାରେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି ସିଂ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୨୧ ମେ ୧୦ରେ ଜଣେ ବ୍ୟକ୍ତିଙ୍କୁ ନୀଳାଚଳ ଓ ତାଙ୍କ ଗୋଷ୍ଠୀର ସଦସ୍ୟମାନେ ଆକ୍ରମଣ କରିଥିଲେ। ଏହି ମାମଲାରେ ନୀଳାଚଳ ଗିରଫ ହୋଇ ଜେଲ ଯାଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଗୋଷ୍ଠୀର ଅନ୍ୟ ଜଣେ ଯୁବକ ମଧ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପରେ ସେମାନେ ଜାମିନରେ ଆସିଥିଲେ। ହେଲେ କିଛି ଦିନ ତଳେ କୌଣସି କାରଣରୁ ତାଙ୍କ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ତେଣୁ ନୀଳାଚଳ ଉକ୍ତ ଗୋଷ୍ଠୀରେ ମିଶିବା ବନ୍ଦ କରି ଦେଇଥିଲେ। ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ନୀଳାଚଳ ବିଜୁ ପଟ୍ଟନାୟକ ଛକରେ ଛିଡ଼ା ହୋଇ କେତେଜଣଙ୍କ ସହ ଆଲୋଚନା କରୁଥିଲେ। ଏହି ସମୟରେ ୩ଟି ବାଇକ୍‌ରେ ତାଙ୍କ ୬ଜଣ ସାଥୀ ଯୁବକ ହଠାତ୍ ଆସି ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ନୀଳାଚଳ ଭୟରେ ଦୌଡ଼ିବାକୁ ଆରମ୍ଭ କରିଥିଲେ। ହେଲେ ଆକ୍ରମଣକାରୀମାନେ ଗୋଡ଼ାଇ ଗୋଡ଼ାଇ ଭୁଜାଲି ଭଳି ଧାରୁଆ ଅସ୍ତ୍ରରେ ହାଣିଥିଲେ। ନୀଳାଚଳ ତଳେ ପଡ଼ିଯିବା ପରେ ଆକ୍ରମଣକାରୀମାନେ ପଳାଇଯାଇଥିଲେ। ଆକ୍ରମଣ ସମୟରେ କେତେଜଣ ଲୋକ ଉକ୍ତ ସ୍ଥାନରୁ ଭୟରେ ଦୌଡ଼ି ପଳାଯାଇଥିଲେ। ଘଟଣାର କିଛି ସମୟପରେ ଖବର ପାଇ ପୋଲିସ ଉକ୍ତ ସ୍ଥାନକୁ ଆସି ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ସହ ତଦନ୍ତ କରିଥିଲା। ତେବେ ଜନଗହଳିପୂର୍ଣ୍ଣ ସ୍ଥାନରେ ଏଭଳି କାଣ୍ଡ ଘଟାଇଥିବା ଯୁବକଙ୍କୁ ଦଣ୍ଡ ଦିଆଯାଉ ବୋଲି ସ୍ଥାନୀୟ ଲୋକମାନେ ଗଣମାଧ୍ୟମ ଜରିଆରେ କହିଛନ୍ତି।


ସ୍ୱାଧୀନତା ଦିବସ ଅବସରରେ ସୋମବାର କଟକ ରେଭେନ୍‌ଶା କଲିଜିଏଟ୍ ସ୍କୁଲରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଓ ଜଷ୍ଟିସ୍ ବି.ଆର୍.ଷଡଙ୍ଗୀ ନେତାଜୀ ଫଟୋ ଗ୍ୟାଲେରୀ ବୁଲି ଦେଖୁଛନ୍ତି।

# 'ଅହିଂସା ରଥ'ର ଶୁଭାରମ୍ଭ


ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଅହିଂସା ରଥ ଗାଡ଼ିର ଶୁଭାରମ୍ଭ ହୋଇଛି।

ଭୁବନେଶ୍ୱର,୧୬।୮(ବ୍ୟୁରୋ)

**ଅକ୍ଟୋବର ୨ ପର୍ଯ୍ୟନ୍ତ ସବୁ ଜିଲା ବୁଲିବ**

ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭ୍ରାମ୍ୟମାଣ ଭିଡିଓ ରଥ ଅଭିଯାନ 'ଅହିଂସା ରଥ'ର ଶୁଭାରମ୍ଭ କରିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ମହାତ୍ମାଙ୍କ ବାର୍ତ୍ତା ସହ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ମହାନ୍ ଅବଦାନ ସମ୍ପର୍କରେ ସୂଚନା ଦେଉଥିବା ଏହି ରଥ ସମସ୍ତ ଜିଲା ପରିକ୍ରମା କରିବ। ମୁଖ୍ୟମନ୍ତ୍ରୀ କହିଥିଲେ, ଦାରିଦ୍ର୍ୟ ଓ ସାମାଜିକ ଅବିଚାର ସବୁଠାରୁ ବଡ଼ ହିଂସା। ଯେ ପର୍ଯ୍ୟନ୍ତ ଦାରିଦ୍ର୍ୟ ରହିଥିବ, ସେ ପର୍ଯ୍ୟନ୍ତ ସ୍ୱାଧୀନତାର ମୂଲ୍ୟ ଅର୍ଥହୀନ। ଦାରିଦ୍ର୍ୟ ଦୂରୀକରଣ ଯେ କୌଣସି ସରକାର ଲାଗି ସବୁଠାରୁ ବଡ଼ ଆହ୍ୱାନ। ଅହିଂସା ବିନା ଏହା ହାସଲ କରାଯାଇ ପାରିବ ନାହିଁ। ପ୍ରଗତି ପାଇଁ ଶାନ୍ତି ଅପରିହାର୍ଯ୍ୟ। ଗାନ୍ଧିଜୀ ଓ ଓଡ଼ିଶା ଶୀର୍ଷକ ଚଳଚ୍ଚିତ୍ର ଏବଂ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା 'ଅହିଂସା ରଥ' ମାଧ୍ୟମରେ ପ୍ରଚାରିତ ହେବ। ଏହାଛଡ଼ା ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଉତ୍କଳମଣି ଗୋପବନ୍ଧୁ ଦାସ, ଶହୀଦ ଲକ୍ଷ୍ମଣ ନାୟକ, ସ୍ୱାଧୀନତା ସଂଗ୍ରାମୀ ରଘୁ ଦିବାକର, ଦେଶର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜୀବନାଦର୍ଶ ସମ୍ପର୍କିତ ପ୍ରମାଣିକ ଚଳଚ୍ଚିତ୍ର ଅହିଂସା ରଥର ଭିଡିଓ ୱାଲ୍‌ରେ ପ୍ରଦର୍ଶିତ ହେବ। ଏହା ମାଧ୍ୟମରେ ରାଜ୍ୟବାସୀ ସ୍ୱାଧୀନତା ସଂଗ୍ରାମରେ ଏହି ବରପୁତ୍ରମାନଙ୍କ ଅବଦାନ ସମ୍ପର୍କରେ ଅବଗତ ହୋଇପାରିବେ। ପ୍ରତି ଜିଲା ମୁଖ୍ୟାଳୟରେ ଏହି ରଥ ପହଞ୍ଚିବା ପରେ ବିଭିନ୍ନ ବ୍ଲକ୍ ବୁଲିବ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏଥିରେ ବିଭିନ୍ନ ଗୋଷ୍ଠୀ, ସ୍ଥାନୀୟ ଲୋକପ୍ରତିନିଧି, ସାଧାରଣ ଜନତା ଯୋଗଦେବେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅହିଂସା ରଥ ପରିକ୍ରମା କାର୍ଯ୍ୟକ୍ରମ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ।

# ୩ ଦଫା ଦାବି ନେଇ ଶିକ୍ଷକ ସମାବେଶ


ଲୋୟର ପିଏମ୍‌ଜିଠାରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ଭୁବନେଶ୍ୱର, ୧୬।୮(ବ୍ୟୁରୋ)

ଶିକ୍ଷକ ଦାବି ଦିବସ ଅବସରରେ ମଙ୍ଗଳବାର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ରାଜ୍ୟର ସମସ୍ତ ଶିକ୍ଷକ ସଙ୍ଗଠନମାନେ ଏକତ୍ର ହୋଇଥିଲେ। ମୁଖ୍ୟତଃ ୩ଟି ଦାବିକୁ ନେଇ ଲୋୟର ପିଏମ୍‌ଜିଠାରେ ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ ସ ପ୍ରତିବାଦ ସଭା କରିଥିଲେ। ଏହି ସଭାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ (ଓଲ୍‌ଷ୍ଟା), ପ୍ରାଥମିକ ଶିକ୍ଷକ ଫେଡେରେଶନ୍, ମଦ୍ରାସା ଶିକ୍ଷକ ସଂଘ, ଗଣ ଶିକ୍ଷକ ସଂଘ, ମହାବିଦ୍ୟାଳୟର ଅଣଶିକ୍ଷକ ସଂଘ, ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ପ୍ରଭୃତି ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ନୂତନ ପେନ୍‌ସନ୍ ବ୍ୟବସ୍ଥା ବାତିଲ୍ କରି ପୁରୁଣା ପେନ୍‌ସନ ପ୍ରଦାନ, ଏଥିରେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରିବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ କର୍ମଚାରୀଙ୍କ ଲାଗି ମୋଡାଲିଟିକୁ ବାତିଲ କରି ସପ୍ତମ କମିଶନ ବେତନ ଦେବା, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଚାକିରି ସର୍ତ୍ତାବଳୀ ସହିତ ସରକାରୀ କରିବା, ଚାକିରି କାଳକୁ ୬୨ ବର୍ଷକୁ ବୃଦ୍ଧି ଏବଂ ଏଲିମେଣ୍ଟାରି ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦେବା, ଯୋଗ୍ୟ ବିବେଚିତ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ ପ୍ରଭୃତି ଦାବି ଉପସ୍ଥାପନ କରାଯାଇଛି। ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସମନ୍ୱୟ ସମିତିର ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ସମେତ ବିନୋଦ ବିହାରୀ ପାଣିଗ୍ରାହୀ, ସୁକାନ୍ତ ବେହେରା, ବ୍ରହ୍ମାନନ୍ଦ ମହାରଣା, ପ୍ରଶାନ୍ତ ତ୍ରିପାଠୀ, ହୃଷୀକେଶ ମିଶ୍ର ପ୍ରମୁଖ ଦାବି କରିଛନ୍ତି।

# ଓଡ଼ିଶାରୁ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବି

**କଳାବ୍ୟାଜ ପିନ୍ଧି କର୍ମଚାରୀଙ୍କ ବିକ୍ଷୋଭ**

ଭୁବନେଶ୍ୱର,୧୬।୮(ବ୍ୟୁରୋ)

ରାଜ୍ୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବିରେ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ପକ୍ଷରୁ ସପ୍ତାହବ୍ୟାପୀ କଳାବ୍ୟାଜ ପିନ୍ଧି ପ୍ରତିବାଦ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଗ୍ରୁପ୍ ବି, ସି ଏବଂ ଡି କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିବା ସହିତ ବିକ୍ଷୋଭ କରିଛନ୍ତି। ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗର ଚୁକ୍ତିଭିତ୍ତିକ କର୍ମଚାରୀମାନେ ପ୍ରତ୍ୟେକ ଜିଲାର ବ୍ଲକ ସ୍ତରରେ ଅବସ୍ଥାପିତ ମୁଖ୍ୟ ଦପ୍ତରଠାରୁ ଆରମ୍ଭ କରି ଭୁବନେଶ୍ୱର ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଏବଂ ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକିରିରେ ଯୋଗ କରିବା, ମହଙ୍ଗା ଭତ୍ତା, ଘରଭଡ଼ା ଏବଂ ସମସ୍ତ ସରକାରୀ ଆନୁଷଙ୍ଗିକ ସୁବିଧା ଇତ୍ୟାଦି ପ୍ରଦାନ ନେଇ ସାରା ରାଜ୍ୟରେ ଅଗଷ୍ଟ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ରାଜ୍ୟ ସରକାର ଯଦି ଦାବିଗୁଡ଼ିକୁ ପୂରଣ ନ କରନ୍ତି, ତେବେ ସମସ୍ତ ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀମାନେ ଅଗଷ୍ଟ ଶେଷ ସପ୍ତାହରେ ଭୁବନେଶ୍ୱର ସ୍ଥିତ ଗାନ୍ଧୀମାର୍ଗ ଠାରେ ଅନୁଷ୍ଠିତ ଏକ ବୃହତ୍ ଆନ୍ଦୋଳନରେ ସାମିଲ ହେବେ ବୋଲି ମହାସଂଘର ସଭାପତି ବିଜୟ ମଲ୍ଲ, ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଭାତ ମହାନ୍ତି, ସାଧାରଣ ସମ୍ପାଦକ କ୍ଷୀତିଶ ପଣ୍ଡା,ସଂଗଠନ ସମ୍ପାଦକ ପ୍ରଶାନ୍ତ ରାଉତରାୟ, ଶିକ୍ଷକ ନେତା ପୂର୍ଣ୍ଣଚନ୍ଦ୍ର ଆଇଚ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସଫେଇ ଆରମ୍ଭ କଲେ ୨ନୂଆ ସଂସ୍ଥା

ଭୁବନେଶ୍ୱର, ୧୬।୮(ବ୍ୟୁରୋ)

ଭୁବନେଶ୍ୱର ସହରର ସଫେଇ ଦାୟିତ୍ୱ ନେଇଛନ୍ତି ଆଉ ଦୁଇ ନୂଆ ସଂସ୍ଥା। ମଙ୍ଗଳବାରଠାରୁ ଆୱାରଲ୍ୟାଣ୍ଡ ଏବଂ ଗ୍ରୀନ୍ ସର୍କଲ ସଂସ୍ଥା କାମ ଆରମ୍ଭ କରିଥିଲେ। ମାତ୍ର ଆରମ୍ଭରୁ ସେମାନଙ୍କୁ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡିଥିଲା। ସମ୍ପୃକ୍ତ ସଂସ୍ଥାର କର୍ମଚାରୀମାନେ ବିଭିନ୍ନ ୱାର୍ଡରେ କାମ ଆରମ୍ଭ କରୁଥିବାବେଳେ ଭୁବନେଶ୍ୱର ମହାନଗର ନିଗମ ସଫେଇ ମଜଦୁର ସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ଏପରିକି ସଫେଇ କାମ ବନ୍ଦ କରାଯାଇଥିଲା। ପରେ ଆଲୋଚନା କରିବାକୁ ସଂସ୍ଥା ରାଜି ହେବାରୁ ସ୍ଥିତିରେ ସୁଧାର ଆସିଥିଲା। ବିଏମ୍‌ସି କାର୍ଯ୍ୟାଳୟରେ ବିଏମ୍‌ସି, ସମ୍ପୃକ୍ତ ସଂସ୍ଥା ଏବଂ ସଂଘ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ କୌଣସି ସଫେଇ କର୍ମଚାରୀଙ୍କୁ ଛଟେଇ କରାଯିବ ନାହିଁ ଏବଂ ସମସ୍ତଙ୍କୁ ଦୈନିକ ୩୨୬ଟଙ୍କା ମଜୁରି ପ୍ରଦାନ କରିବାକୁ ସଂସ୍ଥା ରାଜି ହୋଇଥିବା ସଂଘର ସାଧାରଣ ସମ୍ପାଦକ ସହଦେବ ନାୟକ ସୂଚନା ଦେଇଛନ୍ତି।


ଓଡ଼ିଶା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତି ବିଭାଗ ପକ୍ଷରୁ ମଙ୍ଗଳବାର ଇଣ୍ଟିଗ୍ରେଟେଡ୍ ଲିଗାଲ ମନିଟରିଂ ସିଷ୍ଟମ୍ (ଆଇଏଲ୍ଏମ୍ଏସ୍) ଉପରେ ରଚିତ ପୁସ୍ତକକୁ ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।


ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ସୋମବାର ସ୍ୱାଧୀନତା ଦିବସରେ ରାଜଭବନରେ ସ୍ଥାପିତ ଭାରତମାତାଙ୍କ ମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ତୁଳସୀ ମୁଣ୍ଡା ଏବଂ ଅନ୍ୟମାନେ।

# ପ୍ରାଣୀଧନ, ମତ୍ସ୍ୟ ସମ୍ପଦ ସୁରକ୍ଷା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୬।୮(ବ୍ୟୁରୋ)

- ପ୍ରତି ବ୍ଲକ୍‌ରେ ମୋବାଇଲ୍ ଭେଟେରିନାରି ୟୁନିଟ୍ ପ୍ରସ୍ତୁତ ରଖ
- ମତ୍ସ୍ୟଜୀବୀ, ଶ୍ରମିକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ନିର୍ଦ୍ଦେଶ

ରାଜ୍ୟରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ପ୍ରାଣୀଧନ ଓ ମତ୍ସ୍ୟସମ୍ପଦର ସୁରକ୍ଷା ଲାଗି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଆଗୁଆ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଭାବିତ ପ୍ରାଣୀସମ୍ପଦର ତୁରନ୍ତ ଚିକିତ୍ସା ସକାଶେ ବନ୍ୟାଞ୍ଚଳର ପ୍ରତ୍ୟେକ ବ୍ଲକ୍‌ରେ ଗୋଟିଏ ଲେଖାଏ ମୋବାଇଲ୍ ଭେଟେରିନାରି ୟୁନିଟ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଟିମ୍‌ରେ ଗୋଟିଏ ଗାଡ଼ି ସହ ଜଣେ ପ୍ରାଣୀ ଚିକିତ୍ସକ, ଜଣେ ପ୍ରାଣୀଧନ ନିରୀକ୍ଷକ ଓ ଜଣେ ସହାୟକ ରହିବେ। ପ୍ରାଣୀ ଚିକିତ୍ସାଳୟ, ଭେଟେରିନାରି ଡିସ୍‌ପେନ୍‌ସାରି ଓ ଲାଇଭଷ୍ଟକ୍ କେନ୍ଦ୍ରଗୁଡ଼ିକୁ ଆବଶ୍ୟକ ଟିକା ଓ ଜରୁରୀ ଔଷଧ ଆଗୁଆ ପଠାଇବା ପାଇଁ ସିଡିଭିଓମାନଙ୍କୁ କୁହାଯାଇଛି। ପର୍ଯ୍ୟାପ୍ତ ପରିମାଣର ଜରୁରୀ ଔଷଧ ଗଚ୍ଛିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ସମୟରେ ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ସଦର ମହକୁମାରେ ଉପସ୍ଥିତ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୋଖାଦ୍ୟ ଯୋଗାଣ ନିମନ୍ତେ ଜିଲାପାଳଙ୍କୁ ଅନୁରୋଧ କରିବା ପାଇଁ କୁହାଯାଇଛି। ସିଡିଭିଓ ସ୍ତରରେ କଣ୍ଟ୍ରୋଲରୁମ୍ ଖୋଲାଯାଇ କଟକସ୍ଥିତ ନିର୍ଦ୍ଦେଶାଳୟର କଣ୍ଟ୍ରୋଲରୁମ୍‌କୁ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ନିୟମିତ ତଥ୍ୟ ପ୍ରେରଣ କରିବାକୁ କୁହାଯାଇଛି। କଟକସ୍ଥିତ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟରେ ୨୪ଘଣ୍ଟିଆ କଣ୍ଟ୍ରୋଲରୁମ୍ (ଫୋନ୍ ନଂ-୦୬୭୧-୨୪୧୪୩୧୦, ୭୨୦୫୫୯୮୧୨୫) ଖୋଲାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳକୁ ଔଷଧ ଓ ଭାକ୍‌ସିନ୍ ଯୋଗାଣକୁ ନିରୀକ୍ଷଣ କରିବା ପାଇଁ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ବନ୍ୟା ସମୟରେ ପ୍ରାଣୀମାନଙ୍କଠାରେ କୌଣସି ପ୍ରକାର ରୋଗ ଦେଖାଯିବା କିମ୍ବା ବ୍ୟାପିବାକୁ ପ୍ରତିହତ କରିବା ପାଇଁ ବିଭାଗ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି।

ସେହିପରି ମତ୍ସ୍ୟ ସମ୍ପଦ ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ ଲାଗି ସମସ୍ତ ଜିଲା ମତ୍ସ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମତ୍ସ୍ୟଚାଷୀମାନେ ଜଳାଶୟ ବନ୍ଧକୁ ମଜଭୁତ କରିବେ, ଯେପରି ମାଛ, ଚିଙ୍ଗୁଡ଼ି କିମ୍ବା ଯାଆଁଳ ଭାସି ନ ଯାଆନ୍ତି। ଆବଶ୍ୟକ ସ୍ଥଳେ ଜଳାଶୟର ଜଳସ୍ତରକୁ କମ୍ ରଖିବା ପାଇଁ କୁହାଯାଇଛି। ଚିଙ୍ଗୁଡ଼ି ଚାଷରେ ନିୟୋଜିତ ଶ୍ରମିକଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା ସକାଶେ କୁହାଯାଇଛି। ଆବଶ୍ୟକ ହେଲେ ଜିଲା ପ୍ରଶାସନ ସହାୟତାରେ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରୁ ମତ୍ସ୍ୟଜୀବୀ ଓ ଶ୍ରମିକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ କଣ୍ଟ୍ରୋଲରୁମ୍ ଖୋଲାଯାଇ ବନ୍ୟା ସ୍ଥିତି ଓ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ନିୟମିତ ମତ୍ସ୍ୟ ନିର୍ଦ୍ଦେଶାଳୟକୁ ଅବଗତ କରିବାକୁ କୁହାଯାଇଛି। ବିଭାଗ ପକ୍ଷରୁ ପଠାଯାଉଥିବା ଆଡ୍‌ଭାଇଜରିଗୁଡ଼ିକୁ ଅନୁପାଳନ କରିବା ଲାଗି ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** ଗତ କିଛିଦିନ ହେବ ବିଦେଶୀ ବଜାରରେ ମାନ୍ଦାବସ୍ଥା ଦେଖାଦେଇଛି। ଫଳରେ ଭାରତୀୟ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। କାରଣ ଗତ କିଛିଦିନ ହେବ ଷ୍ଟକ୍ ବଜାର କାରବାର ଉପର ତଳ ହେଉଥିଲେ ମଧ୍ୟ ବିଶେଷ କ୍ଷତି ଘଟୁନାହିଁ। ଫଳରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍‌ଟିରେ କାରବାର ଭଲ ଦେଖିବାକୁ ମିଳିଛି। ମଙ୍ଗଳବାର ସେନ୍‌ସେକ୍ସ ୩୭୯ (୩୭୯.୪୩) ପଏଣ୍ଟ ବଢ଼ି ୫୯,୮୪୨ (୫୯,୮୪୨.୨୧) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍‌ଟି-୫୦ରେ ୧୨୭ (୧୨୭.୧୦) ପଏଣ୍ଟ ବୃଦ୍ଧି ଘଟି ୧୭,୮୨୫ (୧୭,୮୨୫.୨୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଅଶୋଧିତ ତୈଳ ମୂଲ୍ୟ ୭୦ଡଲାରକୁ ଖସିଯିବ:ମୁଡି

**ନୂଆଦିଲ୍ଲୀ,୧୬।୮:** କ୍ରମାଗତ ଭାବେ ଅନ୍ତଃରାଷ୍ଟ୍ରୀୟ ତୈଳ ବଜାରରେ ଅଶୋଧିତ ତେଲର ଦାମ୍ ଖସି ଚାଲିଛି। କାରଣ ଓପେକ ରାଷ୍ଟ୍ର ମଧ୍ୟରେ ଲାଗି ରହିଥିବା ବିବାଦର ସୁଧାର ସାଙ୍ଗକୁ ତୈଳ ଉତ୍ପାଦନ ବୃଦ୍ଧି ଯୋଗୁ ଦର ହ୍ରାସ ଘଟିଛି। ଫଳରେ ୨୦୨୪ ଶେଷ ସୁଦ୍ଧା ବିଶ୍ୱର ତୈଳ ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୭୦ ଡଲାରକୁ ହ୍ରାସ ପାଇବ ବୋଲି ମୁଡି ଆନାଲିଟିକ୍ସ ପକ୍ଷରୁ ଆକଳନ କରାଯାଇଛି। ନିକଟରେ ଏସିଆ ପାସିଫିକ୍ ଅଞ୍ଚଳ ଉପରେ ପ୍ରକାଶିତ ଏକ ରିପୋର୍ଟରେ ମୁଡି ଏଭଳି କିଛି ଆଶାଙ୍କ କରିଛି। ସେହିପରି ରୁଷିଆ-ୟୁକ୍ରେନ ଉପରେ ଆକ୍ରମଣ କରିବା ପରେ ଅଗଷ୍ଟରେ ତୈଳ ମୂଲ୍ୟ ୧୨୦ ଡଲାରରୁ ଅଧିକ ମୂଲ୍ୟରେ ତେଲ ବିକ୍ରି ହୋଇଥିଲା। କିନ୍ତୁ ଗତ କିଛି ମାସର ଦର ହ୍ରାସ ଯୋଗୁ ଅଗଷ୍ଟରେ ମୂଲ୍ୟ ୧୦୦ ଡଲାରରେ ରହିଥିବା ମୁଡି ପକ୍ଷରୁ କୁହାଯାଇଛି। ଏହି ଧାରା ଜାରି ରହିଲେ ଅଶୋଧିତ ମୂଲ୍ୟ ବ୍ୟାରେଲ ପ୍ରାୟ ୭୦ଡଲାରକୁ ହ୍ରାସ ପାଇବ ବୋଲି ସଂସ୍ଥା ଆଶା କରୁଛି।

### ଓଲା ଇ-କାର୍‌ର ଡିଜାଇନ ଉନ୍ମୋଚିତ

**ନୂଆଦିଲ୍ଲୀ,୧୬।୮:** ଇଲେକ୍ଟ୍ରିକ୍ ସ୍କୁଟର ଜରିଆରେ ଦେଶରେ ଚର୍ଚ୍ଚା ସୃଷ୍ଟି କରିଥିବା ଓଲା ଇଲେକ୍ଟ୍ରିକ୍ ନିକଟରେ ତା'ର ଇଲେକ୍ଟ୍ରିକ କାର୍‌ର ଡିଜାଇନ ଉନ୍ମୋଚନ ହୋଇଯାଇଛି। ଉକ୍ତ କାରର ଡିଜାଇନ୍ ଅନନ୍ୟ ହୋଇଥିବାବେଳେ ଏଥିରେ ଅନେକ ବୈଶିଷ୍ଟ୍ୟ ଉପଲବ୍ଧ ରହିଛି। ଏହାକୁ ଥରେ ଚାର୍ଜ କଲେ ୫୦୦ କି.ମି. ଯାଇପାରିବ ବୋଲି ଓଲା ପକ୍ଷରୁ କୁହାଯାଇଛି। ସେହିଭଳି ଉକ୍ତ କାର୍‌ଟି ମାତ୍ର ୪ ସେକେଣ୍ଡରେ ୦ରୁ ୧୦୦ କିଲୋମିଟର ବେଗରେ ଗତି କରିପାରିବ ବୋଲି ଓଲା ଦାବି କରିଛି। ଉକ୍ତ କାର୍‌ର ଡିଜାଇନ ଉନ୍ମୋଚନ ସମୟରେ ତା'ର ଝଲକ ଦେଖିବାକୁ ମିଳିଥିବାବେଳେ ଏହି କାର୍‌ର ଛାତ ସମ୍ପୂର୍ଣ୍ଣ କାଚ ହୋଇଥିବା ଜଣାପଡିଛି। ଏହି କାର୍‌ଟି ସ୍ପୋର୍ଟି ଡିଜାଇନ ହୋଇଥିବାବେଳେ ଓଲା ଏହା ଜରିଆରେ ୨୦୨୪ ସୁଦ୍ଧା ବଜାରକୁ ଆସୁଛି ବୋଲି କୁହାଯାଇଛି।

# ଜୁଲାଇରେ ପାଇକାରୀ ମୁଦ୍ରାସ୍ଫୀତି ୧୩.୯୩%କୁ ହ୍ରାସ



■ ଡବ୍ଲ୍ୟୁପିଆଇ ମୁଦ୍ରାସ୍ଫୀତି ଗତ ମାସରେ ୧୫.୧୮% ରହିଥିଲା

■ ମେ ମାସରେ ରେକର୍ଡ ପରିମାଣରେ (୧୬.୬୩%) ବୃଦ୍ଧି ଘଟିଥିଲା

■ ଗତ ବର୍ଷ ଜୁଲାଇ ତୁଳନାରେ ଏହା ୧୧.୫୭% ଥିଲା

■ ଗତ ୧୬ ମାସ ହେବ ଦୁଇ ଅଙ୍କରେ ରହିଛି ଡବ୍ଲ୍ୟୁପିଆଇ

**ନୂଆଦିଲ୍ଲୀ,୧୬।୮**

ଚଳିତ ବର୍ଷ ଜୁଲାଇ ପାଇଁ ଭାରତର ହୋଲ୍‌ସେଲ ମୁଦ୍ରାସ୍ଫୀତି କ୍ରମାଗତ ଭାବେ ୧୩.୯୩ % କୁ ହ୍ରାସ ପାଇଛି। କାରଣ ଏହି ସମୟରେ ପନିପରିବା, କ୍ଷୀର ଏବଂ ଇନ୍ଧନ ଆଦି ଦର ହ୍ରାସ ଯୋଗୁ ଏଭଳି ହୋଇଥିବା କୁହାଯାଇଛି। କିନ୍ତୁ ୧୬ ମାସ ହେବ ଏହା ଦୁଇ ଅଙ୍କରେ ରହିଛି। ସେହିପରି ହୋଲ୍‌ସେଲ ମୂଲ୍ୟ ସୂଚକାଙ୍କ ଭିତ୍ତିକ (ଡବ୍ଲ୍ୟୁପିଆଇ) ବା ପାଇକାରୀ ମୁଦ୍ରାସ୍ଫୀତି ଗତ ମାସରେ ୧୫.୧୮% ରହିଥିଲା। ଏପରିକି ଏହା ମେ ୨୦୨୨ରେ ସର୍ବାଧିକ ୧୬.୬୩% ରେକର୍ଡ ପରିମାଣର ଦର ରହିଥିଲା। ୨୦୨୧ ଜୁଲାଇରେ ଏହା ୧୧.୫୭ % ଥିଲା।

ସେହିଭଳି ୨୦୨୨ ମେ ପାଇଁ ପାଇକାରୀ ମୁଦ୍ରାସ୍ଫୀତି ହାର ପୂର୍ବ ବର୍ଷର ଆନୁମାନିକ ୧୫.୮୮ % ରୁ ୧୬.୬୩ % ରେକର୍ଡକୁ ବୃଦ୍ଧି କରାଯାଇଥିଲା। ୨୦୨୨ ଜୁଲାଇରେ ମୁଦ୍ରାସ୍ଫୀତି ମୁଖ୍ୟତଃ ଖଣିଜ ତେଲ, ଖାଦ୍ୟ ପଦାର୍ଥ, ଅଶୋଧିତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍, ମୌଳିକ ଧାତୁ, ବିଦ୍ୟୁତ୍, ରାସାୟନିକ ପଦାର୍ଥ, ଖାଦ୍ୟ ପଦାର୍ଥ ଆଦିର ମୂଲ୍ୟ ଯୋଗୁ ପୂର୍ବ ବର୍ଷର ଅନୁରୂପ ମାସ ତୁଳନାରେ ଏହା କମ୍ ହୋଇଥିବା ଏକ ସରକାରୀ ସୂତ୍ରରୁ ଜଣାପଡ଼ିଛି।

ଏ ସମ୍ପର୍କରେ ଆଇସିଆର୍‌ଏର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତ୍ୟ ନାୟାର କହିଛନ୍ତି, ଖାଦ୍ୟ ସାମଗ୍ରୀ, କୋର-ପାଇକାରୀ, ଅଶୋଧିତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ଏବଂ ପ୍ରାଥମିକ ଅଣ ଖାଦ୍ୟ ପଦାର୍ଥ ପାଇଁ ମୁଦ୍ରାସ୍ଫୀତି ହେତୁ ପାଇକାରୀ ମୁଦ୍ରାସ୍ଫୀତି ନରମ ହୋଇଥିବା ଆକଳନ କରାଯାଉଛି।

ଅପରପକ୍ଷରେ ପ୍ରାଥମିକ ପ୍ରବନ୍ଧଗୁଡିକ, ଯାହା ପାଇକାରୀ ସୂଚକାଙ୍କର ୨୨.୬% । ୨୦୨୨ ଜୁଲାଇରେ ୧୫.୦୪% ବୃଦ୍ଧି ପାଇଛି। ୨୦୨୧ ଜୁଲାଇରେ ୬.୩୪ % ତୁଳନାରେ ଜୁନ୍ ୨୦୨୨ରେ ୧୯.୨୨% ଏବଂ ଜୁଲାଇ ୨୦୨୨ରେ ୧୫.୦୪% ରହିଥିଲା।

## ଦିବ୍ୟାଙ୍ଗ କଳାକାରଙ୍କୁ ସମ୍ବର୍ଦ୍ଧିତ କଲା ନାଲ୍‌କୋ



**ଭୁବନେଶ୍ୱର,୧୬।୮**

ନାଲ୍‌କୋ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସକୁ ଉତ୍ସାହର ସହ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଜାତୀୟ ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତା ସଂଗ୍ରାମୀ ତଥା ସୀମା ସୁରକ୍ଷାରେ ଅବସ୍ଥାପିତ ସୈନିକମାନଙ୍କୁ ସମ୍ମାନ ଜଣାଇଥିଲେ। ସେହିଭଳି ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତର ସ୍ୱପ୍ନକୁ ସାକାର କରିବାକୁ ଚେଷ୍ଟା କରିବା ପାଇଁ ସେ ନାଲ୍‌କୋର ସମସ୍ତ କର୍ମକର୍ତ୍ତା ଏବଂ ଅଧିବାସୀମାନଙ୍କୁ ଉତ୍ସାହିତ କରିଥିଲେ। ଅପରପକ୍ଷରେ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଦିବ୍ୟାଙ୍ଗ କଳାକାରମାନେ ଦେଶାତ୍ମବୋଧକ ସଂଗୀତ ଗାନ କରିଥିଲେ। ପରିଶେଷରେ ଦିବ୍ୟାଙ୍ଗ କଳାକାରମାନଙ୍କୁ ସେମାନଙ୍କର ଅଭିନବ ଦକ୍ଷତା ଏବଂ ପ୍ରଦର୍ଶନ ପାଇଁ ସିଏମ୍‌ଡି ପାତ୍ର ଏବଂ ନାଲ୍‌କୋ ମହିଳା ସମିତିର ଅଧ୍ୟକ୍ଷା ସସ୍ମିତା ପାତ୍ର ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସ୍ଥାନୀୟ ଭୁବନେଶ୍ୱର ଏମ୍ସ ହସ୍ପିଟାଲର ଇନ୍‌ଡୋର ରୋଗୀମାନଙ୍କୁ ଖାଦ୍ୟ ପ୍ୟାକେଟ୍ ମଧ୍ୟ ବଣ୍ଟନ କରାଯାଇଥିଲା।

## ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଡାଇମଣ୍ଡ ମହୋତ୍ସବର ଶୁଭାରମ୍ଭ



ହୀରା ଜୁଏଲେରି ଜିଭା କଲେକ୍ସନର ଉନ୍ମୋଚନ ଅବସରରେ ଅରୁନ୍ଧତୀର ବରିଷ୍ଠ ଅଧିକାରୀ ଓ ଅନ୍ୟମାନ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୧୬।୮**

ରାଜ୍ୟ ପ୍ରମୁଖ ଜୁଏଲେରି ବ୍ରାଣ୍ଡ୍ ଓ ଚେନ୍ ଷ୍ଟୋର ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସ ଉପଲକ୍ଷେ 'ଡାଇମଣ୍ଡ ମହୋତ୍ସବ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ପ୍ରତିବର୍ଷ ପରି ଗ୍ରାହକମାନଙ୍କ ରୁଚିକୁ ଦୃଷ୍ଟିରେ ରଖି ଅତ୍ୟନ୍ତ ସୂକ୍ଷ୍ମ ଓ ଅତ୍ୟାଧୁନିକ ଶୈଳୀରେ ତିଆରି କରାଯାଇଥିବା ଡାଇମଣ୍ଡର ନୂତନ କଲେକ୍ସନ 'ଜିଭା'ର ମଧ୍ୟ ଉନ୍ମୋଚନ କରାଯାଇଥିଲା। ଏହି ନୂତନ କଲେକ୍ସନ 'ଜିଭା'ର ଚାହିଦାକୁ ଦୃଷ୍ଟିରେ ରଖି ଆକର୍ଷଣୀୟ ଅଫର ୨୫% ପର୍ଯ୍ୟନ୍ତ ରିହାତି ସହ ଅରୁନ୍ଧତୀ ଜୁଏଲର୍ସର ସମସ୍ତ ୭ଟି ଶୋ'ରୁମ୍ ରେ ଏହି ନୂତନ ସଂଗ୍ରହ ଉପଲବ୍ଧ କରାଯାଇଛି। ଏହା ସହ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ସର୍ବୋତ୍କୃଷ୍ଟ ଅଫର ଯେଉଁଥିରେ ସୁନାଗହଣାର ଗଢ଼ାମଜୁରି ଉପରେ ୨୦୨୨ ଟଙ୍କାର ରିହାତି ଓ ରୁପା ଗଢ଼ାମଜୁରି ଉପରେ ୫୦% ପର୍ଯ୍ୟନ୍ତ ରିହାତି ରଖାଯାଇଛି। ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଆମର ଏହି ଜିଭା କଲେକ୍ସନ ଆଜିର ନାରୀମାନଙ୍କର ପସନ୍ଦ ଓ ଆବଶ୍ୟକତାକୁ ଧ୍ୟାନରେ ରଖି ଏକ ଉତ୍କୃଷ୍ଟ କଳାକୃତିରେ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ଅରୁନ୍ଧତୀର ଅପରେଶନ ମୁଖ୍ୟ ନିହାର ରଞ୍ଜନ ନନ୍ଦ, ଆଞ୍ଚଳିକ ମୁଖ୍ୟ ନିରଞ୍ଜନ ବେହେରା, ସତ୍ୟନଗର ଷ୍ଟୋର ହେଡ୍ (ଶାଖା ମୁଖ୍ୟ) ମୋହନ ସାହୁଙ୍କ ସମେତ ଲିଟୁ କାଳିଆ ଏବଂ ବାବିଷ୍ଟାନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠୁ ୨ଟଙ୍କା ବଢ଼ିବ ଅମୂଲ, ମଦର ଡେରିର ଦୁଗ୍ଧ ମୂଲ୍ୟ

**ନୂଆଦିଲ୍ଲୀ,୧୬।୮**

ଦେଶର ଲୋକପ୍ରିୟ ଦୁଗ୍ଧ ବ୍ରାଣ୍ଡ ଅମୂଲ ଏବଂ ମଦର ଡେରି ପକ୍ଷରୁ ଦୁଗ୍ଧ ମୂଲ୍ୟ ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କ୍ରୟ ମୂଲ୍ୟ ବୃଦ୍ଧି ଯୋଗୁ କ୍ଷତିପୂରଣ ଦେବା ପାଇଁ ବୁଧବାରଠାରୁ ଉଭୟ କମ୍ପାନୀର ଦୁଗ୍ଧ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ମଦର ଡେରିର ଫୁଲ୍ କ୍ରିମ୍ କ୍ଷୀରର ଲିଟର ପିଛା ୬୧ଟଙ୍କା, ଟୋନ୍‌ଡ୍ କ୍ଷୀରର ମୂଲ୍ୟ ୫୧ଟଙ୍କା ଏବଂ ଡବଲ୍ ଟୋନ୍ କ୍ଷୀରର ଲିଟର ପିଛା ୪୫ଟଙ୍କାକୁ ବୃଦ୍ଧି ପାଇବ ବୋଲି ଜଣାପଡିଛି। ଗାଈ କ୍ଷୀରର ମୂଲ୍ୟ ଲିଟର ପିଛା ୫୩ଟଙ୍କାକୁ ବୃଦ୍ଧି କରାଯାଇଛି। ବଲ୍କ ଭେଣ୍ଡେଡ୍ କ୍ଷୀର (ଟୋକେନ୍ କ୍ଷୀର) ମୂଲ୍ୟ ଲିଟର ପିଛା ୪୬ରୁ ୪୮ ଟଙ୍କାକୁ ବୃଦ୍ଧି କରାଯାଇଛି। ଅମୂଲ ବ୍ରାଣ୍ଡ ଅନ୍ତର୍ଗତ ଏହାର ସମସ୍ତ ଦୁଗ୍ଧ ବ୍ରାଣ୍ଡ୍ ଉପରେ ଲିଟର ପିଛା ୨ଟଙ୍କା ବୃଦ୍ଧି କରାଯାଇଛି।

## ବିଦ୍ୟୁତ୍ ସେବା କେନ୍ଦ୍ର ଲୋକାର୍ପିତ

**ଭୁବନେଶ୍ୱର,୧୬।୮**

ଟିପିସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ୭୫ଟି ବିଦ୍ୟୁତ୍ ସେବାକେନ୍ଦ୍ରକୁ ନିକଟରେ ଲୋକାର୍ପଣ (ପୁନର୍ଗଠନ ଓ କାର୍ଯ୍ୟକ୍ଷମ) କରାଯାଇଛି। ଏହି ସେବା କେନ୍ଦ୍ରଗୁଡ଼ିକ ମୁଖ୍ୟତଃ ନିଜ ଅଞ୍ଚଳରେ ଗ୍ରାହକମାନଙ୍କ ବିଦ୍ୟୁତ୍ ଯୋଗାଣ ସମ୍ପର୍କିତ ଅଭିଯୋଗର ପରିଚାଳନା କରିବେ ଏବଂ ଗ୍ରାମୀଣ ଗ୍ରାହକଙ୍କ ପାଇଁ କମ୍ପାନୀ ସହିତ ଯୋଗାଯୋଗ ଲାଗି ଏକ ସ୍ଥାନ ଭାବେ ମଧ୍ୟ କାର୍ଯ୍ୟ କରିବେ। ବିଦ୍ୟୁତ୍ ସେବା କେନ୍ଦ୍ରଗୁଡ଼ିକର ପରିଚାଳନା ପାଇଁ ଶିଫ୍ଟ ଆଧାରରେ କର୍ମଚାରୀ ରହିବେ, ଯେଉଁମାନେ ସବୁ ପ୍ରକାର ବିଭ୍ରାଟ ଓ ବିଦ୍ୟୁତ୍ ଯୋଗାଣ ସମ୍ପର୍କିତ ଜରୁରିକାଳୀନ ସ୍ଥିତିର ମୁକାବିଲା କରିବେ। ଏହା ବ୍ୟତୀତ ସପ୍ତାହରେ ଥରେ କମର୍ସିଆଲ୍ କର୍ମଚାରୀ କିମ୍ବା ସେକ୍ସନ ଇନ୍-ଚାର୍ଜ ପରିଦର୍ଶନ କରିବା ବେଳେ ଗ୍ରାହକମାନେ ନିଜର କମର୍ସିଆଲ ଓ ଅନ୍ୟାନ୍ୟ ସମସ୍ୟାର ପଞ୍ଜୀକରଣ କରିପାରିବେ। ଗ୍ରାହକମାନଙ୍କ ସହ ସିଧାସଳଖ ଭାବେ ଯୋଡ଼ିହେବା ଓ ସେମାନଙ୍କ ସବୁ ଅଭିଯୋଗର ସମାଧାନ କରିବା ଲାଗି ଭାରପ୍ରାପ୍ତ କମ୍ପାନୀ ଅଧିକାରୀ ସପ୍ତାହରେ ଥରେ ଏହି ବିଦ୍ୟୁତ୍ ସେବା କେନ୍ଦ୍ରଗୁଡ଼ିକର ପରିଦର୍ଶନ କରିବେ।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍.ସେନ୍‌ବାଗମ୍ କହିଛନ୍ତି, ଏହା ଜରିଆରେ ଆମେ ଗ୍ରାମୀଣ ଗ୍ରାହକମାନଙ୍କ ନିକଟତର ହେବୁ। ଉକ୍ତ ସେବା କେନ୍ଦ୍ରଗୁଡ଼ିକ ଗ୍ରାହକ ଓ ଡିସ୍‌କମ୍ ମଧ୍ୟରେ ରହିଥିବା ଅନ୍ତର ହ୍ରାସ କରିବ। ଆମର ଗ୍ରାମୀଣ ଗ୍ରାହକମାନେ ନିୟମିତ ଭାବେ କମ୍ପାନୀର ଅଧିକାରୀମାନଙ୍କ ପାଖରେ ପହଞ୍ଚିପାରିବେ ବୋଲି ସେନ୍‌ବାଗମ୍ ମତବ୍ୟକ୍ତ କରିଛନ୍ତି।

## ଫୁର୍‌ସତ୍



# ମା' ହେବେ ବିପାଶା

**ମୁମ୍ବାଇ:** ବଲିଉଡ୍ ଇଣ୍ଡଷ୍ଟ୍ରିର ବ୍ଲାକ୍‌ବ୍ୟୁଟି କୁହାଯାଉଥିବା ବିପାଶା ବସୁ ମା' ହେବାକୁ ଯାଉଛନ୍ତି। ତେବେ ଏହା କୌଣସି ଚର୍ଚ୍ଚା ନୁହେଁ, ବରଂ ନିଜେ ବିପାଶା ଏ ଖବର ପ୍ରକାଶ କରିଛନ୍ତି। ମଙ୍ଗଳବାର ନାୟିକା ଜଣକ ନିଜ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କ ବେବିବମ୍ପ ଦେଖିବାକୁ ମିଳିଛି। ଗର୍ଭବତୀ ଥିବା ଅବସ୍ଥାର ଏହା ବିପାଶାଙ୍କ ପ୍ରଥମ ଫଟୋ ଯାହା ସର୍ବସମ୍ମୁଖକୁ ଆସିଛି। ଏ ନେଇ ସେ ସ୍ୱତନ୍ତ୍ର ଫଟୋଶୁଟ୍ କରୁଥିବା ଦେଖିବାକୁ ମିଳିଛି। ବିପାଶା ଏକ ଧଳା ସାର୍ଟ ପିନ୍ଧିଥିବାବେଳେ ସ୍ୱାମୀ କରନ ସିଂ ଗ୍ରୋଭର ମଧ୍ୟ ହ୍ୱାଇଟ୍ ଆଉଟ୍‌ଫିଟ୍‌ରେ ଦେଖାଯାଉଛନ୍ତି। ବିପାଶା ଫଟୋ କ୍ୟାପ୍ସନ୍‌ରେ ଲେଖିଛନ୍ତି, ନୂଆ ସମୟ, ନୂଆ ସୋପାନ, ଏକ ନୂତନ ଆଲୋକ ଆମ ଜୀବନରେ ଯୋଡ଼ି ହେବାକୁ ଯାଉଛି। ଆମେ ଦୁଇରୁ ତିନି ହେବାକୁ ଯାଉଥିବା ସେ ଲେଖିଛନ୍ତି।

୨୦୧୫ରେ ଫିଲ୍ମ 'ଏଲୋନ୍'ରେ ଦୁହେଁ ଏକାଠି କାମ କରୁଥିବାବେଳେ ପ୍ରେମରେ ପଡ଼ିଥିଲେ। କିଛିଦିନ ପରସ୍ପରକୁ ଡେଟ୍ କରିବା ପରେ ୨୦୧୬ ଏପ୍ରିଲରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଫିଲ୍ମରେ ଏକାଠି କାମ କରିବା ପରେ ସ୍ତ୍ରୀ, ସ୍ୱାମୀ 'ଡେଞ୍ଜରିୟସ୍' ନାମକ ଏକ ୱେବ୍ ସିରିଜ୍‌ରେ ମଧ୍ୟ ଏକାଠି ଦେଖିବାକୁ ମିଳିଥିଲେ। ୨୦୦୧ରେ ଫିଲ୍ମ ଅଜନବୀ ଜରିଆରେ ବିପାଶା ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଜିସ୍ମ, ଧୁମ୍-୨, ଫିର୍ ହେରାଫେରି, ଦମ୍ ମାରୋ ଦମ୍ ଭଳି ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି। କିନ୍ତୁ ବିପାଶାଙ୍କୁ ଫିଲ୍ମ କ୍ୟାରିୟର୍‌ରୁ ଆଶାନୁରୂପ ସଫଳତା ମିଳିନାହିଁ।

# ଏଲିଅନ୍‌ଙ୍କ ରହସ୍ୟ ଖୋଲିବ ୟୁରୋପା



**ନୂଆଦିଲ୍ଲୀ:** ସୌର ମଣ୍ଡଳର ସବୁଠାରୁ ବୃହତ୍ତମ ଗ୍ରହ ବୃହସ୍ପତିର ଉପଗ୍ରହ ୟୁରୋପାରୁ ଏଲିଅନ୍‌ଙ୍କ ସନ୍ଧାନ କରିବାକୁ ଯାଉଛି ନାସା। ନାସାର ସଦ୍ୟ ଗବେଷଣା ଅନୁସାରେ ୟୁରୋପାରେ ଜୀବନ ନିର୍ବାହର ସୁଯୋଗ ରହିଛି। ବର୍ତ୍ତମାନ ସମୟରେ ଏଲିଅନ୍‌ମାନଙ୍କ ଅବସ୍ଥିତି ବିଷୟରେ ତଥ୍ୟ ସଂଗ୍ରହ କରିବା ବୈଜ୍ଞାନିକଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଥିବାବେଳେ ୟୁରୋପା ଗବେଷକଙ୍କ ମନରେ ଏ ନେଇ ଆଶା ସଞ୍ଚାର କରିଥିବା କୁହାଯାଇପାରିବ। ଏଲିଅନ୍‌ଙ୍କୁ ନେଇ ଥିବା ବିଭିନ୍ନ ଦ୍ୱନ୍ଦ୍ୱର ସମାଧାନ ୟୁରୋପାରୁ ମିଳିବ ବୋଲି ନାସା ପକ୍ଷରୁ କୁହାଯାଇଛି। ଜଳକଣିକା ମାଧ୍ୟମରେ ସମୁଦ୍ର ଜଳ ସ୍ଥାନାନ୍ତର ହେବା ସହ ପୃଷ୍ଠଭାଗରେ ପହଞ୍ଚୁଥିବା କଲରାଡୋର ସାଉଥ୍‌ୱେଷ୍ଟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ମୁଖ୍ୟ ବୈଜ୍ଞାନିକ ଆଲିସା ରୋହେନ୍ କହିଛନ୍ତି। ତେବେ ବରଫ କଣିକାରେ ଜଳର ଅବସ୍ଥିତିର ପ୍ରମାଣ ମିଳିବା ନିହାତିଭାବେ ବୈଜ୍ଞାନିକଙ୍କ ପାଇଁ ଏକ ବଡ଼ ଉପଲବ୍ଧି । ପୃଥିବୀ ପୃଷ୍ଠର ଜଳବାୟୁ ଓ ପାରିପାର୍ଶ୍ୱିକ ସ୍ଥିତି ସହିତ ବୃହସ୍ପତିର ପରିବେଶ ଆଂଶିକ ଭାବେ ସମାନ ହୋଇଥିବାବେଳେ ଏହି ବୃହତ୍ତମ ଗ୍ରହରେ ଜୀବନ ନିର୍ବାହ କରିବା ସମ୍ଭବ ବୋଲି ୟୁ.ସି. ବର୍କଲିର ଆର୍ଥ ଆଣ୍ଡ ପ୍ଲାନେଟୋରୀ ସାଇନ୍ସ ଡିପାର୍ଟମେଣ୍ଟର ଭୌଗୋଳିକବିଦ୍ ମାଇକେଲ ମାଙ୍ଗା କହିଛନ୍ତି। ଏଲିଅନ୍‌ମାନଙ୍କ ସ୍ଥିତି ପରଖିବା ପାଇଁ ନାସା ୨୦୨୪ ଅକ୍ଟୋବର ୧୦ରେ 'ୟୁରୋପା କ୍ଲିପର୍' ନାମରେ ଏକ ଅର୍ବିଟର ଲଞ୍ଚ କରିବ, ଯାହା ୟୁରୋପା ବିଷୟରେ ସମସ୍ତ ତଥ୍ୟ ସଂଗ୍ରହ କରିବାରେ ବୈଜ୍ଞାନିକଙ୍କୁ ସାହାଯ୍ୟ କରିବ।

### ୟୁରୋପାର ବିଶେଷତ୍ୱ

୧୬୧୦ ମସିହାରେ ଗାଲିଲିଓ ୟୁରୋପା ଉପଗ୍ରହ ଚିହ୍ନଟ କରିବା ସହ ନାମକରଣ କରିଥିଲେ। ଚନ୍ଦ୍ରର ଆକାରଠାରୁ ୟୁରୋପାର ଆକାର ସାମାନ୍ୟ କମ୍। ମୁଖ୍ୟତଃ ସିଲିକେଟ୍ ରକ୍ (ସିଲିକନ୍ ଓ ଅମ୍ଳଜାନ) ଓ ବରଫକୁ ନେଇ ୟୁରୋପା ଗଠିତ। ବୃହସ୍ପତିର ଚନ୍ଦ୍ର କୁହାଯାଉଥିବା ୟୁରୋପା ପାଖାପାଖି ୬୦ରୁ ୧୫୦ କିଲୋମିଟର ଗଭୀର ସମୁଦ୍ର ମଧ୍ୟରେ ଅବସ୍ଥିତ। ଏହାର ଉପରିଭାଗକୁ ୧୫ରୁ ୨୫ କିଲୋମିଟର ବରଫ ଆଚ୍ଛନ୍ନ ହୋଇ ରହିଛି। ୟୁରୋପାର ଆକାର ପୃଥିବୀର ଆକାରର ଏକଚତୁର୍ଥାଂଶ। ପୃଥିବୀ ପୃଷ୍ଠରେ ଥିବା ଜଳର ଦୁଇଗୁଣା ଏଠାରେ ଥିବା ସାଗରରେ ରହିଛି।

# ସାପକୁ କାମୁଡ଼ି ମାରିଦେଲେ

**ଆଙ୍କାରା:** ପ୍ରତ୍ୟେକ ଦିନ ବିଭିନ୍ନ ପ୍ରକାର ଅଜବ ଘଟଣାମାନ ଖବରକାଗଜରେ ପଢ଼ିବାକୁ ମିଳୁଛି। ସେମିତି ଏକ ଆଶ୍ଚର୍ଯ୍ୟକର ଘଟଣା ତୁର୍କୀର କାନ୍ତାରରେ ଦେଖିବାକୁ ମିଳିଛି। ଜଣେ ୨ ବର୍ଷର କୁନି ଝିଅ ସାପକୁ କାମୁଡ଼ି ମାରିଦେଇଛନ୍ତି। ଉକ୍ତ ଖବର ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। କୁନି ଝିଅଟି ତା' ପାଟିରେ ସାପ କାମୁଡ଼ି ଧରିଥିବାର ପ୍ରଥମେ ତାଙ୍କ ପଡ଼ୋଶୀ ଦେଖିଥିଲେ। ସେ ଡରିଯାଇ ଚିତ୍କାର କରିବାରୁ କୁନି ଝିଅର ଘରଲୋକେ ଧାଇଁ ଆସିଥିଲେ। ଝିଅଟିର ଏ ପ୍ରକାର କାମକୁ ଯିଏ ଦେଖୁଥାଏ ସେ ଆବାକ୍ ହୋଇଯାଉଥାଏ। ତେବେ ପରିବାର ଲୋକେ ତାଙ୍କୁ ପ୍ରଥମେ ଡାକ୍ତରଖାନା ନେଇଯାଇଥିଲେ। ଚିକିତ୍ସା ପରେ କୁନି ଝିଅଟି ବର୍ତ୍ତମାନ ସୁସ୍ଥ ଥିବା କୁହାଯାଉଛି। ସୂଚନାଯୋଗ୍ୟ, ଘର ପଛପାଖ ବାଡ଼ିରେ କୁନି ଝିଅଟି ପ୍ରଥମେ ସାପ ସହ ଖେଳିଥିଲେ। କିନ୍ତୁ ଯେତେବେଳେ ସାପଟି ବିରକ୍ତ



ହୋଇ ଝିଅର ଓଠକୁ କାମୁଡ଼ିଥିଲା ସେତେବେଳେ କୁନିଝିଅଟି ସାପକୁ କାମୁଡ଼ି ମାରି ଦେଇଥିବା କୁହାଯାଉଛି।

# ସ୍କଟ୍‌ଲାଣ୍ଡରେ ମାଗଣା ସାନିଟାରି ନାପ୍‌କିନ୍

**ଇଡିନ୍‌ବର୍ଗ:** ସ୍କଟଲାଣ୍ଡ ବିଶ୍ୱର ପ୍ରଥମ ଦେଶ ଯେ, ମହିଳାମାନଙ୍କୁ ମାଗଣା ସାନିଟାରି ନାପ୍‌କିନ୍ ବାଣ୍ଟିବାକୁ ଯାଉଛି। ପାର୍ଲାମେଣ୍ଟରେ ଏ ନେଇ ବିଲ୍ ପାରିତ ହୋଇସାରିଥିବାବେଳେ ସୋମବାରଠାରୁ ଏହା ଦେଶବ୍ୟାପୀ ଲାଗୁ କରାଯାଇଛି। ଫ୍ରି ସାନିଟାରି ନାପ୍‌କିନ୍ ବଣ୍ଟନ ନେଇ ସ୍କଟଲାଣ୍ଡ ଫାଷ୍ଟ ମିନିଷ୍ଟର ନିକୋଲା ଷ୍ଟରଜିଓନ ଏହି ପଲିସି ଆଣିବା ପାଇଁ ସଂସଦରେ ଦାବି କରିଥିଲେ। ଆଉ ଏବେ ବିଲ୍ ପାରିତ ହେବା ପରେ ଫାଷ୍ଟ ମିନିଷ୍ଟର ଏହାକୁ ପ୍ରଶଂସା କରିଛନ୍ତି। ଦରବୃଦ୍ଧି କାରଣରୁ ଲୋକମାନେ ନିଜର ଆବାଶ୍ୟକତା ପୂରଣ କରିବାରେ ଏବେ ସକ୍ଷମ ହୋଇପାରୁ ନ ଥିବାବେଳେ ଏଭଳି ଆଇନ ଆଣିବା ଫଳରେ ସାଧାରଣ ଜନତା ଲାଭବାନ୍ ହେବେ ବୋଲି ସାମାଜିକ ନ୍ୟାୟ ସଚିବ ଶୋନା ରୋବିସୋନ କହିଛନ୍ତି। ସରକାରୀ କାର୍ଯ୍ୟାଳୟ ସାଙ୍ଗକୁ ସମସ୍ତ ଶିକ୍ଷାନୁଷ୍ଠାନରେ ସାନିଟାରି ନାପକିନ୍ ମହଜୁଦ ରଖିବାକୁ ଗୃହୀତ ବିଲ୍‌ରେ ଉଲ୍ଲେଖ କରାଯାଇଛି। ମହିଳାଙ୍କୁ ଅଧିକ ସୁବିଧା ଯୋଗାଇଦେବା ପାଇଁ ସରକାର 'ହେ ଗାର୍ଲସ୍' ନାମରେ ଏକ ଆପ୍ ଲଞ୍ଚ କରିବେ, ଯାହାଦ୍ୱାରା ମହିଳା ବା ଯୁବତୀ ସହଜରେ ସାନିଟାରି ନାପ୍‌କିନ୍ ପାଇପାରିବେ।




**ହେ ଗାର୍ଲସ୍ ଆପ୍‌ରେ ଉପଲବ୍ଧ ହେବ ସୁବିଧା**

## ସଂକ୍ଷେପରେ

### ୫ ପଞ୍ଚାୟତର ୨୫ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

ବାଲିପାଟଣା,୧୬।୮(ଡି.ଏନ୍.ଏ.): ଭାର୍ଗବୀ ନଦୀର ଅଚ୍ୟୁତପୁର କାଜରେ ବନ୍ୟାଜଳ ଆସିବାରୁ ଧନୁଆ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକର ୫ ପଞ୍ଚାୟତର ୨୫ ଗାଁ ଜଳମଗ୍ନ ହେବା ସହ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇ ରହଛି। ପଞ୍ଚାଲୋ ପଞ୍ଚାୟତର ପଞ୍ଚାଲୋ, ଟିଙ୍କିପଡା ଦରଡ଼ା, ହୁଇକେରା, ଡେଙ୍ଗ, ଦନାପଡା, କୁଳନ୍ତିରା ଗାଁଲୋକେ ଜଳବନ୍ଦୀରେ ରହିଛନ୍ତି। ସେହିପରି କୁଳନ୍ତିରା ଶାସନ ଓ ତରବୋଇ ଆଲିଶି ପଞ୍ଚାୟତର ଅଳିସି, ବିନ୍ଧା, ରାଜସ ପଞ୍ଚାୟତର ରାଜସ, ଗରିଆ, କୃଷ୍ଣପୁର ଏବଂ ସୁମଣା ପଞ୍ଚାୟତର ପାଳସାହି, କୁରିପୁର ପଞ୍ଚାୟତର ଇନ୍ଦୋଳ କୁଶିଆରି, ଘାସି ଅନ୍ଧୋଟି, ଦଳକଶଟି, ନିଶ୍ଚିନ୍ତପୁର, ଆରପଦା ଆଦି ବହୁ ଗ୍ରାମ ଜଳମଗ୍ନ ହେବା ସହ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଜୟଦେବ ବିଧାୟକ ଅରବିନ୍ଦ ଢାଲି ବନ୍ୟାଞ୍ଚଳ ଗସ୍ତକରି ବିପନ୍ନଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇଦେବା ସହ ଆନୁସଙ୍ଗିକ ସହାୟତା ଦେବା ପାଇଁ ତହସିଲ ଓ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

### ଜୀବନଜ୍ୟୋତି ଆଶ୍ରମରେ ଅନାଥ ପିଲାଙ୍କୁ ସହାୟତା

ଭୁବନେଶ୍ୱର,୧୬।୮(ବ୍ୟୁରୋ): ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସ ସୋମବାର ଖଣ୍ଡଗିରିସ୍ଥିତ ଜୀବନଜ୍ୟୋତି ଆଶ୍ରମରେ ପାଳିତ ହୋଇଯାଇଛି। ସମିତି ସଭାପତି ସୂର୍ଯ୍ୟମଣି ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ବିଜୟକୃଷ୍ଣ ମହାନ୍ତି ଆଶ୍ରମର ଅନାଥ ପିଲାଙ୍କ ଦାୟିତ୍ୱ ଓ ବରିଷ୍ଠ ନାଗରିକଙ୍କ କର୍ତ୍ତବ୍ୟ ଏବଂ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ସମିତି ଉପଦେଷ୍ଟା ନଗେନ୍ଦ୍ରନାଥ ଦାଶ, ଖଣ୍ଡଗିରି ଆଞ୍ଚଳିକ ବିକାଶ ପରିଷଦ ସଭାପତି ସତ୍ୟବ୍ରତ ଦାଶ, ଓଡ଼ିଶା ପରିବେଶ ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର, ରାଜୀବ ନଗର କଲ୍ୟାଣ ସମିତି ସଭାପତି ଜୟକୃଷ୍ଣ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଆଶ୍ରମର ପରିଚାଳନା ଏବଂ ଅନାଥ ଶିଶୁଙ୍କ ପାଇଁ ପରିଚାଳିକା ଉର୍ମିଳା ସ୍ୱାଇଁଙ୍କୁ ସମିତି ପକ୍ଷରୁ ୨୧ ହଜାର ୨ଶହ ଟଙ୍କା ପ୍ରଦାନ କରାଯାଇଛି। ସମିତି ସଙ୍ଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ, ଜୀବନଜ୍ୟୋତି ଆଶ୍ରମର ପ୍ରତିଷ୍ଠାତା ପ୍ରଫୁଲ୍ଲ ସେନାପତି ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।

### ୩ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିତ୍ୱ ସମ୍ବର୍ଦ୍ଧିତ

ବାରଙ୍ଗ,୧୬।୮(ଡି.ଏନ୍.ଏ.): ବାରଙ୍ଗ ମଧୁପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆଜାଦୀ କା ଅମୃତ ମହୋତ୍ସବ ସୋମବାର ପାଳନ ହୋଇଯାଇଛି। ଏହି ଅବସରରେ ବାରଙ୍ଗ ୩୨ ନଂ. ଜୋନ ଜିଲା ପରିଷଦସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଅତିଥି ଭାବେ ବାରଙ୍ଗ ଶାନ୍ତି କମିଟିର ସଭାପତି ପ୍ରତାପଚନ୍ଦ୍ର ପାଣି, ମଧୁପୁର ସମିତିସଭ୍ୟ କିଶନ ଜେନା, ଶ୍ରୀବନ୍ତପୁର ସରପଞ୍ଚ ସଞ୍ଜୟ ପାଣି, ସମିତିସଭ୍ୟା ମୋନାଲିସା ପ୍ରଧାନ, ଦାଦା ସମିତିସଭ୍ୟା ବନାନୀ ସ୍ୱାଇଁ, ମୁଣ୍ଡଳି ପଞ୍ଚାୟତ ପ୍ରତିନିଧି ଅଶ୍ୱିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଞ୍ଚଳର ବହୁ ସାମାଜିକ କର୍ମୀ, ଖବରଦାତା, ଚାଷୀ, କ୍ରୀଡାବିତ୍, ଚିକିତ୍ସକ, ଗବେଷକ, ରକ୍ତଦାତା, କଳାକାର, ଶିଳ୍ପପତି, ପ୍ରଶାସକ, ପରିବେଶବିତ୍, ସାଧାରଣ ଜ୍ଞାନ ଆଦି କ୍ଷେତ୍ରରେ ପ୍ରତିଷ୍ଠିତ ୩୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଚଳିତବର୍ଷ ବାରଙ୍ଗ ଜୋନର ୧୦ ଗୋଟି ହାଇସ୍କୁଲର କୃତୀ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ଜମିରେ ବନ୍ୟାପାଣି, ଚାଷୀ ହତାଶ



ବନ୍ୟା ଜଳରେ କଖାରୁ ଫସଲ ନଷ୍ଟ ଯୋଗୁ ଜଣେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ମଣ୍ଡାଗଡ, ଦିୱାନାପାଟଣା ଆଦି ଗ୍ରାମର ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଜମିରେ ବନ୍ୟାପାଣି ପ୍ରବାହିତ ହେବାରୁ ପନିପରିବା ଫସଲ କରିଥିବା ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ଚାଷୀ ଜମିରୁ ପନିପରିବା ତୋଳି ଆଣୁଥିବା ଦେଖିବାକୁ ମିଳୁଛି। ଧବଳହାର ଗ୍ରାମର ଭଗବାନ ନାଥଙ୍କୁ ପଚାରିବାରେ, ବନ୍ୟାଜଳ ଚାଷ ଜମିକୁ ମାଡି ଆସିଲାଣି। ୧ଏକର ଜମିରେ କଖାରୁ ଚାଷ କରିଥିଲି। ଏବେ ବନ୍ୟାପାଣିରେ ଫସଲ ସବୁ ନଷ୍ଟ ହୋଇଯିବ। ସେଥିପାଇଁ ଲଗାଇଥିବା ପ୍ରାୟ ୮ କୁଇଣ୍ଟାଲ କଖାରୁ କଞ୍ଚା ଅବସ୍ଥାରେ ତୋଳି ଆଣିବାକୁ ପଡିଲା ବୋଲି ନାଥ କହିଛନ୍ତି।

## ଧନୁଆଁ ନଦୀରେ ବନ୍ୟାଜଳ

ବାଲିଅନ୍ତା,୧୬।୮(ଡି.ଏନ୍.ଏ.)

କୁଶଭଦ୍ରା ନଦୀର ଉଦ୍‌ବୃତ୍ତ ବନ୍ୟାଜଳ ବଇଁଚୁଆ କାଜ ଦେଇ ଧନୁଆଁ ନଦୀରେ ପ୍ରବାହିତ ହେବା ଫଳରେ ବାଲିଅନ୍ତା ବ୍ଲକ ଅଞ୍ଚଳରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ଏହି କାଜରେ ଥିବା ୧୧୩ଟି ଲୁହା କବାଟରୁ ଅଧିକାଂଶ କବାଟ ପଡିଯାଇଥିବାରୁ ସେହି ବାଟ ଦେଇ ବନ୍ୟାଜଳ ଧନୁଆଁରେ ପ୍ରବେଶ କରିଛି। ଫଳରେ ସରକଣା ପଞ୍ଚାୟତ ସମେତ ୨୦ଟି ଗାଁ ଏଥିରେ ପ୍ରଭାବିତ ହେବାର ସମ୍ଭାବନା ସହ ଧନୁଆଁ ନଦୀର ଉଭୟ ପାର୍ଶ୍ୱରେ ଥିବା ଚାଷ ଜମି ନଷ୍ଟ ହେବାର ଆଶଙ୍କା ରହିଛି। ମହାନଦୀର ଜଳସ୍ତର ବଢୁଥିବାରୁ ଏହାର ୨ଟି ଶାଖା ନଦୀ କୁଆଖାଇ ଓ କୁଶଭଦ୍ରାରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। ବାଲିଅନ୍ତା ବଜାରଠାରୁ ବନମାଳୀପୁର ପର୍ଯ୍ୟନ୍ତ କୁଶଭଦ୍ରା ନଦୀର ବାମପାର୍ଶ୍ୱ ବନ୍ଧ ଓ ଭବନପୁରଠାରୁ ବାଲିପାଟଣା ପର୍ଯ୍ୟନ୍ତ କୁଶଭଦ୍ରା ନଦୀର ଡାହାଣ ପାର୍ଶ୍ୱ ବନ୍ଧ ଓ ଭବନପୁରଠାରୁ ବାଳକାଟି ପର୍ଯ୍ୟନ୍ତ କୁଆଖାଇ ନଦୀର ବାମପାର୍ଶ୍ୱ ବନ୍ଧ ପ୍ରତି ଉଭୟ ବାଲିଅନ୍ତା ଓ ବାଲିପାଟଣା ଜଳସେଚନ ବିଭାଗ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି। ନିର୍ବାହୀ ଯନ୍ତ୍ରୀ ପ୍ରତାପଚନ୍ଦ୍ର ଚୌଧୁରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାନ୍ତ ଷଡଙ୍ଗୀ, ସହକାରୀ ଯନ୍ତ୍ରୀ ଭୀମସେନ ବେହେରା ଓ ଜଳନ୍ଧର ସାଠୁଆ ପ୍ରମୁଖ ବିଭିନ୍ନ ନଦୀବନ୍ଧ ବୁଲି ସ୍ଥିତି ପ୍ରତି ନଜର ରଖୁଛନ୍ତି।

ଅପରପକ୍ଷରେ କୁଶଭଦ୍ରା ନଦୀର ବନ୍ୟାଜଳ ପାଇଁ ପନିପରିବା ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି। ନଦୀର ଡାହାଣ ପାର୍ଶ୍ୱ ପଠାରେ ଲାଗିଥିବା କଖାରୁ, ବାଇଗଣ, ଭେଣ୍ଡି, ଜହ୍ନି, ପୋଟଳ ଆଦି କଞ୍ଚା ପରିବା କ୍ଷେତରେ ବନ୍ୟାପାଣି ପଶି ଯାଇଛି। ଫଳରେ ଧବଳହାର, ପଟୁପଡା, ବୁଢାଲୋ, ସୁଭାଲୋ, ଶାସନ, ବେଣ୍ଟପୁର,

## ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ

ଭୁବନେଶ୍ୱର,୧୬।୮(ବ୍ୟୁରୋ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦୟା ନଦୀବନ୍ଧ ଉଭୟ ପାର୍ଶ୍ୱର ଧଉଳି, ଇଟିପୁର, ଟିକରପଡ଼ା, ଲିଙ୍ଗିପୁର,ଶିଶୁପାଳଗଡ଼, ବାସୁଆଘାଇ ପ୍ରଭୃତି ଛଅଟି ଗ୍ରାମପଞ୍ଚାୟତରେ ସମ୍ଭାବ୍ୟ ବନ୍ୟାକୁ ନଜରରେ ରଖି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଜଳ ସମ୍ପଦ ବିଭାଗ ଭୁବନେଶ୍ୱର ପ୍ରାଚୀ ଡିଭିଜନ ଓ ପୁରୀ ଡିଭିଜନ ଯନ୍ତ୍ରୀଙ୍କ ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ଧଉଳି ଗ୍ରାମପଞ୍ଚାୟତର ଗେଲପୁର, ସରଦେଇପୁର, ଇଟିପୁର ଗ୍ରାମପଞ୍ଚାୟତର ଡିହପୁର ଏବଂ ଟିକରପଡା ଗ୍ରାମ ପଞ୍ଚାୟତର ଗଙ୍ଗୁଆବନ୍ଧ ପ୍ରଭୃତିରେ ଘଳିଆ ହୋଇଥିବା ଦେଖି ତୁରନ୍ତ ବାଲିବସ୍ତା ଦ୍ୱାରା ବନ୍ଦ କରାଇଥିଲେ। ମଙ୍ଗଳବାର ଅପରାହ୍ନ ୫ଟା ସୁଦ୍ଧା ମୁଣ୍ଡଳୀଠାରେ ୧୨ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଦୟା ବ୍ରିଜ୍ ନିକଟରେ ୧୬.୬ ମିଟର ଜଳ ସ୍ତର ଦେଖିବାକୁ ମିଳିଥିଲା, ଯାହାକି ବିପଦ ସଙ୍କେତ ଟପିଛି ବୋଲି ସହକାରୀ ଯନ୍ତ୍ରୀ ବଲ୍ଲଭ ମହାପାତ୍ର କହିଛନ୍ତି। ଶେଷରେ ମନ୍ତ୍ରୀ ସମସ୍ତ ଅଞ୍ଚଳ ପରିକ୍ରମା କରି ବିଭାଗୀୟ ସମସ୍ତ ଯନ୍ତ୍ରୀ ଏବଂ ଜନପ୍ରତିନିଧିମାନଙ୍କୁ ଆଗାମୀ ୪୮ ଘଣ୍ଟା ସ୍ଥିତି ଉପରେ ନଜର ରଖିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ, ମନ୍ତ୍ରୀଙ୍କ ଜିଲା ପରିଷଦ ପ୍ରତିନିଧି, ବ୍ଲକ ପ୍ରତିନିଧି, ଛଅ ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।



ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ପାଳିତ ହେଉଥିବା ଅମୃତ ମହୋତ୍ସବ ଉପଲକ୍ଷେ ରବିବାର ଭୁବନେଶ୍ୱରସ୍ଥିତ ଜନଜାତି ଶିକ୍ଷାନୁଷ୍ଠାନ କିସ୍ ପରିସରରେ ୩୦ହଜାର ଛାତ୍ରୀଛାତ୍ର ତ୍ରିରଙ୍ଗା ଉଡ଼ାଇ ଅମୃତ ମହୋତ୍ସବ ପାଳନ କରୁଛନ୍ତି।

# ଥମୁନି ଡମ୍ପିଂୟାର୍ଡ ବିବାଦ

- ଆଲୋଚନାକୁ ଆସିଲେନି ଦାରୁଠେଙ୍ଗବାସୀ
- ଆବର୍ଜନାରେ ଭର୍ତ୍ତି ହେଲାଣି ଟିଟିଏସ୍

ଭୁବନେଶ୍ୱର, ୧୬।୮(ବ୍ୟୁରୋ)

ଦାରୁଠେଙ୍ଗ ଡମ୍ପିଂୟାର୍ଡ ବିବାଦ ସମାଧାନ ହେବାର ନାଁଧରୁନି। ଚେଷ୍ଟା ସତ୍ତ୍ୱେ ବିଏମ୍‌ସି ଏବଂ ଦାରୁଠେଙ୍ଗ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ଆଗକୁ ବଢିପାରୁନାହିଁ। ମଙ୍ଗଳବାର ବିଏମ୍‌ସି ସହିତ ଗ୍ରାମବାସୀଙ୍କ ଆଲୋଚନା ହେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଗ୍ରାମବାସୀ ଏଥିରୁ ବିରତ ରହିଥିଲେ। ସେମାନେ ବିଏମ୍‌ସିକୁ ଆସି ବହୁବାର ଆଲୋଚନା କରିଛନ୍ତି, ତେଣୁ ଏଥର ବିଏମ୍‌ସି ଅଧିକାରୀମାନେ ଦାରୁଠେଙ୍ଗକୁ ଯିବେ ବୋଲି ଗ୍ରାମବାସୀ କହିଛନ୍ତି। ତେଣୁ ଗ୍ରାମବାସୀ ଆଲୋଚନା ପାଇଁ କେବେ ତାରିଖ ସ୍ଥିର କରିବେ ଏବଂ ଆଲୋଚାନାରୁ କ'ଣ ନିର୍ଯାସ ବାହାରିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ସୂଚନାଯୋଗ୍ୟ, ପୂର୍ବରୁ ଡମ୍ପିଂୟାର୍ଡରେ ଅଳିଆ ପକାକୁ ନେଇ ବିବାଦ ଲାଗିରହିଥିବାବେଳେ ଗତ ୮ତାରିଖରେ ବିଏମ୍‌ସିର ସଫେଇ ଗାଡ଼ି ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ପରେ ସ୍ଥିତି ଆହୁରି ବିଗିଡ଼ିଯାଇଛି। ସେବେଠାରୁ ଦାରୁଠେଙ୍ଗ ଗ୍ରାମବାସୀ ଡମ୍ପିଂୟାର୍ଡରେ ଅଳିଆ ପକାଇବାକୁ ଛାଡୁନାହାନ୍ତି। ଫଳରେ ସୈନିକ ସ୍କୁଲସ୍ଥିତ ଟିଟିଏସ୍‌ରେ ଆବର୍ଜନା ଗଦା କରାଯାଉଛି। ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ସେଠାରେ ଅଳିଆ ଗଦା ହୋଇ ରହିବା ଯୋଗୁ ଟିଟିଏସ୍ ଭର୍ତ୍ତି ହୋଇଗଲାଣି। ଏ ସମ୍ପର୍କରେ ବିଏମ୍‌ସି ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ କହିଛନ୍ତି, ଏବେ ଦୈନିକ ୧୫୦ ମେଟ୍ରିକ ଟନ୍ ଅଳିଆ ସହରରୁ ବାହାରୁଛି। ସେଥିମଧ୍ୟରୁ କିଛି ଏମ୍‌ସିସି ଏବଂ ଏମ୍‌ଆର୍‌ଏଫ୍‌କୁ ଯାଉଥିବାବେଳେ ବାକି ଟିଟିଏସ୍‌କୁ ଯାଉଛି। ତେବେ ଦାରୁଠେଙ୍ଗ ଗ୍ରାମବାସୀ ଆଲୋଚନା ପାଇଁ ତାରିଖ ଜଣାଇଲେ ଆମେ ଆଲୋଚନା କରିବୁ। ଯଥାସମ୍ଭବ ଏନେଇ ନିଷ୍କର୍ଷ ବାହାର କରିବାକୁ ଚେଷ୍ଟା କରାଯିବ।

# ସବୁଠି ଉଡ଼ିଲା ତ୍ରିରଙ୍ଗା

## ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ




ଭୁବନେଶ୍ୱର, ୧୬।୮(ବ୍ୟୁରୋ)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍କୁଲର ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ପତାକା ଉତ୍ତୋଳନ କରି ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିବା ମହାପୁରୁଷମାନଙ୍କ ସ୍ମୃତିଚାରଣ କରିବା ସହ ସୁନାର ଭାରତ ଗଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସ୍କୁଲର ଏନ୍‌ସିସି, ସ୍କାଉଟ୍ ଏବଂ ଗାଇଡ୍ ଛାତ୍ରୀଛାତ୍ରମାନେ ପରେଡ୍‌ରେ ଭାଗ ନେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଜାଦୀ କା ଅମୃତ ମହୋତ୍ସବ ଉପରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ସେକ୍ ସମିମ୍ ଓ ସଞ୍ଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ୍ ସ୍କୁଲରେ ସ୍ୱାଧୀନତା ଦିବସ ଏବଂ ବାର୍ଷିକ ପଦାଭିଷେକ ଉତ୍ସବ ପାଳିତ ହୋଇଯାଇଛି। କଟକ ଡିସିପି ପିନାକ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଆଇନ, ଆଦେଶ, ଆପରାଧିକ କାର୍ଯ୍ୟକଳାପ ଓ ସମାଜରେ ପୋଲିସର ଭୂମିକା ବିଷୟରେ ମିଶ୍ର ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ପୋଲିସ ଫୋର୍ସରେ ଯୋଗଦେଇ ଦେଶ ସେବା କରିବା ପାଇଁ ପ୍ରବର୍ତ୍ତାଇଥିଲେ। ୨୦୨୨-୨୩ ବର୍ଷ ପାଇଁ ଛାତ୍ର ପରିଷଦରେ ନୂତନ ପଦବୀ ପାଇଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କୁ ବ୍ୟାଜ୍ ପିନ୍ଧାଇଥିଲେ। ସାଇ ଇଣ୍ଟରନ୍ୟାଶନାଲର ଚେୟାର ପର୍ସନ୍ ଡ. ଶିଳ୍ପୀ ସାହୁ କାର୍ଯ୍ୟକ୍ରମରେ ନୂତନ ପଦବୀ ପାଇଁ ଶପଥ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଦକ୍ଷତାର ସହିତ ନେତୃତ୍ୱ ନେଇ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗୀକୃତ ହୋଇ କାର୍ଯ୍ୟ ସମ୍ପାଦନା କରିବା ଉଚିତ୍ ବୋଲି ଡ. ସାହୁ କହିଥିଲେ। ସ୍କୁଲ୍‌ର ହେଡ୍‌ମାଷ୍ଟର ଅମିତାଭ୍ ଅଗ୍ନିହୋତ୍ରୀ ଚୟନ ହୋଇଥିବା ଛାତ୍ରନେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

### ନିସ୍ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର (ବ୍ୟୁରୋ): ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିରେ ଉପନିର୍ଦ୍ଦେଶକ ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଡିନ୍ ପ୍ରଫେସର ବିଷ୍ଣୁ ପାଲ, ଜଏଣ୍ଟ ରେଜିଷ୍ଟ୍ରାର ପ୍ରଫେସର ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀଙ୍କ ସମେତ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଯୋଗଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଶୋଭାଯାତ୍ରା କରାଯାଇ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଓଏଚ୍‌ପିସି

ଭୁବନେଶ୍ୱର (ବ୍ୟୁରୋ): ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ପକ୍ଷରୁ କର୍ପୋରେଟ୍ କାର୍ଯ୍ୟାଳୟ, ତାଲିମ୍ କେନ୍ଦ୍ର ଏବଂ ୟୁନିଟ୍‌ଠାରେ ୭୬ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। କର୍ପୋରେଟ୍ କାର୍ଯ୍ୟାଳୟଠାରେ ପରିଚାଳନା ନିର୍ଦ୍ଦେଶକ ଅମ୍ରେଶ କୁମାରଙ୍କ ଉପସ୍ଥିତିରେ ନିର୍ଦ୍ଦେଶକ ଡ. ପ୍ରବୋଧ କୁମାର ମହାନ୍ତି ଏବଂ ଅନ୍ୟ ଅଧିକାରୀଙ୍କ ସହ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ କର୍ମଚାରୀଙ୍କୁ ଜାତୀୟ ପତାକା ଓ ତିନି ରଙ୍ଗ ବିଶିଷ୍ଟ ବ୍ୟାଜ୍ ବଣ୍ଟାଯାଇଥିଲା।

### ଉତ୍କଳୀୟ ମିଳିତ ମଞ୍ଚ

ଭୁବନେଶ୍ୱର (ବ୍ୟୁରୋ): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ତଥା ପ୍ରବାସୀ ଓଡ଼ିଆ ସଙ୍ଗଠନ ଉତ୍କଳୀୟ ମିଳିତ ମଞ୍ଚର ମିଳିତ ଆନୁକୂଲ୍ୟରେ କୋଲ୍‌କାତାଠାରେ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଲେନିନ୍ ସରଣୀଠାରେ ଜାତୀୟ ପତାକା ଉତ୍ତୋଳନ ସହ ସେଠାରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଏବଂ ଉତ୍କଳ ଭବନର ପ୍ରବନ୍ଧକ ରାମଚନ୍ଦ୍ର ହେମ୍ବ୍ରମ୍‌ଙ୍କ ସମେତ ବାବା ହରିଶ୍ଚନ୍ଦ୍ର କଳା ପରିଷଦ, ଓଡ଼ିଶା ପ୍ରଗତି ସଂଘ, ଯାଜପୁର ଆଞ୍ଚଳିକ କମିଟି, ଉତ୍କଳ ଯାଦବ ମହାସଭା କୋଲ୍‌କାତା, ଜଗନ୍ନାଥ ପୂଜା କମିଟି, କଳିପାଟ କଲ୍‌ଚରାଲ ୱେଲ୍‌ଫେୟାର ସୋସାଇଟି, ଆଖଣ୍ଡଳମଣି ଉନ୍ନୟନ କମିଟି, ନିଖିଳ ବଙ୍ଗ ଉତ୍କଳ ସମାଜ ପ୍ରଭୃତି ଅନୁଷ୍ଠାନର ପ୍ରତିନିଧିବୃନ୍ଦ ସମବେତ ହୋଇ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ପରେ ମିଳିତ ମଞ୍ଚର ସଭାପତି ରବିନାରାୟଣ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସତ୍ୟଜିତ୍ ରାୟ, ଫିଲ୍ମ ଇଣ୍ଡଷ୍ଟ୍ରିର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ, ଉପସଭାପତି କ୍ଷୀରୋଦ ଧଳ, ସାମାଜିକ କର୍ମୀ ରାଜଶ୍ରୀ ମହାପାତ୍ର, ବିଶ୍ୱରୂପ ଦେ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ବାରିକ ସ୍ୱାଗତ ଭାଷଣ ଓ ଶିକ୍ଷା ସେଲ୍‌ର ଆବାହକ ପ୍ରଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ ।




ବିଜେଇଏମ୍ ସ୍କୁଲରେ ସ୍ୱାଧୀନତା ଦିବସ ପାଳନ ଅବସରରେ ପିଲାଙ୍କ ନୃତ୍ୟ ପରିବେଷଣ।



ରେଳପଥ ଷ୍ଟାଡିୟମ ପରିସରରେ ଆୟୋଜିତ ୭୬ତମ ସ୍ୱାଧୀନତା ଦିବସ ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ଜାତୀୟ ପତାକା ଉତ୍ତୋଳନ କରି ରେଳ ସୁରକ୍ଷା ବଳ (ଆର୍‌ପିଏଫ୍)ର ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।



ରାଜ୍ୟ ବିଜେଡି କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ଅବସରରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ପତାକା ଉତ୍ତୋଳନ କରୁଛନ୍ତି।



ରାଜ୍ୟ କଂଗ୍ରେସ ଭବନରେ ସ୍ୱାଧୀନତା ଦିବସ ପାଳନ ଅବସରରେ ପିସିସି ସଭାପତି ଶରତ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

# ବନ୍ୟା ସମୟରେ ପ୍ରାଣୀଙ୍କ ଯତ୍ନ



ଡା. ବୀରକିଶୋର ପରିଡ଼ା



**ବ**ର୍ତ୍ତମାନ ଆମ ରାଜ୍ୟରେ ଲଘୁଚାପଜନିତ ବର୍ଷା ଯୋଗୁ କେତେକ ପ୍ରମୁଖ ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ବର୍ଷା ଦିନେ ବନ୍ୟାର ଆଶଙ୍କା ଦେଖାଦେଲେ ଆମେ ନିଜ ପ୍ରତି ଏବଂ ପ୍ରାଣୀଙ୍କ ଜୀବନ ପ୍ରତି ସତର୍କ ରହିବା ନିହାତି ଜରୁରୀ। ତେବେ ଏହି ସମୟରେ ଯେଉଁ କେତୋଟି ବିଷୟ ପ୍ରତି ସଚେତନ ରହିବାକୁ ପଡ଼େ ସେ ସମ୍ପର୍କରେ ଏଠାରେ ସୂଚିତ କରାଯାଉଛି।

ନଦୀରେ ଅଧିକ ପାଣି ଆସିବା ଖବର ଜାଣିବା ପାଇଁ ନିୟମିତ ବ୍ୟବଧାନରେ ଟିଭି ଦେଖନ୍ତୁ, ରେଡିଓ ଶୁଣନ୍ତୁ ଏବଂ ଦୈନିକ ଖବରକାଗଜ ମଧ୍ୟ ପଢ଼ନ୍ତୁ। ବନ୍ୟା ସମୟରେ ପ୍ରତି କୂଅରେ ବ୍ଲିଚିଂ ପାଉଡର, ଚୂନ ବା ଫିଟିକିରି ପକାଇ କୂଅ ପାଣିକୁ ବିଶୋଧନ କରନ୍ତୁ। କାରଣ ଏହି ସମୟରେ ପାଣିରେ ବିଭିନ୍ନ ପ୍ରକାର ଜୀବାଣୁ ନିଜର ବଂଶ ବିସ୍ତାର କରିଥାଆନ୍ତି। ଏଭଳି ପାଣି ପିଇଲେ ଉଭୟ ମନୁଷ୍ୟ ଏବଂ ପ୍ରାଣୀଙ୍କଠାରେ ପେଟଜନିତ ରୋଗ ସୃଷ୍ଟି ହୋଇଥାଏ। ତେଣୁ ଏହି ସମୟରେ କେବଳ ଶୁଷ୍କ ସ୍ଥାନରେ ଥିବା ନଳକୂପ କିମ୍ବା ବିଶୋଧିତ କୂଅର ପାଣି ବ୍ୟବହାର କରିବା ଆବଶ୍ୟକ। ଖାସ୍ କଥା ହେଲା ଏହି ସମୟରେ ପାଣିକୁ ୨୦ ମିନିଟ୍ ପର୍ଯ୍ୟନ୍ତ ଫୁଟାଇ କିମ୍ବା ନିର୍ଦ୍ଦିଷ୍ଟ ମାତ୍ରରେ ହାଲୋଜେନ୍ ବଟିକା ପକାଇ ପିଇବା ଜରୁରୀ। ନଡ଼ା ବା ପାଳକୁ ସର୍ବଦା ଶୁଖିଲା ସ୍ଥାନରେ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ବର୍ଷା କିମ୍ବା ବନ୍ୟା ସମୟରେ ନଡା ବା ପାଳ ପଚି ଶଢ଼ି ନଷ୍ଟ ହେବାର ଆଶଙ୍କା ଥାଏ। ଏପରିକି ଅଳ୍ପ ପାଣି ବାଜିଲେ ବି ସେଗୁଡିକ ଫିମ୍ପି ମାରିଯାଏ। ଯଦି ଏହି ଫିମ୍ପିମରା ବା ପଚାଶଢ଼ା ନଡ଼ା ଗୋରୁ ଖାଇବେ, ତେବେ ସେମାନେ ଅକାଳରେ ମୃତ୍ୟୁବରଣ କରିବେ। ତେଣୁ ଏବେଠାରୁ ନଡ଼ା ବା ପାଳକୁ ଶୁଷ୍କ ସ୍ଥାନରେ ଗଦା ମାରି ପଲିଥିନ ଚାଦରରେ ଘୋଡାଇ ରଖନ୍ତୁ। ଗୁହାଳର ଉପରି ଭାଗରେ ମାଣ୍ଟରେ ସାଇତି ରଖିପାରିବେ। ସେହିଭଳି ଘରେ ଥିବା ଦାନା ବା କୁଣ୍ଡାକୁ ଉଚ୍ଚ ଶୁଖିଲା ସ୍ଥାନରେ ରଖନ୍ତୁ, ଯେପରି କି ସେଗୁଡ଼ିକ ବର୍ଷା ଛିଟିକାରେ ଭିଜି ନ ଯାଏ। କାରଣ ନଡ଼ା, କୁଟା, କୁଣ୍ଡା ଦାନାରେ ପାଣି ପଡ଼ିଲେ ତାହା ଫିମ୍ପି ମାରିଯାଏ। ଫଳରେ ଏଥିରେ କବକ ବା ଫିମ୍ପି ସୃଷ୍ଟି ହେବା ଯୋଗୁ ସେଥିରୁ ଏକ ବିଷ ବା ଆଫଲାଟକ୍ସିନ୍ ନିର୍ଗତ ହୋଇ ଖାଦ୍ୟକୁ ବିଷରେ ପରିଣତ କରିଦିଏ। ସେଥିପାଇଁ କେବଳ ଉଷୁମ ବା ସଦ୍ୟ ତଟକା ଖାଦ୍ୟ କିମ୍ବା ମାଛି ବସି ନ ଥିବା ବା ଗମୁରିଆ ଉକୁଣିଆ ପୋକ ହୋଇ ନ ଥିବା ଖାଦ୍ୟ ପ୍ରାଣୀଙ୍କୁ ଖାଇବାକୁ ଦେବା ଆବଶ୍ୟକ। ପଚାଶଢ଼ା ଫଳମୂଳ ବା ଯେକୌଣସି ଖାଦ୍ୟ ପ୍ରାଣୀଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। ନଡା, କୁଟା କିମ୍ବା କୁଣ୍ଡା ବା ଦାନା ଯଦି ପାଣିରେ ଓଦା ହୋଇଯାଏ, ତେବେ ସେଗୁଡିକୁ ତୁରନ୍ତ ଶୁଖାଇ ସାଇତି ରଖନ୍ତୁ। ବାସି ଖାଦ୍ୟ, ଭାତ, ଖିରି, ତରକାରି ଇତ୍ୟାଦି ଗୋରୁଙ୍କୁ ଖାଇବାକୁ ଦେଇପାରିବେ। ରୋଷେଇ ଘରର ବ୍ୟବହାର ଅନୁପଯୋଗୀ ପଦାର୍ଥ ଯଥା–ପରିବା ଚୋପା, ଅକାଣ୍ଡିଆ ଖୁଦ, ପେଯ, ଶାଗ, କାଣ୍ଡ ଓ ଅନ୍ୟାନ୍ୟ ପଦାର୍ଥକୁ ବାହାରେ ନ ଫୋପାଡ଼ି ଗୋଖାଦ୍ୟ ଭାବେ ବ୍ୟବହାର କରିବା ଦରକାର। ଗୁହାଳ ଚତୁଃପାର୍ଶ୍ୱରେ ଗଛଲତା ସଫା କରି ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଏହାର ଚାରିପଟରେ ଥିବା ସମସ୍ତ ଖାଇ ବା ଗାତ ପୋତି ସମତୁଲ କରିଦିଅନ୍ତୁ। ଏହାଦ୍ୱାରା ଗୁହାଳ ଚାରିପଟରେ ପାଣି ଜମି ରହିବ ନାହିଁ। ଗୁହାଳ ଚଟାଣକୁ ସର୍ବଦା ଶୁଷ୍କ ରଖିବାକୁ ଚେଷ୍ଟା କରନ୍ତୁ। ଗୁହାଳଠାରୁ ଦୂରରେ ଗୋବରଖାତ କରି ଗୋବର ପକାନ୍ତୁ। ସନ୍ଧ୍ୟା ସମୟରେ ଗୁହାଳେ ଧୂଆଁ ଦେବା ବ୍ୟବସ୍ଥା କରନ୍ତୁ କିମ୍ବା ଗୁହାଳ ଝରକାରେ ମଶା ନିରୋଧକ ତାରଜାଲି ଲଗାନ୍ତୁ। ଗୁହାଳ ଭିତରେ ଓ ବାହାର କାନ୍ଥରେ ଡିଡିଟି ସିଞ୍ଚନ କରନ୍ତୁ ଏବଂ ପ୍ରତି ସାତଦିନ ବ୍ୟବଧାନରେ ଥରେ ଫିନାଇଲ୍, ବ୍ଲିଚିଂ ପାଉଡର କିମ୍ବା ଲାଇସୋଲ୍ ମିଶା ପାଣିରେ ଗୁହାଳକୁ ବିଶୋଧନ କରନ୍ତୁ। ଗୁହାଳ ପାଖରେ ସାପ ଗାତକୁ ମାଟିରେ ପୋତି ଦିଅନ୍ତୁ ଏବଂ ଉଇ ହୁଙ୍କା ଭାଙ୍ଗି ଦିଅନ୍ତୁ। ଯଦି ପାରୁଛନ୍ତି ଗୁହାଳ ଚାରିପଟେ କାର୍ବୋଲିକ୍ ଏସିଡ ରଖନ୍ତୁ।

ଯଦି ବନ୍ୟା ହେବାର ଖବର ପାଉଛନ୍ତି ତେବେ ବିଳମ୍ବ ନ କରି ତୁରନ୍ତ ଗୃହପାଳିତ ପ୍ରାଣୀଙ୍କ ସହ ସପରିବାର ଉଚ୍ଚ ସ୍ଥାନରେ ଆଶ୍ରୟ ନିଅନ୍ତୁ। ତା'ସହ ସାଙ୍ଗରେ ପ୍ରାଣୀଙ୍କ ପାଇଁ ଏବଂ ନିଜ ଲାଗି ଖାଦ୍ୟ ନେଇଯାଆନ୍ତୁ। ବନ୍ୟା ହେବାର ଆଶଙ୍କା ଥିବା ଅଞ୍ଚଳରେ ପ୍ରାଣୀ ଚିକିତ୍ସକ, ଅତିରିକ୍ତ ପ୍ରାଣୀ ଚିକିତ୍ସକ, ପ୍ରାଣୀଧନ ନିରୀକ୍ଷକ ଏବଂ ଗୋମିତ୍ରମାନଙ୍କ ମଧ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥାଏ। ସେମାନଙ୍କର ପରାମର୍ଶକୁ ପାଳନ କରନ୍ତୁ। ବନ୍ୟା ହେବା ପୂର୍ବରୁ ସମସ୍ତ ଗୃହପାଳିତ ପ୍ରାଣୀଙ୍କୁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସଂକ୍ରାମକ ରୋଗର ପ୍ରତିଷେଧକ ଟିକା ଦେଇଦେବା ଦରକାର। ଏ ନେଇ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ସହ ଆଲୋଚନା କରନ୍ତୁ। ପ୍ରାଣୀଙ୍କ ଗୋବର ବା ଝାଡ଼ା ପରୀକ୍ଷା ତୁରନ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ କରାଇ ନିଅନ୍ତୁ। ତା'ସହ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ପ୍ରାଣୀମାନଙ୍କୁ କୃମିନାଶକ ଔଷଧ ଖାଲି ପେଟରେ ସକାଳୁ ଆବଶ୍ୟକ ମାତ୍ରାରେ ଦିଅନ୍ତୁ। ଯଦି କୌଣସି କାରଣ ଯୋଗୁ ପ୍ରାଣୀଟିର ମୃତ୍ୟୁ ହୋଇଯାଏ, ତେବେ ଉଚ୍ଚ ସ୍ଥାନରେ ଗଭୀର ଗାତ କରି ତହିଁରେ ଚୂନ ଦେଇ ପୋତିଦେବା ଦରକାର। ସେମାନଙ୍କ ମୃତ ଶରୀରକୁ ବାହାରେ ଫୋପାଡି ଦିଅନ୍ତୁ ନାହିଁ। ବନ୍ୟା ସମୟରେ ପ୍ରାଣୀଙ୍କ ଯତ୍ନ ବିଷୟରେ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ କିମ୍ବା ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ଥିବା ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ।

–ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

> "ଯଦି ବନ୍ୟା ହେବାର ଖବର ପାଉଛନ୍ତି ତେବେ ବିଳମ୍ବ ନ କରି ତୁରନ୍ତ ଗୃହପାଳିତ ପ୍ରାଣୀଙ୍କ ସହ ସପରିବାର ଉଚ୍ଚ ସ୍ଥାନରେ ଆଶ୍ରୟ ନିଅନ୍ତୁ। ତା'ସହ ସାଙ୍ଗରେ ପ୍ରାଣୀଙ୍କ ପାଇଁ ଏବଂ ନିଜ ଲାଗି ଖାଦ୍ୟ ନେଇଯାଆନ୍ତୁ। ବନ୍ୟା ହେବାର ଆଶଙ୍କା ଥିବା ଅଞ୍ଚଳରେ ପ୍ରାଣୀ ଚିକିତ୍ସକ, ଅତିରିକ୍ତ ପ୍ରାଣୀ ଚିକିତ୍ସକ, ପ୍ରାଣୀଧନ ନିରୀକ୍ଷକ ଏବଂ ଗୋମିତ୍ରମାନଙ୍କ ମଧ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥାଏ। ସେମାନଙ୍କର ପରାମର୍ଶକୁ ପାଳନ କରନ୍ତୁ।"





## ବର୍ଷାଦିନେ ପନିପରିବା ଚାଷ

**ବ**ର୍ଷା ଦିନରେ ଉଚ୍ଚା ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ । ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଦିଅନ୍ତୁ । ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସା କରି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ନଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳବଦଳ କରି ଦୁଇତିନି ଥର ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ପାଇଁ ପ୍ଲାଣ୍ଟୋମାଇସିନ୍ (୧ ମି.ଲି. ଲିଟର ପ୍ରତି) ସହ କପର ଅକ୍ସିକ୍ଲୋରାଇଡ୍ (୨ ଗ୍ରାମ୍ ଲିଟର ପିଛା) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ଫୁଲକୋବି ଲଗାନ୍ତୁ । ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ମାଘି, ପୁଷା ଦୀପାଳି ଓ ଅନ୍ୟାନ୍ୟ ସଙ୍କର କିସମ ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ କରନ୍ତୁ।

### ଜାଣିରଖନ୍ତୁ

**ବ**ର୍ଷା ସମୟରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଗାଈ ଚରୁଥିବା ସମୟରେ ହଠାତ୍ ବର୍ଷା ହେଲେ ସେମାନଙ୍କୁ ଗୁହାଳକୁ ଫେରାଇ ଆଣି ବାନ୍ଧି ଦିଅନ୍ତୁ। ସେମାନଙ୍କୁ ଅଧିକ ଦାନା ବା ଘାସ କାଟି ଆଣି ଖାଇବାକୁ ଦିଅନ୍ତ। ଓଦା ହେଲେ ଜ୍ୱର ଓ ନିମୋନିଆ ହେବା ଆଶଙ୍କା ଥାଏ। ଅଧିକ ବର୍ଷା ସମୟରେ ଗୁହାଳ ଭିତରକୁ ପାଣି ନ ଛାଟିବାର ବନ୍ଦୋବସ୍ତ କରନ୍ତୁ। ସାହାଣ ଓ ବଜବଜିଆ ରୋଗର ଟିକା ୬ ମାସ ମଧ୍ୟରେ ନ ଦିଆ ହୋଇଥିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଦିଅନ୍ତୁ। –ହାଇବ୍ରିଡ୍ ନାପିଅର, ମକା, ବରଗୁଡ଼ି ଇତ୍ୟାଦି ଘାସ ଚାଷ ଆରମ୍ଭ କରନ୍ତୁ। ବର୍ଷା ସମୟରେ ଛେଳି ଓ ମେଣ୍ଢାଙ୍କୁ ଗୁହାଳରେ ରଖି ଦାନା ବା ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ। ଏଣ୍ଟାରୋଟକ୍ସେମିଆ ଓ ପିପିଆର୍ ରୋଗର ଟିକା ଦିଆ ନ ହୋଇଥିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଦିଅନ୍ତୁ। ବର୍ଷାଦିନେ ଫିମ୍ପି ମାରିଥିବା ଦାନା ଖାଇବାକୁ ଦିଅନ୍ତୁ ନାହିଁ । କୁକୁଡ଼ା ଘରକୁ ପ୍ରବେଶ କରିବା ସମୟରେ ଜୋତାକୁ ଫିନାଇଲ୍ (୨ ପ୍ରତିଶତ) ପାଣିରେ ବୁଡ଼ାଇ ପ୍ରବେଶ କରନ୍ତୁ । କୁକୁଡ଼ାଘର ଭିତରକୁ ବର୍ଷାପାଣି ନ ଛାଟିବାର ବନ୍ଦୋବସ୍ତ କରନ୍ତୁ। ଲିଟର ଓଦା ହେଲେ କାଢ଼ି ଦିଅନ୍ତୁ ଓ ଶୁଖିଲା କୁଣ୍ଡା ବା କରତଗୁଣ୍ଡ ପକାନ୍ତୁ।

## କପା ଫସଲ ୯୦ ଦିନ ହୋଇଥିଲେ...



**ବ**ର୍ତ୍ତମାନ କପା ଫସଲରେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ୪ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ। ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ । ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥୋକ୍ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ।

## ମାଛ ଯାଆଁଳ ଛାଡୁଥିଲେ...

**ବ**ର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ। ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ। ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ସଘନ ମାଛଚାଷ ପାଇଁ ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧–୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧–୬୦ ମି.ମି.)



ଏବେଠାରୁ ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷକରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧–୪୦ ମି.ମି.) ଛାଡ଼ି ପାରିବେ। ୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

## ଡାଲିଜାତୀୟ ଫସଲରେ କୋଡ଼ାଖୁସା

ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ଦମନ ପାଇଁ ମାଙ୍କୋଜେବ୍ ସହ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ନ ନିୟନ୍ତ୍ରଣ ଲାଗି ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ। ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।



## ଚିନାବାଦାମ ଚାଷ ପାଇଁ ପ୍ରସ୍ତୁତି

**ଚି**ନାବାଦାମ ଚାଷ ପୂର୍ବରୁ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣି ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ । ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ ।



## ଆଖୁ କିଆରିର ଯତ୍ନ

**ଆ**ଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ଅଗବିନ୍ଧା ପୋକ ଦମନ ଲାଗି ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ। ଏହା ବ୍ୟତୀତ ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ବର୍ତ୍ତମାନ ଦହିଆପୋକ ଲାଗିବାର ଆଶଙ୍କା ରହିଛି। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ। ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ପ୍ରିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଳିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟ କରନ୍ତୁ। ଆକ୍ରାନ୍ତ ସ୍ଥାନରେ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୭/୨୦୨୨ Bhubaneswar, Wednesday, August 17/ 2022

# ଫିଫା ବାସନ୍ଦର ଘଟଣାକ୍ରମ

**ଭାରତ ନିଜର ୭୫ ତମ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ ମଧ୍ୟରାତ୍ରରେ ଫିଫା ପକ୍ଷରୁ ଭାରତୀୟ ଫୁଟବଲ ମହାସଂଘକୁ ବାସନ୍ଦ କରାଯାଇଛି। ଡିସେମ୍ବର ୨୦୨୦ରେ ବିଦାୟୀ ଏଆଇଏଫ୍‌ଏଫ୍ ସଭାପତି ପ୍ରଫୁଲ୍ଲ ପଟେଲଙ୍କ ତୃତୀୟ ଥରର କାର୍ଯ୍ୟକାଳ ସମାପ୍ତ ହେବା ପରେ ଏହି ବିବାଦର ସୂତ୍ରପାତ ହୋଇଥିଲା। ଜାତୀୟ କ୍ରୀଡା ନୀତି ଅନୁସାରେ ୧୨ ବର୍ଷରୁ ଅଧିକ ଦିନ ଗୋଟିଏ ଫେଡେରେଶନର ଜଣେ ମୁଖ୍ୟ ଭାବରେ କାର୍ଯ୍ୟ କରିପାରିବେ ନାହିଁ। ମୋହନବାଗାନର ପୂର୍ବତନ ଗୋଲକିପର ତଥା ଭାଜପା ନେତା କଲ୍ୟାଣ ଚୌବେ କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ କୋର୍ଟ ପଟେଲଙ୍କୁ ବରଖାସ୍ତ କରିଥିଲେ।**

**▶▶ମେ' ୧୮:** ସର୍ବୋଚ୍ଚ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରଫୁଲ୍ଲ ପଟେଲ ଏବଂ ତାଙ୍କର ପରିଚାଳନା ବୋର୍ଡ ଇସ୍ତଫା ପ୍ରଦାନ କରନ୍ତି। ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଏ.ଆର. ଡାଭେ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏସ୍. ୱାଇ. କ୍ୟୁରେଶୀ ଓ ପୂର୍ବତନ ଫୁଟବଲ ଦଳ ଅଧିନାୟକ ଭାସ୍କର ଗାଙ୍ଗୁଲିଙ୍କୁ ନେଇ ଏହି କମିଟି ଅଫ୍ ଆଡମିନିଷ୍ଟ୍ରେଟର ଗଠନ କରାଯାଇଥିଲା।

**▶▶ମେ' ୨୩:** ସିଓଏକୁ ଫୁଟବଲ ପରିଚାଳନାର ଭାର ପ୍ରଦାନ କରାଯିବା ପରେ ଭାରତକୁ ବ୍ୟାନ ନ କରିବା ପାଇଁ ଫିଫା ମୁଖ୍ୟ ଜିଆନି ଇନଫାଣ୍ଟିନୋଙ୍କୁ ଅନୁରୋଧ କରନ୍ତି ପ୍ରଫୁଲ୍ଲ ପଟେଲ।

**▶▶ମେ' ୨୯:** ସେପ୍ଟେମ୍ବର ସୁଦ୍ଧା ଏଆଇଏଫ୍‌ଏଫ୍ ନିର୍ବାଚନ ପାଇଁ ସିଓଏ ସଦସ୍ୟ ଏସ୍. ୱାଇ. କ୍ୟୁରେଶୀ ସୂଚନା ଦିଅନ୍ତି। ଏହା ସହିତ ଜୁଲାଇ ୧୫ ସୁଦ୍ଧା ସୁପ୍ରିମକୋର୍ଟଙ୍କ ନିକଟରେ ସଂଶୋଧିତ ସମ୍ବିଧାନ ଦାଖଲ ହେବା ସମ୍ପର୍କରେ ସୂଚନା ଦିଅନ୍ତି।

**▶▶ଜୁନ୍ ୧୧:** ସିଓଏ ଏବଂ କିଛି ସ୍ୱୀକୃତିପ୍ରାପ୍ତ ସଦସ୍ୟଙ୍କ ମଧ୍ୟରେ ଜାତୀୟ ଫେଡେରେଶନରେ ନିର୍ବାଚନକୁ ନେଇ ଆଲୋଚନା ହୁଏ। ଜାତୀୟ କ୍ରୀଡାନୀତି ସହିତ ଫିଫା ଓ ଏଏଫ୍‌ସିର ସମ୍ବିଧାନକୁ ନଜରରେ ରଖି ଯଥାସମ୍ଭବ ନିର୍ବାଚନ କରାଇବା ନିମନ୍ତେ ନିଷ୍ପତ୍ତି ହୁଏ।

**▶▶ଜୁନ୍ ୨୧:** ଫିଫା–ଏଏଫ୍‌ସିର ଭ୍ରମଣକାରୀ ଦଳ ଏବଂ ସିଓଏ ମଧ୍ୟରେ ଭାରତୀୟ ଫୁଟବଲକୁ ନେଇ ପ୍ରଥମ ପର୍ଯ୍ୟାୟ ବିସ୍ତୃତ ଆଲୋଚନା ସଫଳ।

**▶▶ଜୁନ୍ ୨୨:** ଏଆଇଏଫ୍‌ଏଫ୍ ସଦସ୍ୟମାନେ ଫିଫା–ଏଏଫ୍‌ସିର ଭ୍ରମଣକାରୀ ଦଳକୁ ଭେଟିବା ସହିତ ସୁପ୍ରିମକୋର୍ଟ ଅଯଥା ହସ୍ତକ୍ଷେପ କରୁଥିବା ସୂଚନା ଦିଅନ୍ତି।

**▶▶ଜୁନ୍ ୨୩:** ଫିଫା–ଏଏଫ୍‌ସିର ଭ୍ରମଣକାରୀ ଦଳ ତୁରନ୍ତ ଏହି କଳି ତୁଟାଇବାକୁ ପରାମର୍ଶ ଦିଅନ୍ତି। ଜୁଲାଇ ୩୧ ସୁଦ୍ଧା ନୂତନ ସମ୍ବିଧାନର ମଞ୍ଜୁରୀ ସହିତ ସେପ୍ଟେମ୍ବର ୧୫ ସୁଦ୍ଧା ନିର୍ବାଚନ କରାଇବାକୁ ନିର୍ଦ୍ଦେଶ।

**▶▶ଜୁଲାଇ ୧୩:** ସିଓଏ ପକ୍ଷରୁ ଏଆଇଏଫ୍‌ଏଫ୍ ସମ୍ବିଧାନର ଡ୍ରାଫ୍ଟ ଫିଫା ନିକଟକୁ ପ୍ରେରଣ।

**▶▶ଜୁଲାଇ ୧୬:** ସୁପ୍ରିମକୋର୍ଟଙ୍କ ମଞ୍ଜୁରୀ ପାଇଁ ସିଓଏ ପକ୍ଷରୁ ଏଆଇଏଫ୍‌ଏଫ୍ ସମ୍ବିଧାନର ଡ୍ରାଫ୍ଟ ଦାଖଲ।

**▶▶ଜୁଲାଇ ୧୮:** ସମ୍ବିଧାନର ଏକାଧିକ ବ୍ୟବସ୍ଥାକୁ ନେଇ ଏଆଇଏଫ୍‌ଏଫ୍‌ର ବିଭିନ୍ନ ରାଜ୍ୟ ବୋର୍ଡଗୁଡିକର ଅସନ୍ତୋଷ। ୭ ଜଣିଆ କମିଟି ପକ୍ଷରୁ ଫିଫା ନିକଟକୁ ଚିଠି।

**▶▶ଜୁଲାଇ ୨୧ :** ନିର୍ବାଚନ ପ୍ରକ୍ରିୟାକୁ ତ୍ୱରିତ କରିବା ପାଇଁ ଏଆଇଏଫ୍‌ଏଫ୍‌କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ।

**▶▶ଜୁଲାଇ ୨୬:** ପରିଚାଳନା ବୋର୍ଡରେ ପୂର୍ବତନ ଖେଳାଳିଙ୍କ ସଂଖ୍ୟା ୫୦ ପ୍ରତିଶତରୁ ହ୍ରାସ କରି ୨୫ ପ୍ରତିଶତ ରଖିବା ପାଇଁ ଏଆଇଏଫ୍‌ଏଫ୍‌କୁ ଫିଫାର ପରାମର୍ଶ।

**▶▶ଜୁଲାଇ ୨୮:** ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ ଏବଂ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଅଗଷ୍ଟ ୩ରେ ଆଗକୁ ହେବାକୁ ଥିବା ନିର୍ବାଚନର ପ୍ରକ୍ରିୟା ସମ୍ପର୍କରେ ଜାଣିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରନ୍ତି।

**▶▶ଅଗଷ୍ଟ ୩:** ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ନିର୍ବାଚନ ପରିଚାଳନା କରିବା ପାଇଁ ସର୍ବୋଚ୍ଚ କୋର୍ଟଙ୍କ ନିର୍ଦ୍ଦେଶ। ଇଲେକ୍ଟୋରାଲ କଲେଜରେ ୩୬ଟି ରାଜ୍ୟସଂଘର ୩୬ ସଦସ୍ୟ ଏବଂ ପୂର୍ବତନ ଖେଳାଳିଙ୍କ ମଧ୍ୟରୁ ୩୬ ଜଣଙ୍କୁ ଏହି କମିଟିରେ ରଖିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରନ୍ତି।

**▶▶ଅଗଷ୍ଟ ୫:** ସିଓଏ ପକ୍ଷରୁ ଦାଖଲ କାର୍ଯ୍ୟସୂଚୀକୁ ସର୍ବୋଚ୍ଚ କୋର୍ଟଙ୍କ ମଞ୍ଜୁରୀ। ଅଗଷ୍ଟ ୨୮ରେ ନିର୍ବାଚନ ସହିତ ଅଗଷ୍ଟ ୧୩ରୁ ପ୍ରସ୍ତୁତି ପାଇଁ କୋର୍ଟଙ୍କ ନିର୍ଦ୍ଦେଶ।

**▶▶ଅଗଷ୍ଟ ୬:** ତୃତୀୟ ପକ୍ଷ ହସ୍ତକ୍ଷେପ କାରଣରୁ ଫିଫା ପକ୍ଷରୁ ବ୍ୟାନ୍ ଏବଂ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ ଆୟୋଜନ ଅଧିକାର ଛଡେଇ ନେବା ଧମକ।

**▶▶ଅଗଷ୍ଟ ୭:** ଭାରତୀୟ ଫୁଟବଲ ସଂଘକୁ ଠିକ୍ ରାସ୍ତାରେ ନେବା ପାଇଁ ପ୍ରସ୍ତୁତ ବୋଲି ଫିଫାକୁ ସିଓଏର ପ୍ରତିଶ୍ରୁତି।

**▶▶ଅଗଷ୍ଟ ୧୦:** ସର୍ବୋଚ୍ଚ କୋର୍ଟଙ୍କ ପ୍ରକ୍ରିୟାରେ ହସ୍ତକ୍ଷେପ ଅଭିଯୋଗ କରି ପ୍ରଫୁଲ୍ଲ ପଟେଲଙ୍କ ନାମରେ ସିଓଏ ପକ୍ଷରୁ ମାନହାନି ମକଦ୍ଦମା।

**▶▶ଅଗଷ୍ଟ ୧୧:** ସୁପ୍ରିମକୋର୍ଟଙ୍କ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା କାରଣରୁ ପ୍ରଫୁଲ୍ଲ ପଟେଲ ଓ ବିଭିନ୍ନ ରାଜ୍ୟ ସଂଘର ମୁଖ୍ୟଙ୍କୁ ଚେତାବନୀ।

**▶▶ଅଗଷ୍ଟ ୧୩:** ଅଗଷ୍ଟ ୨୮ରେ ହେବାକୁ ଥିବା ନିର୍ବାଚନ ପାଇଁ ଏଆଇଏଫ୍‌ଏଫ୍ ପକ୍ଷରୁ ୩୬ ଜଣ ପୂର୍ବତନ ଖେଳାଳିଙ୍କ ଚୟନ। ବାଇଚୁଙ୍ଗ ଭୂଟିଆ ଏବଂ ଆଇ ଏମ୍ ବିଜୟନଙ୍କ ପରି ଖେଳାଳିଙ୍କୁ ପ୍ରାଥମିକ ଭୋଟର ଭାବରେ ସାମିଲ କରାଯାଇଛି।

**▶▶ଅଗଷ୍ଟ ୧୫:** ନିଜ ନିଷ୍ପତ୍ତିରେ ଅଟଳ ବୋଲି କ୍ରୀଡା ମନ୍ତ୍ରାଳୟକୁ ସୂଚିତ କରିବା ସହିତ ଖେଳାଳିଙ୍କ ସାମିଲ ନିଷ୍ପତ୍ତିକୁ ବିରୋଧ କରୁଥିବା ସ୍ପଷ୍ଟ କରେ ଫିଫା। ବ୍ୟକ୍ତିଗତ ସଦସ୍ୟ ଭାବରେ ୩୬ ଖେଳାଳିଙ୍କ ସାମିଲକୁ ଏହା ବିରୋଧ କରେ।

ତୃତୀୟ ପକ୍ଷର ହସ୍ତକ୍ଷେପ କାରଣରୁ ଫିଫା ଏଆଇଏଫ୍‌ଏଫ୍‌କୁ ବ୍ୟାନ କରେ। ଏହା ସହିତ ଭାରତରେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଆୟୋଜିତ ହେବ ନାହିଁ ବୋଲି ମଧ୍ୟ ଘୋଷଣା କରାଯାଏ।

# ବନ୍ଧୁକ ବିକ୍ରି ବେଳେ ମାଡ଼ିବସିଲା ଏସ୍‌ଟିଏଫ୍

**ଢେଙ୍କାନାଳ ଅଫିସ, ୧୬।୮**

ଢେଙ୍କାନାଳରେ ଚାଲିଥିବା ଏକ ଚୋରା ବନ୍ଧୁକ କାରବାରର ଖିଅ ପାଇଛି କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ସଦର ଥାନା ଅଞ୍ଚଳରେ ବନ୍ଧୁକ ବିକ୍ରି ପାଇଁ ଯୋଜନା ଚାଲିଥିବାବେଳେ ସଦର ଥାନା ପୋଲିସ ସହାୟତାରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ଏହାକୁ

**୫ ପିସ୍ତଲ, ୬ ଗୁଳି ଜବତ: ଅଭିଯୁକ୍ତ ଗିରଫ**

ପଣ୍ଡ କରିଛି। ଏଭଳି କାରବାରରେ ସମ୍ପୃକ୍ତି ଅଭିଯୋଗରେ ସ୍ଥାନୀୟ ରୋହିତ ନାୟକ ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୫ ପିସ୍ତଲ, ୬ ଅଫୁଟା ଗୁଳି ଓ ଗୋଟିଏ ମୋବାଇଲ ଜବତ କରାଯାଇଛି। ରୋହିତ ଜଣେ ବ୍ୟକ୍ତିଙ୍କୁ ପିସ୍ତଲ ବିକ୍ରି କରିବା ନିମନ୍ତେ ଯୋଗାଯୋଗ କରିଥିଲେ। ତାଙ୍କଠାରୁ କିଛି ଅଗ୍ରିମ ଟଙ୍କା ମଧ୍ୟ ନେଇଥିଲେ। ଡିଲ୍ ମୁତାବକ ମଙ୍ଗଳବାର ବନ୍ଧୁକ ହସ୍ତାନ୍ତର କରିଥାଆନ୍ତେ। ଏଥିପୂର୍ବରୁ କୌଣସି ସୂତ୍ରରୁ ସୂଚନା ପାଇ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ଛାଟିଆ ଏବଂ ଢେଙ୍ଗବୋରେଇ ଅଞ୍ଚଳରୁ ରୋହିତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ଏ ସଂକ୍ରାନ୍ତରେ ସଦର ଥାନାରେ କେସ୍ ନଂ. ୩୬୨/୨୨ରେ ଏକ ମାମଲା ରୁଜୁ ହୋଇଛି।

ଉଲ୍ଲେଖଯୋଗ୍ୟ, ଢେଙ୍କାନାଳରେ ପୂର୍ବରୁ ଏକାଧିକ ଚୋରା ବନ୍ଧୁକ କାରଖାନା ଠାବ ହୋଇଛି। ଏହାର ଲିଙ୍କ୍ ପଡୋଶୀ ଜିଲାକୁ ଲମ୍ବିଥିବା ଜଣାପଡ଼ିଛି। ଶସ୍ତା ଓ ସୁଲଭ ଦରରେ ମିଳୁଥିବାରୁ ଏଭଳି ବନ୍ଧୁକ କିଣି ଅପରାଧୀମାନେ ଅପରାଧ ଘଟାଉଛନ୍ତି। କିଛିଦିନ ତଳେ ଢେଙ୍କାନାଳ ସହରର ମଣପ୍ପୁରମ୍ ସ୍ୱର୍ଣ୍ଣ ଋଣ ପ୍ରଦାନକାରୀ ସଂସ୍ଥାରେ ସଶସ୍ତ୍ର ଡକାୟତି ଉଦ୍ୟମ ହୋଇଥିଲା। ଦୁର୍ବୃତ୍ତମାନେ ପିସ୍ତଲ ଧରି ସଂସ୍ଥା କାର୍ଯ୍ୟାଳୟରେ ପଶିଥିଲେ। ତେବେ ଠିକ୍ ସମୟରେ ସାଇରନ ବାଜିବାରୁ ସେମାନଙ୍କ ଉଦ୍ୟମ ପଣ୍ଡ ହୋଇଯାଇଥିଲା। ଏଥିପୂର୍ବରୁ ମଧ୍ୟ ଏକାଧିକ ହତ୍ୟାକାଣ୍ଡରେ ଏଭଳି ଚୋରା ବନ୍ଧୁକର ବ୍ୟବହାର ହୋଇଥିବା ପୋଲିସ ସ୍ପଷ୍ଟ କରିଛି।

ସଦ୍ୟତମ ଘଟଣାରେ ଧରାପଡ଼ିଥିବା ଅଭିଯୁକ୍ତ ରୋହିତ କାହା ସହ ଯୋଗାଯୋଗରେ ଥିଲେ, ସେ ଏଭଳି ବନ୍ଧୁକ ପୂର୍ବରୁ ବିକ୍ରି କରିଛନ୍ତି କି ନାହିଁ, ଏହାର ଚେର କୁଆଡ଼େ ଲମ୍ବିଛି ତାହାକୁ ନେଇ ଏସ୍‌ଟିଏଫ୍ ଖୋଳତାଡ଼ କରୁଛି। ମୋବାଇଲ କଲ୍ ରେକର୍ଡରୁ ଏ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବା ସମ୍ଭାବନା ରହିଥିବା ପୋଲିସ କହିଛି।



ଜବତ ପିସ୍ତଲ ସହିତ ଗିରଫ ଅଭିଯୁକ୍ତ।

# ୨୮ ଟନ୍‌ରୁ ଊର୍ଦ୍ଧ୍ୱ ଅଷ୍ଟ୍ରେଲିଆ ହାର୍ଡ କୋକ୍ ଜବତ

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)**

**ଭଦ୍ରକରେ ଏସ୍‌ଟିଏଫ୍ ଚଢ଼ାଉ**
- ଧାମରା ବନ୍ଦରରୁ ଚୋରା ଚାଲାଣ ହେଉଥିଲା
- ଟ୍ରକ ସହ ବୋଲେରୋ ଜବତ
- ଡ୍ରାଇଭର ଗିରଫ, ୩ ଖସିଗଲେ

ଧାମରା ବନ୍ଦରକୁ ଅଷ୍ଟ୍ରେଲିଆ ସମେତ ବିଭିନ୍ନ ଦେଶରୁ ଖଣିଜ ପଦାର୍ଥ ଆମଦାନୀ ହେଉଛି। ତେବେ ସେଠାରେ କେତେଜଣ କର୍ମଚାରୀଙ୍କୁ ହାତବାରିସି କରି ଖଣିଜପଦାର୍ଥ ଚୋରା ଚାଲାଣ କରାଯାଉଛି। ସୋମବାର ରାତିରେ ଅଷ୍ଟ୍ରେଲିଆ ହାର୍ଡକୋକ୍ ଚୋରା ଚାଲାଣ ବେଳେ ଭଦ୍ରକ ଜିଲା ଚରମ୍ପା ନିକଟରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଏକ ଟ୍ରକ୍ ଓ ବୋଲେରୋ ଜବତ କରିଛି। ଟ୍ରକରୁ ୨୮ ଟନ୍‌ରୁ ଊର୍ଦ୍ଧ୍ୱ ହାର୍ଡକୋକ୍ ଜବତ କରାଯାଇଛି। ସମ୍ପୃକ୍ତ ଟ୍ରକ୍ ଡ୍ରାଇଭର ବାଂଶଡ଼ା ଥାନା ଅଧୀନ ଗୌଡ଼ୁଣୀ ପୋଖରୀ ଗ୍ରାମର ପର୍ଶୁରାମ ମଲ୍ଲିକଙ୍କୁ ଗିରଫ କରାଯାଇଛି। ବୋଲେରୋରେ ଥିବା ୩ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ପରେ ପର୍ଶୁରାମଙ୍କୁ ଏସ୍‌ଟିଏଫ୍ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସକୁ ହସ୍ତାନ୍ତର କରିଥିଲା। ଏନେଇ ସ୍ଥାନୀୟ ପୋଲିସ ପକ୍ଷରୁ ଏକ ମାମଲା (ନଂ. ୪୨୬/୨୨) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ସୋମବାର ରାତିରେ ଧାମରା ବନ୍ଦରରୁ ଏକ ଟ୍ରକ୍‌ରେ ଅଷ୍ଟ୍ରେଲିଆ ହାର୍ଡକୋକ୍ ଭର୍ତ୍ତି କରାଯାଇ ଯାଜପୁର ଏବଂ ଅନ୍ୟ ଅଞ୍ଚଳକୁ ଚାଲାଣ ହେଉଥିବା ଏସ୍‌ଟିଏଫ୍ ସୂଚନା ପାଇଥିଲା। ଏକ ବୋଲେରୋରେ ୩ଜଣ ରହି ଉକ୍ତ ଟ୍ରକ୍‌କୁ ବାଟ କଢ଼େଇ ନେଉଥିଲେ। ଏସ୍‌ଟିଏଫ୍ ଓ ସ୍ଥାନୀୟ ପୋଲିସର ଏକ ମିଳିତ ଟିମ୍ ଚରମ୍ପା ନିକଟରେ ଚଢ଼ାଉ କରି ଟ୍ରକ୍‌କୁ ଧରିଥିଲା। ହେଲେ ବୋଲେରୋରେ ଥିବା ୩ଜଣ ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିଲେ। ସେମାନଙ୍କୁ ଧରିବାକୁ ପ୍ରୟାସ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ସମୁଦ୍ରରେ ଲୀନହେଲା ପୋଡ଼ମପେଟାର ୩ ଘର



ସମୁଦ୍ରର ଉଚ୍ଚ ଜୁଆରରେ ଭାଙ୍ଗି ଯାଇଥିବା ଘର।

**ଗଞ୍ଜାମ, ୧୬।୮ (ଡି.ଏନ୍.ଏ.):** ଲଘୁଚାପ କାରଣରୁ ଅଶାନ୍ତ ସମୁଦ୍ରର ଉଚ୍ଚ ଜୁଆରରେ ଗଞ୍ଜାମ ବ୍ଲକର ପୁରୁଣା ପୋଡ଼ମପେଟା ଗ୍ରାମର ପୁଣି ୩ଟି ଘର ସମୁଦ୍ରରେ ଲୀନ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଓଡିଆର୍‌ପି (ଓଡ଼ିଶା ଡିଜାଷ୍ଟର ରିକଭରି ପ୍ରୋଜେକ୍ଟ) ଯୋଜନାରେ ଘର ମିଳି ନ ଥିବାରୁ ଗ୍ରାମର ସି.ଏଚ. ନାର୍ସା, ଜେ. ସୁକାନ୍ତି, ଜେ. ଟିଟୁ, ସି.ଏଚ. ବୁଲଡୁ ଓ ଜେ.ଶିବାନନ୍ଦଙ୍କ ପରିବାର ସେଠାରେ ରହିଆସୁଛନ୍ତି। ମଙ୍ଗଳବାର ସି.ଏଚ. ବୁଲଡୁଙ୍କ ଘର ସମୁଦ୍ରରେ ମିଶିଗଲା ପରେ ସେ ସମ୍ପର୍କୀୟଙ୍କ ଘରକୁ ଚାଲିଯାଇଛନ୍ତି। ଅନ୍ୟ ଦୁଇଟି ଘରେ କେହି ରହୁନଥିଲେ ମଧ୍ୟ ସେଗୁଡ଼ିକ ଜୁଆର ମାଡ଼ରେ ଭାଙ୍ଗିଯାଇଛି। ତହସିଲଦାର ଅରୁଣ କୁମାର ନାୟକ ପୋଡ଼ମପେଟା ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନାଯୋଗ୍ୟ, ଗତ କିଛି ଦିନ ମଧ୍ୟରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଘର ସମୁଦ୍ରରେ ମିଶିଗଲାଣି।

# ଚଳନ୍ତା ବସ୍‌ରେ ଯାତ୍ରୀଙ୍କ ମୃତ୍ୟୁ

**ଆସିକା, ୧୬।୮ (ଡି.ଏନ.ଏ.):** ଫୁଲବାଣୀରୁ ବ୍ରହ୍ମପୁର ଯାଉଥିବା ଏକ ବସ୍‌ରେ ସୋମବାର ଜଣେ ଯାତ୍ରୀ ଏମ୍. ତିରୁପତୀ (୩୦)ଙ୍କ ମୃତ୍ୟୁ ଘଟିଛି। ସେ ପେଶାରେ ଜଣେ ଜ୍ୟୋତିଷ। ଘର ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳରେ। ତିରୁପତୀ ଫୁଲବାଣୀରୁ ବ୍ରହ୍ମପୁର ଫେରୁଥିବା ବେଳେ ଗାଙ୍ଗପୁର ଥାନା କଣ୍ଟେଇପଲ୍ଲୀ ନିକଟରେ ବସରେ ହଠାତ ଅଚେତ ହୋଇଯାଇଥିଲେ। ତାଙ୍କୁ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।




# ଆତ୍ମସମର୍ପଣ କରିଥିବା ୧୧ ମହିଳା ମାଓବାଦୀଙ୍କୁ ନିଯୁକ୍ତି



ରୋଷେୟା ଭାବେ ନିଯୁକ୍ତି ପାଇଥିବା ୧୧ ମହିଳା ମାଓବାଦୀ।

**ମାଲକାନଗିରି, ୧୬।୮ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ସୋମବାର ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଡି.ଏନ.କେ. ଖେଳପଡିଆଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ପୂର୍ବରୁ ଆତ୍ମସମର୍ପଣ କରିଥିବା ୧୧ ମହିଳା ମାଓବାଦୀଙ୍କୁ ମଙ୍ଗଳ ବିଭାଗର ରୋଷେୟା ଭାବେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସେମାନେ ମଙ୍ଗଳ ବିଭାଗର ବିଭିନ୍ନ ଆବାସିକ ବିଦ୍ୟାଳୟରେ ରୋଷେୟା ଭାବେ କାର୍ଯ୍ୟ କରିବେ।

# ସିଙ୍ଗିରି ସରପଞ୍ଚଙ୍କୁ ହତ୍ୟା ମାମଲା: ୮ ଜଣଙ୍କୁ ଆଜୀବନ ଜେଲ୍

**କେନ୍ଦ୍ରାପଡ଼ା ଅଫିସ/ ଆଳି, ୧୬।୮ (ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ସିଙ୍ଗିରି ସରପଞ୍ଚ ଚିତ୍ରସେନ ଦାସଙ୍କୁ ହତ୍ୟା ମାମଲା (ଥାନା କେସ୍ ନଂ.୧୪୫/୧୬)ରେ ଜିଲା ଦୌରାଜଜ୍ ଗୋପାଳ ଚରଣ ବେହେରା ୮ ଜଣଙ୍କୁ ଆଜୀବନ କାରାଦଣ୍ଡ ଦେଇଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ମାନସ ରଞ୍ଜନ ବେହେରାଙ୍କ ସୂଚନା ଅନୁଯାୟୀ, ଚିତ୍ରସେନଙ୍କର ବେଲାରି ଗ୍ରାମର ସୁମନ୍ତ ଦାସଙ୍କ ସହିତ ପୂର୍ବରୁ ଶତ୍ରୁତା ଥିଲା। ଚିତ୍ରସେନଙ୍କ ଘରକୁ ସୁମନ୍ତ ବୋମା ଫୋପାଡ଼ିବା ଅଭିଯୋଗ ହୋଇଥିଲା। ସୁରକ୍ଷା ପାଇଁ ସେ ପୋଲିସର ସହଯୋଗ ଲୋଡ଼ିଥିଲେ। ୨୦୧୬ ଜୁନ୍ ୮ରେ ଚିତ୍ରସେନ ଘରୁ ଆଳି ଯାଉଥିବା ବେଳେ ଚଣ୍ଡିବଜାର ଛକରେ ସୁମନ୍ତ, ସିଙ୍ଗିରି ଗ୍ରାମର କ୍ଷୀରୋଦ ଦାସ, ସଚ୍ଚିଦାନନ୍ଦ ପୃଷ୍ଟି, ବସନ୍ତ ସେଠୀ, ଅଳିହାର ପୀତାମ୍ବର ନାୟକ, ବେଲାରିର ଆଶିଷ ଦାସ, ରାଉତାର ସୁମନ୍ତ ପାଢ଼ୀ ଓ ମହାସାହାଣୀ ଗାଁର ବିଜୟ ନାୟକ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଚିତ୍ରସେନଙ୍କ ମୃତ୍ୟୁ ହୋଇଥିଲା। ଏହି ମାମଲାକୁ ୨୦୧୬ ଅଗଷ୍ଟ ୨୯ରେ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା। ୩୯ ଜଣଙ୍କ ସାକ୍ଷ୍ୟକୁ ଭିତ୍ତିକରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଆଜୀବନ କାରାଦଣ୍ଡ ହୋଇଥିବା ପିପି ବେହେରା କହିଛନ୍ତି।

# ଜୁମଡାଙ୍ଗରେ ପ୍ରଥମ ଥର ଉଡ଼ିଲା ତ୍ରିରଙ୍ଗା



ଜୁମଡାଙ୍ଗ ଗ୍ରାମବାସୀ ସ୍ୱାଧୀନତା ଦିବସ ପାଳନ କରୁଛନ୍ତି।

**ଚିତ୍ରକୋଣ୍ଡା, ୧୬।୮ (ଡି.ଏନ.ଏ.)**

ଦିନେ ଜୁମଡାଙ୍ଗ ଥିଲା ମାଓବାଦୀଙ୍କ ଗଡ। ମାଓବାଦୀଙ୍କ ଭୟରେ ସେଠାରେ ସ୍ୱାଧୀନତା ଦିବସରେ ଆଜିଯାଏ ଜାତୀୟ ପତାକା ଉଡିପାରୁନ ଥିଲା। ମାଓବାଦୀମାନେ କଳାପତାକା ଉତ୍ତୋଳନ କରୁଥିଲେ। ତେବେ ବିଭିନ୍ନ ସ୍ଥାନରେ ବିଏସଏଫ୍ କ୍ୟାମ୍ପ ପ୍ରତିଷ୍ଠା ପରେ ଉକ୍ତ ଅଞ୍ଚଳରୁ ମାଓବାଦୀଙ୍କ ପ୍ରଭାବ କମିଥିଲା। ଫଳରେ ସୋମବାର ଚିତ୍ରକୋଣ୍ଡା ବ୍ଲକର ଜୁମଡାଙ୍ଗ ଗ୍ରାମବାସୀ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଜାତୀୟ ପତାକା ଉତ୍ତୋଳନ କରି ଏହି ଦିବସକୁ ମହାଆଡମ୍ବର ସହକାରେ ପାଳନ କରିଛନ୍ତି। ପ୍ରଥମେ ଗ୍ରାମବାସୀ ତ୍ରିରଙ୍ଗା ପତାକା ଧରି ଗ୍ରାମ ପରିକ୍ରମା କରିଥିଲେ। ପରେ ସମସ୍ତେ ଏକାଠି ହୋଇ ଶିକ୍ଷକ ବୁଲୁ ସେଠୀଙ୍କ ନେତୃତ୍ୱରେ ଜାତୀୟ ପତାକା ଉତ୍ତୋଳନ କରି ଜାତୀୟ ସଙ୍ଗୀତ ଗାନ କରିଥିଲେ। ସୂଚନାଯୋଗ୍ୟ, ଜୁମଡାଙ୍ଗ ଓଡ଼ିଶାର ହୋଇଥିଲେ ମଧ୍ୟ ଆନ୍ଧ୍ର ସୀମାନ୍ତରେ ଥିବାରୁ ଏହି ଗ୍ରାମ ଉପରେ ଆନ୍ଧ୍ରର ସର୍ବଦା ନଜର ରହିଛି। ଆନ୍ଧ୍ର ଏହି ଗ୍ରାମକୁ ଅକ୍ତିଆର କରିନେବାକୁ ବିଭିନ୍ନ ସମୟରେ ଉଦ୍ୟମ କରୁଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୭ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ୩ ଗାଈ ମୃତ

ଯାଁଳା, ୧୬।୮ (ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅଧୀନ ଗଙ୍ଗପଡ଼ା ପଞ୍ଚାୟତର ଗ୍ରାମଡିହ ନିକଟ ଏକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୩ ଗାଈଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଦୁଇଟି ଗାଈ ଆହତ ହୋଇଛନ୍ତି। ସୂଚନା ମୁତାବକ, ଗତ ସୋମବାର ସକାଳେ କୌଣସି କାରଣରୁ ବିଦ୍ୟୁତ୍ ଖୁଣ୍ଟର ଶଙ୍ଖ ଫାଟିଯାଇଥିଲା। ଫଳରେ ଉକ୍ତ ଖୁଣ୍ଟିଟି ଚାର୍ଜ ହୋଇଯାଇଥିଲା। କେତେକ ଗୋରୁ ଚରିବା ପାଇଁ ଆସିଥିବା ବେଳେ ଏହି ବଦ୍ୟୁତ୍ ଖୁଣ୍ଟି ସଂସ୍ପର୍ଶରେ ଆସିଥିଲେ। ବିଦ୍ୟୁତ୍ ବିଭାଗର ଅବହେଳାରୁ ଏହି ଘଟଣା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

### ୮ ଫୁଟର ଅଜଗର ଉଦ୍ଧାର

ନିରାକାରପୁର, ୧୬।୮ (ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଅନ୍ତର୍ଗତ ମିରିଗଦୟଣୀ ଗ୍ରାମରୁ ଏକ ୮ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର ହୋଇଛି। ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ନାଳରୁ ମାଛ ଧରିବା ପାଇଁ ଜାଲ ବସାଇଥିଲେ। ଉକ୍ତ ଜାଲରେ ଏକ ସାପ ପଡି ଛଟପଟ ହେଉଥିବା ଦେଖି ବ୍ୟକ୍ତି ଜଣକ ନିରାକାରପୁର ଅଞ୍ଚଳର ସାପ ଧରାଳି ଡମ୍ବୁରଧର ରାଉତରାୟଙ୍କୁ ଜଣାଇଥିଲେ। ଖବରପାଇ ଡମ୍ବରୁଧର ପହଞ୍ଚି ଜାଲରୁ ସାପକୁ ଉଦ୍ଧାର କରି ନିକଟ ପାହାଡ଼ରେ ଛାଡ଼ିଥିଲେ।

### ଫେସ୍‌ବୁକ୍‌ରେ ଭାଉଜଙ୍କ ନମ୍ବର ଛାଡ଼ି ନଣନ୍ଦ ଗିରଫ

#### ଅଶ୍ଳୀଳ ଫଟୋରେ ନମ୍ବର ସହ ଲେଖାଥିଲା 'କଲ୍ ଗାର୍ଲ'

ଭୁବନେଶ୍ୱର, ୧୬।୮ (ବ୍ୟୁରୋ): ଏକ ଅଶ୍ଳୀଳ ଫଟୋକୁ ଏଡିଟ୍ କରି ଭାଉଜଙ୍କ ନମ୍ବର ଯୋଡ଼ି ଫେସ୍‌ବୁକରେ ଛାଡ଼ିବା ଅଭିଯୋଗରେ ସମ୍ପୃକ୍ତ ନଣନ୍ଦଙ୍କୁ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦାରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅଞ୍ଚଳର ଶୁଭଶ୍ରୀ ବେହେରା(୩୦)। ଶୁଭଶ୍ରୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଶୁଭଶ୍ରୀ ବଡ଼ଭାଇଙ୍କ ମଧ ସମ୍ପୃକ୍ତି ଥିବା ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ନଣନ୍ଦ ଏବଂ ତାଙ୍କ ଭାଉଜଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ରହିଥିଲା। ଭାଉଜଙ୍କୁ ହଇରାଣ ଓ ବଦ୍‌ନାମ କରିବାକୁ ନଣନ୍ଦ ଫେସ୍‌ବୁକରେ ଏକ ଫେକ୍ ଆକାଉଣ୍ଟ ଖୋଲିଥିଲେ। ଏପରି କରିବାକୁ ଶୁଭଶ୍ରୀଙ୍କୁ ତାଙ୍କ ବଡ଼ ଭାଇ ମଧ କହିଥିଲେ। ଉକ୍ତ ପ୍ରୋଫାଇଲରେ ଏକ ଅଶ୍ଳୀଳ ଫଟୋରେ ଶୁଭଶ୍ରୀ ତାଙ୍କ ଭାଉଜଙ୍କ ଦୁଇଟି ନମ୍ବରକୁ ଏଡିଟ କରି ଛାଡ଼ିଥିଲେ। 'ମୁଁ ଜଣେ କଲ୍‌ଗାର୍ଲ, ରାତିରେ କଲ୍ କର' ବୋଲି ଉକ୍ତ ଫଟୋ ଉପରେ ଇଂରାଜିରେ ଲେଖାଯାଇଥିଲା। ଫଳରେ ତାଙ୍କ(ଭାଉଜ) ନିକଟକୁ ବହୁ କଲ୍ ଆସିଥିଲା। ଏଥିରେ ଅତିଷ୍ଠ ହୋଇ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ଭାଉଜ ଗତ ଜୁଲାଇ ୧ରେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (୩୪/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନଣନ୍ଦଙ୍କ ମୋବାଇଲରେ ଉକ୍ତ ଫେକ୍ ଆକାଉଣ୍ଟ ଖୋଲାଯାଇଥିବା ତଦନ୍ତ ବେଳେ ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

# ରାଜୁଆ ନଦୀରେ ଶହେ ଫୁଟର ଘାଇ



ଖୋର୍ଦ୍ଧା ବ୍ଲକର ଏକ ଗାଁରେ ଜମି ରହିଥିବା ବନ୍ୟା ଜଳ।



ଆଶ୍ରୟସ୍ଥଳୀରେ ଲୋକମାନେ ଆଶ୍ରୟ ନେଇଛନ୍ତି।

ଖୋର୍ଦ୍ଧା ଅଫିସ/ଜଟଣୀ, ୧୬।୮ (ଡି.ଏନ୍.ଏ.)

- ୩ ପଞ୍ଚାୟତର ୮ ଗାଁ ଜଳବନ୍ଦୀ
- ହିରିମୂଳ ବାହ୍ୟଜଗତରୁ ବିଚ୍ଛିନ୍ନ
- ଚୂଲିରେ ପାଣି, ଉପବାସରେ ଗ୍ରାମବାସୀ

ଖୋର୍ଦ୍ଧା–ଜଟଣୀ ମଧ୍ୟବର୍ତ୍ତୀ ତିରିମଲଠାରେ ରାଜୁଆ ନଦୀରେ ମଙ୍ଗଳବାର ରାତିରେ ପ୍ରାୟ ଶହେ ଫୁଟର ଘାଇ ସୃଷ୍ଟି ହୋଇଛି। ଫଳରେ ଖୋର୍ଦ୍ଧା ବ୍ଲକର ୩ ପଞ୍ଚାୟତର ଶରଧାପୁର, ଅଣ୍ଡା, ଧବଳପୁର, ବଳପୁର ସମେତ ୮ଟି ଗ୍ରାମ ପ୍ରଭାବିତ ହୋଇଛି। ଖବରପାଇ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଖୋର୍ଦ୍ଧା ତହସିଲଦାର ଇପ୍‌ସିତ ସାହୁ, ବିଡିଓ କେ.ତନୟା ସାହୁ, ଜଟଣୀ ତହସିଲଦାର ରୁମାନୀ ଜାଫ୍ରି ପ୍ରମୁଖ ଓଡ୍ରାଫ ଓ ଅଗ୍ନିଶମ କର୍ମଚାରୀଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ନଦୀର ଜଳସ୍ତର ବଢୁଥିବାରୁ ବନ୍ୟା ଆଶଙ୍କା କରି ୮ ଗ୍ରାମର କେତେଜଣ ବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ହିରିମୂଳ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଅନ୍ୟ ଗ୍ରାମ ଗୁଡ଼ିକରେ ୫ଫୁଟ ଉଚ୍ଚର ପାଣି ଚାଲିଛି। ସ୍କୁଲ, ମନ୍ଦିର ପାଣି ଘେରରେ ରହିଛି। ଚୁଲିରେ ପାଣି ପଶିଯିବାରୁ ଅଧିକାଂଶ ପରିବାର ଭୋକ ଉପବାସରେ ରହିଥିବା ଜଣାପଡ଼ିଛି। ଏକର ଏକର ଚାଷଜମି ପାଣିରେ ବୁଡ଼ି ରହିଛି। ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି।

ତହସିଲଦାର ସାହୁ କହିଛନ୍ତି, ୮ଟି ଗାଁ ଜଳମଗ୍ନ ହୋଇପଡ଼ିଛି। ଏକ ଟିମ୍ ଏଠାରେ ୨୪ ଘଣ୍ଟିଆ ରହିବେ। ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ମେଡିକାଲ ଟିମ୍ ଓରମୀ ଠାରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି। ହିରିମୂଳ ଓ ଡିହଖଳା ଗ୍ରାମବାସୀଙ୍କ ଯାତାୟାତ ଲାଗି ଦୁଇଟି ଡଙ୍ଗା ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ସରପଞ୍ଚ, ଆର୍‌ଆଇ ସ୍ଥିତି ଉପରେ ନଜର ରଖିଛନ୍ତି। ସେହିପରି କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ଗତବର୍ଷ ଚାଷୀ ଧାରକରଜ କରି ଚାଷ କାର୍ଯ୍ୟ କରିଥିଲେ। ଶେଷ ପର୍ଯ୍ୟାୟରେ ବନ୍ୟାଜଳ ମାଡି ଏକର ଏକର ଚାଷଜମି ଜଳମଗ୍ନ ହୋଇଥିଲା। ଫଳରେ ଚାଷୀ ଲକ୍ଷାଧିକ ଟଙ୍କା କ୍ଷତି ସହିଥିଲେ। ଚଳିତ ବର୍ଷ ମଧ ସେହି ସମସ୍ୟା ଚାଷୀଙ୍କୁ ଘାରିଛି। ଏହାର ପ୍ରତିକାର ପାଇଁ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଚାଷୀମାନେ ପ୍ରତିବର୍ଷ କ୍ଷତି ସହୁଛନ୍ତି। ହିରିମୂଳ ଗ୍ରାମର କଂଗ୍ରେସ ମାର୍ଥା କୁହନ୍ତି, ଏହି ସମସ୍ୟା ପିଲାବେଳୁ ଦେଖି ଆସୁଛୁ। ପ୍ରତିଶ୍ରୁତି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ହୀରାକୁଦ ଗେଟ ଖୋଲାଗଲେ ଏହି ବ୍ଲକର ୩ ପଞ୍ଚାୟତର ପ୍ରାୟ ୧୫ ଗାଁ ହଇରାଣ ହୋଇଥାନ୍ତି। ଜଳକୁ ସଂରକ୍ଷଣ କରି ଜଳସେଚନ ବ୍ୟବସ୍ଥା କରାଗଲେ, ଗ୍ରାମବାସୀ ଉପକୃତ ହେବେ। ଡିହଖଳା ଗ୍ରାମର ପରମାନନ୍ଦ ଛୋଟରାୟ କୁହନ୍ତି, ଘର ଭିତରେ ପାଣି ପଶିଯାଇଛି ବୋଲି ସକାଳେ ଦେଖିବାକୁ ପାଇଥିଲୁ। ରାଜୁଆ ନଦୀ ଏହି ତିନି ପଞ୍ଚାୟତ ପାଇଁ ଦୁଃଖ ପାଲଟିଛି। ଏଠାରେ ଘେରିବନ୍ଧ ନିର୍ମାଣ କରାଗଲେ, ଏହି ସମସ୍ୟା ସମାଧାନ ହୋଇପାରିବ। ଦୁର୍ଗାପୁର ଗ୍ରାମର ବିନୟ କୁମାର ମଙ୍ଗରାଜ କୁହନ୍ତି, ଅତ୍ୟାବଶ୍ୟକ ସାମଗ୍ରୀ ଦରକାର ନାହିଁ, ସ୍ଥାୟୀ ପ୍ରତିକାର ଦରକାର। ପ୍ରତିବର୍ଷ ବହୁ ଆଶା ନେଇ ଧାନ ଚାଷ କରୁଛି। ଠିକ୍ ଏହି ସମୟରେ ରାଜୁଆ ନଦୀର ପାଣି ପଶି ସବୁ ନଷ୍ଟ କରିଦେଉଛି। ମୌସୁମୀ ଦାଉ ସାଜୁଛି। ହୀରାକୁଦ ଗେଟ ଖୋଲିଲେ, ସମସ୍ୟାକୁ ଦ୍ୱିଗଣିତ ହୋଇଯାଉଛି। ପ୍ରତିବର୍ଷ କ୍ଷତି ସହିବାକୁ ପଡୁଛି। ଡିହଖଳାର ସର୍ବେଶ୍ୱର ମାର୍ଥା କୁହନ୍ତି, ବନ୍ୟାଜଳ ମାଡି ଏକର ଏକର ଚାଷଜମି ଏବେ ଜଳମଗ୍ନ ହୋଇଛି। ଲକ୍ଷାଧିକ ଟଙ୍କା ଧାରକରଜ କରି ଧାନ ବୁଣିଥିଲୁ। ସବୁ ବେଳେ ଏହି ସମସ୍ୟା। ପ୍ରଶାସନ ପକ୍ଷରୁ ସର୍ଭେ କରାଯାଇ ଯାହା କ୍ଷତିପୂରଣ ଦିଆଯାଏ, ତାହା ସମୁଦ୍ରକୁ ଶଙ୍ଖେ ପାଣି। କ୍ଷତିପୂରଣ ଟଙ୍କା ପାଇବା ପାଇଁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡିବାକୁ ପଡିଥାଏ ବୋଲି ସେ କହିଛନ୍ତି।



ଗାଁ ଚାରିପଟେ ବନ୍ୟା ପାଣି।

### ୩ ଦଫା ଦାବି ନେଇ ଶିକ୍ଷକ ସମାବେଶ

ଭୁବନେଶ୍ୱର, ୧୬।୮ (ବ୍ୟୁରୋ)

ଶିକ୍ଷକ ଦାବି ଦିବସ ଅବସରରେ ମଙ୍ଗଳବାର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ରାଜ୍ୟର ସମସ୍ତ ଶିକ୍ଷକ ସଙ୍ଗଠନମାନେ ଏକତ୍ର ହୋଇଥିଲେ। ମୁଖ୍ୟତଃ ୩ଟି ଦାବିକୁ ନେଇ ଲୋୟର ପିଏମ୍‌ଜିଠାରେ ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ ସ ପ୍ରତିବାଦ ସଭା କରିଥିଲେ। ଏହି ସଭାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓସ୍ତା), ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ (ଓଲ୍‌ଷ୍ଟା), ପ୍ରାଥମିକ ଶିକ୍ଷକ ଫେଡେରେଶନ୍, ମଦ୍ରାସା ଶିକ୍ଷକ ସଂଘ, ଗଣ ଶିକ୍ଷକ ସଂଘ, ମହାବିଦ୍ୟାଳୟର ଅଣଶିକ୍ଷକ ସଂଘ, ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ପ୍ରଭୃତି ସଙ୍ଗଠନର କର୍ମକର୍ତ୍ତା ଯେଗଦେଇଥିଲେ। ନୂତନ ପେନ୍‌ସନ୍ ବ୍ୟବସ୍ଥା ବାତିଲ୍ କରି ପୁରୁଣା ପେନ୍‌ସନ ପ୍ରଦାନ, ଏଥିରେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରିବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ କର୍ମଚାରୀଙ୍କ ଲାଗି ମୋଡାଲିଟିକୁ ବାତିଲ କରି ସପ୍ତମ କମିଶନ ବେତନ ଦେବା, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଚାକିରି ସର୍ତ୍ତାବଳୀ ସହିତ ସରକାରୀ କରିବା, ଚାକିରି କାଳକୁ ୬୨ ବର୍ଷକୁ ବୃଦ୍ଧି ଏବଂ ଏଲିମେଣ୍ଟାରି ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦେବା, ଯୋଗ୍ୟ ବିବେଚିତ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ ପ୍ରଭୃତି ଦାବି ଉପସ୍ଥାପନ କରାଯାଇଛି। ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସମନ୍ୱୟ ସମିତିର ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ସମେତ ବିନୋଦ ବିହାରୀ ପାଣିଗ୍ରାହୀ, ସୁକାନ୍ତ କୁମାର ବେହେରା, ବ୍ରହ୍ମାନନ୍ଦ ମହାରଣା, ପ୍ରଶାନ୍ତ କୁମାର ତ୍ରିପାଠୀ, ହୃଷୀକେଶ ମିଶ୍ର, ରଞ୍ଜନ କୁମାର ଦାଶ, ଅଶୋକ କୁମାର ମହାପାତ୍ର, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ ଏବଂ ମଧୁସୂଦନ ଦେ ପ୍ରମୁଖ ଦାବି କରିଛନ୍ତି।

## ୩୫ଜଣଙ୍କୁ ଆଶା କିରଣ ପ୍ରତିଭା ସମ୍ମାନ

ଜଟଣୀ, ୧୬।୮ (ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଛରପାଟଣାସ୍ଥିତ ସାମାଜିକ ଅନୁଷ୍ଠାନ ଆଶା କିରଣ ହୋମ ପକ୍ଷରୁ ଆଶା କିରଣ ପ୍ରତିଭା ସମ୍ମାନ –୨୦୨୨ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆଶା କିରଣ ହୋମ ପରିସରରେ ଆୟୋଜିତ ଏହି ଉତ୍ସବରେ ନଗରପାଳ ଅନନ୍ତ ବେହେରା, ଜୟଶ୍ରୀ ମହାପାତ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ୟୁଥ ଫେଡେରେସନ ସମ୍ପାଦକ ଅନନ୍ତ ଶତପଥୀ, ଏକ ନମ୍ବର କାଉନସିଲର ପ୍ରଶାନ୍ତ ବେହେରା ଯୋଗଦେଇଥିଲେ। ଅହଂ ଭାବନା ପରିତ୍ୟାଗ କରି ନିଃସ୍ୱାର୍ଥପର ହୋଇ ସେବା କଲେ ସେବାର ପ୍ରକୃତ ଅର୍ଥ ସାଧିତ ହୋଇ ପାରିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସମାଜର ବିଭିନ୍ନ ଜନମଙ୍ଗଳ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇ ଅନନ୍ତ ବେହେରା, ରବୀନ୍ଦ୍ରନାଥ ମହାକୁଡ଼, ବିନ୍ଦୁଜା ଉପାଧ୍ୟାୟ, ସ୍ମିତା ଦେ, ବରିଷ୍ଠ ନାଗରିକ ମଞ୍ଚର ପ୍ରହ୍ଲାଦ ସାହୁ, ବରିଷ୍ଠ ନାଗରିକ ସେବା ସଙ୍ଘର ସଭାପତି ଅବନୀ ରାଉତରାୟ, ଖବରଦାତା ଶୁଭ୍ରାଂଶୁ ସାମନ୍ତରାୟଙ୍କ ସହିତ ୩୫ ଜଣଙ୍କୁ ଆଶା କିରଣ ପ୍ରତିଭା ସମ୍ମାନରେ ସାମ୍ମାନିତ କରାଯାଇଥିଲା। ଏହି ଅବସରରେ କଳାକାରଙ୍କ ଦ୍ୱାରା ଦେଶାତ୍ମକ ନୃତ୍ୟ ପରିବେଷଣ ହୋଇଥିଲା। ମୁରଲୀଧର ଶାସ୍ତ୍ରୀ, ପ୍ରେମାନନ୍ଦ ମହାରଣା, ଶିବପ୍ରସାଦ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜଟଣୀ: ଆଶା କିରଣ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ

ବୋଲଗଡ଼, ୧୬।୮ (ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଅଧୀନ ଡାବାରଧୁଆ ପଞ୍ଚାୟତ ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ କ୍ଷେତ୍ରର ପ୍ରତିଭାଧାରୀ ଓ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ପତାକା ଉତ୍ତୋଳନ ପରେ ସରପଞ୍ଚ ବିଜୟ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଡାବରଧୁଆ ସେବା ସମବାୟ ସମିତି ସଭାପତି ଯୋଗେନ୍ଦ୍ର ଶ୍ରୀଚନ୍ଦନ ଓ ଅନ୍ୟମାନେ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମରଣୋତ୍ତର ଭାବେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବାଙ୍କନିଧି ପରିଡା, ଅକାଶବାଣୀ କଟକ କେନ୍ଦ୍ରର ଧୁଡୁକି ବାଦକ ଓ ଗାୟକ ସ୍ୱର୍ଗତ ହଜାରୀ ସେଠୀ ଓ ସ୍ଥାନୀୟ ସଙ୍କୀର୍ତ୍ତନ ଗାୟକ ସଦାନନ୍ଦ ସାହୁଙ୍କ ପାଇଁ ସେମାନଙ୍କ ଦାୟାଦମାନେ ସମ୍ବର୍ଦ୍ଧନା ଗ୍ରହଣ କରିଥିବା ବେଳେ ଶିକ୍ଷାବିତ୍ ଭାବେ ଡ.ସତ୍ୟନାରାୟଣ ରଥ, ରମାକାନ୍ତ ପଟ୍ଟନାୟକ, ସୁମନ୍ତ ଜେନା, ଖଞ୍ଜଣି ବାଦକ କୀର୍ତ୍ତନ ସାହୁ, ମେଳଛ ଜେନା, ଅର୍ଚ୍ଚିତା ଶ୍ରୀଚନ୍ଦନ, ବ୍ୟଙ୍ଗକବି ବ୍ରଜବନ୍ଧୁ ସବୁଦ୍ଧି, ଦାସରଥି ମହାପାତ୍ର, ନାରାୟଣ ସାହୁ, ଗୋଲାମ ନବୀ ତରଫଦାର, ପ୍ରଫୁଲ୍ଲ ରାଉତରାୟ, ସତ୍ୟବାଦୀ ଚୌଧୁରି, କୃଷ୍ଣଚନ୍ଦ୍ର ସାହୁଙ୍କ ସମତେ ୫ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସାମାଜିକ କର୍ମୀ ଗୋଲଖ ରାଉତ ଧନ୍ୟବାଦ ଦେଇଥିଲେ।

## ୭୫୩ ହେକ୍ଟର ଧାନ ତଳି ବୁଡ଼ିଲା

ବେଗୁନିଆ, ୧୬।୮ (ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅଧୀନ ୬ଟି ପଞ୍ଚାୟତ ଅଞ୍ଚଳର ୭୫୩ ହେକ୍ଟର ଜମିରେ ହୋଇଥିବା ଧାନ ତଳି ବନ୍ୟାଜଳରେ ବୁଡ଼ି ରହିଛି। ଫଳରେ ତଳିଗୁଡ଼ିକ ନଷ୍ଟ ହେବ ବୋଲି ମଙ୍ଗଳବାର ହୋଇଥିବା କୃଷି ବିଭାଗର ପ୍ରାଥମିକ ଆକଳନରୁ ଜଣାପଡିଛି। ଏ ନେଇ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ବାଘମାରୀରୁ ବାଙ୍କୀ ମହାନଦୀକୁ ସଂଯୋଗ କରିଥିବା ପାଟବନ୍ଧରେ ବନ୍ୟା ଜଳ ଆସି ପାର୍ଶ୍ୱବର୍ତ୍ତୀ ଚାଷ ଜମିଗୁଡିକ ଦୁଇ ଦିନ ହେବଜଳମଗ୍ନ ହୋଇ ରହିଛି। ପୋଡାଡିହ, ପଙ୍ଗାରସିଂହ, ସାରୁଅ, ବାଘମାରୀ, ସିମୋର ଏବଂ ଦୁର୍ଗାପୁର ପଞ୍ଚାୟତର ୭୫୩ ହେକ୍ଟର ଜମିରେ ଧାନ ତଳି ନଷ୍ଟ ହେବ ବୋଲି ଜଣପେଡ଼ିଛି। ସେହିପରି ସାନତୁଳସୀପୁର, ପାଇକ ସାହି, ପୋଡାଡିହ ଗୋଖାସାହି, ବାଘମାରୀ ଆଦିବାସୀ ସହି ଚାରିପଟେ ବନ୍ୟାପାଣି ମାଡ଼ିଗଲାଣି। ବାଙ୍କୀ–ସିମୋର ପୂର୍ତ୍ତ ବିଭାଗ ରାସ୍ତାର ପୋଡାଡିହ ମଙ୍ଗଳା ମନ୍ଦିର ନିକଟରେ ୨ଫୁଟ୍ ପାଣି ପ୍ରବାହିତ ହେଉଛି। ଅତ୍ରି–କରଡଗାଡିଆ ରାସ୍ତା ଉପରେ ମଧ ବନ୍ୟା ଜଳ ପ୍ରବାହିତ ହେଉଛି। ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କୁହନ୍ତି, ପ୍ରାଥମିକ ଆକଳନ କରାଯାଇ କ୍ଷତିଗ୍ରସ୍ତ ରିପୋର୍ଟ ଜିଲା ପ୍ରଶାସନ ନିକଟକୁ ପଠାଯାଇଛି। ବିଡ଼ିଓ ଲକ୍ଷ୍ମୀଧର ସାହୁ କୁହନ୍ତି, ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ଦୁଇଟି ଟିମ୍ ଗଠନ କରାଯିବା ସହ ପ୍ରତି ପଞ୍ଚାୟତରେ କର୍ମଚାରୀଙ୍କୁ ସଜାଗ ରଖାଯାଇଛି।



ବନ୍ୟା ପାଣିରେ ବୁଡ଼ି ଯାଇଥିବା ଧାନତଳି।

## 'ଅହିଂସା ରଥ'ର ଶୁଭାରମ୍ଭ

### ଅକ୍ଟୋବର ୨ ପର୍ଯ୍ୟନ୍ତ ସବୁ ଜିଲା ବୁଲିବ

ଭୁବନେଶ୍ୱର, ୧୬।୮ (ବ୍ୟୁରୋ)

ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭ୍ରାମ୍ୟମାଣ ଭିଡିଓ ରଥ ଅଭିଯାନ 'ଅହିଂସା ରଥ'ର ଶୁଭାରମ୍ଭ କରିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ମହାତ୍ମାଙ୍କ ବାର୍ତ୍ତା ସହ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ମହାନ୍ ଅବଦାନ ସମ୍ପର୍କରେ ସୂଚନା ଦେଉଥିବା ଏହି ରଥ ସମସ୍ତ ଜିଲା ପରିକ୍ରମା କରିବ। ମୁଖ୍ୟମନ୍ତ୍ରୀ କହିଥିଲେ, ଦାରିଦ୍ର୍ୟ ଓ ସାମାଜିକ ଅବିଚାର ସବୁଠାରୁ ବଡ଼ ହିଂସା। ଯେ ପର୍ଯ୍ୟନ୍ତ ଦାରିଦ୍ର୍ୟ ରହିଥିବ, ସେ ପର୍ଯ୍ୟନ୍ତ ସ୍ୱାଧୀନତାର ମୂଲ୍ୟ ଅର୍ଥହୀନ। ଦାରିଦ୍ର୍ୟ ଦୂରୀକରଣ ଯେ କୌଣସି ସରକାର ଲାଗି ସବୁଠାରୁ ବଡ଼ ଆହ୍ୱାନ। ଅହିଂସା ବିନା ଏହା ହାସଲ କରାଯାଇ ପାରିବ ନାହିଁ। ପ୍ରଗତି ପାଇଁ ଶାନ୍ତି ଅପରିହାର୍ଯ୍ୟ। ଗାନ୍ଧିଜୀ ଓ ଓଡ଼ିଶା ଶୀର୍ଷକ ଚଳଚ୍ଚିତ୍ର ଏବଂ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା 'ଅହିଂସା ରଥ' ମାଧ୍ୟମରେ ପ୍ରଚାରିତ ହେବ। ଏହାଛଡ଼ା ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଉତ୍କଳମଣି ଗୋପବନ୍ଧୁ ଦାସ, ଶହୀଦ ଲକ୍ଷ୍ମଣ ନାୟକ, ସ୍ୱାଧୀନତା ସଂଗ୍ରାମୀ ରଘୁ ଦିବାକର, ଦେଶର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜୀବନାଦର୍ଶ ସମ୍ପର୍କିତ ପ୍ରମାଣିକ ଚଳଚ୍ଚିତ୍ର ଅହିଂସା ରଥର ଭିଡିଓ ୱାଲ୍‌ରେ ପ୍ରଦର୍ଶିତ ହେବ। ଏହା ମାଧ୍ୟମରେ ରାଜ୍ୟବାସୀ ସ୍ୱାଧୀନତା ସଂଗ୍ରାମରେ ଏହି ବରପୁତ୍ରମାନଙ୍କ ଅବଦାନ ସମ୍ପର୍କରେ ଅବଗତ ହୋଇପାରିବେ। ପ୍ରତି ଜିଲା ମୁଖ୍ୟାଳୟରେ ଏହି ରଥ ପହଞ୍ଚିବା ପରେ ବିଭିନ୍ନ ବ୍ଲକ୍ ବୁଲିବ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏଥିରେ ବିଭିନ୍ନ ଗୋଷ୍ଠୀ, ସ୍ଥାନୀୟ ଲୋକପ୍ରତିନିଧି, ସାଧାରଣ ଜନତା ଯୋଗଦେବେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅହିଂସା ରଥ ପରିକ୍ରମା କାର୍ଯ୍ୟକ୍ରମ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ।



## ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ, ୧୬।୮

### ବନ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ

- ୩ ବ୍ଲକର ୧୬ ଗ୍ରାମ ପ୍ରଭାବିତ
- ୨୪ଘଣ୍ଟିଆ କଣ୍ଟ୍ରୋଲରୁମ୍, ୫୪ ବୋଟ୍ ବ୍ୟବସ୍ଥା

ହୀରାକୁଦର ୪୦ଟି ଗେଟ୍ ଖୋଲିବା ପରେ ମହାନଦୀ ଜଳସ୍ତର ବଢୁଛି। ଏହାର ଶାଖା ନଦୀ ରାଜୁଆ, ଦୟା ଓ ମଲାଗୁଣୀର ଜଳସ୍ତର ବଢ଼ିବାରେ ଲାଗିଛି। ଫଳରେ ଖୋର୍ଦ୍ଧା ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାରେ ବନ୍ୟା ପରିସ୍ଥିତି ମୁକାବିଲା ଲାଗି ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ ବ୍ୟବସ୍ଥା କରାଯାଇଛି ବୋଲି ମଙ୍ଗଳବାର ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ କହିଛନ୍ତି। ବନ୍ୟା ସ୍ଥିତି ସମ୍ପର୍କରେ ସୂଚନା ଦେଇ ଆହୁରି କହିଛନ୍ତି, ଜିଲାର ୩ଟି ବ୍ଲକର ୧୦ ପଞ୍ଚାୟତର ୧୬ଟି ଗ୍ରାମ ପ୍ରଭାବିତ ହୋଇଛି। ମୋଟ୍ ୪୪୯୮ଜଣ ଗ୍ରାମବାସୀ ପ୍ରଭାବିତ ହୋଇଛନ୍ତି। ବାଲିଅନ୍ତା ଓ ଖୋର୍ଦ୍ଧା ବ୍ଲକରେ ୩୩୮ଜଣଙ୍କ ସ୍ଥାନାନ୍ତର କରାଯାଇଛି। ବାଲିଅନ୍ତା ବ୍ଲକରେ ୩ଟି ଓ ଖୋର୍ଦ୍ଧାରେ ୨ଟି ସ୍ଥାନରେ ଫ୍ରି କିଚେନ ବ୍ୟବସ୍ଥା କରାଯାଇଛି। ବାଲିପାଟଣା ବ୍ଲକରେ ଏନ୍‌ଡିଆରଏଫ ଏବଂ ଖୋର୍ଦ୍ଧା ବ୍ଲକରେ ଗୋଟିଏ ଓଡ୍ରାଫ ଟିମ ମୁତୟନ ରହିଛନ୍ତି। ବାଲିଅନ୍ତା ବ୍ଲକର ୧୯୭୯ ହେକ୍ଟେର ଚାଷଜମି ପ୍ରଭାବିତ ହୋଇଛି। ୮ଟି ଯନ୍ତ୍ରଚାଳିତ ଡଙ୍ଗା ସମେତ ୫୮ଟି ଡଙ୍ଗା ପ୍ରସ୍ତୁତ ରହିଛି। ସ୍ଥାନୀୟ ବିଡିଓ, ତହସିଲଦାର ଏବଂ ପୋଲିସ ମିଳିତ ଭାବେ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଲୋକଙ୍କୁ ସ୍ଥାନାନ୍ତର ଲାଗି ଜିଲାରେ ୫୪ଟି ବୋଟ୍ ବ୍ୟବସ୍ଥା କରାଯାଇଛି। ଖୋର୍ଦ୍ଧା ବ୍ଲକର ୭ ଗାଁର କେତେଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଗର୍ଭବତୀ ଓ ଶିଶୁଙ୍କ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଜଳମଗ୍ନ ଅଞ୍ଚଳରେ ଶୁଖିଲା ଏବଂ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଗୃହପାଳିତ ପ୍ରାଣୀଙ୍କୁ ଖାଦ୍ୟ ପାଇଁ ସିଡିଭିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାତି ସୁଦ୍ଧା ମୁଣ୍ଡଳୀରେ ଜଳସ୍ତର ବଢିବା ଆଶଙ୍କା ରହିଛି।

ଖୋର୍ଦ୍ଧା ବ୍ଲକର ନରଣଗଡ, ଓରବରସିଂ ଓ ବ୍ରଜମୋହନପୁର ପଞ୍ଚାୟତର ଯଥାକ୍ରମେ ଓରମୀ, ମାନପୁର, ବଳପୁର, ଧଳପୁର, ହିରିମୂଳ, ଡିହଖଳା, ଦୁର୍ଗାପୁର, ଶରଧାପୁର ଆଦି ୮ଟି ଗ୍ରାମ ପ୍ରଭାବିତ ହୋଇଛି। ହିରିମୂଳ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ହିରିମୂଳ ଗ୍ରାମର ଜଣେ ପରିବାରକୁ ବାତ୍ୟାଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କ ପକ୍କା ଘର ଥିବାରୁ ସେମାନେ ଆସିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ସେମାନଙ୍କ ଲାଗି ରନ୍ଧାଖାଦ୍ୟ ଦିଆଯିବା ବ୍ୟବସ୍ଥା କରାଯିବ। ବେଗୁନିଆ ବ୍ଲକର ବାଘମାରୀ, ସାରୁଅ ଏବଂ ପୋଡାଡିହ ଗ୍ରାମ ରାସ୍ତା ଉପରେ ପାଣି ଚାଲିଛି। ବିଳମ୍ବିତ ରାତି ସୁଦ୍ଧା ଏହି ଗ୍ରାମରେ ଜଳସ୍ତର ବଢିବା ସମ୍ଭାବନା ରହିଛି। ବେଗୁନିଆ ଓ ଖୋର୍ଦ୍ଧା ତହସିଲଦାର ମିଳିତ ଭାବେ ଏହାର ସ୍ଥିତି ଅନୁଧ୍ୟାନ କରୁଛନ୍ତି। ବାଣପୁର ସହରାଞ୍ଚଳରେ ଡ୍ରେନେଜ ସମସ୍ୟା ରହିଛି। ଡ୍ରେନେଜ ସଫା ଲାଗି କାଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ସମସ୍ତ ବାତ୍ୟାଶ୍ରୟ ସ୍ଥଳୀ ଏବଂ ସ୍କୁଲ ପ୍ରସ୍ତୁତ ହୋଇ ରହିଛି। ଶୁଖିଲା ଖାଦ୍ୟ, ପାନୀୟଜଳ, ଔଷଧ, ପଶୁ ଖାଦ୍ୟ ପର୍ଯ୍ୟାପ୍ତ ମାତ୍ରାରେ ମହଜୁଦ ରହିଛି। ଆବଶ୍ୟକ ସ୍ଥଳରେ ସମସ୍ତ ସୁବିଧା ଯୋଗାଇ ଦେବା ଲାଗି ସମସ୍ତ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଜରୁରୀକାଳୀନ ସେବାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଅଧିକାରୀଙ୍କୁ ସଜାଗ ରହିବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନିୟନ୍ତ୍ରଣ କକ୍ଷ କାର୍ଯ୍ୟକୁ ତ୍ୱରାନ୍ୱିତ ସହ ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ଚାଷ ଜମି ବିଶେଷ ପ୍ରଭାବିତ ହେବା ସମ୍ଭାବନା ରହିଛି। ପରବର୍ତ୍ତି ପର୍ଯ୍ୟାୟରେ ଏହାର କ୍ଷୟକ୍ଷତି ଆକଳନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପାଢ଼ୀ ସୂଚନା ଦେଇଛନ୍ତି।

### ସାପ କାମୁଡ଼ାରେ ୱାର୍ଡସଭ୍ୟ ଗୁରୁତର

ସାକ୍ଷୀଗୋପାଳ,(ଡି.ଏନ୍.ଏ./ସ୍ୱ.ପ୍ର.)- ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ୫ ନମ୍ବର ୱାର୍ଡସଭ୍ୟ ରତ୍ନାକର ଶୀଳଙ୍କୁ ମଙ୍ଗଳବାର ଏକ ସାପ କାମୁଡ଼ି ଦେବାରୁ ଗୁରୁତର ହୋଇଛନ୍ତି। ଅପରାହ୍ନରେ ସେ ନିଜର କ୍ଷେତକୁ ଯାଇଥିବା ବେଳେ ହଠାତ୍ ଏକ ସାପ ଆସି ତାଙ୍କୁ କାମୁଡ଼ି ଦେଇଥିଲା। ପ୍ରଥମେ ସେ ଜାଣିପାରି ନ ଥିବାବେଳେ କିଛିବାଟ ଯିବାପରେ ଅଚେତ ହୋଇପଡ଼ିଥିଲେ। ପରେ ସ୍ଥାନୀୟ ଲୋକ ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଖବରପାଇ ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଜିତେନ୍ଦ୍ର ବେହେରା ପହଞ୍ଚି ରତ୍ନାକରଙ୍କୁ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ବର୍ଷା ସମୟରେ ଅଞ୍ଚଳରେ ସାପର ଆତଙ୍କ ଅଧିକ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡ଼ା ଇଞ୍ଜେକ୍ସନ ଅଧିକ ମହଜୁଦ ରଖିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୮।୨୦୨୨

| ୨,୫୭,୮୯୦ ଟଙ୍କା | |
|---|---|
| ସୁନା | ୧୦୦ ମିଲିଗ୍ରାମ |
| ରୁପା | ମିଳିନାହିଁ |

## ପ୍ରାଣୀଧନ, ମତ୍ସ୍ୟ ସମ୍ପଦ ସୁରକ୍ଷା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୬।୮(ବ୍ୟୁରୋ)- ରାଜ୍ୟରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ପ୍ରାଣୀଧନ ଓ ମତ୍ସ୍ୟସମ୍ପଦର ସୁରକ୍ଷା ଲାଗି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଆଗୁଆ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଭାବିତ ପ୍ରାଣୀସମ୍ପଦର ତୁରନ୍ତ ଚିକିତ୍ସା ସକାଶେ ବନ୍ୟାଞ୍ଚଳର ପ୍ରତ୍ୟେକ ବ୍ଲକ୍‌ରେ ଗୋଟିଏ ଲେଖାଏ ମୋବାଇଲ୍ ଭେଟେରିନାରି ୟୁନିଟ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଟିମ୍‌ରେ ଗୋଟିଏ ଗାଡ଼ି ସହ ଜଣେ ପ୍ରାଣୀ ଚିକିତ୍ସକ, ଜଣେ ପ୍ରାଣୀଧନ ନିରୀକ୍ଷକ ଓ ଜଣେ ସହାୟକ ରହିବେ। ପ୍ରାଣୀ ଚିକିତ୍ସାଳୟ, ଭେଟେରିନାରି ଡିସ୍‌ପେନ୍‌ସାରି ଓ ଲାଇଭଷ୍ଟକ୍ କେନ୍ଦ୍ରଗୁଡ଼ିକୁ ଆବଶ୍ୟକ ଟିକା ଓ ଜରୁରୀ ଔଷଧ ଆଗୁଆ ପଠାଇବା ପାଇଁ ସିଡିଭିଓମାନଙ୍କୁ କୁହାଯାଇଛି। ପର୍ଯ୍ୟାପ୍ତ ପରିମାଣର ଜରୁରୀ ଔଷଧ ଗଚ୍ଛିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ସମୟରେ ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ସଦର ମହକୁମାରେ ଉପସ୍ଥିତ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୋଖାଦ୍ୟ ଯୋଗାଣ ନିମନ୍ତେ ଜିଲାପାଳଙ୍କୁ ଅନୁରୋଧ କରିବା ପାଇଁ କୁହାଯାଇଛି। ସିଡିଭିଓ ସ୍ତରରେ କଣ୍ଟ୍ରୋଲରୁମ୍ ଖୋଲାଯାଇ କଟକସ୍ଥିତ ନିର୍ଦ୍ଦେଶାଳୟର କଣ୍ଟ୍ରୋଲରୁମ୍‌କୁ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ନିୟମିତ ତଥ୍ୟ ପ୍ରେରଣ କରିବାକୁ କୁହାଯାଇଛି। କଟକସ୍ଥିତ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟରେ ୨୪ଘଣ୍ଟିଆ କଣ୍ଟ୍ରୋଲରୁମ୍ (ଫୋନ୍ ନଂ-୦୬୭୧-୨୪୧୪୩୧୦, ୭୨୦୫୫୯୮୧୨୫) ଖୋଲାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳକୁ ଔଷଧ ଓ ଭାକ୍‌ସିନ୍ ଯୋଗାଣକୁ ନିରୀକ୍ଷଣ କରିବା ପାଇଁ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ବନ୍ୟା ସମୟରେ ପ୍ରାଣୀମାନଙ୍କଠାରେ କୌଣସି ପ୍ରକାର ରୋଗ ଦେଖାଯିବା କିମ୍ବା ବ୍ୟାପିବାକୁ ପ୍ରତିହତ କରିବା ପାଇଁ ବିଭାଗ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି।

# ବନ୍ୟାଜଳ ଘେରରେ କଣାସ ଅଞ୍ଚଳବାସୀ

କଣାସ,୧୬।୮(ସ୍ୱ.ପ୍ର.)

ରାଜ୍ୟରେ ଲଘୁଚାପଜନିତ ବର୍ଷା ଯୋଗୁ ଅଧିକାଂଶ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉପରୁ ମୁଣ୍ଡରେ ବନ୍ୟାଜଳ ସମେତ ଲଗାଣ ବର୍ଷା ଯୋଗୁ ପୁରୀ ଜିଲା କଣାସ ବ୍ଲକର ଅଧିକାଂଶ ସ୍ଥାନରେ ଘାଇ ସୃଷ୍ଟି ହୋଇଯାଇଛି। ଫଳରେ ଗ୍ରାମର ରାସ୍ତାଗୁଡ଼ିକ ବିଚ୍ଛିନ୍ନ ହୋଇଯାଇଥିବା ବେଳେ ଗ୍ରାମ ସବୁ ଜଳମଗ୍ନ ହୋଇଯାଇଛି। ଏଥିଯୋଗୁ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଗୃହପାଳିତ ପ୍ରାଣୀ ମଧ୍ୟ ଏହି ଜଳରେ ରହି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

କଣାସ ଦେଇ ଯାଇଥିବା ଦୟାନଦୀ ଏବେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଦୟାନଦୀର ବିପଦ ସଙ୍କେତ ୩.୯୯ ମିମି ଥିବାବେଳେ ବର୍ତ୍ତମାନ ୫.୩୮ ମିମି ଜଳ ପ୍ରବାହିତ ହେଉଛି ଏବଂ ଜଳପତନ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି । ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡା, ବଡାସ, ବୈଦ୍ୟନାଥପାଟଣା, କଖାରୁବସ୍ତ ଗ୍ରାମ ବନ୍ୟାଜଳ ଘେରରେ ରହିଛି । ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ଗଡ଼ବଳଭଦ୍ରପୁର, ବଡାସ ପଞ୍ଚାୟତର ଧାନ ଜମିରେ ବନ୍ୟାଜଳ ଲହଡି ମାରୁଛି। ଫଳରେ ଚାଷୀମାନେ କରିଥିବା ଫସଲ ସବୁ ବୁଡିଯାଇଛି। ବନ୍ୟାଜଳ ଘେରରେ ଥିବା ଗ୍ରାମରେ ପାନୀୟ ଜଳ ମିଳୁ ନ ଥିବାରୁ ଲୋକମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଓ ଗୋଖାଦ୍ୟ, ଔଷଧ ଓ ଶୁଖିଲା ଖାଦ୍ୟ ଯୋଗାଇଦେବା ପାଇଁ ବନ୍ୟା କ୍ଳିଷ୍ଟ ଲୋକମାନେ ଦାବି କରିଛନ୍ତି।



ବନ୍ୟାଜଳ ପ୍ରବାହିତ ଯୋଗୁ କଣାସର ଦୟା, ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଜଳମଗ୍ନ ହୋଇଯାଇଛି ।

### ମକରା ନଦୀରେ ଘାଇ

ବର୍ଷା ଓ ବନ୍ୟାଜଳ ଯୋଗୁ ଦୟା, ମକରା, ରାଜୁଆ, କାଣିଆ, ଲୁଣାନଦୀ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ମଙ୍ଗଳବାର ମକରା ନଦୀର ଡାହାଣପାର୍ଶ୍ୱ କଉଡିଆପୁର ନିକଟରେ ଘାଇ ହୋଇଯାଇଛି। ଘାଇ ହୋଇଯିବା ଯୋଗୁ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଅଧିକାଂଶ ଗ୍ରାମରେ ବନ୍ୟାଜଳ ମାଡ଼ିଯାଇଛି। ଘାଇଟିକୁ ବନ୍ଦ କରିବା ପାଇଁ ବିଡିଓ, ତହସିଲଦାର, କଣାସ ଥାନାଧିକାରୀ, ଗଡିଶାଗୋଦା ଥାନାଧିକାରୀ ଓ ସ୍ଥାନୀୟ ଲୋକେ ବନ୍ଧ, ବାଲିବସ୍ତା ପକାଇବା ପାଇଁ ଚେଷ୍ଟା ଚଳାଇଛନ୍ତି। ଏହି ଘାଇ ହେବା ଫଳରେ କାଦୁଆ, ବଡାଲ, ସାହୁପଡା, ବକୁ, ଦେଇପୁର, ଗଡଖାରଦ ପଞ୍ଚାୟତର ସମସ୍ତ ଗ୍ରାମ ବୁଡିଯିବାର ସମ୍ଭାବନା ରହିଛି।

### କଣାସ-ଗୋଳବାଇ ରାସ୍ତା ବିଚ୍ଛିନ୍ନ

କଣାସଠାରୁ ଦୋକନ୍ଦା, ବାଲିପାଟଣା, ବଡାସ, କଖାରୁବସ୍ତ, ତେନ୍ତୁଳିମୂଳ ଦେଇ ଗୋଳବାଇଠାରେ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ମଙ୍ଗଳବାର ଅଧିକାଂଶ ସ୍ଥାନ ବୁଡିଯାଇଛି। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଦୟାନଦୀର ଡାହାଣ ପାର୍ଶ୍ୱ ନଦୀବନ୍ଧର ଅନେକ ସ୍ଥାନ ବୁଡ଼ିଯାଇଥିବାରୁ ଜଳସେଚନ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ଉପରେ ବାଲିବସ୍ତା ପକାଇ ଆଡିବନ୍ଧ ଦିଆଯାଉଛି। କଣାସ ଜଳସେଚନ ବିଭାଗ ଓ ଖୋର୍ଦ୍ଧା ଜଳସେଚନ ବିଭାଗ ପକ୍ଷରୁ ବନ୍ଧର ସୁରକ୍ଷା ପାଇଁ ଚେଷ୍ଟା କରାଯାଉଛି।

### ଜିଲାପାଳଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ପୁରୀ ଜିଲାପାଳ ସମର୍ଥ ବର୍ମା ସୋମବାର କଣାସ ବ୍ଲକରେ ପହଞ୍ଚି ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଜିଲାପାଳ ପ୍ରଥମେ ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଡିଓ ଲୋଚନ ଦାସ, ତହସିଲଦାର ସ୍ମିତିରଞ୍ଜନ ଶତପଥୀ, ଜଳସେଚନ ବିଭାଗର ଉଚ୍ଚ ଅଧିକାରୀମାନଙ୍କ ସହ ବନ୍ୟାଞ୍ଚଳ ବିଷୟରେ ଆଲୋଚନା କରିବା ସହ ବନ୍ୟାରେ ଯେଉଁସବୁ ନଦୀବନ୍ଧ ଦୁର୍ବଳ ଥିଲା ସେହି ସ୍ଥାନ ବୁଲି ଦେଖିଥିଲେ। ଦୟାନଦୀ ବନ୍ଧ, ମଲାଗୁଣି ନଦୀବନ୍ଧ, ସବଲଙ୍ଗ ଓ ତୋଟାପଡା ନିକଟ ଉଇଖିଆ ଘାଇ ପରିଦର୍ଶନ କରିବା ପରେ ବ୍ଲକ କାର୍ଯ୍ୟାଳୟକୁ ଫେରି ବନ୍ୟାକୁ କିପରି ମୁକାବିଲା କରାଯାଇପାରିବ ସେନେଇ ସମୀକ୍ଷା କରିବା ସହିତ ନଦୀ ବନ୍ଧଗୁଡିକ ସୁରକ୍ଷା ପାଇଁ କଡାକଡି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଭାର୍ଗବୀ ନଦୀର ବିପଦ ସଙ୍କେତ ଉପରେ ଜଳ



ବଳଙ୍ଗା,୧୬।୮(ଡି.ଏନ୍.ଏ.)

ଲଗାଣ ବର୍ଷା ହେବା ଯୋଗୁ ବଳଙ୍ଗାଠାରେ ଭାର୍ଗବୀ ନଦୀର ଜଳସ୍ତର ଫୁଲିବାରେ ଲାଗିଛି। ବଳଙ୍ଗା ଭାର୍ଗବୀ ନଦୀର ଜଳସ୍ତର ବିପଦ ସଙ୍କେତ ୧୦.୪୨ ରହିଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ଜଳସ୍ତର ମାପଦଣ୍ଡ ଉପରେ ପ୍ରବାହିତ ହେଉଛି। ବଳଙ୍ଗା ଅଞ୍ଚଳର ନରୁଡା, ନାହାମଙ୍ଗ, ତେରହଳ, ଡକଣ୍ଡା ଓ ଦେଉଳିଠାରେ ବଡ଼ ବଡ଼ ଘଳିଆ ପଡ଼ିଛି। ନଦୀବନ୍ଧ ପାଖରେ ଥିବା ଗ୍ରାମବାସୀ ବଳଙ୍ଗା ଜଳସମ୍ପଦ ଅଫିସକୁ ଆସି ବାଲିବସ୍ତା ନେଇ ରିଙ୍ଗବନ୍ଧ ତିଆରି କରି ସତର୍କ ରହିଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଜେନା, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ମହାନ୍ତି, ସୁରେଶ ସାହୁ ଓ ଅଜୟ ପ୍ରଧାନ ନଦୀବନ୍ଧ ସୁରକ୍ଷା ପାଇଁ ନଦୀବନ୍ଧ ବୁଲି ସ୍ଥିତି ପରଖିଛନ୍ତି।

## ପିପିଲିରେ ପ୍ରବେଶ କଲା ବନ୍ୟାଜଳ

ପିପିଲି,୧୨।୮(ଡି.ଏନ୍.ଏ.)

ଲଘୁଚାପଜନିତ ବର୍ଷା ଯୋଗୁ ପିପିଲି ଅବବାହିକାରେ ବୋହି ଯାଇଥିବା ଦୟା ଏବଂ ଭାର୍ଗବୀ ନଦୀର ବନ୍ୟା ଜଳ ବିପଦ ସଙ୍କେତ ପାଖରେ ଚାଲୁଛି। ଦୟା ନଦୀର କଣ୍ଟିକାଜଠାରୁ ସୋମବାର ରାତିରେ ପାଣି ଆସି ପିପିଲି-ଜଟଣୀ ରାସ୍ତାରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବିଚ୍ଛିନ୍ନ ହୋଇଯାଇଛି। ଅନ୍ୟପକ୍ଷେ ଏହାର ପ୍ରଭାବରେ ପିପିଲି ଅଞ୍ଚଳର ପ୍ରାୟ ୧୫ ଗାଁ ପାଣି ଘେରରେ ରହିଛି। ସନ୍ଧ୍ୟା ସୁଦ୍ଧା ଏହି ବ୍ଲକର ମିର୍ଜାପୁର, ଭୋଇ ଗୁଣ କମଳା ସାଗର ପାଟଣା, ପାଣି ଦୋଳ, ଜାମ୍ବିଲା, ବରୁଣ୍ଡେଇଁ ଆଦି ଗାଁ ଜଳମଗ୍ନ ହୋଇଯାଇଥିବାରୁ ଅଞ୍ଚଳବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ସୁଦ୍ଧା ଅସହାୟଙ୍କ ପାଖରେ କୌଣସି ଅଧିକାରୀ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି।



ଧନୁଆଁ ନଦୀରେ ବନ୍ୟାଜଳ ବଢିଯିବାରୁ ନିମାପଡା ଅଞ୍ଚଳର ହଜାର ହଜାର ହେକ୍ଟର ଚାଷଜମି ବୁଡିଯାଇଛି ।

# ଭାଙ୍ଗିଲା ସ୍ଲୁଇସ୍‌ଗେଟ୍ ପାଣି ଘେରରେ ୫ ପଞ୍ଚାୟତର ୪୦ ଗ୍ରାମ

### ବୁଡ଼ିଲା ଶହ ଶହ ହେକ୍ଟର ଚାଷଜମି

ଗୋପ,୧୬।୮(ଡି.ଏନ୍.ଏ.):

ଗୋପ ଜଳସମ୍ପଦ ବିଭାଗ ଅଧୀନ କୁଶଭଦ୍ରା ନଦୀର ପାଇକ ସାହିଠାରେ ଥିବା ସ୍ଲୁଇସ୍‌ଗେଟ୍‌ର ଗୋଟିଏ ସଟର ମଙ୍ଗଳବାର ଭାଙ୍ଗିଯିବାରେ ଶହ ଶହ ହେକ୍ଟର ଚାଷଜମିରେ ବନ୍ୟା ଜଳ ପଶିଯାଇଛି। ଫଳରେ ଚାଷୀମାନେ ଚିନ୍ତାରେ ଅଛନ୍ତି। ଗୋପ ଜଳ ସମ୍ପଦ ବିଭାଗ ଅଧୀନ ଏହି ସ୍ଲୁଇସ୍‌ଗେଟ୍‌ଟି କିଛି ଦିନ ଧରି ଖରାପ ହୋଇ ରହିଥିଲା। କିନ୍ତୁ କିଛିଦିନର ଲଗାଣ ବର୍ଷା ଯୋଗୁ ହଠାତ୍ ବନ୍ୟା ଜଳ ଆସିଯିବାରୁ ବିପଦ ସଙ୍କୁଳ ଅବସ୍ଥାରେ ଥିବା ସ୍ଲୁଇସ୍‌ଗେଟ୍‌ଟି ଭାଙ୍ଗିଯାଇଥିଲା। ଫଳରେ କୁଆଁପଡା, ବନ୍ତଲିଗ୍ରାମ, ବଣିଆସାହି ପଞ୍ଚାୟତର ଶତାଧିକ ଚାଷ ଜମିରେ ଏହି ବନ୍ୟା ଜଳ ପଶି ଯାଇଛି। ଅପରପକ୍ଷେ ସୁଜାନଗରରେ ରହିଥିବା କୁଶଭଦ୍ରା ନଦୀର ଏକ ସ୍ଲୁଇସ୍‌ଗେଟ୍ ଦୁର୍ବଳ ଥିବାରୁ ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ମରାମତି କରାଯାଉଛି। ଖବରପାଇ ଗୋପ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ସଞ୍ଜୀବ କୁମାର ସାହୁ ସେଠାରେ ପହଞ୍ଚି ବାଲିଅଖା ଦେଇ ବନ୍ୟାପାଣି ବନ୍ଦ କରିଛନ୍ତି।

ନିମାପଡ଼ା,୧୬।୮(ଡି.ଏନ୍.ଏ.):

ନିମାପଡ଼ା ନିର୍ବାଚନମଣ୍ଡଳୀର କୁଶଭଦ୍ରା ଓ ଧନୁଆଁ ନଦୀରେ ପ୍ରବାହିତ ବନ୍ୟାଜଳ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଅବବାହିକା ଅଞ୍ଚଳର ହଜାର ହଜାର ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ନିମାପଡ଼ାଠାରେ କୁଶଭଦ୍ରା ନଦୀର ବିପଦ ସଙ୍କେତ ୧୦. ୮୨ ଥିବାବେଳେ ୧୦.୦୮ରେ ଏବଂ ଗୋପଠାରେ କୁଶଭଦ୍ରାର ବିପଦ ସଙ୍କେତ ୭.୭୨ ଥିବାବେଳେ ୬.୮୦ରେ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ତିନି ମୁହାଣିଠାରେ ଧନୁଆଁ ନଦୀର ବିପଦ ସଙ୍କେତ ୬.୬୫ ଥିବାବେଳେ ବର୍ତ୍ତମାନ ବନ୍ୟାଜଳ ୪.୩୦ରେ ପ୍ରବାହିତ ହେଉଥିବା ଜଳସମ୍ପଦ ବିଭାଗରୁ ସୂଚନା ମିଳିଛି। ଧନୁଆଁ ନଦୀରେ ବନ୍ୟା ଯୋଗୁ ଧନୁଆଁ, ଶଗଡ଼ା, ଅଲଣ୍ଡା, ଶାଇଁସ ଶାସନ, ବଡ଼ମାଛପୁର ଆଦି ୫ ପଞ୍ଚାୟତର ଦେଖୋତା, ବଉଳପଦା, ଶୁନୁଗୋରଡ଼, ରଡ ବଜାର, ଇଚ୍ଛାପୁର, ବରିହାପଡା, ଭୂଆଁ, ଗରପଦା, କନପୁର, କାଜିପାଟଣା, ମଠସାହି, ପ୍ରଧାନସାହି ପ୍ରଭୃତି ୪୦ଟି ଗ୍ରାମ ପାଣି ଘେରରେ ରହିଛି। ବନ୍ୟାପାଣିରେ ପ୍ରାୟ ୨୦ ହଜାର ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ଗାଁ ରାସ୍ତାରେ ଆଣ୍ଠୁଏ ପାଣିର ସୁଅ ଛୁଟୁଥିବାରୁ ଲୋକେ ଯାତାୟାତ କରିପାରୁ ନାହାନ୍ତି। ଜଳବନ୍ଦୀରେ ଥିବା ଉପରୋକ୍ତ ୫ ପଞ୍ଚାୟତକୁ ଯାତାୟାତ ନିମନ୍ତେ ଆବଶ୍ୟକ ଡଙ୍ଗା, ବୋଟ୍ ଯୋଗାଣ ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ବ୍ଲକ ପ୍ରଶାସନ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ନିମାପଡ଼ା ବ୍ଲକ ଅନ୍ତର୍ଗତ ଡେଣୁଅ ପଞ୍ଚାୟତ ଅଫିସ ନିକଟରେ କୁଶଭଦ୍ରା ନଦୀବନ୍ଧରେ ଏକ ଘଳିଆ ପଡିଥିଲା। ପରେ ଜଳସମ୍ପଦ ପକ୍ଷରୁ ବହ୍ଲା, ବାଲିବସ୍ତା ପକାଯାଇ ଘଳିଆକୁ ରୋକାଯାଇଥିଲା। ଉକ୍ତ ଅଞ୍ଚଳରେ ଥିବା ହଜାର ହଜାର ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡି ଯାଇଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ଏସ୍‌ଇ ଶଶି ଭୂଷଣ ମିଶ୍ର ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ଦାଶଙ୍କୁ ପଚାରିବାରେ, କୁଶଭଦ୍ରା ନଦୀବନ୍ଧ ପ୍ରତି କୌଣସି ବିପଦ ନାହିଁ। ବନ୍ଧ ବହୁତ ମଜଭୁତ୍ ରହିଛି। ବନ୍ୟା ପରିସ୍ଥିତି ପ୍ରତି ଜଳ ସମ୍ପଦ ବିଭାଗ ସଜାଗ ରହିଛି। ମୁକାବିଲା ପାଇଁ ବିଭାଗ ପାଖରେ ପର୍ଯ୍ୟାପ୍ତ ପରିମାଣର କାଠବହ୍ଲା, ବାଲିବସ୍ତା ଆଦି ମହଜୁଦ ରଖାଯାଇଥିବାବେଳେ ରାତିରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଥିବା ଏସ୍‌ଇ ମିଶ୍ର ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଦାଶ କହିଛନ୍ତି।

## ୩ ପଞ୍ଚାୟତ ଜଳାର୍ଣ୍ଣବ: ବସନ୍ତପୁର, ନୂଆହାଟରେ ଘଳିଆ

ଡେଲାଙ୍ଗ,୧୬।୮(ଡି.ଏନ୍.ଏ.):

ମହାନଦୀରେ ବନ୍ୟାଜଳ ପ୍ରବାହ ଯୋଗୁ ଏହାର ଉପଶାଖା ଦୟାନଦୀରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଡେଲାଙ୍ଗସ୍ଥିତ ଘୋରଡିଆଠାରେ ୬.୨୬ ମିଟର ବିପଦ ସଙ୍କେତ ଥିବାବେଳେ ମଙ୍ଗଳବାର ସନ୍ଧ୍ୟା ୫ଟା ସୁଦ୍ଧା ମାପଦଣ୍ଡ ଉପରେ ପ୍ରବାହିତ ହେଉଛି। ଏଥିଯୋଗୁ ଡେଲାଙ୍ଗ ବ୍ଲକ ଅଞ୍ଚଳର ୩ ପଞ୍ଚାୟତ ଜଳାର୍ଣ୍ଣବ ହୋଇଯାଇଥିବା ବେଳେ ଦୟାନଦୀର ବାମପାର୍ଶ୍ୱ ବନ୍ଧର ବସନ୍ତପୁର, ନୂଆହାଟ ଗ୍ରାମରେ ଘଳିଆ ସୃଷ୍ଟି ହୋଇଯାଇଛି। ଏଥିପାଇଁ କେତେକ ସ୍ଥାନରେ ମୋରମ ଏବଂ ବାଲିବସ୍ତା ପକାଯାଇଛି। ଏଥିସହ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଡେଲାଙ୍ଗ ନିର୍ବାହୀ ଯନ୍ତ୍ରୀ ତନୁଜ କିଶୋର ରାଉତ,ସହକାରୀ ଯନ୍ତ୍ରୀ ମକର ବେହେରା, କିଶୋର କୁମାର ସାହୁ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ଏଥିସହ ବନ୍ଧରେ ଉପସ୍ଥିତ ରହି ବନ୍ଧର ସୁରକ୍ଷା ଦିଗରେ ଅଧିକାରୀ, ଯନ୍ତ୍ରୀମାନଙ୍କୁ କାର୍ଯ୍ୟ କରିବାକୁ କହିଥିଲେ। ଦୟାନଦୀ ବନ୍ଧର କଣ୍ଟି ଓ ମାଧିପୁର କାଜରେ ୩ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ସିଂହବ୍ରହ୍ମପୁର, ଚାଇଁପୁର ଓ ଗଡମୋଟରୀ ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଜଳବନ୍ଦୀ ହୋଇରହିଛନ୍ତି। ବିଭିନ୍ନ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଶହ ଶହ ଏକର ଧାନଜମି ଜଳ ମଗ୍ନ ହୋଇଥିବା ବେଳେ କେତେକଙ୍କ ଘରେ ବନ୍ୟାଜଳ ପ୍ରବେଶ କରିଛି। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟି ରଖିବା ସହ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ସୁରକ୍ଷା ପାଇଁ ମଙ୍ଗଳବାର ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ବାସନ୍ତୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ମହାରଥୀ, ବିଡିଓ ଦିଲୀପ କୁମାର ଷଡଙ୍ଗୀ, ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ. ସନ୍ତୋଷ ତ୍ରିପାଠୀ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଜିଲା ପରିଷଦ ପ୍ରସନ୍ନ ସାହୁ, ପ୍ରଜ୍ଞା ଛୋଟରାୟ, ଦୀପ୍ତିଶ୍ରୀ ରାଉତରାୟଙ୍କ ସମେତ ଓଡ୍ରାଫ୍ ବିଭିନ୍ନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଉଦ୍ଧାର, ସହାୟତା, ଶୁଖିଲା ଖାଦ୍ୟ ମହଜୁଦ, ଖାଲୁଆ ଅଞ୍ଚଳର ଅଧିବାସୀଙ୍କୁ ସ୍ଥାନାନ୍ତର, ଗୋଖାଦ୍ୟ ବିତରଣ, ବନ୍ୟା ପରବର୍ତ୍ତୀ ଆକଳନ ପୁନରୁଦ୍ଧାର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା।



ଡେଲାଙ୍ଗ ବ୍ଲକ ଅଞ୍ଚଳର ସାଧନାଗୋଇ ହାଇସ୍କୁଲରେ ବନ୍ୟାଜଳ ପଶିଯାଇଛି ।



ପିପିଲି ବ୍ଲକ ଅଞ୍ଚଳର ଏକ ରାସ୍ତା ବନ୍ୟାଜଳରେ ବୁଡିଯାଇଛି ।



ଡେଲାଙ୍ଗ ବ୍ଲକର ଏକ ବନ୍ୟା ପ୍ଲାବିତ ଅଞ୍ଚଳକୁ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଓ ଅନ୍ୟ କର୍ମଚାରୀମାନେ ପରିଦର୍ଶନ କରୁଛନ୍ତି ।

## ଅଧିକାରୀଙ୍କୁ କାର୍ଯ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶ

### ୨ ସ୍ଥାନରେ ଗଣଶିକ୍ଷା ମନ୍ତ୍ରୀଙ୍କ ବନ୍ୟା ସମୀକ୍ଷା

ନିମାପଡ଼ା/ଗୋପ,୧୬।୮(ଡି.ଏନ୍.ଏ.)

ପୁରୀ ଜିଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ଜଳ ପ୍ରଭାବିତ ହୋଇ ଗ୍ରାମ ଜଳମଗ୍ନ ହୋଇଯାଇଥିବା ବେଳେ ରାସ୍ତା ସବୁ ବିଚ୍ଛିନ୍ନ ହୋଇଯାଇଛି। ଏ ନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଙ୍ଗଳବାର ନିମାପଡ଼ା ଓ ଗୋପ ବ୍ଲକ ଅଞ୍ଚଳର ବିଭିନ୍ନ ବନ୍ୟାଜଳ ପ୍ରଭାବିତ ଗ୍ରାମକୁ ପରିଦର୍ଶନ କରିବା ସହ ପରେ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି। ନିମାପଡ଼ା ବ୍ଲକରେ ପ୍ରବାହିତ କୁଶଭଦ୍ରା, ଭାର୍ଗବୀ, ଧନୁଆଁ ନଦୀରେ ବନ୍ୟା ପରିସ୍ଥିତ ଦେଖାଦେଇଛି। ଏହାର ମୁକାବିଲା ପାଇଁ ମନ୍ତ୍ରୀ ଦାଶଙ୍କ ଅଧକ୍ଷତାରେ ବ୍ଲକ ସଭାଗୃହରେ ବୈଠକ ହୋଇଥିଲା। ବୈଠକରେ ବନ୍ୟା ଜଳ ପ୍ରବେଶ କରିଥିବା ତଳିଆ ଅଞ୍ଚଳ ଗାଁରୁ ଲୋକଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରିବା, ବିପନ୍ନ ଲୋକଙ୍କୁ ଖାଦ୍ୟ ଯୋଗାଇବା ବ୍ୟବସ୍ଥା, ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ଡଙ୍ଗା ଯୋଗାଣ, ଗର୍ଭବତୀଙ୍କୁ ମେଡିକାଲକୁ ସ୍ଥାନାନ୍ତର, ଡାକ୍ତରୀ ଦଳ ଓ ୨ଟି ୧୦୮ ଆମ୍ବୁଲାନ୍ସ ସଜାଗ ରଖିବା, ଜଳସମ୍ପଦ ବିଭାଗର ଅଧିକାରୀମାନେ ବନ୍ୟା ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିବା ସହ କୌଣସି ଅଧିକାରୀ ଓ କର୍ମଚାରୀ ହେଡ୍ କ୍ୱାର୍ଟର ନ ଛାଡ଼ି ଲୋକଙ୍କ ସେବାରେ ନିୟୋଜିତ ରହିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଡିଓ ବସନ୍ତ ମଲ୍ଲିକ, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ଏସ୍‌ଡିପିଓ ଦେବାଶିଷ ମିଶ୍ର, ବ୍ଲକ କୃଷି ଅଧିକାରୀ ପ୍ରଦୀପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପଟେ ଗୋପ ବ୍ଲକର ୫ଟି ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ଗାଁ ଧନୁଆ ବନ୍ୟା ଜଳରେ କ୍ଷତିଗ୍ରସ୍ତ ହେବା ନେଇ ମନ୍ତ୍ରୀ ଦାଶ ଗୋପ ବ୍ଲକରେ ସମୀକ୍ଷା ବୈଠକ କରିବା ସହ ତୁରନ୍ତ ବିଭିନ୍ନ ସାମଗ୍ରୀକୁ ମହଜୁଦ ରଖିବା ପାଇଁ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ମନ୍ତ୍ରୀ କେତେକ ଗାଁ ସହ କୁଶଭଦ୍ରା ନଦୀ ତିନିମୁହାଣିରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ବ୍ଲକର ଗଣେଶ୍ୱରପୁର, ଅଣ୍ଡରା-ଇଚ୍ଛାପୁର, ରାହାଙ୍ଗଗୋରଡା, ନୂଆଖୋଲମରା ଓ ଡଭାର ପଞ୍ଚାୟତ ଧନୁଆ ବନ୍ୟା ଜଳରେ କ୍ଷତିଗ୍ରସ୍ତ ହୋଇଛି। କୁଶଭଦ୍ରା ନଦୀ ଜଳସ୍ତର ଅଧିକ ହେବାରେ ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ମଦରଙ୍ଗ ନିକଟ ତିନିମୁହାଣି ସ୍ଲୁଇସ ଗେଟକୁ ବନ୍ଦ କରି ଦିଆଯାଇଛି। ଫଳରେ ଧନୁଆରେ ବନ୍ୟା ଜଳ ନିଷ୍କାସନ ସମସ୍ୟା ଦେଖାଦେଇଛି। ତେଣୁ ସମସ୍ତ ବ୍ଲକ ଅଧିକାରୀ, ଯନ୍ତ୍ରୀ, କର୍ମଚାରୀ ଏଥିପ୍ରତି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଯୋଗାଣ ନିରୀକ୍ଷକ ପ୍ରଦୀପ ସେଠୀ, ୧୧ ନମ୍ବର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ, ଗୋପ ଜଳସମ୍ପଦ ବିଭାଗ ଏସ୍‌ଡିଓ ସଂଗ୍ରାମ କେଶରୀ ମହାନ୍ତି, ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ମଧୁସୂଦନ ପାଇକରାୟ, ଗୋପ ଥାନାଧିକାରୀ ସୁନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଗୋପ ବ୍ଲକର ସଭାକକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଉପସ୍ଥିତ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅଧିକାରୀମାନେ ।


କଟକ ଶିଖରପୁର ରେଲୱେ ବ୍ରିଜ୍ ବାଇପାସ୍ ରାସ୍ତାରେ ପ୍ରବାହିତ ବନ୍ୟାଜଳ।


ଖାନ୍‌ନଗର କାଠଯୋଡ଼ି ନଦୀ ପାର୍ଶ୍ୱସ୍ଥ ଘରେ ପଶିଥିବା ବନ୍ୟାଜଳ।

# ଗାଁରେ ପଶିଲା ବନ୍ୟାପାଣି

ଚୌଦ୍ୱାର, ୧୬।୮ (ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳର ବିରୂପା ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ଚୌଦ୍ୱାର-ମଣ୍ଡାପଡ଼ା ରାସ୍ତାର ପୋଟଲେଇ ମନ୍ଦିର ନିକଟରେ ବନ୍ୟାଜଳ ବହୁ ତଳିଆ ଅଞ୍ଚଳରେ ପ୍ରବେଶ କରିଛି। ବିଶେଷକରି ଚଷାପଡ଼ା, ଇନ୍ଦ୍ରାଣୀପାଟଣା, ମଣ୍ଡାପଡ଼ା ଆଦି ଗ୍ରାମରେ ବନ୍ୟାଜଳ ପଶି ଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସେହିପରି ଚୌଦ୍ୱାର ଲକ୍ ପୋଲ ନିକଟରେ ବନ୍ୟାଜଳ ଗ୍ରାମ ଭିତରକୁ ପଶିବା ସହିତ ବ୍ୟାରେଜ ରୋଡ୍‌ର ଲଞ୍ଚ ଘାଟ ନିକଟରେ ରାସ୍ତା ଉପରେ ପାଣି ଚାଲୁଥିବା ଦେଖିବାକୁ ମିଳିଛି।

# ସହରତଳି ଅଞ୍ଚଳରେ ବନ୍ୟାପାଣି

କଟକ ଅଫିସ, ୧୬।୮

- ସ୍ଥାନାନ୍ତର ହେଲେ ୪୦ ପରିବାର ସଦସ୍ୟ
- ସ୍ଥିତି ଅନୁଧ୍ୟାନ କଲେ ମେୟର

ମହାନଦୀରେ ବନ୍ୟାଜଳ ବୃଦ୍ଧି ପାଇଥିବାରୁ କଟକ ସହରର ତଳିଆ ଅଞ୍ଚଳରେ ପାଣି ପଶିଛି। ବିଶେଷକରି ସହରର ଭଦିମୂଳ, ବାଲିସାହି, କାଠଯୋଡ଼ି ବିହାରର ଖାନ୍‌ନଗର ଅଞ୍ଚଳ ଜଳାର୍ଣ୍ଣବ ହୋଇଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସିଡିଏ ଧବଳେଶ୍ୱର ଗଡାରେ ବନ୍ୟା ପାଣି ପଶିଯିବାରୁ ଲୋକମାନେ ରିଂ ବନ୍ଧ ରାସ୍ତା ପାର୍ଶ୍ୱକୁ ପଳାଇ ଆସିଥିଲେ। ଅପରପକ୍ଷେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କାଠଯୋଡ଼ି ବିହାରର ପ୍ରାୟ ୪୦ ପରିବାରକୁ ସ୍ଥାନାନ୍ତର କରାଯାଇ ସିଡିଏ ଡିଏଭି ସ୍କୁଲରେ ରଖାଯାଇଛି। ସେହିପରି ବାଲିସାହି ବସ୍ତିରୁ ପ୍ରାୟ ୧୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ଆଶ୍ରୟସ୍ଥଳୀରେ ରଖାଯାଇଛି। ମଙ୍ଗଳବାର ମେୟର ସୁବାସ ସିଂ ଓ ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀ ବାଲିସାହି ବସ୍ତିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ଉକ୍ତ ବସ୍ତିବାସିନ୍ଦାଙ୍କୁ ସ୍ଥାନୀୟ ସାଓ୍ୱୋଳ ପ୍ରାଥମିକ ବିଦ୍ୟାଳୟ ଓ ପୋପରଡା ହାଇସ୍କୁଲକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ଆଲୋକ ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ଏହି ପରିଦର୍ଶନବେଳେ ୩୮ ନମ୍ବର ୱାର୍ଡର କର୍ପୋରେଟର ସୁବାଶିଷ ପଟ୍ଟନାୟକ, ୫୦ ନଂ. ୱାର୍ଡ କର୍ପୋରେଟର ସନ୍ତୋଷ ବଳ, ରାଜୀବ ମହାନ୍ତି, ବାଲିସାହି ବସ୍ତିବାସିନ୍ଦା ସନାତନ ବେହେରା, ତୁଳସୀ ବେହେରା ଓ ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣିରେ ଫସି ରହିଲେ ୫୫୦ ଛାତ୍ରୀଛାତ୍ର

କଟକ ଅଫିସ, ୧୬।୮

- ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ
- ତଦନ୍ତ ପରେ ପଦକ୍ଷେପ ନିଆଯିବ

ବନ୍ୟା ପ୍ରଭାବରେ କଟକ ସଦର ବ୍ଲକ ଅଧୀନ ଗତିରାଉତପାଟଣାର କେଶବଧାମ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ଏଥିଯୋଗୁ ପ୍ରାୟ ୨୦୦ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ସେହିପରି ଉକ୍ତ ଅଞ୍ଚଳରେ ଥିବା ଏକ ଘରୋଇ ଆବାସିକ ସ୍କୁଲ ଜଳବନ୍ଦି ଅବସ୍ଥାରେ ରହିଥିଲା। ସ୍କୁଲର ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ପାଣି ଘେରରେ ଫସି ରହିଥିଲେ। ମଙ୍ଗଳବାର ୫୫୦ଜଣ ଛାତ୍ରୀଛାତ୍ରଙ୍କ ସମେତ ସ୍କୁଲ କର୍ତ୍ତୃପକ୍ଷଙ୍କୁ ମିଶାଇ ପ୍ରାୟ ୬୨୦ଜଣଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ୬ଟି ବୋଟ୍ ସହାୟତାରେ ଉଦ୍ଧାର କରାଯାଇଛି। ମଙ୍ଗଳବାର ସକାଳେ ସ୍କୁଲ ଚାରିପାଖରେ ହଠାତ୍ ମହାନଦୀର ବନ୍ୟାଜଳ ପ୍ରବେଶ କରିଥିଲା। ଫଳରେ ଛାତ୍ରୀଛାତ୍ରମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ପାରି ନ ଥିଲା। ସ୍କୁଲ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଜଣାଇଥିଲେ। ତୁରନ୍ତ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିପଡିଥିଲେ। ସନ୍ଧ୍ୟାରେ ଘଟଣାସ୍ଥଳରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଗୋଟିଏ ଦିନ ପୂର୍ବରୁ ସ୍ଥାନୀୟ ବାସିନ୍ଦାଙ୍କୁ ଉଚ୍ଚ ସ୍ଥାନକୁ ଯିବାକୁ କୁହାଯାଇଥିଲା। ଏଥିସହ ଉକ୍ତ ସ୍କୁଲ ଖାଲି କରିବା ପାଇଁ ମଧ୍ୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା। ଏହାସତ୍ତ୍ୱେ କାହିଁକି ସ୍କୁଲ ଖାଲି କରାଗଲା ନାହିଁ ତାହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି।

# ମୁକାବିଲା ଲାଗି ଅଗ୍ନିଶମ ବିଭାଗର ୪୪ ଟିମ୍ ମୁତୟନ

କଟକ ଅଫିସ, ୧୬।୮

ମହାନଦୀ ସମେତ ବିଭିନ୍ନ ଶାଖାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ସାଧାରଣ ଲୋକଙ୍କ ସହ ପ୍ରାଣୀମାନଙ୍କୁ ଅଗ୍ନିଶମ ବିଭାଗର ସ୍ୱତନ୍ତ୍ର ଟିମ୍ ଉଦ୍ଧାର କରିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଅଗ୍ନିଶମ ବିଭାଗର ୪୪ ଟିମ୍ ମୁତୟନ କରାଯାଇଛି। ଜନସାଧାରଣଙ୍କୁ ସହଯୋଗ ପାଇଁ ଅନୁରୋଧ କରିବା ସହ ଅଗ୍ନିଶମ ବାହିନୀର ମନୋବଳ ବଢାଇଥିବାରୁ ଗଣମାଧ୍ୟମକୁ ଧନ୍ୟବାଦ ଜଣାଇଛନ୍ତି ଅଗ୍ନିଶମ ବିଭାଗ ଡିଜି ସନ୍ତୋଷ ଉପାଧ୍ୟାୟ। କଟକରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉପାଧ୍ୟାୟ କହିଛନ୍ତି, ଜିଲା ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ସବୁ ପରିସ୍ଥିତିରେ ଲୋକଙ୍କ ସହିତ ଆମ କର୍ମଚାରୀମାନେ ଅଛନ୍ତି। ଆଠଗଡ଼ର ନିଧିପୁର ଗଡ଼ାଠାରେ ବୁଡିଥିବା କାରରୁ ଲୋକଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିଲା। ଜଟଣୀରେ ବନ୍ୟା ପାଣିରେ ଫସିଥିବା ଗର୍ଭବତୀଙ୍କ ସହ ଅନେକ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। କଟକ ଜିଲାର ବାଙ୍କୀ, ଜଗତ୍‌ସିଂହପୁରର କୁଜଙ୍ଗ ଏବଂ କେନ୍ଦ୍ରାପଡା ଜିଲାର କିଛି ଅଞ୍ଚଳ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଉକ୍ତ ସ୍ଥାନରେ ବିଭାଗ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି ବୋଲି ଉପାଧ୍ୟାୟ କହିଛନ୍ତି।

# ନିଧିପୁର ଗଡ଼ାରେ ୮ ଫୁଟ୍‌ର ବନ୍ୟାଜଳ


ନୂଆପାଟଣାରୁ ଧବଳେଶ୍ୱର ଯିବା ମୁଖ୍ୟ ରାସ୍ତାରେ ବନ୍ୟାପାଣିର ସୁଅ।

## ଭାସିଗଲା କାର, ୪ ଉଦ୍ଧାର

ଖୁଣ୍ଟୁଣୀ, ୧୬।୮ (ଡି.ଏନ.ଏ.)

ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲ ପଞ୍ଚାୟତର ପୁରୁଣା କଟକ-ସମ୍ବଲପୁର ରାସ୍ତା ନିଧିପୁର ନଈମୁହଁ ଗଡ଼ାରେ ୮ ଫୁଟର ବନ୍ୟାଜଳ ପ୍ରଭାହିତ ହେଉଛି। ପାଣିର ପ୍ରଖର ସ୍ରୋତରେ ସୋମବାର ରାତିରେ ଏକ କାର ଭାସିଯାଇଥିଲା। କାରରେ ଥିବା ଚାଳକଙ୍କ ସମେତ ୪ ଜଣଙ୍କୁ ୩ଘଣ୍ଟା ପରେ ପାଣିରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଅନୁଗୋଳ ଟାଉନ ଥାନା ଅଧୀନ ତାମ୍ଲେତ କଲୋନୀ ଅଞ୍ଚଳର ହଳଧର ଦାସ, ତାଙ୍କ ସ୍ତ୍ରୀ ମମତା ଦାସ, ପୁଅ ଶିବସୁନ୍ଦର ଦାସ ଓ କାର ଚାଳକ ଅମୂଲ୍ୟ ସାହୁ ସୋମବାର ଏକ କାରରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଯାଇଥିଲେ। ସେଠାରୁ ଧବଳେଶ୍ୱର-ଆଠଗଡ଼ ରାସ୍ତା ଦେଇ ସେମାନେ ଅନୁଗୋଳ ଫେରୁଥିବାବେଳେ ନିଧିପୁର ଗଡାଠାରେ ୮ଫୁଟ ଉଚ୍ଚର ବନ୍ୟାଜଳ ପ୍ରଭାବିତ ହେଉଥିବା ଜାଣି ପାରି ନ ଥିଲେ। ଫଳରେ କାରଟି ଭାସିଯାଇ ୧୫୦ ମିଟର ଦୂର ଗହୀର ମଝିକୁ ଚାଲିଯାଇଥିଲା। କାରଟି ବୁଡିବାବେଳେ ଭିତରେ ଥିବା ୪ ଜଣ ଉପରକୁ ଚାଲିଆସି ଚିତ୍କାର କରିଥିଲେ। ଏହି ସମୟରେ ନିଧିପୁର ଛକଠାରେ ଡିଉଟି କରୁଥିବା ଖୁଣ୍ଟୁଣୀ ଥାନାର ହୋମ୍‌ଗାର୍ଡ ନରେଶ ନାୟକ ଜାଣିପାରି ତୁରନ୍ତ ପୋଲିସ ଓ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖୁଣ୍ଟୁଣୀ ଥାନା ଓ ଘଣ୍ଟିଖାଲ ଫାଣ୍ଡି ପୋଲିସ ସହ ସ୍ଥାନୀୟ ଲୋକ ପହଞ୍ଚିଥିଲେ। ପରେ ଆଠଗଡ଼ ଓ କଖଡ଼ିର ବିଜୟ ମହାନ୍ତି, ଘଣ୍ଟିଖାଲର ସାମାଜିକ କର୍ମୀ ସନ୍ତୋଷ ବେହେରା ବୋଟ୍ ଯୋଗେ କାର୍ ପାଖକୁ ଯାଇ ରାତି ପ୍ରାୟ ୩ଟାରେ ୪ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପାଣିରେ ବୁଡି ଯାଇଥିବା କାରକୁ ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ।

### ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ

କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ କଖଡ଼ି, ମଞ୍ଚେଶ୍ୱର ପଞ୍ଚାୟତର ୧୨ଟି ଗ୍ରାମରେ ବନ୍ୟାଜଳ ପ୍ରବେଶ କରିଛି। ଫଳରେ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ମହାନଦୀର ନୂଆପାଟଣାଠାରୁ ମଞ୍ଚେଶ୍ୱର ପଞ୍ଚାୟତର ଭୂୟାଁଯୋର ପାଇକେରାପୁର ରାସ୍ତାରେ ୩ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ନୂଆପାଟଣାଠାରୁ ପୁରୁଣା କଟକ-ସମ୍ବଲପୁର ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି କଖଡ଼ି-ବ୍ରାହ୍ମଣବସ୍ତ ରାସ୍ତାରେ ୬ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ବ୍ରାହ୍ମଣବସ୍ତ ଗ୍ରାମକୁ ଗାଡି ଚଳାଚଳ ବନ୍ଦ ରହିଛି। କଖଡ଼ି ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲୀପ ଛତାର ମଙ୍ଗଳବାର ସକାଳେ ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ମଞ୍ଚେଶ୍ୱର ପଞ୍ଚାୟତର ପାଇକେରାପୁର, ପ୍ରସନ୍ନାପୁର, ଲିଙ୍ଗାପଦା, ନାରଙ୍ଗବସ୍ତ, ନୂଆଡିହ, ବିଦ୍ୟାଧରପୁର ଗ୍ରାମରେ ବନ୍ୟାଜଳ ପଶିଯିବାରୁ ଏହା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଯାଇଛି। ଧାନଜମି ସବୁ ପାଣିରେ ବୁଡିରହିଛି।

# ‘ସ୍ୱାଧୀନତା ସଂଗ୍ରାମରେ ମହାମନୀଷୀଙ୍କ ଅବଦାନ ଅବିସ୍ମରଣୀୟ’

କଟକ ଅଫିସ, ୧୬।୮

ଓଡ଼ିଶା ହାଇକୋର୍ଟ ପରିସରରେ ୭୬ତମ ସ୍ୱାଧୀନତା ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ବିଚାରପତି ଶୁଭାଶିଷ ତାଳପତ୍ର, ଡକ୍ଟର ବି. ଆର. ଷଡ଼ଙ୍ଗୀ, ଏସ୍. ପୂଜାହାରୀ, ଏସ୍. କେ. ସାହୁ, କେ. ଆର. ମହାପାତ୍ର, ବି. ପି. ରାଉତରାୟ, ସାବିତ୍ରୀ ରଥ, ଏମ୍. ଏସ. ସାହୁ, ଆର. କେ. ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିସହ ହାଇକୋର୍ଟରେ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀଙ୍କ ସମେତ ହାଇକୋର୍ଟ ବାର୍ ଆସୋସିଏଶନର କର୍ମକର୍ତ୍ତା ଯୋଗଦେଇଥିଲେ।

**ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ:** ହାଇକୋର୍ଟ ବାର୍ ଆସୋସିଏଶନରେ ଆଜାଦୀ କା ଅମୃତ ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ହାଇକୋର୍ଟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଦେଶ ସ୍ୱାଧୀନତା ସଂଗ୍ରାମରେ ମହାମନୀଷୀଙ୍କ ଅବଦାନ ଅବିସ୍ମରଣୀୟ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ ସ୍ୱାଗତ ଭାଷଣ ଦେଇଥିବାବେଳେ ସଭାପତି କାଳୀପ୍ରସନ୍ନ ମିଶ୍ର, ଅବସରପ୍ରାପ୍ତ ଜିଲା ଜଜ୍ ରତିକାନ୍ତ ମହାପାତ୍ର, ଯୁଗ୍ମ ସମ୍ପାଦକ ଉଦିତ୍ ରଞ୍ଜନ ଜେନା, ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ସ୍ୱାଧୀନତା ଦିବସଠାରୁ ସିଡିଏସ୍ଥିତ ଓଡ଼ିଶା ଆୟକର ଅପିଲିୟ ଅଧୀକରଣ ପରିସରରେ ୧୨୦ ଫୁଟ ଉଚ୍ଚତା ବିଶିଷ୍ଟ ସ୍ଥାୟୀ ହାଇରେଜ୍ ଜାତୀୟ ପତାକା ଉଡ଼ିଛି। ଜୁଡ଼ିସିଆଲ୍ ସଦସ୍ୟ ଜର୍ଜ ମାର୍ଥା ଏହି ପତାକାକୁ ଉତ୍ତୋଳନ କରିଥିଲେ। ଏହି ଜାତୀୟ ପତାକାର ଦୈର୍ଘ୍ୟ ୩୦ ଫୁଟ ଓ ପ୍ରସ୍ଥ ୨୦ ଫୁଟ ରହିଛି। ସାମ୍ବିଧାନିକ ନିୟମ ଅନୁସାରେ ଏହି ପତାକା ପ୍ରତିଦିନ ଉଡ଼ିବ। ଉଡୁଥିବା ଅବସ୍ଥାରେ ଚିରିଗଲେ ତୁରନ୍ତ ଏହାକୁ ବଦଳାଇବାର ନିୟମ ରହିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସର୍ଭେଣ୍ଟ ଅଫ୍ ଇଣ୍ଡିଆ ସୋସାଇଟିର ସର୍ବଭାରତୀୟ ଅଧ୍ୟକ୍ଷ ଦାମୋଦର ସାହୁ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜ୍ଞ ବାସୁଦେବ ପଣ୍ଡା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦୀପ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ପ୍ରଣୟ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।

**ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ:** ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁକ୍ତାକାଶ ରଙ୍ଗମଞ୍ଚଠାରେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଜୟଶ୍ରୀ ଅଡିଟୋରିୟମରେ ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକ ଓ ଡ. କ୍ରିଷ୍ଣାପ୍ରଦା ଦାଶଙ୍କ ସଂଯୋଜନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଂଗୀତ ଓ ନାଟକ ପରିବେଷଣ ହୋଇଥିଲା। ଏଥିସହିତ ଡ୍ରିମ୍‌ସ ଡାଇଜେଷ୍ଟ, ସୃଜନଶୀଳ ପତ୍ରିକା ‘ୟେସ୍ତିକା’ ଓ ପରିବେଶ ସୁରକ୍ଷା ସମ୍ପର୍କିତ ପୁସ୍ତକ ଉନ୍ମୋଚନ ହୋଇଥିଲା। ଏଥିରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, କୁଳସଚିବ ଡ. କଲ୍ୟାଣ ସାହୁ, ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ, ଡ. ହିମାଂଶୁ ମହାନ୍ତି, ସଚିବ ଚନ୍ଦ୍ରକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ।

**ରୁଚି ଉଦ୍ୟୋଗ:** ସ୍ୱାଧୀନତା ଦିବସ ଅବସରରେ ମଧୁପାଟଣାସ୍ଥିତ ରୁଚି ମୁଖ୍ୟାଳୟଠାରେ ପରିଚାଳନା ନିର୍ଦ୍ଦେଶକ ଡ. ଶରତ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପାସ୍ତାଭିଲେଜଠାରେ ରୁଚି ନିର୍ଦ୍ଦେଶକ ଅରବିନ୍ଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ରୁଚିର ବରିଷ୍ଠ ସୂଚନା ଅଧିକାରୀ ଡ. ନୀହାର ରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ, ସହକାରୀ ମହାପ୍ରବନ୍ଧକ ଲକ୍ଷ୍ମୀଧର ସାହୁ, ପ୍ରଶାସନିକ ପ୍ରବନ୍ଧକ ମୃଣାଳିନୀ ରାଉତ, ବିଜନେସ୍ ଡେଭଲପମେଣ୍ଟ ଅଫିସର ମାନସ ରଞ୍ଜନ ବେହେରା, ନିରାପତ୍ତା ପ୍ରବନ୍ଧକ ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅରକ୍ଷିତ ରଣା, ତାପସ ସ୍ୱାଇଁ, ନବକୃଷ୍ଣ ଦାସ ଅଧିକାରୀ, ସୂର୍ଯ୍ୟକାନ୍ତ ସାହୁ, ଯୋଗେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ଆୟକର ବିଭାଗ:** ଆୟକର ଭବନ ପରିସରରେ କଟକ ଆୟକର ବିଭାଗର ପ୍ରଧାନ ଆୟକର ଆୟୁକ୍ତ ସସ୍ମିତା ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଯୁଗ୍ମ ଆୟକର ଆୟୁକ୍ତ କେ. ସି. ମହାନ୍ତି, ଆଇଟିଆର୍‌ସି ସେକ୍ରେଟାରି ମହମ୍ମଦ ନଜାରୁଲ ଇସଲାମ୍, ଆୟକର ନିରୀକ୍ଷକ କେ. ସି. ସାହୁ, ଆୟକର ସିନିୟର ପ୍ରାଇଭେଟ ସେକ୍ରେଟାରି କେ. ସି. ବେହେରା, ଯୁଗ୍ମ ଆୟକର ଆୟୁକ୍ତ ଶୁଭକାନ୍ତ ବେହେରା, ଆୟକର ଅଧିକାରୀ (ମୁଖ୍ୟ) ପି. କେ. ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆୟକର ନିରୀକ୍ଷକ ଏସ୍. ପି. ରଥ ଧନ୍ୟବାଦ ଦେଇଥିଲେ।

**ସେଣ୍ଟ ଜାଭିୟର୍ସ ହାଇସ୍କୁଲ:** ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପଡିଆରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭୁ ଚରଣ ମହାନ୍ତି ଦେଶର ସମ୍ମାନ ପ୍ରତି ଯତ୍ନଶୀଳ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଏଥିରେ ତ୍ରୁଷ୍ଟି ସ୍ନିଗ୍ଧା ମହାନ୍ତି ହର୍ ଘର୍ ତିରଙ୍ଗା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପି.ଏସ୍. ପ୍ରିୟଦର୍ଶିନୀ ଦେଶ ଗଠନରେ ଛାତ୍ରୀଛାତ୍ରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

**ସଦ୍‌ଗୁରୁ ହସ୍ପିଟାଲ:** ସଦ୍‌ଗୁରୁ ହସ୍ପିଟାଲ ପରିସରରେ ହସ୍ପିଟାଲ ପରିଚାଳନା ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ହସ୍ପିଟାଲ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ସଦ୍‌ଗୁରୁ ହସ୍ପିଟାଲର ନିର୍ଦ୍ଦେଶିକା ଡା. ସମୀତା ମହାନ୍ତି, ନିର୍ଦ୍ଦେଶକ ରାହୁଲ ପ୍ରତ୍ୟୁଷ ମହାନ୍ତିଙ୍କ ସମେତ ହସ୍ପିଟାଲର ସମସ୍ତ ଡାକ୍ତର, ନର୍ସ, କର୍ମଚାରୀ ଯୋଗ ଦେଇଥିଲେ।

**ଜେନିଥ କ୍ଲବ:** ସୂର୍ଯ୍ୟବିହାରସ୍ଥିତ ଜେନିଥ କ୍ଲବ ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ହାଇକୋର୍ଟର ପୂର୍ବତନ ବିଚାରପତି ଚୌଧୁରୀ ପ୍ରତାପ ମିଶ୍ର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସୂର୍ଯ୍ୟବିହାର ବରିଷ୍ଠ ନାଗରିକ ଚିତ୍ତରଞ୍ଜନ ମହାନ୍ତି, ସୁନିଲ ଦାସ, ଦେବାଶିଷ ଜେନା, ଅକ୍ଷୟ ସାହୁଙ୍କ ସହିତ କ୍ଲବର ସଭାପତି ଓ ସମ୍ପାଦକ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଓଡ଼ିଶା ଜୁଡିସିଆଲ ଏକାଡେମୀ:** ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ପତାକା ଉତ୍ତୋଳନ କରିଥିଲେ। ଏଥିରେ ଓଡ଼ିଶା ଜୁଡିସିଆଲ ଏକାଡେମୀର ଭାରପ୍ରାପ୍ତ ନିର୍ଦ୍ଦେଶକ ବିଶ୍ୱ ମହାନ୍ତି, ଉପ ନିର୍ଦ୍ଦେଶିକା ବନାଲି ତ୍ରିପାଠୀ, ସହ ନିର୍ଦ୍ଦେଶକ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ସମ୍ବାଦପତ୍ର ବିକ୍ରେତା ସଂଘ:** କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ବକ୍ସିବଜାରଠାରେ ପାଳିତ ହୋଇଥିଲା। ସଂଘ ଉପସଭାପତି ପୀତାମ୍ବର ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଘ ସଭାପତି ବିଜୟ କୁମାର ପଢିହାରୀ ଦିଲ୍ଲୀରୁ ଭିଡିଓ କନ୍‌ଫରନ୍ସ ମାଧ୍ୟମରେ ସ୍ୱାଧୀନତା ଦିବସ ଉପରେ କହିଥିଲେ। ସାଧାରଣ ସମ୍ପାଦକ ବିଷ୍ଣୁଚରଣ ଦାଶ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, କମିଟି ସଭ୍ୟ ପ୍ରଶାନ୍ତ ସାହୁ, ହିମାଂଶୁ ମହାପାତ୍ର, ପ୍ରଦ୍ୟୁମ୍ନ ବିଶୋଇ, ମନୋଜ ପାଲ, ଦୁର୍ଗା ପ୍ରସାଦ ଛାଟୋଇ, ହୃଷୀକେଶ ପଢ଼ିହାରୀ, ନବଘନ ସାହୁ, ଶ୍ରୀନିବାସ ରେଡ୍ଡି, ହେମନ୍ତ ପଟ୍ଟନାୟକ, ବଂଶୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିସରରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ପତାକା ଉତ୍ତୋଳନ କରୁଛନ୍ତି।

# ଏନ୍‌ଏଲ୍‌ୟୁଓ ମଧ୍ୟସ୍ଥତା ପ୍ରକୋଷ୍ଠ ଉଦ୍‌ଘାଟିତ

**କଟକ ଅଫିସ, ୧୬।୮:** କଟକ ସିଡିଏସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା (ଏନ୍‌ଏଲ୍‌ୟୁଓ) ମଧ୍ୟସ୍ଥତା ପ୍ରକୋଷ୍ଠ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏନ୍‌ଏଲ୍‌ୟୁଓ କୁଳାଧିପତି ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏହାକୁ ଉଦ୍‌ଘାଟନ କରିଥିଲେ। ଏନ୍‌ଏଲ୍‌ୟୁଓ ସେଣ୍ଟର ଫର୍ ମେଡିଏଶନ ଆଣ୍ଡ୍ ନେଗୋସିଏଶନ (ସିଏମ୍‌ଏନ୍)ର ସଦସ୍ୟଙ୍କ ପକ୍ଷରୁ ସେଣ୍ଟରର ଗୁରୁତ୍ୱ ଓ ଲକ୍ଷ୍ୟ ବିଷୟରେ ଏକ ବହୁଭାଷୀ ପ୍ରଦର୍ଶନୀ କରାଯାଇଥିଲା। ସିଏମ୍‌ଏନ୍ ହେଉଛି ଭାରତରେ ପ୍ରଥମ ମଧ୍ୟସ୍ଥତା କେନ୍ଦ୍ର। ନ୍ୟାୟ ଓ ମାଗଣା ଆଇନ ସହାୟତା ମାଧ୍ୟମରେ ସାମ୍ବିଧାନିକ ଲକ୍ଷ୍ୟ ହାସଲ କରିବାକୁ ଏନ୍‌ଏଲ୍‌ୟୁଓ ପକ୍ଷରୁ ଚେଷ୍ଟା କରାଯିବ। ଏଥିସହ ଏହି ସେଲ୍ ମାଧ୍ୟମରେ ପାରିବାରିକ, ବିବାହ, ସମ୍ପତ୍ତି ଏବଂ ଉପଭୋକ୍ତା ବିବାଦ ସମାଧାନ କରାଯାଇପାରିବ। ପ୍ରାରମ୍ଭରେ ଏହି ସେଲ୍ ପକ୍ଷରୁ ଆଖପାଖ ସ୍ଥାନର ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରାଯିବ। ଏହାପରେ ରାଜ୍ୟବ୍ୟାପୀ ଉକ୍ତ ସେବା ଉଭୟ ଫିଜିକାଲି ଓ ଅନ୍‌ଲାଇନ ଡିସ୍‌ପୁଟ୍ ରିଜୋଲ୍ୟୁଶନ (ଓଡିଆର୍)ରେ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଭେଦ କୁମାରୀ, କୁଳସଚିବ ପ୍ରଫେସର ଡ. ଯୋଗେଶ ପ୍ରତାପ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ‘ସାର୍ବଭୌମତ୍ୱ ରାଷ୍ଟ୍ରର ଆତ୍ମା ସଦୃଶ’

କଟକ ଅଫିସ, ୧୬।୮

ସ୍ୱାଧୀନତା ଦିବସରେ ଜାତୀୟ ପତାକାର ମହତ୍ତ୍ୱ ବେଶ୍ ଅଧିକ। ଏହା ଭାରତର ସାର୍ବଭୌମତ୍ୱର ପ୍ରମାଣ ଦିଏ। ସାର୍ବଭୌମତ୍ୱ ହେଉଛି ରାଷ୍ଟ୍ରର ଆତ୍ମା ସଦୃଶ। ସୋମବାର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ କଟକ ବାରବାଟୀ ଷ୍ଟାଡିୟମଠାରେ ମୁଖ୍ୟ ଅତିଥି ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଜାତୀୟ ପତାକା ଉତ୍ତୋଳନ କରି ଉପରୋକ୍ତ ବିଷୟରେ କହିଥିଲେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ ମହାମାରୀ ସମୟରେ ସେବା ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୪୩ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କର ଓଡ଼ିଆ ଭାଷାରେ ଉତ୍କର୍ଷତା ଆଣିବା ପାଇଁ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ପରିକଳ୍ପିତ ଅଭିନବ ପ୍ରୟାସ କଟକ ଓଡ଼ିଆ ଚାଟଶାଳୀ ଅନ୍ତର୍ଗତ ପ୍ରଥମ କାର୍ଯ୍ୟକ୍ରମ ଜଗବନ୍ଧୁ ଚଉତିଶାର ଶ୍ରାବ୍ୟ ସଂସ୍କରଣକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏଥିରେ କଣ୍ଠଦାନ କରିଥିବା ନମିତା ଅଗ୍ରୱାଲ, ସିଦ୍ଧାର୍ଥ ମ୍ୟୁଜିକ୍ କମ୍ପାନୀର ପ୍ରଯୋଜକ ସୀତାରାମ ଅଗ୍ରୱାଲ, ବ୍ୟାଖ୍ୟାନ ଓ ସଂଳାପ ରଚନା କରିଥିବା ବିଜୟ ମଲ୍ଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଏହାର ରଚୟିତା ପୁରୀ ଜିଲା ବୀରନରସିଂହପୁର ଗ୍ରାମର କବି



ବାରବାଟୀ ଷ୍ଟାଡିୟମରେ ଆୟୋଜିତ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସହ ଅନ୍ୟମାନେ।

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ

ନାରାୟଣ ମହାପାତ୍ରଙ୍କୁ ମରଣୋତ୍ତର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦ୍‌ବ୍ୟତୀତ ସମାଜସେବା ଓ ରକ୍ତଦାନ ନିମନ୍ତେ ସହଯୋଗ କରିଥିବା ଓଡ଼ିଶା ମୋ ପରିବାର କାର୍ଯ୍ୟକ୍ରମର ଅଧ୍ୟକ୍ଷ ତଥା କେନ୍ଦ୍ରୀୟ ରେଡ୍‌କ୍ରସ ସଚେତନତା କମିଟିର ଡ. ରଞ୍ଜନ କୁମାର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ଦେଶାତ୍ମବୋଧକ ପ୍ରବନ୍ଧ ଓ ସାଧାରଣଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାବାଦ୍ କଟକ ଟାଉନହଲ୍‌ଠାରେ ଓଡ଼ିଶା ମୋ ପରିବାର ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରରୁ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ୟୁଟ୍ୟୁବ ଓ ଫେସବୁକ ମାଧ୍ୟମରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ଜନସାଧାରଣଙ୍କ ନିମନ୍ତେ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନୂଆ ବସ୍‌ଷ୍ଟାଣ୍ଡ ଦେଇ ଗଡ଼ିଲା ବସ୍

**ଜଟଣୀ,୧୬।୮(ଡି.ଏନ୍.ଏ.):**

ଜଟଣୀ ପୌର ପ୍ରଶାସନର ହସ୍ତକ୍ଷେପ ପରେ ମଙ୍ଗଳବାର ନୂଆ ବସ୍ ଷ୍ଟାଣ୍ଡ ଦେଇ ଗଡ଼ିଛି ବସ୍। ଜଟଣୀ ସହରରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ବସ୍ ଯୋଗେ ସୁବିଧାରେ ଗମନାଗମନ ପାଇଁ ୧୯୯୬ ଅଗଷ୍ଟ ୧୬ ରେ ସ୍ଥାନୀୟ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ. ୯ ରାମଚନ୍ଦ୍ରପୁର ମୌଜାର ପଥର କଟାଚୁଆ ନିକଟରେ ବିଡିଏ ଦ୍ୱାରା ବସ ଷ୍ଟାଣ୍ଡ ନିର୍ମାଣ ହୋଇଥିଲା। ସେତେବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ବସଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୦୦ ଜାନୟାରୀ ୪ ରେ ନଗର ଉନ୍ନୟନ ମନ୍ତ୍ରୀ ଭୂପିନ୍ଦର ସିଂହ ବସ୍‌ଷ୍ଟାଣ୍ଡର ଉଦ୍‌ଘାଟନ କରିଥିଲେ। ବସ ଷ୍ଟାଣ୍ଡରୁ ବିଭିନ୍ନ ଅଞ୍ଚଳକୁ ଲୋକେ ସୁବିଧାରେ ଯାଇ ପାରିବେ ବୋଲି ଲକ୍ଷ୍ୟ ରହିଥିଲା। ତେବେ ଉଦ୍‌ଘାଟନର କିଛି ଦିନ ବସ ଷ୍ଟାଣ୍ଡ ମଧ୍ୟ ଦେଇ ବସ ଚଳାଚଳ କରିବା ପରେ ଦୀର୍ଘ ୨୧ ବର୍ଷ ହେବ ବସ ଉକ୍ତ ଷ୍ଟାଣ୍ଡ ଦେଇ ଚଳ ପ୍ରଚଳ ନ କରିବାରୁ ଜରାଜୀର୍ଣ୍ଣ




ଅବସ୍ଥାରେ ବସ ଷ୍ଟାଣ୍ଡ ପଡିରହିଥିଲା। ଏନେଇ ଗତ ଜୁଲାଇ ୧୨ରେ 'ଧରିତ୍ରୀ'ରେ ନୂଆ ବସ ଷ୍ଟାଣ୍ଡକୁ ଗଡୁନି ବସ ଶୀର୍ଷକ ଖବର ପ୍ରକଶ ପାଇଥିଲା। ଏହା ପରେ ଜଟଣୀ ନଗରପାଳ ଅନନ୍ତ ବେହେରା ବିଡିଏ ଅଧିକାରୀଙ୍କ ସହିତ ବସଷ୍ଟାଣ୍ଡର ଉନ୍ନତି ଏବଂ ବସ୍ ଚଳାଚଳ କିପରି କରିବ ସେ ନେଇ ଆଲୋଚନା କରିବେ କହିଥିଲେ। ପରବର୍ତ୍ତୀ ସମୟରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ବସ୍‌ଷ୍ଟାଣ୍ଡ ପରିସରରୁ ସମସ୍ତ ଜବରଦଖଲ ଉଚ୍ଛେଦ ସହିତ ପ୍ରଥମ ପର୍ଯ୍ୟାୟରେ ବସ୍‌ଷ୍ଟାଣ୍ଡ ଦେଇ କିପରି ସିଟି ବସ ଚଳାଚଳ କରିବ ସେ ନେଇ କୁଟର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ୧୦ ତାରିଖରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କୁଟର

### ୨୧ ବର୍ଷ ପ୍ରତୀକ୍ଷାର ଅନ୍ତ

ଜିଏମ ନିହାର ରଞ୍ଜନ ନାୟକଙ୍କୁ ସିଟି ବସ ଚଳାଚଳ ପାଇଁ ପୌରାଞ୍ଚଳର ବିଭିନ୍ନ ସ୍ଥାନ ସହିତ ବିଡିଏ ବସ୍ ଷ୍ଟାଣ୍ଡ ବୁଲାଇ ଦେଖାଇବା ସହିତ କୁଟର ଯୁଗ୍ମ ସଚିବ ଦୀପ୍ତି ମହାପାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଫଳରେ ପ୍ରଥମ ପର୍ଯ୍ୟରେ ରୁଟ ନମ୍ବର ୨୨(ବି ) ତଳଖେତା ଛକ(ଜଟଣୀ ଗେଟ )ରୁ ବସ ଷ୍ଟାଣ୍ଡ ଏବଂ ରେଳ ଷ୍ଟେଶନ ଦେଇ ଖୋର୍ଦ୍ଧା ଏବଂ ଖୋର୍ଦ୍ଧାରୁ ଜଟଣୀ ରେଳ ଷ୍ଟେଶନ ପରେ ବସ୍‌ଷ୍ଟାଣ୍ଡ ଦେଇ ଜଟଣୀ ଗେଟ ପର୍ଯ୍ୟନ୍ତ ଦିନକୁ ୩୦ଥର ଜନ ସାଧାରଣଙ୍କ ସୁବିଧା ପାଇଁ ଯାତାୟାତ କରିବକୁ ଥିବା ବେଳେ ତଳଖେତା(ଜଟଣୀ ଗେଟ )ସ୍ଥିତ ଜାତୀୟ ରାଜପଥ ବ୍ରିଜ ଏବଂ ଜଟଣୀ ସୀତାରାମ ଛକ ବ୍ରିଜ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଜଟଣୀରୁ ତଳଖେତା ଦେଇ ଭୁବନେଶ୍ୱର ଏବଂ ଭୁବନେଶ୍ୱରରୁ ଜଟଣୀକୁ ବସ ଯାତାୟାତ କରିବା ସହ ରୁଟ ନମ୍ବର ୨୨(ଏ ) ମଧ୍ୟ ବସ ଷ୍ଟାଣ୍ଡ ଦେଇ ଗଡିବ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ଓଡ଼ିଶାରୁ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବି କଳାବ୍ୟାଜ୍ ପିନ୍ଧି କର୍ମଚାରୀଙ୍କ ବିକ୍ଷୋଭ

**ଭୁବନେଶ୍ୱର,୧୬।୮(ବ୍ୟୁରୋ):** ରାଜ୍ୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବିରେ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ପକ୍ଷରୁ ସପ୍ତାହବ୍ୟାପୀ କଳାବ୍ୟାଜ ପିନ୍ଧି ପ୍ରତିବାଦ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଗ୍ରୁପ୍ ବି, ସି ଏବଂ ଡି କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିବା ସହିତ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରିଛନ୍ତି। ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗର ଚୁକ୍ତିଭିତ୍ତିକ କର୍ମଚାରୀମାନେ ପ୍ରତ୍ୟେକ ଜିଲାର ବ୍ଲକ ସ୍ତରରେ ଅବସ୍ଥାପିତ ମୁଖ୍ୟ ଦପ୍ତରଠାରୁ ଆରମ୍ଭ କରି ଭୁବନେଶ୍ୱର ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିବା ସହ ମଧ୍ୟାହ୍ନ ବିରତି ସମୟରେ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଥିଲେ। ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଏବଂ ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକିରିରେ ଯୋଗ କରିବା, ମହଙ୍ଗା ଭତ୍ତା, ଘରଭଡ଼ା ଏବଂ ସମସ୍ତ ସରକାରୀ ଆନୁଷଙ୍ଗିକ ସୁବିଧା ଇତ୍ୟାଦି ପ୍ରଦାନ ନେଇ ସାରା ରାଜ୍ୟରେ ଅଗଷ୍ଟ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ରାଜ୍ୟ ସରକାର ଯଦି ମହାସଂଘକୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଦାବିଗୁଡ଼ିକୁ ପୂରଣ ନ କରନ୍ତି, ତେବେ ସମସ୍ତ ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀମାନେ ଅଗଷ୍ଟ ଶେଷ ସପ୍ତାହରେ ଭୁବନେଶ୍ୱର ସ୍ଥିତ ଗାନ୍ଧୀମାର୍ଗ ଠାରେ ଅନୁଷ୍ଠିତ ଏକ ବୃହତ୍ ଆନ୍ଦୋଳନରେ ସାମିଲ ହେବେ ବୋଲି ମହାସଂଘର ସଭାପତି ବିଜୟ ମଲ୍ଲ, ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଭାତ ମହାନ୍ତି, ସାଧାରଣ ସମ୍ପାଦକ କ୍ଷୀତିଶ ପଣ୍ଡା,ସଂଗଠନ ସମ୍ପାଦକ ପ୍ରଶାନ୍ତ ରାଉତରାୟ, ଶିକ୍ଷକ ନେତା ପୂର୍ଣ୍ଣଚନ୍ଦ୍ର ଆଇଚ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୫ ଜିଲାରେ କବିତା ପାଠ

**ଭୁବନେଶ୍ୱର,୧୬।୮(ବ୍ୟୁରୋ):** ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସୋମବାର ସ୍ୱାଧୀନତା ଦିବସରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକ ସମୟରେ ରାଜ୍ୟର ୨୫ଟି ଜିଲାର ୧୨୫ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟେକ ସ୍ଥାନରେ ୨୦ଜଣ ଲେଖାଏ ଏଭଳି ମୋଟ ଅଢ଼େଇ ହଜାର କବି ଏକ ସମୟରେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

### ଗାଡ଼ି ଧକ୍କାରେ ନାବାଳକଙ୍କ ମୃତ୍ୟୁ

**ପିପିଲି,୧୬।୮(ସ୍ୱ.ପ୍ର.)**

ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥର ଦାଣ୍ଡମୁକୁନ୍ଦପୁର ବାଇପାସ୍ ରାସ୍ତାରେ ସୋମବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ ବିଲମଲିକ ସାହିର ଯୋଗେନ୍ଦ୍ର ମଲ୍ଲିକଙ୍କ ପୁଅ ଓମ୍(୯)। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୋମବାର ଅପରାହ୍ନରେ ଯୋଗେନ୍ଦ୍ର ଓ ତାଙ୍କ ସ୍ତ୍ରୀ ସୁକାନ୍ତି ବଜାରକୁ ଯାଉଥିଲେ। ତେବେ ସେମାନଙ୍କ ଅଜାଣତରେ ତାଙ୍କ ପୁଅ ଓମ୍‌ସାଇ ମଧ୍ୟ ପଛେ ପଛେ ବଜାରକୁ ଯାଉଥିଲେ। ଓମ୍‌ସାଇ ଦାଣ୍ଡମୁକୁନ୍ଦପୁର ବାଇପାସ୍ ରାସ୍ତା ପାରି ହେବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେବାରେ ଘଟଣାସ୍ଥଳରେ ଓମ୍‌ର ମୃତ୍ୟୁ ହୋଇଯାଇଥିଲା। ଏଥିରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଓମ୍‌ର ମୃତଦେହକୁ ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ, ଏସ୍‌ଆଇ ସୁରମା ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଟୋଲ୍‌ଗେଟର ସିସିଟିଭିକୁ ଯାଞ୍ଚ କରାଯାଇ ଦୁର୍ଘଟଣା ଘଟାଇଥିବା ଗାଡିକୁ ଚିହ୍ନଟ କରି ଜବତ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

# 'ପାଇକ ବୀରଙ୍କ ପାଇଁ ଓଡ଼ିଶା ଗୌରବାନ୍ୱିତ'

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ

**ଖୋର୍ଦ୍ଧା ଅଫିସ,୧୬।୮:**

ଖୋର୍ଦ୍ଧା ହେଉଛି ବୀରତ୍ୱର ମାଟି। କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ପ୍ରବାହ ମାନ ସୃଷ୍ଟି କରି ଏକ ଜାଗରଣ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ମୁକ୍ତି ସଂଗ୍ରାମର ଏକ୍ତୁଡିଶାଳ ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ଅସ୍ମିତା। ବହୁ ସଂଗ୍ରାମୀଙ୍କ ଜନ୍ମଭୂମି ଓ କର୍ମଭୂମି ଭାବେ ଅଲିଭା ସ୍ୱାକ୍ଷର ବହନ କରିଛି। ଏମାଟିର ବରପୁତ୍ର ତଥା ପଞ୍ଚପାଇକ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ତାପଙ୍ଗ ଦଳବେହେରା, କୃପାସିନ୍ଧୁ ପାଟଷାଣୀ, ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ତ୍ୟାଗ, ବଳିଦାନକୁ ଏ ଜାତି କେବେ ଭୂଲି ପାରିବ ନାହିଁ। ପାଇକ ବୀରଙ୍କ ବୀରତ୍ୱ ପାଇଁ ଏ ମାଟି ଗୌରାବନ୍ୱିତ ହୋଇଛି। ଗୋଦାବରିଶ ମିଶ୍ର, ଗୋଦାବରିଶ ମହାପାତ୍ର, ସଚ୍ଚି ରାଉତରାୟ, ପର୍ଶୁରାମ ପଟ୍ଟନାୟକ, ମାୟାଧର ମାନସିଂ, କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପରି ଅନେକ ଯଶସ୍ୱୀ, ମହାନ ବ୍ୟକ୍ତିତ୍ୱ ଙ୍କୁ ଏ ମାଟି ଜନ୍ମ ଦେଇଛି। ରାଷ୍ଟ୍ର ଗଠନରେ ଏହି ମହାପୁରୁଷଙ୍କ ଅବଦାନ ଆଗାମୀ ପିଢି ପାଇଁ ପ୍ରେରଣାର ଉତ୍ସ।



ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ବୋଧନ ଦେଉଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଗ୍ରାମୀଣ ବିକାଶ, କୃଷି, ଅର୍ଥନୈତିକ ଅଭିବୃଦ୍ଧି. କ୍ରୀଡାର ଭିତିଭୂମି, ସହରାଞ୍ଚଳ ଉନ୍ନତି, ସୂଚନା ପ୍ରଯୁକ୍ତି, ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତୀକରଣ ଆଦି ଦିଗରେ ରାଜ୍ୟ ସମୃଦ୍ଧି ପଥରେ ଅଗ୍ରସର ହେଉଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ବିଜେବି ହାଇସ୍କୁଲ ପଡିଆରେ ଆୟୋଜିତ ୭୬ତମ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ତୁଷାରକାନ୍ତି ବେହେରା ଜାତୀୟ ପତାକା ଉତ୍ତୋଳନ ସହ ଅଭିଭାଦନ ଗ୍ରହଣ କରି ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ଏହି ଅବସରରେ କରୋନା ଯୋଦ୍ଧା ଭାବେ କେତେଜଣ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ଫାର୍ମାଷିଷ୍ଟ, ଅଗ୍ନିଶମ ଓ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟରିଆ, ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଉପଜିଲାପାଳ ଆଇ.ଗୌରବ ଶିବାଜୀ, ଡିଏଫଓ ପୂର୍ଣ୍ଣିମା ପାଣ୍ଡିଆନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହା ପରେ ମୁଖ୍ୟଅତିଥି ଜିଲା ମୁଖ୍ୟ ଚିକିତ୍ସାଳୟଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରିବା ସହ ବିଜେବି ହାଇସ୍କୁଲ ଚାରାରୋପଣ କରିଥିଲେ।

# ପୂର୍ବ ଶତ୍ରୁତାରୁ ଜେଲ ଫେରନ୍ତାଙ୍କୁ ଗୋଡ଼ାଇ ହାଣିଲେ



ଘଟଣାସ୍ଥଳରେ ପୋଲିସ ଯାଞ୍ଚ କରୁଛି।

**ଭୁବନେଶ୍ୱର,୧୬।୮(ବ୍ୟୁରୋ):**

- ଧାରୁଆ ଅସ୍ତ୍ର ନେଇ ଆସିଥିଲେ ୬ଯୁବକ
- ଆହତ ଓ ଆକ୍ରମଣକାରୀ ଗୋଟିଏ ଗୋଷ୍ଠୀର
- ପୂର୍ବରୁ ଜେଲ ଯାଇଥିଲେ ଆହତ ନୀଳାଚଳ

ନୟାପଲ୍ଲୀ ଥାନା ଅଧୀନ ଜୟଦେବବିହାର ବିଜୁ ପଟ୍ଟନାୟକ କଲେଜ ଛକରେ ମଙ୍ଗଳବାର ଜଣେ ଜେଲ ଫେରନ୍ତାଙ୍କୁ ତାଙ୍କ ଗୋଷ୍ଠୀର ୬ଜଣ ଯୁବକ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଫଳରେ ଯୁବକ ଜଣକ ଗୁରୁତର ହୋଇଛନ୍ତି। ସେ ହେଲେ ସାଲିଆ ସାହିର ନୀଳାଚଳ ବେହେରା(୩୦)। ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଡିସିପି ପ୍ରତୀକ ସିଂ କହିଛନ୍ତି, ଆକ୍ରମଣ କରିଥିବା ଯୁବକମାନେ ଅପରାଧୀ ଗୋଷ୍ଠୀ ସହ ସମ୍ପୃକ୍ତ। ସେମାନଙ୍କ ନାମରେ ପୂର୍ବରୁ ଆପରାଧିକ ମାମଲା ରହିଛି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି।

ସୂଚନା ଅନୁଯାୟୀ, ୨୦୨୧ ମେ ୧୦ରେ ଜଣେ ବ୍ୟକ୍ତିଙ୍କୁ ନୀଳାଚଳ ଓ ତାଙ୍କ ଗୋଷ୍ଠୀର ସଦସ୍ୟମାନେ ଆକ୍ରମଣ କରିଥିଲେ। ଏହି ମାମଲାରେ ନୀଳାଚଳ ଗିରଫ ହୋଇ ଜେଲ ଯାଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଗୋଷ୍ଠୀର ଅନ୍ୟ ଜଣେ ଯୁବକ ମଧ୍ୟ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପରେ ସେମାନେ ଜାମିନରେ ଆସିଥିଲେ। ହେଲେ କିଛି ଦିନ ତଳେ କୌଣସି କାରଣରୁ ତାଙ୍କ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ତେଣୁ ନୀଳାଚଳ ଉକ୍ତ ଗୋଷ୍ଠୀରେ ମିଶିବା ବନ୍ଦ କରି ଦେଇଥିଲେ। ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ନୀଳାଚଳ ବିଜୁ ପଟ୍ଟନାୟକ ଛକରେ ଛିଡ଼ା ହୋଇ କେତେଜଣଙ୍କ ସହ ଆଲୋଚନା କରୁଥିଲେ। ଏହି ସମୟରେ ୩ଟି ବାଇକ୍‌ରେ ତାଙ୍କ ୬ଜଣ ସାଥୀ ଯୁବକ ହଠାତ୍ ଆସି ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ନୀଳାଚଳ ଭୟରେ ଦୌଡ଼ିବାକୁ ଆରମ୍ଭ କରିଥିଲେ। ହେଲେ ଆକ୍ରମଣକାରୀମାନେ ଗୋଡ଼ାଇ ଗୋଡ଼ାଇ ଭୁଜାଲି ଭଳି ଧାରୁଆ ଅସ୍ତ୍ରରେ ହାଣିଥିଲେ। ନୀଳାଚଳ ତଳେ ପଡ଼ିଯିବା ପରେ ଆକ୍ରମଣକାରୀମାନେ ପଳାଇଥିଲେ।

# ରାଜଭବନରେ ଭାରତମାତାଙ୍କ ମୂର୍ତ୍ତି ଅନାବରଣ

**ଭୁବନେଶ୍ୱର, ୧୬।୮(ବ୍ୟୁରୋ)**

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ସୋମବାର ସ୍ୱାଧୀନତା ଦିବସରେ ରାଜଭବନରେ ସ୍ଥାପିତ ଭାରତମାତାଙ୍କ ମୂର୍ତ୍ତିକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅନାବରଣ କରିଛନ୍ତି। ମୂର୍ତ୍ତି ଅନାବରଣ କରି ରାଜ୍ୟପାଳ ଭାରତକୁ କେବଳ ମାତ୍ର ଭୂଗୋଳ ନୁହେଁ, ଜୀବନ୍ତ ଦେବୀ ଏବଂ ଆଦିଶକ୍ତିଙ୍କ ଏକ ରୂପ ଭାବେ ଅଭିହିତ କରିଛନ୍ତି। ସମଗ୍ର ବିଶ୍ୱର କଲ୍ୟାଣ ଉଦ୍ଦେଶ୍ୟରେ ମାତାଙ୍କ ଆବିର୍ଭାବ ହୋଇଛି ବୋଲି ଉଲ୍ଲେଖ କରି ରାଜ୍ୟପାଳ ଏହି ମୂର୍ତ୍ତି ଆମ ସମସ୍ତଙ୍କୁ ଅନୁପ୍ରାଣିତ ଓ ଅନୁପ୍ରେରିତ କରିବ ବୋଲି ଆଶା ପ୍ରକଟ କରିଛନ୍ତି। ଅନାବରଣ ଉତ୍ସବରେ ପଦ୍ମଭୂଷଣ ପ୍ରତିଭା ରାୟ, ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦି, ତୁଳସୀ ମୁଣ୍ଡା, କୁମ୍‌କୁମ୍ ମହାନ୍ତି, ଇଲିଆନା ଚିତାରିସ୍ତି, ଅରୁଣା ମହାନ୍ତି, ସାବରମତୀ ଓ ଶ୍ୟାମାମଣି ଦେବୀ ଅତିଥି ରୂପେ ଯୋଗଦେଇଥିଲେ। ଶିଳ୍ପୀ ବିଶ୍ୱନାଥ ରଣା ଭାରତମାତାଙ୍କ ଏହି ମୂର୍ତ୍ତି ନିର୍ମାଣ କରିଛନ୍ତି। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ରାଜଭବନର ଅଧିକାରୀ ତଥା କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ରାହୁରେଖା ଲାଗି ନୀତି ସମ୍ପନ୍ନ

**ପୁରୀ ଅଫିସ,୧୬।୮**

ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀତିଥି ମଙ୍ଗଳବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ସୁନା ରାହୁରେଖା ଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ରାହୁରେଖା ଲାଗି କରିଛନ୍ତି। ଏଥିପାଇଁ ନୀତି ସମୟରେ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଶ୍ରୀମନ୍ଦିରରେ ଭୋଗମଣ୍ଡ ନୀତି ସମ୍ପନ୍ନ ପରେ ପାଳିଆ ପୁଷ୍ପାଳକ ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଝୋବାକଣ୍ଠି ମଇଲମ କରିଥିଲେ। ପରେ ମହାଜନ ସେବକ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଜ ଘରକୁ ବିଜେ କରାଇଥିଲେ। ଶୁଦ୍ଧସୁଆରମାନେ ରତ୍ନସିଂହାସନ ତଳେ ଓଷୁଅ ପ୍ରସ୍ତୁତ କରିଥିଲେ। ଅପରାହ୍ନ ପ୍ରାୟ ୨ଟା ୨୦ରେ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ପରେ ଦଇତାପତି ସେବକମାନେ ୩ଟାରେ ଗର୍ଭଗୃହକୁ ପ୍ରବେଶ କରି ମହାପ୍ରଭୁଙ୍କୁ ରାହୁରେଖା ଲାଗି ସମସ୍ତ ନୀତିକାନ୍ତି ଅନୁଯାୟୀ ରାହୁରେଖା ଲାଗି ପ୍ରସ୍ତୁତ ହୋଇଥିଲେ। ପରେ ସବୁ ନୀତିକାନ୍ତି ହୋଇ ସମସ୍ତ ଦଇତାପତି ମିଶି ଶୁଦ୍ଧସୁଆରଙ୍କଠାରୁ ଓଷୁଅ ଓ ଚାଙ୍ଗଡ଼ା ମେକାପଙ୍କଠାରୁ



ବଇତମ (ସଫା କନା) ନେଇ ଠାକୁରଙ୍କ ଶ୍ରୀମୁଖରେ ରାହୁରେଖା ଲାଗି କରିଥିଲେ। ନୀତି ସମ୍ପନ୍ନ ହେବା ପରେ ଦଇତାପତି ସେବକମାନେ ଶ୍ରୀମନ୍ଦିରୁ ସନ୍ଧ୍ୟା ୬ଟା ୪୦ରେ ପ୍ରସ୍ଥାନ କରିଥିଲେ। ଏହାପରେ ରତ୍ନସିଂହାସନ ପୋଛା ମରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ, ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ କରି ଜ୍ୱରରେ ପଡ଼ିବା ପରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖରୁ ରାହୁରେଖାକୁ କାଢି ଦିଆଯାଇଥିଲା। ଚିତାଲାଗି ଅମାବାସ୍ୟାରେ ରତ୍ନ ଚିତା ଲାଗି କରାଯାଇଥିବା ବେଳେ ଓ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀରେ ରାହୁରେଖା ଲାଗି କରାଯାଇଛି ।

# 'ହିଂସାଠାରୁ ସମସ୍ତେ ଦୂରେଇ ରୁହନ୍ତୁ'

**ନିରାକାରପୁର,୧୬।୮(ଡି.ଏନ୍.ଏ.):**

ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ସରପଞ୍ଚ କାଦମ୍ବିନୀ ବେହେରା, ସମିତିସଭ୍ୟା ଲୋପାମୁଦ୍ରା ଦାଶ, ଟାଙ୍ଗୀ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ୧୨ନଂ. ଜୋନର ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଖବରଦାତା, କୃତୀ ଛାତ୍ରୀଛାତ୍ରଙ୍କ ସମେତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁଭମ ଦାଶ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ।

**ବାଣପୁର,(ଡି.ଏନ୍.ଏ.):** ବାଣପୁରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କୋର୍ଟ ପରିସରରେ ସହକାରୀ ସେସନ୍ସ ଜଜ୍ ମନୋରଞ୍ଜନ ମିଶ୍ର ପତାକା ଉତ୍ତୋଳନ କରିଥିଲେ। ସେହିପରି ଥାନା ପରିସରରେ ଥାନା ଅଧିକାରୀ ଜୟ ପ୍ରକାଶ ପରିଡା, ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲି ପତାକା ଉତ୍ତୋଳନ କରିଥିଲେ। ବିଜେଡି କାର୍ଯ୍ୟାଳୟରେ




ସ୍ୱାଧୀନତା ଦିବସ ସମାରୋହରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ପୂର୍ବତନ ବିଧାୟକ ରଘୁନାଥ ସାହୁ, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ନଗରପାଳ ମିଟୁ ନାୟକ, ନେହେରୁ ସେବା ସଂଘରେ ସମ୍ପାଦିକା ସରୋଜିନୀ ଦାସ, ଭଗବତୀ ସେନାର ସଭାପତି ମାନସ ପ୍ରଧାନ, କଳିଙ୍ଗ ବୈଶ୍ୟ ମହାଲକ୍ଷ୍ମୀ ମହିଳା ସଂଘ ସୌଦାମିନୀ ସୁବୁଦ୍ଧି, ଦେବୋତ୍ତର କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ଏବଂ ଚିଲିକା ମୁକ ଓ ବଧିର ସଂଘରେ ସାମ୍ବାଦିକ ଅମିତାଭ ପଟ୍ଟଯୋଶୀ ପତାକା ଉତ୍ତୋଳନ କରିଥିଲେ।

**ଜଟଣୀ,(ଡି.ଏନ୍.ଏ.):** ଜଟଣୀ ସହର ଏବଂ ଗ୍ରାମାଞ୍ଚଳର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜଟଣୀ ଆରଗୁଳସ୍ଥ ଆଇଆଇଟି ଭୁବନେଶ୍ୱର, ନାଇଜର ଭୁବନେଶ୍ୱର, ଜଟଣୀ ମହାବିଦ୍ୟାଳୟ, ଜଟଣୀ ଉଚ୍ଚ ବିଦ୍ୟାଳୟ, ଜଟଣୀ ଥାନା, ଜଟଣୀ କୋର୍ଟ, ଅଗ୍ନିଶମ କାର୍ଯ୍ୟଳୟ, ଜଟଣୀ ଯୁଥ ଫେଡେରେସନ, ଆଶ୍ରୟ, ଆଶା କିରଣ ହୋମ, ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ, ଜଟଣୀ ଅଟ ଆସୋସିଏଶନ, ଜଟଣୀ ଲୟର୍ସ ଆସୋସିଏଶନ, ପତଞ୍ଜଳି ନିଃଶୁଳ୍କ ଯୋଗ ଶିବିର, ଶ୍ରମିକ କଂଗ୍ରେସ, ଆଶା ପ୍ଲେ ସ୍କୁଲ,ମାରୱାଡି ଯୁବ ମଞ୍ଚ ଏବଂ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପକ୍ଷରୁ ରେଳ ଖେଳପଡ଼ିଆ ପରିସରରେ ପାଳିତ ହୋଇଥିଲା। ରେଳମଣ୍ଡଳ ପ୍ରବନ୍ଧକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ।

**ଯାଁଳା,(ଡି.ଏନ୍.ଏ.):** ଯାଁଳା ଓ ଏହାର ଆଖପାଖ ଅଞ୍ଚଳରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଯାଁଳା ପଞ୍ଚାୟତରେ ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ସଭାପତିତ୍ୱରେ ବିଜେଡି ଖୋର୍ଦ୍ଧା ଜିଲା ସଭାପତି ବିଭୁତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

**କୃଷ୍ଣପ୍ରସାଦ,(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ପରିସରରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ଜାତୀୟ ପତକା ଉତ୍ତୋଳନ କରିଥିବା ବେଳେ ବିଡିଓ ମନୋଜ ନାୟକ, ସିଡିପିଓ ମନୋରମା ଦେବୀ, ଅଭିନ୍ନ ପଲାଇ, ରଶ୍ମିରଞ୍ଜନ ସାହୁ, ସନ୍ମୟ ଭୂଷଣ ପରିଡା, କୁବେର ଜେନା, ରଞ୍ଜନ ବେହେରାଙ୍କ ସମେତ ଅନ୍ୟକର୍ମଚାରୀ ସାମିଲ ହୋଇଥିଲେ। ସେହିପରି ତହସିଲ କାର୍ଯ୍ୟାଳୟରେ ତହସିଲଦାର ଉଲ୍ଲାସ କୁମାର ସେଠୀ ପତକା ଉତ୍ତୋଳନ କରିଥିଲେ। ଥାନା ପରିସରରେ ଆରକ୍ଷୀ ନିରୀକ୍ଷକ ଶରତ ନାୟକ, ହରିପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବଡଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଇଓ ଆର୍ତ୍ତତ୍ରାଣ ମିଶ୍ର ପତାକା ଉତ୍ତୋଳନ କରିଥିଲେ।

**ବୋଲଗଡ,(ଡି.ଏନ.ଏ):** ବୋଲଗଡ ବ୍ଲକର ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ମାନେ ନିଆରା ଢଙ୍ଗରେ ସ୍ୱାଧୀନତା ଦିବସ ପାଳନ କରିଥିଲେ। ସଙ୍ଗଠନର ବ୍ଲକ ସଂଯୋଜକ ଜୟନ୍ତ ତ୍ରିପାଠୀ ଗେଡିଆପଲ୍ଲୀ ନିକଟସ୍ଥ କଣ୍ଟିଯୋର ଠାରେ ଧାନକ୍ଷେତ ଓ ବାଇଗଣ କିଆରିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଖଙ୍ଗୁରିଆ ଓ ବାୟାପଲ୍ଲୀ ଗ୍ରାମ ନିକଟ ଧାନକ୍ଷେତରେ ଜାତୀୟ ପତାକା ଉଡାଇଥିଲେ। ବାମନ ସରକାରୀ ଉଚ୍ଚବିଦ୍ୟାଳୟ ମିନି ଷ୍ଟାଡିୟମରେ ବିଧାୟକ ରାଜେନ୍ଦ୍ର ସାହୁ, ପରମାନନ୍ଦ ମହାବିଦ୍ୟାଳୟ ରେ ଅଧ୍ୟକ୍ଷ ରବୀନ୍ଦ୍ରନାଥ ପାଣିଗ୍ରାହୀ ପତାକା ଉତ୍ତୋଳନ କରିଥିଲେ।

**ଓଡ଼ିଶା ସାହିତ୍ୟ ଏକାଡେମୀର କବିତା ପାଠ**

ପୁରୀ ଅଫିସ - ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ କବିତା ପାଠ ଭକ୍ତ ସାଲବେଗ ପୀଠ ସମ୍ମିଳନୀ କକ୍ଷ ପରିସରରେ ଅନୁଷ୍ଠିତ ହୋଇଛି। ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତ ରାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଏକାଡେମୀ ସଦସ୍ୟ ସୁଲେଖିକା ଡ. ପ୍ରତିଭା ମହାରଥୀ ଯୋଗଦାନ କରି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୁରୀର କବିମାନେ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ। ପ୍ରିୟପତ୍ରର ସମ୍ପାଦକ ବିପିନି ବିହାରୀ ଦଳାଇ ଓ ଅଭିନନ୍ଦନିକା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି କବିତାଗୁଡିକ ସଂଯୋଜନା କରିଥିଲେ। ଆବାହକ ସାହିତ୍ୟିକ ବିରେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଆଜି କ'ଣ କେଉଁଠି

**ପୁରୀ**

- ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସଂସ୍କୃତ ଦିବସ ପାଳିତ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା ୩୦।

**ସାକ୍ଷୀଗୋପାଳ**

- ମାରୱାଡି ଯୁବମଞ୍ଚ ଭୁବନେଶ୍ୱର ଓ ସେବାୟତ ସଂଘ ସାକ୍ଷୀଗୋପାଳ ପକ୍ଷରୁ ରକ୍ତଦାନ ଶିବିର, ସାକ୍ଷୀଗୋପାଳ ମନ୍ଦିର ପାନ୍ଥଶାଳା, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ନାବାଳକଙ୍କ ମୃତ୍ୟୁ

ପିପିଲି,୧୬।୮(ସ୍ୱ.ପ୍ର.)- ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଦାଣ୍ଡମୁକୁନ୍ଦପୁର ବାଇପାସ୍ ରାସ୍ତାରେ ସୋମବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ ବିଲମଲିକ ସାହିର ଯୋଗେନ୍ଦ୍ର ମଲ୍ଲିକଙ୍କ ପୁଅ ଓମ୍(୯)। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୋମବାର ଅପରାହ୍ନରେ ଯୋଗେନ୍ଦ୍ର ଓ ତାଙ୍କ ସ୍ତ୍ରୀ ସୁକାନ୍ତି ବଜାରକୁ ଯାଉଥିଲେ। ତେବେ ସେମାନଙ୍କ ଅଜାଣତରେ ତାଙ୍କ ପୁଅ ଓମ୍‌ସାଇ ମଧ ପଛେ ପଛେ ବଜାରକୁ ଯାଉଥିଲେ। ଓମ୍‌ସାଇ ଦାଣ୍ଡମୁକୁନ୍ଦପୁର ବାଇପାସ୍ ରାସ୍ତା ପାରି ହେବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେବାରେ ଘଟଣାସ୍ଥଳରେ ଓମ୍‌ର ମୃତ୍ୟୁ ହୋଇଯାଇଥିଲା। ଏଥିରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଓମ୍‌ର ମୃତଦେହକୁ ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ, ଏସ୍‌ଆଇ ସୁରମା ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଟୋଲ୍‌ଗେଟର ସିସିଟିଭିକୁ ଯାଞ୍ଚ କରାଯାଇ ଦୁର୍ଘଟଣା ଘଟାଇଥିବା ଗାଡିକୁ ଚିହ୍ନଟ କରି ଜବତ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ପରିବାର ଲୋକ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

### ଯୁବନେତାଙ୍କୁ ମାଡ଼ ମାରି ଯୁବକ ଗିରଫ

ନିମାପଡ଼ା,୧୬।୮(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ରେଙ୍ଗାଳୋ ଗ୍ରାମର ଯୁବନେତାଙ୍କୁ ମାଡ଼ ମାରିବା ସହ ବାଉଁଶରେ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ବଡ଼ମାଛପୁର ଦକ୍ଷିଣ ମହଲା ଗ୍ରାମର ସେକ୍ ଜାକୀ ଓରଫ ସରତାଜ୍ ତମିନ୍। ଏନେଇ ପୋଲିସ ଏକ ମାମଲା (ନଂ. ୨୭୮/୨୨) ରୁଜୁ କରିଛି। ସୂଚନାନୁଯାୟୀ, ଯୁବନେତା ପ୍ରତାପଚନ୍ଦ୍ର ପରିଡ଼ା ସୋମବାର ରେଙ୍ଗାଳୋ ଛକରୁ ଘରକୁ ବାଇକ୍ ଯୋଗେ ଫେରୁଥିଲେ। ସରତାଜ ଦ୍ରୁତ ଗତିରେ ଆସି ଦକ୍ଷିଣ ମହଲାଠାରେ ପ୍ରତାପଙ୍କୁ ସାଇଡ୍ ମାରିବାରୁ ସେ ତଳେ ପଡିଯାଇଥିଲେ। କିଛି ସମୟ ମଧରେ ଦୁହିଁଙ୍କ ମଧରେ ବଚସା ହୋଇଥିଲା। ସରତାଜ୍ କ୍ରୋଧାନ୍ୱିତ ହୋଇ ପ୍ରତାପଙ୍କୁ ମାଡ ମାରି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଏକ ବାଉଁଶରେ ଆକ୍ରମଣ କରିବା ସହ ଧମକଚମକ୍ ଦେଇଥିଲେ। ଏନେଇ ପ୍ରତାପ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଏଥିରେ ଆହତ ହୋଇ ପ୍ରତାପ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# 'ସ୍ୱାଧୀନତାର ମୂଲ୍ୟକୁ ଅକ୍ଷୁଣ୍ଣ ରଖି ଶାନ୍ତିକୁ ଆପଣେଇବା'

**ପୁରୀ ଅଫିସ, ୧୬।୮ :**

ସ୍ୱାଧୀନତା ସ୍ୱେଚ୍ଛାଚାରିତା ନୁହେଁ। ଏହା ଶୃଙ୍ଖଳା, ସଦାଚାର, ଶାନ୍ତି ଓ ଉତ୍ତମ ବୁଝାମଣା ମଧରେ ବିକାଶ ଆଡ଼କୁ ଯାତ୍ରା କରିବାର ମନ୍ତ୍ର। ତେଣୁ ସ୍ୱାଧୀନତାର ମୂଲ୍ୟକୁ ଅକ୍ଷୁଣ୍ଣ ରଖି ଶାନ୍ତି ଓ ପ୍ରଗତି ବାଟକୁ ଆପଣେଇବାକୁ ଆହ୍ୱାନ ଦେଇଛନ୍ତି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ। ତାଳବଣିଆସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ୭୬ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ପୂଜାରୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର କେବଳ ପୁରୀ ଆଧାତ୍ମିକ କ୍ଷେତ୍ର ନୁହେଁ ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ମଧ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଓଡ଼ିଶାର ସାଂସ୍କୃତିକ, ସାହିତ୍ୟିକ, ସାମାଜିକ, ରାଜନୈତିକ ଇତିହାସକୁ ପୁରୀ ଜିଲାର ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି କହିବା ସହ ଭାରତର ବ୍ୟାପକ ଅଭିବୃଦ୍ଧି ସହ ତାଳ ଦେଇ ଓଡ଼ିଶା ରାଜ୍ୟ ବିକାଶ ଯାତ୍ରା ଅବ୍ୟାହତ ରଖିଛି ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ପରେ କୋଭିଡ ସମୟରେ ନିଃସ୍ୱାର୍ଥପର ସେବା ପାଇଁ ପିଣ୍ଟୁ ଦୀପ, ଚରଣ ନାଏକ, ସୁଚିତ୍ରା ନାଏକ ଓ କମଳା ନାଏକଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ ଏବଂ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗୃହ ରକ୍ଷୀ ସୁଦାମ ଚରଣ ପଟ୍ଟନାୟକ ଓ ଗୌରୀ ବେହେରାଙ୍କୁ ପୋଲିସ ପଦକ ପ୍ରଦାନ କରିଥିଲେ। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ।

ପରେ ଷ୍ଟାଡିୟମ ପରିସରରେ ବୃକ୍ଷ ରୋପଣ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଏକ ରକ୍ତ ଦାନ ଶିବିରକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସମର୍ଥ ବର୍ମା, ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ, ଭାରପ୍ରାପ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ ବଡ଼ଜେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟୁଷରୁ ସହରରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୂନ ପରିବେଷଣ କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।



ପୁରୀରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର ।

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ**

# ଶ୍ରୀମନ୍ଦିରରେ ରାହୁରେଖା ଲାଗି ନୀତି ସମ୍ପନ୍ନ

**ପୁରୀ ଅଫିସ,୧୬।୮**

ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀତିଥି ମଙ୍ଗଳବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ସୁନା ରାହୁରେଖା ଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ମଧରେ ଏହି ନୀତି ଅନ୍ୟତମ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ରାହୁରେଖା ଲାଗି କରିଛନ୍ତି। ଏଥିପାଇଁ ନୀତି ସମୟରେ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଶ୍ରୀମନ୍ଦିରରେ ଭୋଗମଣ୍ଡ ନୀତି ସମ୍ପନ୍ନ ପରେ ପାଳିଆ ପୁଷ୍ପାଳକ ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଖୋବାକଣ୍ଠି ମଇଲମ କରିଥିଲେ। ପରେ ମହାଜନ ସେବକ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଜ ଘରକୁ ବିଜେ କରାଇଥିଲେ। ଶୁଦ୍ଧସୁଆରମାନେ ରତ୍ନସିଂହାସନ ତଳେ ଓଷୁଅ ପ୍ରସ୍ତୁତ କରିଥିଲେ। ଅପରାହ୍ନ ପ୍ରାୟ ୨ଟା ୨୦ରେ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ପରେ ଦଇତାପତି ସେବକମାନେ ୩ଟାରେ ଗର୍ଭଗୃହକୁ ପ୍ରବେଶ କରି ମହାପ୍ରଭୁଙ୍କୁ ରାହୁରେଖା ଲାଗି ସମସ୍ତ ନୀତିକାନ୍ତି ଅନୁଯାୟୀ ରାହୁରେଖା ଲାଗି ପ୍ରସ୍ତୁତ ହୋଇଥିଲେ। ପରେ ସବୁ ନୀତିକାନ୍ତି ହୋଇ ସମସ୍ତ ଦଇତାପତି ମିଶି ଶୁଦ୍ଧସୁଆରଙ୍କଠାରୁ ଓଷୁଅ ଓ ଚାଙ୍ଗଡ଼ା ମେକାପଙ୍କଠାରୁ ବଇତମ (ସଫା କନା) ନେଇ ଠାକୁରଙ୍କ ଶ୍ରୀମୁଖରେ ରାହୁରେଖା ଲାଗି କରିଥିଲେ। ନୀତି ସମ୍ପନ୍ନ ହେବା ପରେ ଦଇତାପତି ସେବକମାନେ ଶ୍ରୀମନ୍ଦିରୁ ସନ୍ଧ୍ୟା ୬ଟା ୪୦ରେ ପ୍ରସ୍ଥାନ କରିଥିଲେ। ଏହାପରେ ରତ୍ନସିଂହାସନ ପୋଛା ମରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ, ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ କରି ଜ୍ୱରରେ ପଡ଼ିବା ପରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖରୁ ରାହୁରେଖାକୁ କାଢି ଦିଆଯାଇଥିଲା। ଚିତାଲାଗି ଅମାବାସ୍ୟାରେ ରତ୍ନ ଚିତା ଲାଗି କରାଯାଇଥିବା ବେଳେ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀରେ ରାହୁରେଖା ଲାଗି କରାଯାଇଛି ।

# ମହିଳାଙ୍କ ରକ୍ତହୀନତା ନିରୂପଣ ନେଇ ସଚେତନ

**ପୁରୀ ଅଫିସ,୧୬।୮**

ସ୍ୱାଧୀନତା ଦିବସ ଅବସରରେ ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ରକ୍ତହୀନତା ନିରୂପଣ ଏବଂ ସଚେତନତା ଶିବିର ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଗତ ୫ ବର୍ଷ ମଧରେ ରାଜ୍ୟରେ ଶିଶୁମାନଙ୍କର ହୀନତା ହାର ୪୫%ରୁ ବୃଦ୍ଧି ପାଇ ୬୪% ପହଞ୍ଚିଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ୫୧%ରୁ ବୃଦ୍ଧିପାଇ ୬୪.୪% ଥିବା ଭଳି ଉଦ୍‌ବେଗଜନକ ସ୍ଥିତି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟରୁ ଜାଣିବା ପରେ ମହିଳାମାନଙ୍କ ମଧରେ ରକ୍ତହୀନତା ପ୍ରତି ସଚେତନ ସୃଷ୍ଟି ଲକ୍ଷ୍ୟରେ ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖାର ମହିଳା ଓ ବାଲ ବିକାଶ ବିଭାଗ ପକ୍ଷରୁ ରକ୍ତହୀନତା ନିରୂପଣ ଏବଂ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏନିମିଆ ମୁକ୍ତ ଭାରତ ଅଭିଯାନ ଅନୁଯାୟୀ ଉକ୍ତ କାର୍ଯ୍ୟକ୍ରମରେ ୮୦ଜଣ ମହିଳାଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇ ରକ୍ତହୀନତା ଦୂରୀଭୂତ ହୋଇପାରିବ ସେ ସମ୍ପର୍କରେ ମହିଳାଙ୍କୁ ସଚେତନତା କରାଯାଇଥିଲା।

ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୭୮ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ଜିଲା ରେଡକ୍ରସ ସମିତି, ବଡ଼ଶଙ୍ଖ ଯୁବ ସାଂସ୍କୃତିକ ସଂସଦ, ଜିଲା ସ୍ୱାସ୍ଥ୍ୟ ସମିତିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ସୁଜାତା ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଜିତେନ୍ଦ୍ର ପାତ୍ର, ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ର ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦ ସଭାପତି ପ୍ରଫୁଲ୍ଲ ମିଶ୍ର, ସମ୍ପାଦକ ସୌମେନ୍ଦ୍ର ଦାସ, ମହିଳା ଓ ବାଲ ବିକାଶ କ୍ଷେତ୍ରୀୟ ସଚିବ ସୁପ୍ରୀତି ରଥ, ମୋନାଲିସା ପଟ୍ଟନାୟକ, ମୀରା ମହାରଣା, ରକ୍ତଦାନ ଶିବିର ଆବାହକ କାମଦେବ ଦାସ, ରକ୍ତ ଭଣ୍ଡାର ଅଧିକାରୀ ଦୀପକ ସାହୁ ଏବଂ ଡି. ନାରାୟଣ ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପୁରୀ ଘୋଡା ବଜାରସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ ବେଶରେ ଉପସ୍ଥିତ ଛାତ୍ରୀଛାତ୍ର।

# ସ୍ୱାଧୀନତା ସଂଗ୍ରାମୀଙ୍କ ବେଶରେ ଚମକିଲେ ଛାତ୍ରୀଛାତ୍ର

**ପୁରୀ ଅଫିସ,୧୬।୮**

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଅଠରନଳାସ୍ଥିତ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ କାର୍ତ୍ତିକ କୁମାର ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ହୋଇଥିବା ବେଳେ ସ୍ୱାଧୀନତା ସଂଗ୍ରାମୀଙ୍କ ବେଶରେ ଛାତ୍ରୀଛାତ୍ର ସଜ୍ଜିତ ହୋଇ ବିଭିନ୍ନ କାର୍ଯ୍ୟକ୍ରମ କରିଥିଲେ। ଘୋଡା ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍ୱାଧୀନତା ଦିବସ ପାଳନ ହୋଇଥିଲା। ଦନ୍ତ ଚିକିତ୍ସକ ତଥା ବିଦ୍ୟାଳୟର ପୂର୍ବ ଛାତ୍ରୀ ସୁଶ୍ରୀ ପ୍ରତିତୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ପ୍ରାୟ ୩୦ଜଣ ସ୍ୱାଧୀନତା ସଂଗ୍ରାମୀ ବେଶଧାରୀଙ୍କ ସମେତ ୯୦୦ଜଣ ଅଂଶଗ୍ରହଣ କରିଥିଲେ। ସଂଗ୍ରାମୀଙ୍କ ଜୀବନୀ କଥନ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଆର୍‌ଏସ୍‌ଏସ୍ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ସାହୁ ଯୋଗଦେଇଥିଲେ। ପରେ ସ୍କାଉଟ ଗାଇଡ଼ ଛାତ୍ରୀଛାତ୍ର ନଗର ପରିକ୍ରମା କରିଥିଲେ। ଅପରପକ୍ଷେ ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ ୭୫ଜଣ ମାଆଙ୍କ ଦ୍ୱାରା ସମୂହ ଦୀପଦାନ କରାଯାଇଥିଲା।

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାକୁ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଡା. ହରପ୍ରିୟା ଦାଶ ପରିଚାଳନା କରିଥିଲେ। ସେହିପରି ଭାରତ ସ୍କାଉଟ ଆଣ୍ଡ ଗାଇଡ୍‌ର ଶ୍ରୀକ୍ଷେତ୍ର ସି ରୋଭର କ୍ରିୟୁ ଆଣ୍ଡ ରେଞ୍ଜର ଟିମ୍ ପକ୍ଷରୁ ଲିଡର ରାଜେନ୍ଦ୍ର ହରିଚନ୍ଦନଙ୍କ ନେତୃତ୍ୱରେ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଛି। ଏଥିରେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇଥିଲେ। ଶୋଭାଯାତ୍ରାଟି ଗୁଣ୍ଡିଚା ମନ୍ଦିର ନିକଟରୁ ବାହାରି ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ଶୋଭାଯାତ୍ରା ବେଳାଭୂମି ଅଭିମୁଖେ ଯାଇ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସଭାପତି ରାକେଶ, ସମ୍ପାଦକ ପ୍ରବୀର

**ପିପିଲି,୧୬।୮(ସ୍ୱ.ପ୍ର./ଡି.ଏନ୍.ଏ.)**

ପିପିଲି ବଜାର ବ୍ୟବସାୟୀ ସଂଘର ପ୍ରଥମ କରି ନିର୍ବାଚନ ପ୍ରକ୍ରିୟାରେ ସମସ୍ତ ସଭ୍ୟ ନିର୍ବାଚିତ ହୋଇଛନ୍ତି। ଏହାପୂର୍ବରୁ ପ୍ରତି ତିନି ବର୍ଷରେ ଥରେ ମନୋନୀତ ହୋଇ ସମସ୍ତ ପଦବୀ ପୂରଣ କରାଯାଉଥିଲା। ଏହି ନିର୍ବାଚନରେ ମୋଟ ୫ଟି ପଦବୀ ପାଇଁ ୧୬ ଜଣ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସଂଘର କାର୍ଯ୍ୟାଳୟରେ ଶୃଙ୍ଖଳାର ସହ ମତଦାନ ସରିବା ପରେ ମଙ୍ଗଳବାର ଫଳାଫଳ ଘୋଷଣା କରାଯାଇଛି। ଏହି ନିର୍ବାଚନରେ ସଭାପତି ଭାବେ ରାକେଶ କୁମାର ମହାପାତ୍ର, ସମ୍ପାଦକ ଭାବେ ପ୍ରବୀର ହାଲଦାର, ଉପସଭାପତି ମାନସ ଦାସ, ସହ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର ଏବଂ କୋଷାଧକ୍ଷ ଭାବେ ଫିରୋଜ ଖାଁ ନିର୍ବାଚିତ ହୋଇଥିଲେ।

**ପିପିଲି ବଜାର ବ୍ୟବସାୟୀ ସଂଘ ନିର୍ବାଚନ**

# ଲିଟିଲ୍ ଷ୍ଟାର ଗ୍ରୁପର ଅଷ୍ଟାଦଶ ପାଠ ମଉଜ, ମେଧାବୀ ସମ୍ବର୍ଦ୍ଧନା

**ନିମାପଡ଼ା,୧୬।୮(ଡି.ଏନ୍.ଏ.):**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପର ଅଷ୍ଟାଦଶ ପାଠ ମଉଜ ସମାରୋହ ଓ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ ପାଟପୁର ଗ୍ରାମର ବାବା କପିଳେଶ୍ୱର ମହାଦେବଙ୍କ ପୀଠରେ ସୋମବାର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବାନରସେନାର ସମ୍ପାଦକ ଶିକ୍ଷାବିତ୍ ପ୍ରକାଶଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ଜଗତ ପ୍ରସାଦ ସାବ୍ତ, ପ୍ରାଧାପକ ରବୀନ୍ଦ୍ରନାଥ ପାଢ଼ୀ, ଅଧାପକ ସୁବ୍ରତ ମହାନ୍ତି, ଗ୍ରୁପର ଉପଦେଷ୍ଟା ଡ. ପ୍ରଣବ ସ୍ୱାଇଁ, ସାମାଜିକ କର୍ମୀ ଦିଲ୍ଲୀପ ଦାଶ, ଅଜୟ ମିଶ୍ର, ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଆଗାମୀ ଦିନରେ ଚରିତ୍ର ଗଠନରେ ବ୍ରତୀ ହେବା ସହ ଭଲ ମଣିଷ ଓ ଉତ୍ତମ ନାଗରିକ ହୋଇ ଦେଶ ଓ ରାଜ୍ୟର ଟେକ ରଖିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ନିମାପଡ଼ା, ଗୋପ, କୋଣାର୍କ ଅଞ୍ଚଳରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ରେ କୃତିତ୍ୱ ହାସଲ କରିଥିବା ୨୦ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ ସହ ମେଧାବୀ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବହୁ ଶିକ୍ଷାବିତ୍, ସାମାଜିକ କର୍ମୀ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ଶିକ୍ଷୟିତ୍ରୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।



ଲିଟିଲ୍ ଷ୍ଟାର ଗ୍ରୁପର ଅଷ୍ଟାଦଶ ପାଠ ମଉଜ ସମାରୋହ ଓ ମେଧାବୀ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

# ୪ଦିନ ଜିଲା ପରିକ୍ରମା କରିବ ଅହିଂସା ରଥ

**ପୁରୀ ଅଫିସ/ପିପିଲି/ନିମାପଡ଼ା, ୧୬।୮(ଡି.ଏନ୍.ଏ./ସ୍ୱ.ପ୍ର.):**

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମ ଓ ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଗସ୍ତର ବିଭିନ୍ନ କାର୍ଯ୍ୟକ୍ରମକୁ ସନ୍ନିବେଶିତ କରାଯାଇ ସର୍ବସାଧାରଣଙ୍କୁ ତାହାର ପ୍ରଦର୍ଶନ ଉଦ୍ଦେଶ୍ୟରେ ବ୍ୟବସ୍ଥା କରାଯାଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଅହିଂସା ରଥ ନାମରେ ୨ଟି ଭିଡିଓ ଗାଡି ମଙ୍ଗଳବାରଠାରୁ ୧୯ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲା ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ପୁରୀ ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ ଓ ଜନସାଧାରଣଙ୍କ ପକ୍ଷରୁ ଗୁଡିଆ ପୋଖରୀରେ ଏହି ସ୍ୱାଧୀନତା ସଂଗ୍ରାମ ସ୍ମୃତି ଅହିଂସା ରଥକୁ ସ୍ୱାଗତ କରାଯାଇଛି। ପରେ ଗୋଟିଏ ଭିଡିଓ ଭ୍ୟାନସ୍‌କୁ ପିପିଲି ଜବାହର ବିଦ୍ୟପୀଠ ପରିସରକୁ ଅଣାଯାଇ ଜନସାଧାରଣଙ୍କୁ ପ୍ରଦର୍ଶନ କରାଯାଇଛି। ପରେ ପିପିଲି ବ୍ଲକ ଅଞ୍ଚଳ ଓ ଏନ୍‌ଏସି ଅଞ୍ଚଳ ପରିକ୍ରମଣ କରାଯାଇଥିଲା। ସେହିପରି ଅନ୍ୟ ଭିଡିଓ ଭ୍ୟାନଟି ନିମାପଡା ବ୍ଲକ, ନିମାପଡା ଏନ୍‌ଏସିର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରିଥିଲା। ନିମାପଡା ବ୍ଲକ ହରିପୁରଠାରେ ଗଣଶିକ୍ଷା ମନ୍ତ୍ରୀ ଓ ପିପିଲିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅହିଂସା ରଥକୁ ସ୍ୱାଗତ କରିଥିବା ବେଳେ ଜନସାଧାରଣ ମଧ ସାମିଲ ହୋଇଛନ୍ତି।

ଏଥିରେ ବିଭିନ୍ନ ସ୍କୁଲ, କଲେଜର ଶହଶହ ଛାତ୍ରୀଛାତ୍ର, ଏନ୍‌ସିସି, ସ୍କାଉଟ୍‌ସ କ୍ୟାଡେଟ୍, ଶହଶହ ମହିଳା ସାମିଲ ହୋଇଥିଲେ। ରେଞ୍ଚ ଚିନ୍ତାମଣି ବିଦ୍ୟାପୀଠ, ହରିପୁର ଆଦର୍ଶ ଉଚ୍ଚ ବିଦ୍ୟାଳୟ, ଶ୍ରୀମୁଖ କଲ୍ୟାଣମଣ୍ଡପ, ନିମାପଡ଼ା ଦୋଳବେଦୀ ଛକ, ସାଇଲୋ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଚାରିଛକ ବଜାର, ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରୀଛାତ୍ର ରଥକୁ ସ୍ୱାଗତ କରିଥିଲେ। ଏହି ରଥ ପରିକ୍ରମା କାର୍ଯ୍ୟକ୍ରମରେ ବିଡିଓ ବସନ୍ତ କୁମାର ମଲ୍ଲିକ, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ କୁମାର ନନ୍ଦ, ବିନୋଦ ବିହାରୀ ପୁହାଣ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ବିଜେଡି ନେତା ଜୀବନାନନ୍ଦ ମହାପାତ୍ରଙ୍କ ସମେତ ବହୁ ନେତୃବୃନ୍ଦ, ଶିକ୍ଷାବିତ୍, କଲେଜ ଅଧାପକମାନେ ସାମିଲ ହୋଇଥିଲେ। ଦେଶାତ୍ମବୋଧକ ସଙ୍ଗୀତ, ନାରାବାଜିରେ ନିମାପଡ଼ା ସହର ପ୍ରକମ୍ପିତ ହେଉଥିଲା।

ଅନ୍ୟପକ୍ଷେ ୧୭ ତାରିଖରେ ଡେଲାଙ୍ଗ ବ୍ଲକ, ୧୮ତାରିଖରେ କଣାସ ଓ ସତ୍ୟବାଦୀ ବ୍ଲକ, ୧୯ତାରିଖରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ ପରିକ୍ରମଣ କରିବ। ଅନ୍ୟ ଭିଡିଓ ଗାଡ଼ିଟି ୧୭ ତାରିଖରେ କାକଟପୁର, ଅସ୍ତରଙ୍ଗ ଓ ଗୋପ ବ୍ଲକର କେତେକ ଅଞ୍ଚଳ, ୧୮ତାରିଖରେ ଗୋପ ବ୍ଲକ ଓ କୋଣାର୍କ ଏନ୍‌ଏସିର ବିଭିନ୍ନ ଅଞ୍ଚଳ, ୧୯ତାରିଖରେ ପୁରୀ ସଦର ବ୍ଲକ ଓ ପୁରୀ ପୌରାଞ୍ଚଳର ବିଭିନ୍ନ ଅଞ୍ଚଳ ପରିକ୍ରମା ଓ ପ୍ରଦର୍ଶନର କାର୍ଯ୍ୟକ୍ରମ ରହିଛି। ଏହି ଅହିଂସା ରଥର ସୁପରିଚାଳନା, ସ୍ୱାଗତ ଓ ସାଧାରଣରେ ପ୍ରଦର୍ଶନ ପାଇଁ ସମ୍ପୃକ୍ତ ବିଡିଓ, ପୌର ଓ ଏନ୍‌ଏସିର ନିର୍ବାହୀ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି।



ଅହିଂସା ରଥକୁ ନିମାପଡାରେ ମହିଳା ସଂଘ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଉଛି ।

## ଦୋକାନରୁ ଚୋରି, ଯୁବକ ଗିରଫ

କଟକ ଅଫିସ,୧୬।୮: ଦୋକାନରୁ ଟଙ୍କା ଚୋରି କରିବା ଅଭିଯୋଗରେ ଲାଲ୍‌ବାଗ ପୋଲିସ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଦିୱାନବଜାର ଅଞ୍ଚଳର ସେକ୍ ୱାସିଫ୍ ଓରଫ ଗୁଡ୍ଡୁ। ତାଙ୍କଠାରୁ ଏକ ସ୍କୁଟି ଓ ଗୋଟିଏ ମୋବାଇଲ ଜବତ କରାଯାଇଛି। ଗତ ୧୩ ତାରିଖ ଅପରାହ୍ନ ପ୍ରାୟ ୨ଟାରେ ଗୁଡ୍ଡୁ ନିମଚୌଡ଼ି ଅଞ୍ଚଳର ପ୍ରିୟରଞ୍ଜନ ସାହୁଙ୍କ ଦୋକାନରୁ ୧୯,୬୦୦ ଟଙ୍କା ଚୋରିକରି ନେଇଥିଲେ। ଏ ନେଇ ପ୍ରିୟରଞ୍ଜନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୮୪/୨୨) ରୁଜୁ କରିଛି।



## ସଂକ୍ଷେପରେ

### ପାରିବାରିକ କଳହ: ନଦୀକୁ ଡେଇଁ ଯୁବତୀ ନିଖୋଜ

**ନିଶ୍ଚିନ୍ତକୋଇଲି,୧୬।୮(ସ୍ୱ.ପ୍ର):** କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ବୁହାଲୋ ପଞ୍ଚାୟତ ବରପଡା ଗାଁରେ ପାରିବାରିକ କଳହରୁ ମଙ୍ଗୁଲି ପାତ୍ର(୧୯) ନାମ୍ନୀ ଜଣେ ଯୁବତୀ ରବିବାର ବରପଡା ସେତୁ ଉପରୁ ନଦୀକୁ ଡେଇଁ ପଡ଼ିଛନ୍ତି। ଖବରପାଇ ନିଶ୍ଚିନ୍ତକୋଇଲି ତହସିଲଦାର ଉମାକାନ୍ତ ବିଶ୍ୱାଳ, ଆଇଆଇସି ଚିନ୍ମୟୀ ସାହୁ, ନେମାଳ ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀ ଓ ଓଡ୍ରାଫ ଟିମ ପହଞ୍ଚି ନଦୀ ଗର୍ଭରେ ଦୁଇ ଦିନ ହେଲା ଖୋଜାଖୋଜି କରୁଥିଲେ ମଧ ଯୁବତୀଙ୍କ କୌଣସି ସନ୍ଧାନ ମିଳିପାରିନାହିଁ। ମଙ୍ଗୁଲି ନିଖୋଜ ହୋଇଯାଇଥିବାରୁ ପରିବାରରେ ନାନା ଆଶଙ୍କା ପ୍ରକାଶ ପାଇଛି। ଖବର ଲେଖା ହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ କରାଯାଇନାହିଁ।

### ରିକ୍ସା ଚାଳକଙ୍କ ସହ ପାଳିଲେ 'ଆଜାଦୀ କା ଅମୃତ ମହୋତ୍ସବ'

କଟକ ଅଫିସ,୧୬।୮: ସାମାଜିକ ସଂଗଠନ 'ଗୁଣ୍ଡୁଚି ମୂଷା' ତରଫରୁ ସାମାଜିକ କର୍ମୀ ଅଶ୍ୱିନୀ କୁମାର ପଣ୍ଡାଙ୍କ ଅଧକ୍ଷତାରେ ସ୍ୱାଧୀନତାର ୭୫ତମ ପୂର୍ତ୍ତି ଉତ୍ସବ ସ୍ଥାନୀୟ ବଜ୍ରକବାଟିସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। କଟକ ସହରର ରିକ୍ସା ଚାଳକମାନଙ୍କ ସହ ଗୁଣ୍ଡୁଚି ମୂଷା ଅନୁଷ୍ଠାନ 'ଆଜାଦି କା ଅମୃତ ମହୋତ୍ସବ' ପାଳନ କରିଛି। ଏହି ଅବସରରେ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ମାଳିସାହି ସଭାପତି ଗୌତମ ପରିଡ଼ା, ଶୁଭ୍ରାଂଶୁ ପରିଡ଼ା, ଶୁଭେଚ୍ଛା ସ୍ୱାଗତିକା, ସାମାଜିକକର୍ମୀ ପୁଷ୍ପଙ୍କ ବାନାର୍ଜୀ ପ୍ରମୁଖ ଉପସ୍ଥିତ ରହି ରିକ୍ସା ଚାଳକମାନଙ୍କୁ ସଂଗଠନ ପକ୍ଷରୁ ଟି-ଶାର୍ଟ, ଜାତୀୟ ପତାକା ଏବଂ ବିସ୍କୁଟ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସତ୍ୟପ୍ରିୟ ମହାନ୍ତି ପରିଚାଳନା କରିଥିଲେ।

### ୯ ଅଭିଯୋଗ ତ୍ୱରିତ ସମାଧାନ

**କଟକ ଅଫିସ, ୧୬।୮:** କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମୁଦାୟ ୧୭ଟି ଅଭିଯୋଗ ଶୁଣାଣି ପାଇଁ ଗ୍ରହଣ କରାଯାଇଥିଲା। ସେଥିମଧରୁ ୯ଟି ଅଭିଯୋଗ ଜିଲାପାଳ ତ୍ୱରିତ ସମାଧାନ କରିଥିଲେ। ଏହି ଶିବିରରେ କଟକ କନ୍ଦରପୁରସ୍ଥିତ କମାପୁର ଗ୍ରାମର ଦିବ୍ୟାଙ୍ଗ ସାହିଲ ଭୋଇଙ୍କ ଚିକିତ୍ସା ନିମନ୍ତେ ୫ହଜାର ଟଙ୍କା, ମାହାଙ୍ଗା ବ୍ଲକ ସବଳକଣା ଗ୍ରାମର ସରୋଜିନୀ ବେହେରାଙ୍କୁ କର୍କଟ ରୋଗ ଚିକିତ୍ସା ନିମନ୍ତେ ୫ ହଜାର ଓ ବ୍ରାହ୍ମଣସାଇଲୋ ଗୋବିନ୍ଦପୁର ଗ୍ରାମର ମିଟୁ ଓଝାଙ୍କୁ କର୍କଟ ରୋଗ ନିମନ୍ତେ ୫ହଜାର ଟଙ୍କା ଆର୍ଥିକ ସହାୟତା ଜିଲା ରେଡ୍‌କ୍ରସ ପାଣ୍ଠିରୁ ପ୍ରଦାନ କରାଯାଇଥିଲା। କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଅତିରିକ୍ତ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ କୃଷ୍ଣପ୍ରସାଦ ପଟ୍ଟନାୟକ, ଡେପୁଟି କଲେକ୍ଟର ପ୍ରସନ୍ନ କୁମାର ସେନାପତି, ଅଭିପ୍ସା ମହାନ୍ତି, ଡା. ଅଭିମନ୍ୟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମହାନଦୀରେ ବନ୍ୟା: ବହୁ ଗ୍ରାମ ଜଳବନ୍ଦୀ



ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଡଙ୍ଗାରେ ବନ୍ୟାଞ୍ଚଳ ବୁଲି ଦେଖୁଛନ୍ତି।


ବଡ଼ମ୍ବା ସିଂହନାଥ ମନ୍ଦିର ପରିସରରେ ବନ୍ୟାଜଳ।

**ବାଙ୍କୀ/ଆଠଗଡ଼/ବଡ଼ମ୍ବା/ଡିଗିରିଆ, ୧୬।୮(ସ୍ୱ.ପ୍ର./ଡି.ଏନ୍.ଏ)**

ମହାନଦୀରେ ବନ୍ୟା ଯୋଗୁ କଟକ ଜିଲାର ବିଭିନ୍ନ ଗ୍ରାମ ଜଳାର୍ଣ୍ଣବ ହୋଇଯାଇଛି। ବହୁ ଗ୍ରାମରେ ଯାତାୟାତ ଠପ୍ ହୋଇଯାଇଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ଗ୍ରାମରେ ସହାୟତା ଯୋଗାଇ ଦିଆଯାଉଛି। ବାଙ୍କୀ–କଟକ ମୁଖ୍ୟ ରାସ୍ତାର କଇଁମୁଣ୍ଡି ଠାରୁ ପାଥପୁର ପର୍ଯ୍ୟନ୍ତ ପ୍ରାୟ ୨କି.ମି. ବନ୍ୟାଜଳ ୩ ଫୁଟ ଉଚ୍ଚତାରେ ପ୍ରବାହିତ ହେଉଛି। ସେହିପରି ବାଙ୍କୀ–କଳାପଥର ଭାୟା ଚନ୍ଦ୍ରପା ସେତୁ ଉପରେ ୭ଫୁଟ ଉଚ୍ଚତାର ବନ୍ୟାଜଳ ପ୍ରବାହିତ ହେଉଛି। ପଶ୍ଚିମ ବାଙ୍କୀ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ବାଙ୍କୀ–ଖୋର୍ଦ୍ଧା ରାସ୍ତାର ତୁଳସୀପୁର ଗଙ୍ଗା ପୋଲଠାରେ ବନ୍ୟାଜଳ ପ୍ରବାହତ ହେଉଛି। ସରଣ୍ଡା ଅଞ୍ଚଳର ହୁଲାହୁଲା ସେତୁ ଉପରେ ପ୍ରବଳ ପାଣି ଚାଲୁଥିବାରୁ ଯାତାୟତ ବନ୍ଦ ହୋଇଯାଇଛି। ବାଙ୍କୀ ଉପଖଣ୍ଡର ଅଧିକାଂଶ ଚାଷଜମିରେ ବନ୍ୟାଜଳ ମାଡିଯିବା ଫଳରେ ଧାନ ଓ ପନିପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବିପନ୍ନମାନଙ୍କୁ ବାଙ୍କୀ ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ଭିତିରେ ଶୁଖିଲା ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି ବୋଲି ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ପ୍ରକାଶ କରିଛନ୍ତି । ବାଙ୍କୀ ବ୍ଲକର ୯ ପଞ୍ଚାୟତର ୨୯ ଗ୍ରାମର ୩୦ ହଜାର ୮୪୧ଲୋକ ଜଳବନ୍ଦୀ ହୋଇଯାଇଛନ୍ତି । ସେମାନଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ଦିଆଯାଇଛି । ଡମପଡ଼ା ବ୍ଲକର ୧୭ ପଞ୍ଚାୟତର ୩୪ ଗ୍ରାମର ୧୯ହଜାର ୭୦୦ଲୋକ ଜଳବନ୍ଦୀ ହୋଇଛନ୍ତି। ବନ୍ୟା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ବାଙ୍କୀ ମୁଖ୍ୟ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତ ରାୟ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି। ବାଙ୍କୀରେ ବନ୍ୟା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଏନଡିଆରଏଫ୍‌ର ଗୋଟିଏ ଟିମ ସହ ୪ବୋଟ, ଓଡ୍ରାଫ୍‌ର ୨ଟିମ ସହ ୨ବୋଟ., ଅଗ୍ନିଶମ ବିଭାଗର ୨ଟି ବୋଟ, ଏସଆରସି ୪ ବୋଟ, ଦେଶୀ ଡଙ୍ଗା ୬ଟି ବିଭିନ୍ନ ଜାଗାରେ ମହଜୁଦ ରଖାଯାଇଛି । ବାଙ୍କୀରେ ବିପଦ ସଙ୍କେତ ଉପରେ ଜଳସ୍ତର ରହିଛି। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଡଙ୍ଗାରେ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ , ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲାପରିଷଦ ସଭ୍ୟ ଆଶିଷ କୁମାର ସାହୁ, ବାଙ୍କୀ –କଟକ ରାସ୍ତାର କଇଁମୁଣ୍ଡି ଠାରେ ପହଞ୍ଚି ବନ୍ୟାଜଳ ସମ୍ପର୍କରେ ଅନୁଧ୍ୟାନ କରି ଫେରିଯାଇଛନ୍ତି ।

ଆଠଗଡ଼ର ବ୍ଲକର ୧୬ ପଞ୍ଚାୟତର ୫୦ଗ୍ରାମ ବନ୍ୟା ଯୋଗୁ ପ୍ରଭାବିତ ହୋଇଛି। କଟକିଆ ସାହି, ମଞ୍ଚେଶ୍ୱର, ଧୁରୁଷିଆ, ଅନନ୍ତପୁର,ଛଅ ଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମ ଜଳବନ୍ଦୀ ହୋଇଯାଇଛି। ଏହି ସମସ୍ତ ଗ୍ରାମର ୪,୮୩୮ ଜଣଙ୍କୁ ପ୍ରଶାସନ ପକ୍ଷରୁ ୮ ଆଶ୍ରୟସ୍ଥଳୀକୁ ବିସ୍ଥାପିତ କରାଯାଇଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭନ୍ନ ଅଞ୍ଚଳ ପରିଦର୍ଶନ କରି ବନ୍ୟା ପୀଡିତଙ୍କୁ ଭେଟିଛନ୍ତି। ଏହାଛଡା ରାଜନଗର, ବେଣ୍ଟପଦା,ମେଘା, କଟକିଆସାହି, ମହାକାଳବସ୍ତ ,ଧୁରୁଷିଆ, ଅନନ୍ତପୁର,ମଞ୍ଚେଶ୍ୱର, କନ୍ଦରପୁର, କୁଲାଇଲୋ, ତରଡିଙ୍ଗ, ଯୋରନ୍ଦା, ଡାଳଭାଗ, କଣ୍ଡରେଇ, ଖୁଣ୍ଟୁଣୀ, ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚାଷ ଜମି ପାଣିରେ ବୁଡି ରହିଛି। ମହାନଦୀରେ ବନ୍ୟାଜଳ ବୃଦ୍ଧି ପାଉଥିବାରୁ ସାପୁଆ, କଣ୍ଟିଆ, ଫିଙ୍ଗା ଆଦି ଛୋଟ ନଦୀଗୁଡ଼ିକରୁ ଜଳ ନିଷ୍କାସନ ହୋଇ ପାରୁ ନାହିଁ, ଫଳରେ ପରିବା ଚାଷ ପାଣି ବୁଡି ନଷ୍ଟ ହୋଇଯାଇଛି। ଆଠଗଡ ଦେଇ ଯାଇଥିବା କଟକ–ସମ୍ବଲପୁର ରାସ୍ତାର ମାଧପୁରସ୍ଥିତ ଡାଉରଙ୍ଗ ପୋଲନିକଟରେ କଣ୍ଟିଆ ନଦୀର ପାଣି ରାସ୍ତା ଉପରେ ୫ଫୁଟ ଉପରେ ଚାଲିଛି। ଘଣ୍ଟିଖାଲ ଗଡା ରେ ମହାନଦୀର ପଛୁଆ ଜଳ ରାସ୍ତା ଉପରେ ଚାଲିବା ଫଳରେ ଏ ରାସ୍ତା ଦେଇ ଗମନାଗମନ ବାଧାପ୍ରାପ୍ତ ହୋଇଛି। ପ୍ରଶାସନ ତରଫରୁ ବନ୍ୟା ଘେରରେ ଥିବା ଲୋକଙ୍କୁ ରନ୍ଧାଖାଦ୍ୟ,ପାନୀୟ ଜଳ, ମହମବତୀ ଆଦି ଯୋଗାଇ ଦିଆଯାଇଛି। ମନ୍ତ୍ରୀ ସ୍ୱାଇଁ ଆଠଗଡ଼ ବ୍ଲକ ସଭାଗୃହରେ ଏହାର ସମୀକ୍ଷା କରିଛନ୍ତି।

ବଡମ୍ବାର ଗୋପୀନାଥପୁର ଗ୍ରାମ ନିକଟସ୍ଥ ମହାନଦୀ ମଧ ଭାଗରେ ଥିବା ପ୍ରଭୁ ସିଂହନାଥ ଦେବଙ୍କ ମନ୍ଦିରକୁ ମହାନଦୀ ବନ୍ୟା ଜଳ ପ୍ରବେଶ କରିଛି. ଫଳରେ ସିଂଘନାଥଙ୍କ ବିଗ୍ରହକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ପୂଜାର୍ଚ୍ଚନା କରା ଯାଉଛି। ମହାନଦୀ ର ଜଳସ୍ତର ବୃଦ୍ଧି ପାଉ ଥିବାରୁ ଶ୍ରଦ୍ଧାଳୁଙ୍କୁ

### ରାସ୍ତାରେ ପାଣି ଯୋଗୁ ଯାତାୟାତ ଠପ୍

ମନ୍ଦିର ନ ଯିବା ପାଇଁ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

ଡିଗିରିଆ ବ୍ଲକର ବଡ଼ନାଉପୁଟ, ହାଟମାଳ ଏବଂ ଗଦାଧରପୁର ସହ ପୁରୁଣାଡିଗିରିଆ ପଞ୍ଚାୟତର ଚଷାଆଁରା ଗ୍ରାମରେ ବନ୍ୟାଜଳ ପଶିବା ଯୋଗୁ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛନ୍ତି। ୩ ଦିନ ହେବ ଚଷାଆଁରା ଗ୍ରାମର ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ପ୍ରଶାସନ ପକ୍ଷରୁ ମଙ୍ଗଳବାର ୪ଟି ପଞ୍ଚାୟତର ୯ଟି ଗ୍ରାମରେ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି ବୋଲି ବିଡିଓ ପ୍ରଣବ କୁମାର ବେହେରା ସୂଚନା ଦେଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ସେବା ଯୋଗାଇ ଦେବାକୁ ୩ଟି ବୋଟ ବ୍ୟବସ୍ଥା କରାଯାଇଛି।

ବଡ଼ନାଉପୁଟ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡହତା ଗ୍ରାମ ଏବଂ ଉକ୍ତ ଗ୍ରାମର ସାଇ କଲୋନୀରେ ପ୍ରାୟ ୫ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚରେ ବନ୍ୟାଜଳର ଲହଡ଼ି ମାରୁଛି। ସେହି ପଞ୍ଚାୟତର ଶାଳିଜଙ୍ଗା, ବଉଳାଙ୍ଗ ଏବଂ ବଡ଼ନାଉପୁଟରେ ବନ୍ୟାଜଳ ଲୋକଙ୍କ ଘରେ ପ୍ରବେଶ କରିଛି। ସେହିପରି ହାଟମାଳ ପଞ୍ଚାୟତର ବିଷ୍ଣୁପୁର, ହାଟମାଳ, ଶୁଣ୍ଢିପାଳ, ନନ୍ଦପୁର ଏବଂ ସାମପୁର ବନ୍ୟାଜଳ ଘେରରେ ରହିଛି। ଗଦାଧରପୁର ପଞ୍ଚାୟତର ଗଦାଧରପୁର, ରଘୁରାମପୁର, କଳିବିର ମୁଣ୍ଡିଆ ସାହି, କଣ୍ଣିପୁର ଆଦି ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇ ରହିଛି। ସ୍ଥାନୀୟ ବିଧାୟକ ତଥା ରାଜ୍ୟ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦିନତମାମ ବୁଲି ସ୍ଥିତି ତଦାରଖ କରିଛନ୍ତି। ସେ ଲୋକଙ୍କ ଅଭିଯୋଗ ମୁତାବକ ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ଦେଖି ତୁରନ୍ତ ସେସବୁ ସ୍ଥାନରେ ଦୃଷ୍ଟି ରଖିବାକୁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ନଦୀ ପଠାରୁ ବନ୍ୟା ବିପନ୍ନଙ୍କୁ ସ୍ଥାନାନ୍ତର

**କଟକ ସଦର, ୧୬।୮(ଡି.ଏନ.ଏ.):** କଟକ ସଦର ବ୍ଲକ ଅଧୀନ ଗତିରାଉତପାଟଣା ଓ ଝିଙ୍କିରିଆରେ ବନ୍ୟାଜଳ ପ୍ରବେଶ କରିଛି। ଫଳରେ ନଦୀପଠାରେ ବାସ କରୁଥିବା ଜନଜାତି ପରିବାର ସଦସ୍ୟଙ୍କୁ ନିରାପଦ ସ୍ଥାନକୁ ମଙ୍ଗଳବାର ସ୍ଥାନାନ୍ତର କରାଯାଇଛି। ଗତିରାଉତ ପାଟଣା କଲ୍ୟାଣ ମଣ୍ଡପରେ ମହାନଦୀ ପଠାର ଲୋକଙ୍କୁ ରଖା ଯାଇଥିବାବେଳେ ଝିଙ୍କିରିଆ ଅଞ୍ଚଳର ବନ୍ୟା ବିପନ୍ନଙ୍କୁ ସ୍ଥାନୀୟ ସ୍କୁଲରେ ରଖାଯାଇଛି। ଏ ନେଇ ବିଡିଓ ରାଜୀବ ଲୋଚନ ପରିଡା କହିଛନ୍ତି, ଦିନବେଳା ଚୁଡ଼ା, ଗୁଡ଼ ଓ ବିସ୍କୁଟ ଦିଆଯାଇଥିବାବେଳେ ରାତିରେ ରନ୍ଧା ଖାଦ୍ୟ ଦିଆଯିବା ବ୍ୟବସ୍ଥା ହୋଇଛି। ସେହିପରି ଆୟଉପୁର ପଞ୍ଚାୟତ ଅଧୀନ ଦାମୋଦରପୁର ମୁସ୍‌ଲିମ ସାହି ନିକଟରେ ଥିବା ଘେରିବନ୍ଧରେ ଘଳିଆ ପଡିବା ଯୋଗୁ ୧୦୦ରୁ ଉର୍ଦ୍ଧ୍ୱ ପରିବାରକୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

### ଦେବୀ, କନ୍ଦଳ ନଦୀର ବନ୍ୟାଜଳ ବିପଦ ସଙ୍କେତ ଟପିଲା

**କଣ୍ଟାପଡା, ୧୬।୮(ଡି.ଏନ୍.ଏ.):** ଚଳିତବର୍ଷ ଦେବୀ ଓ କନ୍ଦଳ ନଦୀରେ ବନ୍ୟାଜଳ ପ୍ରବେଶ କରିଛି। ମହାନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ କନ୍ଦଳନଦୀର ତେଲିଯୋଡିଠାରେ ବନ୍ୟାଜଳ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ତେଲିଯୋଡିଠାରେ ବିପଦ ସଂକେତ ୧୩.୯୨ ମିଟର ରହିଥିବାବେଳେ ବନ୍ୟାଜଳ ସ୍ତର ୧୪ ମିଟର ରହିଥିବା କଣ୍ଟାପଡା ଜଳସେଚନ ବିଭାଗ ପକ୍ଷରୁ ଜଣାପଡିଛି। କନ୍ଦଳନଦୀର ଦକ୍ଷୀଣ ପାର୍ଶ୍ୱ ବାଲିଆଯୋଡି ନିକଟରେ ଏକ ଘଳିଆ ପଡିଥିଲା। ବିଭାଗୀୟ କର୍ମଚାରୀ ପହଞ୍ଚି ଏହାକୁ ମରାମତି କରିଥିବା ଜଣାପଡିଛି। ସେହିପରି ବନ୍ୟାଜଳ ଧାନମଣ୍ଡଳ ଘେରିରେ ପ୍ରବେଶ କରିଥିବା ଜଣାପଡିଛି।



ସ୍ୱାଧୀନତା ଦିବସ ଅବସରରେ ସୋମବାର କଟକ ରେଭେନ୍‌ଶା କଲିଜିଏଟ୍ ସ୍କୁଲରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଓ ଜଷ୍ଟିସ୍ ବି.ଆର୍.ଷଡଙ୍ଗୀ ନେତାଜୀ ଫଟୋ ଗ୍ୟାଲେରୀ ବୁଲି ଦେଖୁଛନ୍ତି।

## ଓଡ଼ିଶାରୁ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବି

**ଭୁବନେଶ୍ୱର,୧୬।୮(ବ୍ୟୁରୋ)**

- କଳାବ୍ୟାଜ ପିନ୍ଧି କର୍ମଚାରୀଙ୍କ ବିକ୍ଷୋଭ
- ଦାବି ପୂରଣ ନ ହେଲେ ଆନ୍ଦୋଳନ

ରାଜ୍ୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବିରେ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ପକ୍ଷରୁ ସପ୍ତାହବ୍ୟାପୀ କଳାବ୍ୟାଜ ପିନ୍ଧି ପ୍ରତିବାଦ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଗ୍ରୁପ୍ ବି, ସି ଏବଂ ଡି କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିବା ସହିତ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରିଛନ୍ତି। ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗର ଚୁକ୍ତିଭିତ୍ତିକ କର୍ମଚାରୀମାନେ ପ୍ରତ୍ୟେକ ଜିଲାର ବ୍ଲକ ସ୍ତରରେ ଅବସ୍ଥାପିତ ମୁଖ୍ୟ ଦପ୍ତରଠାରୁ ଆରମ୍ଭ କରି ଭୁବନେଶ୍ୱର ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିବା ସହ ମଧ୍ୟାହ୍ନ ବିରତି ସମୟରେ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଥିଲେ। ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଏବଂ ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକିରିରେ ଯୋଗ କରିବା, ମହଙ୍ଗା ଭତ୍ତା, ଘରଭଡ଼ା ଏବଂ ସମସ୍ତ ସରକାରୀ ଆନୁଷଙ୍ଗିକ ସୁବିଧା ଇତ୍ୟାଦି ପ୍ରଦାନ ନେଇ ସାରା ରାଜ୍ୟରେ ଅଗଷ୍ଟ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମୟ ମଧରେ ରାଜ୍ୟ ସରକାର ଯଦି ମହାସଂଘକୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଦାବିଗୁଡ଼ିକୁ ପୂରଣ ନ କରନ୍ତି, ତେବେ ସମସ୍ତ ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀମାନେ ଅଗଷ୍ଟ ଶେଷ ସପ୍ତାହରେ ଭୁବନେଶ୍ୱର ସ୍ଥିତ ଗାନ୍ଧୀମାର୍ଗ ଠାରେ ଅନୁଷ୍ଠିତ ଏକ ବୃହତ୍ ଆନ୍ଦୋଳନରେ ସାମିଲ ହେବେ ବୋଲି ମହାସଂଘର ସଭାପତି ବିଜୟ ମଲ୍ଲ, ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଭାତ ମହାନ୍ତି, ସାଧାରଣ ସମ୍ପାଦକ କ୍ଷୀତିଶ ପଣ୍ଡା,ସଂଗଠନ ସମ୍ପାଦକ ପ୍ରଶାନ୍ତ ରାଉତରାୟ, ଶିକ୍ଷକ ନେତା ପୂର୍ଣ୍ଣଚନ୍ଦ୍ର ଆଇଚ ପ୍ରମୁଖ ଚେତାବନୀ ଦେଇଛନ୍ତି।

## କମିଶନରେଟ୍ ପୋଲିସର ଗଣେଶ ପୂଜା ପ୍ରସ୍ତୁତି ବୈଠକ

### ୩୧ରେ ପୂଜା, ସେପ୍ଟେମ୍ବର ୪ରେ ଭସାଣି

**କଟକ ଅଫିସ,୧୬।୮**

କଟକ ସହରର ବିଭିନ୍ନ ମଣ୍ଡପରେ ଆସନ୍ତା ୩୧ ତାରିଖରେ ଗଣେଶ ପୂଜା ଅନୁଷ୍ଠିତ ହେବ। ଏହାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କଟକ ସାରଳା ଭବନଠାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥର କୋଭିଡ୍ କଟକଣା ନଥିବାରୁ ୨୦୧୯ ମସିହା ଭଳି ପୂଜା ଅନୁଷ୍ଠିତ ହେବ। କଟକ ସହରର ପ୍ରାୟ ୧୫୦୦ ପୂଜା ମଣ୍ଡପରେ ଧୁମ୍‌ଧାମ୍‌ରେ ଗଣେଶ ପୂଜା ହୋଇଥାଏ। ପୂଜା ପାଇଁ ଥାନାରୁ ଲାଇସେନ୍ସ ନେବା ପାଇଁ କୁହାଯାଇଛି। ଭସାଣିବେଳେ ସହରରେ ଟ୍ରାଫିକ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥାଏ। ଏଥିରୁ ସହରବାସୀ ବର୍ତ୍ତିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୂଜା ପରେ ଲଗାତାର ୩ଟି ରବିବାରରେ ଭସାଣି ଉତ୍ସବ ଶେଷ କରିବାକୁ ପୋଲିସ ପ୍ରଶାସନ ସର୍ବଦା ଗୁରୁତ୍ୱ ଦେଇଆସିଛି । ତେବେ ଏଥର ପ୍ରଥମ ଓ ଦ୍ୱିତୀୟ ରବିବାର ସେପ୍ଟେମ୍ବର ୪ ଓ ୧୧ ତାରିଖରେ ପଡୁଥିବାବେଳେ ତୃତୀୟ ରବିବାରରେ ଘାଣ୍ଟ ଗଣେଶ ପୂଜା ପଡୁଛି। ସହରର ୧୬ରୁ ଉର୍ଦ୍ଧ୍ୱ ମଣ୍ଡପରେ ଘାଣ୍ଟ ଗଣେଶ ପୂଜା ହୋଇଥାଏ। ତୃତୀୟ ରବିବାର ଘାଣ୍ଟ ପୂଜା ପଡୁଥିବାରୁ ଉକ୍ତ ଦିନ ପୂଜା ଶେଷ କରି ଭସାଣି କରିବା ନିମନ୍ତେ ପୂଜା ମଣ୍ଡପଗୁଡ଼ିକ ବୈଠକରେ ଅସହମତ ହୋଇଥିଲେ। ପରବର୍ତ୍ତୀ ରବିବାର ଅର୍ଥାତ୍ ୨୫ ତାରିଖରେ ଭସାଣି ନିମନ୍ତେ ଅନୁମତି ଦେବାକୁ କର୍ମକର୍ତ୍ତାମାନେ ପୋଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ଜଣାଇ ଦିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ୍ ବିଶ୍ୱାଳ, ଡିସିପି ପିନାକ ମିଶ୍ର, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର କୁମାର ସାହୁ, ସମ୍ପାଦକ ଭିକାରୀ ଦାସ, କଟକ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ ଓ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ବିଭିନ୍ନ ପୂଜା ମଣ୍ଡପର କର୍ମକର୍ତ୍ତା ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।


କଟକ ସାରଳା ଭବନଠାରେ ଅୟୋଜିତ ପ୍ରସ୍ତୁତି ବୈଠକରେ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ ଉଦ୍‌ବୋଧନ ଦେଉଛନ୍ତି।

## ପ୍ରତିଶ୍ରୁତି ପରେ ସମିତି ସଭ୍ୟାଙ୍କ ଆମରଣ ଅନଶନ ପ୍ରତ୍ୟାହୃତ

**ନିଶ୍ଚିନ୍ତକୋଇଲି,୧୬।୮(ସ୍ୱ.ପ୍ର.)**

ସ୍ୱାଧୀନତା ଦିବସରେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ସମିତିସଭ୍ୟା ତାଙ୍କ ଶତାଧିକ ସମର୍ଥକଙ୍କୁ ନେଇ ଆମରଣ ଅନଶନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଓ ଆଇଆଇସିଙ୍କ ହସ୍ତକ୍ଷେପ ଯୋଗୁଁ ଦୀର୍ଘ ୫ ଘଣ୍ଟା ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଥିଲା। କିଟରପଡା କ୍ଷେତ୍ରମୋହନ ବିଦ୍ୟାପୀଠ ୫ଟି ରୂପାନ୍ତରିକରଣ ଯୋଜନାରୁ ବାଦ ପଡିଛି। ଏହି ବିଦ୍ୟାଳୟ ୫ଟି ରୂପାନ୍ତରିକରଣ ଯୋଜନାରୁ ବଂଚିତ ହୋଇଥିବାରୁ ଛାତ୍ର ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ବିଦ୍ୟାଳୟକୁ ୫ଟି ରୂପାନ୍ତରିକରଣରେ ସାମିଲ ନିମନ୍ତେ କଟରପଡା ସମିତି ସଭ୍ୟା ସ୍ୱାଗତିକା ନାୟକ ଓ ସ୍ଥାନୀୟ ଛାତ୍ର ଅଭାବକମାନେ ବିଦ୍ୟାଳୟ ସହ ଗଣ ଶିକ୍ଷାମନ୍ତ୍ରୀ, ୫ଟି ସଚିବ ବିଦ୍ୟାଳୟ ଓ ସଚିବ, ମାହାଙ୍ଗା ବିଧାୟକ, କଟକ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ,ନିଶ୍ଚିନ୍ତକୋଇଲି ତହସିଲଦାର, ବ୍ଲକ ଶିକ୍ଷାଧିକାରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଓ ଥାନା ଆଇଆଇସିଙ୍କୁ ଲିଖିତ ଆକାରରେ ଜଣାଇ ଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହାର ପ୍ରତିବାଦରେ ଏହି ବିଦ୍ୟାଳୟକୁ ୫ଟିରେ ରୂପାନ୍ତରିତରେ ସାମିଲ କରିବାକୁ ଦାବି ନେଇ ସ୍ୱାଧୀନତା ଦିବସରେ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ସମିତି ସଭ୍ୟା ନାୟକ, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ମଲିକ, ପୂର୍ବତନ ସମିତି ସଭ୍ୟ ପୀତାମ୍ବର ମହାନ୍ତି,ଅଭୟ କୁମାର ପାତ୍ର ପ୍ରମୁଖ ଶତାଧିକ ଛାତ୍ରାଭିଭାବକ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ। ବ୍ଲ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଓ ଥାନା ଆଇଆଇସି ୟ ଚିନ୍ମୟୀ ସାହୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଏହି ବିଦ୍ୟାଳୟକୁ ଖୁବ୍‌ଶୀଘ୍ର ୫ଟି ରୂପାନ୍ତରିରେ ସାମିଲ କରାଯିବା ନିମନ୍ତେ ପ୍ରତିଶ୍ରୁତି ଦେବା ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଥିଲା।



କିଟରପଡା କ୍ଷେତ୍ରମୋହନ ବିଦ୍ୟାପୀଠ ୫–ଟି ରୂପାନ୍ତରିକରଣ ଦାବିରେ ଅନଶନରେ ବସିଥିବା ସମିତି ସଭ୍ୟା ସ୍ୱାଗତିକା ନାୟକଙ୍କୁ ପ୍ରତିଶ୍ରୁତି ମିଳିବା ପରେ ଅନଶନ ପ୍ରତ୍ୟାହାର କରୁଛନ୍ତି।